# ଧରିତ୍ରୀ
DHARITRI

ବ୍ରହ୍ମପୁର, ଗୁରୁବାର, ନଭେମ୍ବର ୫/୨୦୨୦ (୧୬ ପୃଷ୍ଠା) | Berhampur, Thursday, November 5/2020 | ★★★

୧୬ଶ ଭାଗ ୧୯୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




## କୋହଲି ନମ୍ବର ୱାନ

ବୁଧବାର ପ୍ରକାଶିତ ଆଇସିସି ଦିନିକିଆ କ୍ରିକେଟ ର୍‍ୟାଙ୍କିଙ୍ଗର ବ୍ୟାଟ୍ସମ୍ୟାନ ବିଭାଗରେ ନମ୍ବର ୱାନ ସ୍ଥାନରେ ଅପରିବର୍ତ୍ତିତ ରହିଛନ୍ତି ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି ।

୧୬

୧୪

## ଡିସେମ୍ବରରେ ବାହାହେବେ ଆଦିତ୍ୟ

ଉଦିତ୍ ନାରାୟଣଙ୍କ ପୁଅ ତଥା କଣ୍ଠଶିଳ୍ପୀ ଆଦିତ୍ୟ ନାରାୟଣ ଡିସେମ୍ବରରେ ଅଭିନେତ୍ରୀ ଶ୍ୱେତା ଅଗ୍ରୱାଲଙ୍କୁ ବାହାହେବେ। ଏନେଇ ଇନ୍‌ଷ୍ଟାଗ୍ରାମରେ ଆଦିତ୍ୟ ଘୋଷଣା କରିଛନ୍ତି।



# ଫଳ ଝୁଲାଇଲା ଝୁଲା ରାଜ୍ୟ

- ରେକର୍ଡ ସଂଖ୍ୟକ ଭୋଟ ଦେଇଛନ୍ତି ଆମେରିକା
- ବ୍ୟାଟଲଫିଲ୍ଡ ଷ୍ଟେଟ୍‌ରେ କଡ଼ା ଟକ୍କର
- ମେଲ୍-ଇନ୍ ଭୋଟ ଗଣତି ଯୋଗୁ ପରିଣାମ ବିଳମ୍ବିତ
- ନିଜ ବିଜୟ ଦାବି କଲେ ଦୁଇ ପ୍ରତିଦ୍ୱନ୍ଦ୍ୱୀ
- ବାଇଡେନ୍ ଭୋଟ ଚୋରି କରିଛନ୍ତି, ସୁପ୍ରିମକୋର୍ଟ ଯିବୁ: ଟ୍ରମ୍ପ

ୱାଶିଂଟନ,୪।୧୧(ପି.ଟି./ଆଇଏଏନ୍‌ଏସ୍)

ଆମେରିକାରେ ଭୋଟ ଗଣତି ଜାରି ରହିଥିବାରୁ ହ୍ୱାଇଟ୍ ହାଉସ୍ ଦୌଡ଼ରେ କିଏ ବିଜୟୀ ହେବେ ତାହା ଅଦ୍ୟାବଧି ସ୍ପଷ୍ଟ ହୋଇନାହିଁ। ତେବେ ଉଭୟ ରିପବ୍ଲିକାନ୍ ଡୋନାଲ୍ଡ ଟ୍ରମ୍ପ ଓ ଡେମୋକ୍ରାଟ୍ ଜୋ ବାଇଡେନ୍‌ଙ୍କ ମଧ୍ୟରେ କଡ଼ା ଟକ୍କର ଚାଲିଥିବା ଗୁରୁତ୍ୱପୂର୍ଣ୍ଣ ବ୍ୟାଟେଲଗ୍ରାଉଣ୍ଡ ଷ୍ଟେଟ୍‌ଗୁଡ଼ିକରୁ ବର୍ତ୍ତମାନ ସୁଦ୍ଧା ଆସିଥିବା ଫଳାଫଳରୁ ଜଣାପଡ଼ିଛି। ଆରିଜୋନା, ଜର୍ଜିଆ, ୱିସ୍କୋନ୍‌ସିନ, ମିଶିଗାନ ଓ ପେନ୍‌ସିଲଭାନିଆରେ ଦୁଇ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଚାଲିଛି। ଟ୍ରମ୍ପ ଟେକ୍ସାସ, ଓହିଓ ଏବଂ ଫ୍ଲୋରିଡା ସମେତ ୨୩ ରାଜ୍ୟରେ ବିଜୟୀ ହେବା ସମ୍ଭାବନା ଉଜ୍ଜ୍ୱଳ ରହିଛି। ସେହିପରି ଆରିଜୋନାରେ ବାଇଡେନ ବିଜୟୀ ହେବା ଆଶା ଦିଶୁଥିବାବେଳେ ନେଭାଡାରେ ଟ୍ରମ୍ପ ତାଙ୍କୁ କଡ଼ା ଟକ୍କର ଦେଉଛନ୍ତି। ବାଇଡେନ ବିଜୟ ପଥରେ ଅଗ୍ରସର ହେଉଥିବା କହିଛନ୍ତି। ଇତିମଧ୍ୟରେ ରାଷ୍ଟ୍ରପତି ଟ୍ରମ୍ପ ଭୋଟ ଜାଲିଆତି ନେଇ ଭିତ୍ତିହୀନ ଅଭିଯୋଗ ଆଣିଛନ୍ତି। ଲକ୍ଷ ଲକ୍ଷ ଭୋଟ ଗଣତି ବାକି ଥିବାବେଳେ ପରିଣାମକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବେ ବୋଲି ଟ୍ରମ୍ପ ଚେତାବନୀ ଦେଇଛନ୍ତି। ଆମେରିକାରେ କରୋନା ଭାଇରସ୍ ସଂକ୍ରମଣ ସତ୍ତ୍ୱେ ଏଥର ବହୁ ସଂଖ୍ୟକ ଭୋଟର ମତଦାନ କରିଛନ୍ତି। ମେଲ୍-ଇନ୍ ଭୋଟ ଗଣତିରେ ବିଳମ୍ବ ଯୋଗୁ ତତ୍କାଳ ଫଳାଫଳ ଜଣାପଡ଼ି ନ ପାରେ। ସେପଟେ ବାଇଡେନଙ୍କ ପ୍ରଚାର ଅଭିଯାନ ଅଫିସ ପକ୍ଷରୁ ଟ୍ରମ୍ପଙ୍କ ମନ୍ତବ୍ୟକୁ 'ଅପମାନଜନକ' ଭାବେ ନିନ୍ଦା କରାଯାଇଛି। ଟ୍ରମ୍ପଙ୍କ ଚେତାବନୀ ସତ୍ତ୍ୱେ ଭୋଟ ଗଣତି ବନ୍ଦ ହେବ ନାହିଁ ବୋଲି କୁହାଯାଇଛି।

୨୦୨୦ ଆମେରିକା ରାଷ୍ଟ୍ରପତି ନିର୍ବାଚନ ପାଇଁ ନଭେମ୍ବର ୩ ମଙ୍ଗଳବାର ଭୋଟ ଗ୍ରହଣ କରାଯାଇଥିଲା। ୪୬ତମ ରାଷ୍ଟ୍ରପତିଙ୍କୁ ବାଛିବା ପାଇଁ ୫୦ ରାଜ୍ୟର ୨୪ କୋଟି ଯୋଗ୍ୟ ଭୋଟର ଥିବାବେଳେ କେତେ ପ୍ରତିଶତ ମତଦାତା ସେମାନଙ୍କ ରାଜନୈତିକ ଅଧିକାର ସାବ୍ୟସ୍ତ କରିଛନ୍ତି ତାହା ସ୍ପଷ୍ଟ ହୋଇନାହିଁ। କେବଳ ଏତିକି କୁହାଯାଉଛି ଯେ, ଏଥର ରେକର୍ଡ ସଂଖ୍ୟକ ମତଦାନ ହୋଇଛି। ଆର୍ଲି ଭୋଟିଂ ବା ଆଗୁଆ ଭୋଟ ଗ୍ରହଣ ବେଳେ ୧୦ କୋଟି ମତଦାତା ଭୋଟ ଦେଇଥିଲେ। ଭୋଟରଙ୍କ ମଧ୍ୟରେ ଏହି ଉତ୍ସୁକତାରୁ ଡେମୋକ୍ରାଟ୍ ଜୋ ବାଇଡେନ୍ ଓ ରିପବ୍ଲିକାନ୍ ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତାର ତୀବ୍ରତା ପ୍ରତିଫଳିତ ହୋଇଛି।

ବିଭିନ୍ନ ରାଜ୍ୟରୁ ପରିଣାମ ଆସିବା ଆରମ୍ଭ ହେବା ମାତ୍ରେ ବାଇଡେନ୍ ନିଜକୁ ବିଜୟୀ ଘୋଷଣା କରିଛନ୍ତି। ସେ ଟୁଇଟ୍ କରି କହିଛନ୍ତି, ଏହି ନିର୍ବାଚନରେ ଆମେ ବିଜୟୀ ହୋଇଛୁ। ରାଷ୍ଟ୍ରପତି ଟ୍ରମ୍ପ ଡେମୋକ୍ରାଟମାନେ ଭୋଟ ଚୋରି କରିଥିବା ଅଭିଯୋଗ ଆଣିଛନ୍ତି। ଦିଲୱେରରେ ବୁଧବାର ରାତି ଗୋଟାଏରେ ବାଇଡେନ୍ ନିଜ ସମର୍ଥକମାନଙ୍କ ସହ ନିଜକୁ ବିଜୟୀ ଘୋଷଣା କରିବାର କିଛି ସମୟ ପରେ ଟ୍ରମ୍ପ ମଧ୍ୟ ଏକ ବଡ଼ ବିଜୟ ହାସଲ କରିଥିବା ଦାବି କରିଥିଲେ। ସେ ଅନ୍ୟ ଏକ ଟୁଇଟ୍‌ରେ କହିଥିଲେ, ଆମକୁ ବଡ଼ ସଫଳତା ମିଳିଛି। କିନ୍ତୁ ସେମାନେ ନିର୍ବାଚନକୁ ଚୋରି କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ସେମାନଙ୍କୁ ସେପରି କରିବାକୁ ଦିଆଯିବ ନାହିଁ। ନିର୍ବାଚନ ଶେଷ ହେବା ପରେ ଆଉ ଭୋଟ ଦିଆଯାଇ ପାରିବ ନାହିଁ। ଆମେରିକୀୟ ସମୟ ରାତି ୧ଟା ୩୦ରେ ଏନ୍‌ବିସି ନ୍ୟୁଜ୍ ନେଟ୍‌ୱର୍କ ପକ୍ଷରୁ ପରିଣାମ ନେଇ ଘୋଷଣା କରାଯାଇଥିଲା। ଏଥିରେ ଟ୍ରମ୍ପ ୨୧୩ ଇଲେକ୍ଟୋରାଲ ଭୋଟ ପାଇଥିବା ଦର୍ଶାଯାଇଥିବାବେଳେ ବାଇଡେନଙ୍କ ସପକ୍ଷରେ ୨୧୦ ଭୋଟ ରହିଥିବା କୁହାଯାଇଥିଲା। ଜଣେ ପ୍ରାର୍ଥୀଙ୍କୁ ୫୩୮ ଇଲେକ୍ଟର୍ସଙ୍କ ମଧ୍ୟରୁ ୨୭୦ ଭୋଟ ହାସଲ କରିବା ଜରୁରୀ। ତେବେ ରିପୋର୍ଟ ଲେଖାଯିବା ସୁଦ୍ଧା ୫୦ ରାଜ୍ୟ ମଧ୍ୟରୁ ୪୧ଟିରେ ଗଣତି ଶେଷ ହୋଇଛି। ଏଥିରୁ ଡେମୋକ୍ରାଟ୍ ବାଇଡେନଙ୍କ ସପକ୍ଷରେ ୨୩୮ ଓ ରିପବ୍ଲିକାନ ଟ୍ରମ୍ପଙ୍କ ସମର୍ଥନରେ ୨୧୩ ଭୋଟ ଥିବା ଜଣାପଡ଼ିଛି।







ଜୋ ବାଇଡେନ୍
ଡେମୋକ୍ରାଟ୍
୨୩୮

୨୭୦ (ବିଜୟ ପାଇଁ)

ଡୋନାଲ୍ଡ ଟ୍ରମ୍ପ
ରିପବ୍ଲିକାନ୍
୨୧୩

ମୋଟ-୪୫୧/୫୩୮

# ଜାନୁୟାରୀ ୩୧ରେ ସିଟିଇଟି

**ପରୀକ୍ଷାକେନ୍ଦ୍ର ବଦଳାଇବାକୁ ଆଉ ଏକ ସୁଯୋଗ**

ଭୁବନେଶ୍ୱର, ୪।୧୧(ବ୍ୟୁରୋ)

ସିବିଏସ୍‌ଇ ଦ୍ୱାରା ପରିଚାଳିତ ସେଣ୍ଟ୍ରାଲ ଟିଚର ଏଲିଜିବିଲିଟି ଟେଷ୍ଟ (ସିଟିଇଟି) ୨୦୨୧ ଜାନୁୟାରୀ ୩୧ରେ ଅନୁଷ୍ଠିତ ହେବ। କୋଭିଡ୍ ସଂକ୍ରାନ୍ତ ସୁରକ୍ଷା ଓ ଗାଇଡ୍‌ଲାଇନ୍‌କୁ ଗୁରୁତ୍ୱ ଦିଆଯାଇ ଦେଶର ୧୩୫ ସହରରେ ଏହି ପରୀକ୍ଷା କରାଯିବ। ପୂର୍ବରୁ ଏହି ପରୀକ୍ଷା ଗତ ଜୁଲାଇ ୫ରେ ୧୧୨ ସହରରେ ହେବାର ଥିଲା। କିନ୍ତୁ କରୋନା ପରିସ୍ଥିତି ପାଇଁ ବହୁ ପରିକ୍ଷାର୍ଥୀ ପରୀକ୍ଷା କେନ୍ଦ୍ର ବଦଳାଇବା ପାଇଁ ନିବେଦନ କରିବା ପରେ ପରୀକ୍ଷାକୁ ସ୍ଥଗିତ ରଖାଯିବା ସହ କେନ୍ଦ୍ରକୁ ବଢ଼ାଇ ଦିଆଯାଇଛି। ଏପରି କି ପରୀକ୍ଷାର୍ଥୀଙ୍କୁ ପରୀକ୍ଷା କେନ୍ଦ୍ର ପରିବର୍ତ୍ତନ କରିବା ପାଇଁ ଆଉ ଗୋଟିଏ ସୁଯୋଗ ଦେଇଛି ସିବିଏସ୍‌ଇ। ଆସନ୍ତା ୭ରୁ ୧୬ତାରିଖ ରାତି ୧୧ଟା ୫୯ ମଧ୍ୟରେ ପରୀକ୍ଷାର୍ଥୀମାନେ ଅନ୍‌ଲାଇନ୍ ମାଧ୍ୟମରେ ସେମାନଙ୍କ ପରୀକ୍ଷା କେନ୍ଦ୍ର ବଦଳାଇ ଦେଇପାରିବେ। ଅଧିକ ତଥ୍ୟ ଜାଣିବା ପାଇଁ ପରୀକ୍ଷାର୍ଥୀମାନେ www.ctet.nic.in ୱେବ୍‌ସାଇଟ୍‌ରେ ଦେଖିପାରିବେ।

# ରାସ୍ତା ଉପରେ ୨ ଯୁବତୀଙ୍କୁ ଛୁରାମାଡ଼

ବୋଡେନ,୪।୧୧(ଡି.ଏନ.ଏ.)

ବୁଧବାର ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ସ୍ଥାନୀୟ ଇମ୍ପେରିଆଲ ଇଂଲିଶ ମିଡିୟମ ସ୍କୁଲ ନିକଟରେ ୨ ଯୁବତୀଙ୍କୁ ଛୁରାମାଡ଼ ହୋଇଛି। ଏଥିରେ ବୋଡେନ ଥାନା ଅଧୀନ ଚିକଲଚୁଆଁ ଗାଁର ଚନ୍ଦ୍ରିକା ମାଝି (୨୪) ଓ ତାଙ୍କ ସାଙ୍ଗ ପ୍ରେମଲତା ଜଗତି(୨୨) ଗୁରୁତର ହୋଇଛନ୍ତି । ଉଭୟଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି। ସେମାନଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତେବେ କେଉଁ କାରଣରୁ ଏପରି ଘଟଣା ଘଟିଛି ତାହା ସ୍ପଷ୍ଟ ହୋଇନାହିଁ। ବୋଡେନ ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି । ଅଭିଯୁକ୍ତ ଲଳିତ ନାଏକଙ୍କୁ ପୋଲିସ ଅଟକ ରଖିଛି।

ମିଳିଥିବା ସୂଚନା ଅନୁଯାୟୀ, ଚନ୍ଦ୍ରିକା ଓ ପ୍ରେମଲତା ଦିନ ପ୍ରାୟ ୧୦ଟା ସମୟରେ ସାଇକେଲରେ ବୋଡେନ ଗାଁ ପାଖରେ ଥିବା ଦୋକାନକୁ ଡ୍ରେସ କିଣିବାକୁ ଯାଇଥିଲେ । ଡ୍ରେସ କିଣି ସାରିବା ପରେ ଦୁହେଁ ସ୍ଥାନୀୟ ଏକ ଦୋକାନକୁ ଫ୍ୟାନ୍ସି ସାମଗ୍ରୀ କିଣିବାକୁ ଯାଇଥିଲେ। ଏହି ସମୟରେ ବୋଲରଗାଁ ଗ୍ରାମର ଲଳିତ ନାଏକ ସେମାନଙ୍କ ପାଖକୁ ଆସି ଚନ୍ଦ୍ରିକାଙ୍କୁ ୨ଶହ ଟଙ୍କା ମାଗିଥିଲେ। ଏହାକୁ ଚନ୍ଦ୍ରିକା ଓ ପ୍ରେମଲତା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଶୁଦ୍ଧ ଶାକାହାର ଓ ସ୍ୱାସ୍ଥ୍ୟ

# ଅର୍ଣ୍ଣବ ଗୋସ୍ୱାମୀ ଗିରଫ

ମୁମ୍ବାଇ/ନୂଆଦିଲ୍ଲୀ,୪।୧୧

- ଆତ୍ମହତ୍ୟା ପାଇଁ ସ୍ଥପତିଙ୍କୁ ଉସୁକାଇଥିବା ଅଭିଯୋଗ
- ଅର୍ଣ୍ଣବଙ୍କ ଯୋଗୁ ତଦନ୍ତକୁ ଚପାଇ ଦିଆଯାଇଥିଲା: ମୃତକଙ୍କ ପରିବାର
- ଗିରଫଦାରିକୁ ନେଇ ତେଜିଲା ରାଜନୀତି

ଦୁଇବର୍ଷ ତଳେ ଜଣେ ଇଣ୍ଟେରିୟର ଡିଜାଇନରଙ୍କୁ ତାଙ୍କ ବକେୟା ଥିବା ୮୩ ଲକ୍ଷ ଟଙ୍କା ନ ଦେଇ ଆତ୍ମହତ୍ୟା ପାଇଁ ଉସୁକାଇବା ଅଭିଯୋଗରେ ବୁଧବାର ରିପବ୍ଲିକ୍



ଟିଭି ଏଡିଟର-ଇନ୍-ଚିଫ ଅର୍ଣ୍ଣବ ଗୋସ୍ୱାମୀ ଗିରଫ ହୋଇଛନ୍ତି। ମୁମ୍ବାଇସ୍ଥିତ ଆଲିବାଗ୍ ପୋଲିସର ଏକ ଟିମ୍ ସକାଳେ ଅର୍ଣ୍ଣବଙ୍କୁ ତାଙ୍କ ଲୋୟର ପାରେଲ ବାସଭବନରୁ ଭ୍ୟାନରେ ଉଠାଇନେଇଛି। ଅର୍ଣ୍ଣବଙ୍କ ଯୋଗୁ ଏହି ମାମଲାର ତଦନ୍ତକୁ ପୋଲିସ ଚପାଇ ଦେଇଥିଲା ବୋଲି ଆତ୍ମହତ୍ୟା କରିଥିବା ୫୩ ବର୍ଷୀୟ ସ୍ଥପତି ଅନ୍ୱୟ ନାଏକଙ୍କ ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ୨୦୧୮ରେ ସ୍ଥପତି ଅନ୍ୱୟ ନାଏକ ରିପବ୍ଲିକ୍ ଟିଭିଠାରୁ ନିଜ କାମର ବକେୟା ଟଙ୍କା ପାଇ ନ ଥିଲେ। ଏହାକୁ ନେଇ ଚିନ୍ତାରେ ସେ ଓ ତାଙ୍କ ମା' ଆତ୍ମହତ୍ୟା କରିଥିଲେ। କୋନକୋର୍ଡେ ଡିଜାଇନ୍ସ ପ୍ରାଇଭେଟ ଲିମିଟେଡ୍‌ର ମାଲିକ ଅନ୍ୱୟ ନିଜ ସୁଇସାଇଡ୍ ନୋଟ୍‌ରେ ଆତ୍ମହତ୍ୟାର କାରଣ ନେଇ ଲେଖିଥିଲେ। ରିପବ୍ଲିକ୍ ଟିଭିର ଅର୍ଣ୍ଣବଙ୍କ ☞ପୃଷ୍ଠା-୪

# ସ୍କୁଲ ଖୋଲିବାକୁ ଏସ୍‌ଓପି ପ୍ରସ୍ତୁତି ଚାଲିଛି

ଭୁବନେଶ୍ୱର, ୪।୧୧(ବ୍ୟୁରୋ)

ନଭେମ୍ବରରେ ସ୍କୁଲ ଖୋଲିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତି ଜୋରସୋର୍‌ରେ ଚାଲିଛି। ପିଲାଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ସମସ୍ତ ଅଂଶୀଦାରଙ୍କ ସହିତ ଆଲୋଚନା କରି ଏସ୍‌ଓପି ଜାରି କରିବ ବିଭାଗ। ନବମରୁ ଦ୍ୱାଦଶ ପର୍ଯ୍ୟନ୍ତ କେତେ ପିଲା ଅଛନ୍ତି ତା'ର ତାଲିକା ପ୍ରସ୍ତୁତ ହେଉଛି। ସେହିପରି ବିଦ୍ୟାଳୟକୁ ଆସିବାବେଳେ ସଂକ୍ରମଣ ନ ବ୍ୟାପିବା ପାଇଁ କ'ଣସବୁ ନିୟମ ପାଳନ କରାଯିବ ତାହାର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହେଉଛି। ଜିଲାପାଳ, ଜିଲା ଶିକ୍ଷାଧିକାରୀ, ଅଭିଭାବକ ସଂଘ ଭଳି ଅଂଶୀଦାରଙ୍କ ସହ ଆଲୋଚନା ପରେ ଏସ୍‌ଓପି ଜାରି କରାଯିବ ବୋଲି ବୁଧବାର ବିଭାଗୀୟ ମନ୍ତ୍ରୀ ସମୀର ରଞ୍ଜନ ଦାସ କହିଛନ୍ତି। ମନ୍ତ୍ରୀ ଦାସ କହିଲେ, ମଙ୍ଗଳବାର ଏନେଇ ବିଭାଗୀୟ ବୈଠକ ବସି ୫ଟି ଅଂଶୀଦାରଙ୍କ ସହ ଆଲୋଚନା ହୋଇଛି। ☞ପୃଷ୍ଠା-୪




# ୨୦ରୁ ବିଧାନସଭା

- ଡିସେମ୍ବର ୩୧ ଯାଏ ଚାଲିବ
- ପ୍ରଥମ ଦିବସରେ ଆଗତ ହେବ ଅତିରିକ୍ତ ବଜେଟ
- ୨୯ରେ ବ୍ୟୟ ମଞ୍ଜୁରୀ ବିଲ୍

ଭୁବନେଶ୍ୱର,୪।୧୧(ବ୍ୟୁରୋ)

ଓଡ଼ିଶା ବିଧାନସଭା ଶୀତ ଅଧିବେଶନ ନଭେମ୍ବର ୨୦ରୁ ଆରମ୍ଭ ହେବ। ଏହା ଡିସେମ୍ବର ୩୧ ଯାଏ ଚାଲିବ। ଏ ନେଇ ବୁଧବାର ବିଧାନସଭା ସଚିବାଳୟ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଅଧିବେଶନ ୪୦ ଦିନ ଚାଲିବ। ମୋଟ ୪୦ଟି କାର୍ଯ୍ୟ ଦିବସରୁ ୩୫ ସରକାରୀ ଦିବସ ଥିବା ବେଳେ ୫ ବେସରକାରୀ ଦିବସ ରହିଛି। ପ୍ରଥମ ଦିବସ ଅର୍ଥାତ୍ ନଭେମ୍ବର ୨୦ରେ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ଅତିରିକ୍ତ ବଜେଟ ଉପସ୍ଥାପନ ହେବ। ୨୬ ତାରିଖରୁ ଖର୍ଚ୍ଚଦାବି ଆଲୋଚନା ଆରମ୍ଭ ହେବ। ☞ପୃଷ୍ଠା-୪

# ଶିଳ୍ପ ବନ୍ଦ କଥା ସରକାରଙ୍କୁ ଅଜଣା

ଯାଜପୁର ଅଫିସ/ବାଲେଶ୍ୱର ଅଫିସ୍/ଅନୁଗୋଳ ଅଫିସ୍/ବଲାଙ୍ଗୀର ଅଫିସ୍/କେନ୍ଦୁଝର ସ୍ୱ.ପ୍ର./ ସୁନ୍ଦରଗଡ଼/ଓଡ଼ାପଡ଼ା, ୪।୧୧(ଡି.ଏନ.ଏ.)

- ବିଧାନସଭାରେ ମନ୍ତ୍ରୀଙ୍କ ଉତ୍ତରରୁ ସ୍ପଷ୍ଟ
- ଯାଜପୁରରେ ନୀଳାଚଳ, ମୈଥାନ, ମେସ୍କୋ ବନ୍ଦ ଯୋଗୁ ଜୀବିକା ହରାଇଛନ୍ତି ୧୦ ହଜାର



ଦ୍ରୁତ ଶିଳ୍ପାୟନ ରାଜ୍ୟର ଆର୍ଥିକ ଅଭିବୃଦ୍ଧି ସହ ଅଧିକରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ରାଜ୍ୟ ସରକାର କହୁଛନ୍ତି। ଏହି କ୍ରମରେ ରାଜ୍ୟ ଏକକ ବାତାୟନ (ସିଙ୍ଗିଲ୍ ୱିଣ୍ଡୋ) ବ୍ୟବସ୍ଥା ମାଧ୍ୟମରେ ୨୦୧୫ରୁ ୨୦୨୦ ସେପ୍ଟେମ୍ବର ସୁଦ୍ଧା ବିଭିନ୍ନ ବର୍ଗର ୨୩୯ ବୃହତ୍ ଶିଳ୍ପ ପ୍ରତିଷ୍ଠା ପାଇଁ ୪,୮୩,୬୫୭.୮୦ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ସେଥିମଧ୍ୟରେ ସିମେଣ୍ଟ, ଷ୍ଟିଲ୍, ଆଲୁମିନିୟମ, ଷ୍ଟିଲ୍ ଓ ଆଲୁମିନିୟମ ଡାଉନଷ୍ଟ୍ରିମ୍, ପ୍ଲାଷ୍ଟିକ, ଟୁରିଜମ୍, ପାୱାର, ପେଟ୍ରୋ କେମିକାଲ୍ସ, ଇନ୍‌ଫ୍ରାଷ୍ଟ୍ରକ୍ଚର, କେମିକାଲ୍ସ ଆଦି ବର୍ଗର ଶିଳ୍ପ ରହିଛି। ହେଲେ ୨୩୯ ଶିଳ୍ପ ମଧ୍ୟରୁ ଅଦ୍ୟାବଧି ମାତ୍ର ୧୪ଟି ଉତ୍ପାଦନକ୍ଷମ ହୋଇପାରିଛି। ଶିଳ୍ପ କାର୍ଯ୍ୟକ୍ଷମ ହେବାରେ ଏଭଳି ନୈରାଶ୍ୟଜନକ ଅଗ୍ରଗତି ଚିନ୍ତାଜନକ ଥିବାବେଳେ କେତେକ ବୃହତ୍ ଶିଳ୍ପ ବନ୍ଦ ହୋଇଯାଇଥିଲେ ମଧ୍ୟ ତାହା ସରକାରଙ୍କୁ ଅଜଣା। ଏପରି କି ବହୁ ସଂଖ୍ୟକ ଲୋକ ନିଯୁକ୍ତି ହରାଇଥିଲେ ମଧ୍ୟ ସେ ସମ୍ପର୍କରେ ସରକାରଙ୍କ ପାଖରେ ତଥ୍ୟ ରହୁନି, ଯାହାକି ଗତ ବିଧାନସଭା ଅଧିବେଶନରେ ହୋଇଥିବା ପ୍ରଶ୍ନୋତ୍ତରରୁ ଜଣାପଡୁଛି।

ବିଧାନସଭାରେ ବିଧାୟକ ମୋହନଚରଣ ମାଝିଙ୍କ ଅଣତାରକା ପ୍ରଶ୍ନ (ନଂ.୩୪୮)ରେ ଶିଳ୍ପମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଉତ୍ତର ଦେଇଥିଲେ ଯେ, ୫ ବର୍ଷ ମଧ୍ୟରେ ୮ଟି ଶିଳ୍ପର ଉତ୍ପାଦନ ବନ୍ଦ ରହିଛି। କିନ୍ତୁ ଯାଜପୁର ଜିଲାର ଏକମାତ୍ର ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନୀଳାଚଳ ଇସ୍ପାତ ନିଗମ ଲିଃ ୮ମାସ, ମୈଥାନ ଇସ୍ପାତ ୨ବର୍ଷ ଏବଂ ମେସ୍କୋ ଷ୍ଟିଲ୍ ପ୍ରାୟ ୧ ବର୍ଷ ହେଲା ବନ୍ଦ ରହିଥିଲେ ☞ପୃଷ୍ଠା-୪

# ପାଣିରେ ପଡ଼ିଲା ୪୮ କୋଟି

**ଜଳସେଚନ ପ୍ରକଳ୍ପ, କେନାଲ ଲାଇନିଂରେ ଅନିୟମିତତା**

ଭୁବନେଶ୍ୱର, ୪।୧୧(ବ୍ୟୁରୋ)



- ପ୍ରକଳ୍ପ ନିର୍ମାଣ ହେଲା, ପାଣି ନାହିଁ
- ନିର୍ମାଣ ପୂର୍ବରୁ ଅନୁଧ୍ୟାନ ହେଉନି

ଚାଷଜମିକୁ ପାଣି ଯୋଗାଇବାକୁ ରାଜ୍ୟ ସରକାର ବିଭିନ୍ନ ଜିଲାରେ ନିର୍ମାଣ କରୁଛନ୍ତି ଜଳସେଚନ ପ୍ରକଳ୍ପ। କେନାଲ ସମ୍ପ୍ରସାରଣ, ମରାମତି, ଖନନ ମଧ୍ୟ ହେଉଛି। ଏଥିଲାଗି ସରକାରୀ ତହବିଲରୁ ଖର୍ଚ୍ଚ ହେଉଛି ବହୁ କୋଟି ଟଙ୍କା। ହେଲେ ଜଳ ସମ୍ପଦ ବିଭାଗ ଯନ୍ତ୍ରୀଙ୍କ ଅପାରଦର୍ଶିତା ଯୋଗୁ ଯେଉଁ ଉଦ୍ଦେଶ୍ୟରେ ପ୍ରକଳ୍ପ ନିର୍ମାଣ କରାଯାଉଛି ତାହା କାମରେ ଆସୁନାହିଁ। ବର୍ଷାଦିନେ ବି ଡ୍ୟାମଗୁଡ଼ିକ ଖାଲି ପଡୁଛି। ଟିକସଦାତାଙ୍କ ଅର୍ଥରେ ତଳୁ ଉପରୁ ଯାଏ ଯନ୍ତ୍ରୀମାନେ ମାଲାମାଲ ହେଉଥିବାବେଳେ କୃଷିକାର୍ଯ୍ୟ ସମୟରେ ଚାଷୀଙ୍କୁ ପାଣି ଟୋପାଏ ମିଳୁନାହିଁ। କେବଳ ଏତିକି ନୁହେଁ, କେନାଲ ଶଯ୍ୟାକୁ ସିମେଣ୍ଟ କଂକ୍ରିଟ୍ (କେନାଲ ଲାଇନିଂ) କରିବାରେ ମଧ୍ୟ ବ୍ୟାପକ ହେରଫେର୍ ହେଉଛି। ଏସବୁ କାର୍ଯ୍ୟରେ ୨୦୧୦ରୁ ୨୦୧୮ ମଧ୍ୟରେ ପ୍ରାୟ ୪୮ କୋଟି ଟଙ୍କା ବରବାଦ ହୋଇଛି। କମ୍ପଟ୍ରୋଲର ଆଣ୍ଡ ଅଡିଟର୍ସ ଜେନେରାଲ (ସିଏଜି) ଏଭଳି ଏକ ବଡ଼ଧରଣର ଦୁର୍ନୀତିର ପର୍ଦ୍ଦାଫାଶ କରିଛନ୍ତି।

ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି, ଜଳସେଚନ ପ୍ରକଳ୍ପ ନିର୍ମାଣ କରିବା ପୂର୍ବରୁ କୌଣସି ସର୍ବେକ୍ଷଣ କରାଯାଉନାହିଁ। ପ୍ରକଳ୍ପ ନିର୍ମାଣ ପୂର୍ବରୁ ଏଥିରେ ପାଣି ରହିବ କି ନାହିଁ ସେକଥା ପ୍ରତି ଧ୍ୟାନ ଦିଆଯାଇନାହିଁ। ଏଥିରେ ସରକାରୀ ରାଜକୋଷରୁ ☞ପୃଷ୍ଠା-୪

ଫଳାଫଳ ଉପରେ ବିଶ୍ୱ ନଜର

ଆମେରିକା ରାଷ୍ଟ୍ରପତି ନିର୍ବାଚନ ଉପରେ ଏବେ ବିଶ୍ୱବାସୀଙ୍କ ନଜର ରହିଛି। କେବଳ ରାଜନୈତିକ ଦୃଷ୍ଟିକୋଣରୁ ନୁହେଁ ବରଂ ଅର୍ଥନୈତିକ ଓ କୂଟନୈତିକ କ୍ଷେତ୍ରରେ ଏହି ନିର୍ବାଚନର ଫଳ ବିଶ୍ୱବାସୀଙ୍କୁ ପ୍ରଭାବିତ କରିବ ବୋଲି କୁହାଯାଉଛି। ବିଶେଷକରି ରୁଷିଆ, ଚାଇନା, ଭାରତ, ବ୍ରାଜିଲ ଭଳି ଦେଶ ଏହି ଫଳାଫଳ ଦ୍ୱାରା ପ୍ରଭାବିତ ହେବେ। ଭିଜା କଟକଣା ହେଉ ବା ଅର୍ଥନୈତିକ ପଦକ୍ଷେପ ଆମେରିକା ବୈଦେଶିକ ନୀତିର ପ୍ରତିଫଳନ ଏହି ନିର୍ବାଚନ ପରେ ଦେଖିବାକୁ ମିଳିବ।



## ସଂକ୍ଷେପରେ

### ବାଣ ଗୋଦାମରେ ବିସ୍ଫୋରଣ: ୪ ମୃତ

**ଲକ୍ଷ୍ନୌ,୪।୧୧:** ଉତ୍ତରପ୍ରଦେଶର କୁଶିନଗର ଜିଲାରେ ଥିବା ଏକ ବାଣ ଗୋଦାମରେ ବିସ୍ଫୋରଣ ହେବାରୁ ବୁଧବାର ସକାଳେ ୪ ଜଣଙ୍କ ମୃତ୍ୟୁ ହୋଇଛି। କପ୍ତାନଗଞ୍ଜର ଆର୍ଯ୍ୟସମାଜ ନିକଟରେ ଥିବା ଏହି ଘରେ ବେଆଇନ ଭାବେ ବାଣ ତିଆରି କରାଯାଇ ରଖାଯାଉଥିଲା ବୋଲି ଅତିରିକ୍ତ ଏସ୍‌ପି ଏ.ପି. ସିଂ ପ୍ରକାଶ କରିଛନ୍ତି। ଗୋଦାମରେ ଥିବା ଏକ ଗ୍ୟାସ୍ ସିଲିଣ୍ଡରରେ ନିଆଁ ଲାଗି ବିସ୍ଫୋରଣ ହୋଇଥିବା କୁହାଯାଉଛି। ପୋଲିସ ଓ ଅଗ୍ନିଶମ ବିଭାଗର କର୍ମଚାରୀମାନେ ସେଠାରେ ପହଞ୍ଚି ନିଆଁ ଲିଭାଇବା ସହ ଲୋକମାନଙ୍କୁ ଉଦ୍ଧାର କରିଥିଲେ। ଆହତ ୭ ଜଣଙ୍କୁ ନିକଟସ୍ଥ ହସ୍ପିଟାଲରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଥିବା ପ୍ରକାଶ। ବିସ୍ଫୋରଣରେ ଆଖପାଖ ଘରଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ ଜାଭେଦ୍ ନାମକ ଜଣେ ବ୍ୟକ୍ତି ଏଠାରେ ବେଆଇନ ଭାବେ ବାଣ ପ୍ରସ୍ତୁତ କରି ରଖୁଥିଲେ। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

### ବୋର୍‌ୱେଲ୍‌ରେ ଖସିପଡ଼ିଲା ୪ ବର୍ଷର ଶିଶୁ

**ଭୋପାଳ,୪।୧୧:** ମଧ୍ୟପ୍ରଦେଶର ନିୱାରି ଜିଲା ଅନ୍ତର୍ଗତ ବରୋ ବୁଜୁର୍ଗ ଗ୍ରାମସ୍ଥିତ ଏକ ଫାର୍ମରେ ଥିବା ୨୦୦ ଫୁଟର ଏକ ବୋର୍‌ୱେଲ ଭିତରକୁ ଜଣେ ୪ ବର୍ଷର ଶିଶୁ ବୁଧବାର ସକାଳେ ଖସିପଡ଼ିଛି। ଶିଶୁଟିକୁ ଉଦ୍ଧାର ଲାଗି ପ୍ରୟାସ ଜାରି ରହିଥିବାବେଳେ ସେନା ସହାୟତା ଲୋଡ଼ାଯାଇଛି। ଫାର୍ମ ମାଲିକ ହରିକିଶନଙ୍କ ବଡ଼ପୁଅ ପ୍ରହ୍ଲାଦ ସେଠାରେ ଖେଳୁଥିବାବେଳେ ବୋର୍‌ୱେଲ ଭିତରକୁ ଖସିପଡ଼ିଥିଲେ। ଶିଶୁଟିକୁ ଉଦ୍ଧାର ଲାଗି ସମସ୍ତ ପ୍ରୟାସ କରାଯାଉଥିବା ନିୱାରି ଏସ୍‌ପି ବାହିନୀ ସିଂ ପ୍ରକାଶ କରିଛନ୍ତି।

### ହସ୍ପିଟାଲରେ ମହିଳାଙ୍କୁ ଗଣବଳାତ୍କାର

**ନୂଆଦିଲ୍ଲୀ,୪।୧୧:** ରାଜଧାନୀ ଦିଲ୍ଲୀର ରୋହିଣୀ ଜିଲାର ଏକ ହସ୍ପିଟାଲ ପାର୍କିଂ ସ୍ଥାନରେ ଜଣେ ମହିଳାଙ୍କୁ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ହସ୍ପିଟାଲର ସିକ୍ୟୁରିଟି ଗାର୍ଡ କନ୍‌ୱରପାଲଙ୍କ ସମେତ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଶନିବାର ସିକ୍ୟୁରିଟି ଗାର୍ଡ ଜଣକ ରୋଗୀଙ୍କ ଉପସ୍ଥାନ ତନଖି କରୁଥିବାବେଳେ ମହିଳା ଜଣକ ରୋଗୀଙ୍କ ସମ୍ପର୍କରେ ସଠିକ୍ ତଥ୍ୟ ଦେଇପାରି ନ ଥିଲେ। ଏହାର ଫାଇଦା ନେଇ ସିକ୍ୟୁରିଟି ଗାର୍ଡ ମହିଳାଙ୍କୁ ପାର୍କିଂସ୍ଥଳକୁ ନେଇ ଅନ୍ୟ ୨ ଯୁବକ ପ୍ରବୀଣ ଓ ମନୀଷଙ୍କ ସହାୟତାରେ ବଳାତ୍କାର କରିଥିଲେ।

### ବିସ୍ଫୋରଣରେ ଗୋଦାମ ଘର ଭାଙ୍ଗିଲା: ୯ ମୃତ

**ଅହମଦାବାଦ,୪।୧୧:** ଗୁଜରାଟର ପିରାନ-ପିପ୍‌ଲାଜ୍ ରୋଡ୍‌ରେ ଥିବା ଏକ ଗୋଦାମ ଘର ବୁଧବାର ବିସ୍ଫୋରଣରେ ଭାଙ୍ଗିଯାଇଛି। ଫଳରେ ୯ ଜଣଙ୍କ ପ୍ରାଣହାନି ଘଟିଥିବାବେଳେ ୫ ଜଣ ଆହତ ହୋଇଛନ୍ତି। ଗୋଦାମରେ ରାସାୟନିକ ବସ୍ତୁ ମହଜୁଦ ହୋଇ ରହିଥିଲା। କୌଣସି କାରଣରୁ ଏଥିରେ ନିଆଁ ଧରିବାରୁ ହଠାତ୍ ଭୟଙ୍କର ବିସ୍ଫୋରଣ ହୋଇଥିବା ଆଶଙ୍କା କରାଯାଉଛି। ଭଗ୍ନସ୍ତୂପ ତଳୁ କଂକ୍ରିଟ୍ ସ୍ଲାବ୍ କାଟି କେତେଜଣଙ୍କୁ ଉଦ୍ଧାର କରାଯାଇଛି। ପୋଲିସ ଓ ଅଗ୍ନିଶମ ବାହିନୀର କର୍ମଚାରୀମାନେ ସେଠାରେ ପହଞ୍ଚିଛନ୍ତି। ଆହତଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଏଲ.ଜି. ହସ୍ପିଟାଲକୁ ଚିକିତ୍ସା ଲାଗି ପଠାଯାଇଛି।



# ସରାହ ମକ୍‌ବ୍ରାଇଡ୍ ପ୍ରଥମ କିନ୍ନର ସିନେଟର

ୱାଶିଂଟନ,୪।୧୧



ଆମେ ରାଷ୍ଟ୍ରପତି ନିର୍ବାଚନରେ ପ୍ରଥମ ଥର ପାଇଁ ଜଣେ କିନ୍ନର ସିନେଟ୍ ସଦସ୍ୟା ହେବାକୁ ଯାଉଛନ୍ତି। ସେ ହେଉଛନ୍ତି ଡେମୋକ୍ରାଟିକ୍ ପାର୍ଟି ପ୍ରାର୍ଥୀ ସରାହ ମକବ୍ରାଇଡ୍। ମକବ୍ରାଇଡ୍ ଡେଲାୱେୟରରୁ ବିଜୟୀ ହୋଇଛନ୍ତି। ସେ ରିପବ୍ଲିକାନ ପାର୍ଟିର ପ୍ରାର୍ଥୀ ଷ୍ଟିଭ୍ ୱାଶିଂଟନଙ୍କୁ ପରାଜିତ କରିଛନ୍ତି। ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମାଙ୍କ ସମୟରେ ମକବ୍ରାଇଡ୍ ହ୍ୱାଇଟ୍ ହାଉସରେ କାର୍ଯ୍ୟ କରୁଥିଲେ। ୨୦୧୬ରେ ସେ ଦଳର ଜାତୀୟସ୍ତରୀୟ ବୈଠକରେ ଭାଷଣ ମଧ୍ୟ ଦେଇଥିଲେ। ଦୀର୍ଘ ବର୍ଷ ଧରି ରାଜ୍ୟ ସିନେଟର ଭାବେ କାର୍ଯ୍ୟ କରୁଥିବା ହ୍ୟାରିସ୍ ମକଡୋଭେଲ୍ ଅବସର ନେବା ପରେ ଡେଲାୱେୟର ଆସନ ଖାଲି ପଡ଼ିଥିଲା। ମକବ୍ରାଇଡ୍ ଏହି ଅସନରୁ ଏବେ ବିଜୟୀ ହୋଇଛନ୍ତି।

# ୫ ରାଜ୍ୟରେ ହ୍ୱାଇଟ୍ ହାଉସ୍ ଚାବି

ୱାଶିଂଟନ,୪।୧୧

ଆମେରିକା ରାଷ୍ଟ୍ରପତି ନିର୍ବାଚନ ପାଇଁ ମ୍ୟାଜିକ୍ ନମ୍ବର ହେଉଛି ୨୭୦। ଅର୍ଥାତ୍ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ହ୍ୱାଇଟ୍ ହାଉସ୍‌ରେ ଆଉ ୪ ବର୍ଷ ରହିବାକୁ ହେଲେ ଇଲେକ୍ଟୋରାଲ କଲେଜର ୫୩୮ରୁ ୨୭୦ ଭୋଟ ଜିତିବା ଜରୁରୀ। ବର୍ତ୍ତମାନ ସୁଦ୍ଧା ଉଭୟ ରିପବ୍ଲିକାନ ଟ୍ରମ୍ପ ଓ ଡେମୋକ୍ରାଟ ଜୋ ବାଇଡେନ ଏହି କୁହୁକ ସଂଖ୍ୟାରୁ ଦୂରରେ ରହିଛନ୍ତି।

ଇଲେକ୍ଟୋରାଲ କଲେଜର ଭୋଟର ମହତ୍ତ୍ୱର ଅନୁମାନ ଏହି କଥାରୁ ଲଗାଯାଇପାରିବ ଯେ, ୨୦୧୬ରେ ୩ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ୱିସ୍କୋନ୍‌ସିନ, ମିଶିଗାନ ଓ ପେନ୍‌ସିଲଭାନିଆରେ କେବଳ ୭୦,୦୦୦ ଭୋଟ ଟ୍ରମ୍ପଙ୍କୁ ବିଜୟୀ କରାଇଥିଲା। ଏହି ଭୋଟ ତତ୍କାଳୀନ ଡେମୋକ୍ରାଟ୍ ନୋମିନି ହିଲାରୀ କ୍ଲିଣ୍ଟନଙ୍କ ସପକ୍ଷରେ ଥିବା ୩୦ ଲକ୍ଷ ଭୋଟ ଉପରେ ଭାରି ପଡ଼ିଥିଲା। ଆମେରିକାରେ ୫୦ ରାଜ୍ୟ ରହିଛି। ପ୍ରତ୍ୟେକ ରାଜ୍ୟରେ ଇଲେକ୍ଟୋରାଲ କଲେଜ ଭୋଟ ସଂଖ୍ୟା କେତେ ହେବ, ତାହା ସେଠାକାର ଜନସଂଖ୍ୟା ହିସାବରେ ସ୍ଥିର କରାଯାଏ। ଏଥିପାଇଁ ପ୍ରତ୍ୟେକ ରାଜ୍ୟର ଇଲେକ୍ଟୋରାଲ କଲେଜର ଭୋଟର ସଂଖ୍ୟା ଭିନ୍ନ ଭିନ୍ନ ହୋଇଥାଏ। କିଛି ରାଜ୍ୟରେ ଟ୍ରମ୍ପଙ୍କ ବିଜୟ ସମ୍ଭାବନା ଉଜ୍ଜ୍ୱଳ ଓ ବ୍ୟବଧାନ ଏତେ ଅଧିକ ରହିଛି ଯେ, ସେଠାରେ ଶେଷ ମୁହୂର୍ତ୍ତରେ ବି କିଛି ପରିବର୍ତ୍ତନ ହୋଇ ନ ପାରେ। ଅନ୍ୟପକ୍ଷରେ ବାଇଡେନ୍ ମଧ୍ୟ ଅନେକ ରାଜ୍ୟରେ ଟ୍ରମ୍ପଙ୍କଠାରୁ ଆଗରେ ରହିଛନ୍ତି, ଯେଉଁଠି ପରିଣାମ ବଦଳି ନ ପାରେ।

ଆନୁଷ୍ଠାନିକ ଭାବେ ବର୍ତ୍ତମାନ କୌଣସି ରାଜ୍ୟର ପରିଣାମ ଘୋଷଣା କରାଯାଇ ନାହିଁ। ମିଡିଆର ପ୍ରୋଜେକ୍ସନ ଅନୁସାରେ ଟ୍ରମ୍ପ ଫ୍ଲୋରିଡା, ଓହିଓ ଓ ଆୟୋୱାରେ ବିଜୟୀ ହୋଇସାରିଥିବାବେଳେ ବାଇଡେନ୍‌ଙ୍କୁ କାଲିଫର୍ନିଆ, ୱାଶିଂଟନ, ନ୍ୟୁୟର୍କ ଓ ଇଲିନୋଏରେ ସଫଳତା ମିଳିଛି। କିନ୍ତୁ ଆରିଜୋନା, ପେନ୍‌ସିଲଭାନିଆ, ନର୍ଥ କେରୋଲିନା, ୱିସ୍କୋନ୍‌ସିନ ଓ ଜର୍ଜିଆରେ ଉଣେଇଶ-କୋଡ଼ିଏ ମୁକାବିଲା ଚାଲିଛି। ଏହି ରାଜ୍ୟଗୁଡ଼ିକରେ ଭୋଟ ଗଣତି ଧିମା ରହିଥିବାରୁ ପରିଣାମ ସପ୍ତାହ ଶେଷ ସୁଦ୍ଧା ଆସିବ ବୋଲି କୁହାଯାଉଛି। ବିଶେଷଜ୍ଞଙ୍କ ମତରେ ସମ୍ଭବତଃ ଏହି ରାଜ୍ୟଗୁଡ଼ିକ ପରବର୍ତ୍ତୀ ରାଷ୍ଟ୍ରପତିଙ୍କ ଭାଗ୍ୟର ନିଷ୍ପତ୍ତି ନେବେ। ବିଶେଷକରି ପେନ୍‌ସିଲଭାନିଆ ଭଳି ରାଜ୍ୟର ପରିଣାମ ଉପରେ ଅନେକ କିଛି ନିର୍ଭର କରେ।



ଓରେଗୋନର ପୋର୍ଟଲାଣ୍ଡରେ ଭୋଟ ଗଣତି ପାଇଁ ବାକ୍ସରୁ ବାଲଟ୍ କଢ଼ାଯାଉଛି। ଓରେଗୋନ ହେଉଛି ଆମେରିକାର ପ୍ରଥମ ରାଜ୍ୟ, ଯେଉଁଠି ମେଲ୍ ଓ ଅଟୋମେଟିକ୍ ଭୋଟର ରେଜିଷ୍ଟ୍ରେଶନ ଜରିଆରେ ମତଦାନ କରାଯାଇଛି।

### କାହା ମୁଣ୍ଡରେ ସୁନାକଳସ: ଟ୍ରମ୍ପ୍ ନା ବାଇଡେନ୍

### ପେନ୍‌ସିଲଭାନିଆ: ୨୯

ପେନ୍‌ସିଲଭାନିଆରେ ୧୪ ଲକ୍ଷ ଭୋଟ୍‌ର ଗଣତି ବାକି ଅଛି। ସେଥିରୁ ଅଧିକାଂଶ ପୋଷ୍ଟାଲ ବାଲଟ୍ ଜରିଆରେ ଭୋଟ ଦିଆଯାଇଛି। ରାଜ୍ୟରେ ଭୋଟ ଗଣତି ଧୀରେ ଧୀରେ ଆଗକୁ ବଢୁଛି। କାରଣ ଅଧିକାରୀ ଅନୁପସ୍ଥିତ ମତପତ୍ରଗୁଡ଼ିକୁ ବାକ୍ସରୁ ଅଲଗା କରି ସେଗୁଡ଼ିକୁ ଗଣତି କରୁଛନ୍ତି। ଏଥିପାଇଁ ବିଳମ୍ବ ହେଉଛି। କିଛି ଅଞ୍ଚଳରେ ଭୋଟ ଗଣତିକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି। ଏଠାରେ ଇଲେକ୍ଟୋରାଲ ଭୋଟ ମୂଲ୍ୟ ହେଉଛି ୨୯।

### ଆରିଜୋନା: ୧୧

ପରିଣାମ ମୁତାବକ ଏହି ରାଜ୍ୟ ଜୋ ବାଇଡେନଙ୍କ ସପକ୍ଷରେ ଯିବ। ଆରିଜୋନାରେ ବୁଧବାର ସକାଳେ ଗଣତି ଶେଷ ହେବ। ଏଠାରେ ବାଇଡେନଙ୍କୁ ୫୧.୮% ଭୋଟ ମିଳିଥିବାବେଳେ ଟ୍ରମ୍ପଙ୍କ ସପକ୍ଷରେ ବର୍ତ୍ତମାନ ସୁଦ୍ଧା ୪୬.୮% ଭୋଟ ଯାଇଛି। ଅବଶିଷ୍ଟ ୧୮% ଭୋଟ ଗଣତି କରାଗଲେ ବାଇଡେନ୍‌ଙ୍କ ପକ୍ଷ ଅଧିକ ମଜଭୁତ ହେବ ବୋଲି କୁହାଯାଉଛି।

### ମିଶିଗାନ: ୧୬

ଏଠାରେ ୮୭% ଅର୍ଥାତ୍ ୪୭ ଲକ୍ଷ ଭୋଟ ଗଣତି କରାଯାଇ ସରିଛି। ଅବଶିଷ୍ଟ ଭୋଟ ଗଣତି ବୁଧବାର ଶେଷ ହୋଇଯିବ। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମିଶିଗାନରେ ୪୯.୯% ଭୋଟ ପାଇ ବାଇଡେନଙ୍କ (୪୮.୫%)ଠାରୁ ସାମାନ୍ୟ ଆଗରେ ଅଛନ୍ତି। ଏହି ରାଜ୍ୟରେ ଟ୍ରମ୍ପ ବିଜୟୀ ହୋଇପାରନ୍ତି।

### ୱିସ୍କୋନ୍‌ସିନ: ୧୦

ଏହି ରାଜ୍ୟରେ ୯୫% ଭୋଟ ଗଣତି ଶେଷ ହୋଇଛି। ବାଇଡେନ୍ ୪୯.୩% ଓ ଟ୍ରମ୍ପ ୪୯.୯% ଭୋଟ ପାଇଛନ୍ତି। ଅର୍ଥାତ୍ ୱିସ୍କୋନ୍‌ସିନ କୌଣସି ପ୍ରାର୍ଥୀଙ୍କ ହାତକୁ ଯାଇପାରେ। ତେଣୁ ୱିସ୍କୋନ୍‌ସିନର ୧୦ ଇଲେକ୍ଟୋରାଲ କଲେଜର ଗୁରୁତ୍ୱ ବଢ଼ିଯାଇଛି।

### ଜର୍ଜିଆ: ୧୬

ଜର୍ଜିଆରେ ୯୪% କାଉଣ୍ଟିଂ ଶେଷ ହୋଇଛି। ବର୍ତ୍ତମାନ ସୁଦ୍ଧା ଟ୍ରମ୍ପ ୫୦.୫% ଭୋଟ ନେଇ ସାରିଛନ୍ତି। ବାଇଡେନଙ୍କ ସପକ୍ଷରେ ୪୮.୩% ଭୋଟ ପଡ଼ିଛି। ଜର୍ଜିଆ ଏକପ୍ରକାର ୱାଇଲ୍ଡ କାର୍ଡ ଭଳି କାମରେ ଆସିବାକୁ ଯାଉଛି। ଏଠାରେ ଟ୍ରମ୍ପ ବିଜୟ ଆଡ଼କୁ ଅଗ୍ରସର ହେଉଥିବା ମଙ୍ଗଳବାର ମନେହେଉଥିଲା। କିନ୍ତୁ ପରେ ବାଇଡେନ ଏହି ବ୍ୟବଧାନକୁ କମ୍ କରିଦେଇଥିଲେ। ଟ୍ରମ୍ପ ଏବେ ମଧ୍ୟ ଆଗରେ ଅଛନ୍ତି। ମୁକାବିଲା ରୋଚକ ମୋଡରେ ପହଞ୍ଚିଛି।

### 'ନିର୍ବାଚନ ଫଳ ସମ୍ପର୍କକୁ ପ୍ରଭାବିତ କରିବନି'



ନୂଆଦିଲ୍ଲୀ,୪।୧୧

ଆମେରିକା ରାଷ୍ଟ୍ରପତି ନିର୍ବାଚନର ଫଳାଫଳ ଦ୍ୱିପାକ୍ଷିକ ସମ୍ପର୍କକୁ ପ୍ରଭାବିତ କରିବ ନାହିଁ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟର ସଚିବ ହର୍ଷ ଶ୍ରୀଙ୍ଗ୍‌ଲା ବୁଧବାର କହିଛନ୍ତି। ରାଷ୍ଟ୍ରପତି ପ୍ରାର୍ଥୀ ଜୋ ବାଇଡେନ୍ ସ୍ପଷ୍ଟ କରିସାରିଛନ୍ତି ଯେ, ଭାରତ-ଆମେରିକାର କୂଟନୈତିକ ସମ୍ପର୍କ ପୂର୍ବଭଳି ଅତୁଟ ରହିବ। ଡୋନାଲ୍ଡ ଟ୍ରମ୍ପ ଓ ଜୋ ବାଇଡେନ୍ ଉଭୟଙ୍କ କ୍ଷେତ୍ରରେ ଏହା ସାଧାରଣ ବୋଲି ଏକ ସାକ୍ଷାତକାରରେ ଶ୍ରୀଙ୍ଗ୍‌ଲା ପ୍ରକାଶ କରିଛନ୍ତି। ଦୁଇଦେଶର ସମ୍ପର୍କ ଓ ସହଯୋଗ ନେଇ ସମସ୍ତେ ହୃଦ୍‌ବୋଧ କରିଥାନ୍ତି। ଦ୍ୱିପାକ୍ଷିକ, ଆଞ୍ଚଳିକ ଓ ବହୁମୁଖୀ ସମ୍ପର୍କ ନେଇ ଦୁଇଦେଶର ଆଭିମୁଖ୍ୟ ସମାନ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଟ୍ରମ୍ପଙ୍କ ସମ୍ପର୍କ ସ୍ୱତନ୍ତ୍ର। ପୂର୍ବତନ ଆମେରିକୀୟ ରାଷ୍ଟ୍ରପତି ବାରାକ୍ ଓବାମାଙ୍କ ସହ ମଧ୍ୟ ମୋଦିଙ୍କ ସୁସମ୍ପର୍କ ରହିଥିଲା ବୋଲି ସେ ମତ ଦେଇଛନ୍ତି।

# ଫଳକୁ ନେଇ ଉତ୍କଣ୍ଠା, ଅନିଶ୍ଚିତତା

ହ୍ୱାଇଟ୍ ହାଉସ୍‌ରେ ଆଗାମୀ ୪ ବର୍ଷ କିଏ ରହିବେ ତାକୁ ନେଇ ଟ୍ରମ୍ପ ଓ ବାଇଡେନ୍‌ଙ୍କ ମଧ୍ୟରେ ଆଇନଗତ ଲଢ଼େଇ ଚାଲିବା ନେଇ ଗଣତି ପୂର୍ବରୁ ଆଭାସ ମିଳିଛି। ପରିଣାମ ଯାହାଙ୍କ ସପକ୍ଷରେ ଆସିବ ଅପରପକ୍ଷ ସୁପ୍ରିମକୋର୍ଟରେ ତାକୁ ଚ୍ୟାଲେଞ୍ଜ କରିବେ ବୋଲି କୁହାଯାଉଛି। ଚଳିତ ଥର ସର୍ବାଧିକ ଭୋଟ ଗ୍ରହଣ କରାଯାଇଥିବା ପେନ୍‌ସିଲଭାନିଆ, ମିଶିଗାନ, ୱିସ୍କୋନ୍‌ସିନ, ନେଭାଡା, ନର୍ଥ କାରୋଲିନା ଓ ଜର୍ଜିଆରେ ମେଲ୍-ଇନ୍-ବାଲଟ୍ ଗଣତି ଫଳାଫଳକୁ ବିଳମ୍ବିତ କରିବ। ଏହି ରାଜ୍ୟର ପରିଣାମ ଉପରେ ସମସ୍ତଙ୍କ ନଜର ରହିଥିବାବେଳେ ପେନ୍‌ସିଲଭାନିଆରେ ଗଣତି ଶୁକ୍ରବାର ଯାଏ ଚାଲିବ ବୋଲି ଜଣେ ଅଧିକାରୀ କହିଛନ୍ତି। ବାଇଡେନ୍ ଶିବିର ବିଜୟ ଆଶାରେ ଉତ୍ସବ ମନାଉଥିବାବେଳେ ଗଣତି ସମୟରେ ଡେମୋକ୍ରାଟ୍‌ମାନେ ଭୋଟ ଏପଟ ସେପଟ କରିପାରନ୍ତି ବୋଲି ଟ୍ରମ୍ପ ଆଶଙ୍କା ବ୍ୟକ୍ତ କରିଛନ୍ତି। ଏଥିପାଇଁ ଆଇନାନୁସାରେ ଗଣତି କରିବା ସକାଶେ ଟ୍ରମ୍ପ ସୁପ୍ରିମକୋର୍ଟ ଯିବେ ବୋଲି ଚେତାବନୀ ଦେଇଛନ୍ତି। ଏପରିକି ସମସ୍ତ ସ୍ଥାନରେ ଭୋଟ ଗଣତି ବନ୍ଦ କରାଯିବ ବୋଲି ମଧ୍ୟ ଟ୍ରମ୍ପ କହିଛନ୍ତି।

ଦେଲାୱେରରେ ବାଇଡେନ୍ କହିଛନ୍ତି, ଭୋଟ ଗଣତି ବିଳମ୍ବିତ ହେବ ବୋଲି ଆମେ ଜାଣିଥିଲୁ। ଭୋଟ ଟାଲି କରାଯିବା ଶେଷ ହୋଇଛି। ଗଣତି ଶେଷ ହେବା ଯାଏ ଆମକୁ ଧୈର୍ଯ୍ୟର ସହିତ ଅପେକ୍ଷା କରିବାକୁ ପଡ଼ିବ। ସେପଟେ ବିଜେତା କିଏ ହେବେ ତାହା ଜାଣିବା ପାଇଁ କିଛି ଦିନ ଅପେକ୍ଷା କରିବାକୁ ପଡ଼ିପାରେ ବୋଲି ଆମେରିକୀୟ ମିଡିଆରୁ ଜଣାପଡ଼ିଛି। ଉଭୟ ରିପବ୍ଲିକାନ୍ ଓ ଡେମୋକ୍ରାଟିକ୍ ସପକ୍ଷବାଦୀ ଭୋଟରଙ୍କ ମନରେ ଅନିଶ୍ଚିତତା ଓ ଭୟ ଭରି ରହିଥିବା ୱାଲ୍ ଷ୍ଟ୍ରିଟ୍ ଜର୍ନାଲ ରିପୋର୍ଟ କରିଛି।



### ଜୋର୍‌ଦାର ହେବ ଆଇନଗତ ଲଢ଼େଇ




ଆଟଲାଣ୍ଟାରେ ନିର୍ବାଚନ ରାତିରେ ଟ୍ରମ୍ପ ମାସ୍କ ପିନ୍ଧି ରିପବ୍ଲିକାନ ସିନେଟ ପ୍ରାର୍ଥୀ କେଲି ଲିଓଫ୍ଲେରଙ୍କ ପାର୍ଟିରେ ଜଣେ ସମର୍ଥକ।

# ହ୍ୱାଇଟ୍ ହାଉସ୍ ବାହାରେ ପିଟାପିଟି

ୱାଶିଂଟନ,୪।୧୧

ଆମେରିକା ରାଷ୍ଟ୍ରପତି ନିର୍ବାଚନର ସମ୍ପୂର୍ଣ୍ଣ ଫଳାଫଳ ଆସିବା ପୂର୍ବରୁ ହ୍ୱାଇଟ୍ ହାଉସ୍ ବାହାରେ ଗଣ୍ଡଗୋଳ ହୋଇଛି। କେତେକ ବ୍ୟକ୍ତି ଅପରପକ୍ଷଙ୍କୁ ବେସ୍ ବଲ୍ ବ୍ୟାଟ୍‌ରେ ଆକ୍ରମଣ କରିଛନ୍ତି। ଫଳରେ ଅପ୍ରୀତିକର ପରିସ୍ଥିତିକୁ ରୋକିବା ଲାଗି ପୋଲିସ ପଦକ୍ଷେପ ଗ୍ରହଣ କରି କେତେଜଣ ପ୍ରଦର୍ଶନକାରୀଙ୍କୁ ଗିରଫ କରିଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମର୍ଥକ ଏବଂ ବ୍ଲାକ୍ ଲାଇଭ୍ସ ମ୍ୟାଟର( ବିଏଲ୍‌ଏମ୍) ପ୍ରଦର୍ଶନକାରୀ ମୁହାଁମୁହିଁ ହୋଇଛନ୍ତି। କିଛି ସମୟ ଧରି ଦୁଇପକ୍ଷଙ୍କ ମଧ୍ୟରେ ଧସ୍ତାଧସ୍ତି ଓ ମାର୍‌ପିଟ ହୋଇଥିଲା। ସେହିଭଳି ପୋର୍ଟଲାଣ୍ଡରେ ବିକ୍ଷୋଭକାରୀମାନେ ଜାତୀୟ ପତାକା ପୋଡ଼ି ଦେଇଥିବା ଖବର ମିଳିଛି। ନିର୍ବାଚନ ଫଳାଫଳ ପରେ ଦେଶରେ ଦଙ୍ଗା ଘଟିବାର ଆଶଙ୍କାଥିବା ନେଇ ଗୋଇନ୍ଦା ବିଭାଗ ପକ୍ଷରୁ ରିପୋର୍ଟ ଜାରି କରାଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ସମ୍ବେଦନଶୀଳ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ୧୬ଟି ରାଜ୍ୟରେ ଜାତୀୟ ସୁରକ୍ଷାକର୍ମୀଙ୍କୁ ମୁତୟନ କରାଯାଇଛି।



### ବିଭିନ୍ନ ସ୍ଥାନରେ ବିକ୍ଷୋଭ

# ୪ ଭାରତୀୟ ବଂଶୋଦ୍ଭବ ପୁଣି ଜିତିବେ

ନୂଆଦିଲ୍ଲୀ,୪।୧୧

ଆମେରିକା ନିର୍ବାଚନରେ ଭାରତୀୟ ବଂଶୋଦ୍ଭବ ପ୍ରାର୍ଥୀଙ୍କୁ ବିପୁଳ ସଫଳତା ମିଳିଛି। ଡେମୋକ୍ରାଟିକ୍ ପାର୍ଟିରୁ ପ୍ରତିନିଧିତ୍ୱ କରୁଥିବା ଡଃ ଆମି ବେରା, ପ୍ରମିଳା ଜୟପାଲ, ରୋ ଖାନ୍ନା ଓ ରାଜା କ୍ରିଷ୍ଣମୂର୍ତ୍ତି ଆମେରିକା ପ୍ରତିନିଧି ସଭାକୁ ପୁନଃ ନିର୍ବାଚିତ ହୋଇଛନ୍ତି। ଆମେରିକା ନିର୍ବାଚନ ଇତିହାସରେ ସମସ୍ତ ୪ ଭାରତୀୟ ବଂଶୋଦ୍ଭବ ବାଜିମାତ୍ କରିବା ପ୍ରଥମ ବୋଲି କୁହାଯାଉଛି। ଆମେରିକାର ଫ୍ଲୋରିଡା, ଜର୍ଜିଆ, ମିଶିଗାନ୍, ଉତ୍ତର କାରୋଲିନା, ପେନ୍‌ସିଲଭାନିଆ ଓ ଟେକ୍ସାସ ଆଦି ଅଞ୍ଚଳରେ ରହୁଥିବା ମୋଟ ୧.୮ ନିୟୁତ ଭାରତୀୟ ବଂଶୋଦ୍ଭବଙ୍କୁ ପ୍ରଭାବିତ କରିବା ଲାଗି ଡେମୋକ୍ରାଟ୍ ଓ ରିପବ୍ଲିକାନ୍ କ୍ୟାମ୍ପେନ୍ ଜୋର୍ ଧରିଥିଲା।

ରାଜା କ୍ରିଷ୍ଣମୂର୍ତ୍ତି (୪୭) ଲିବରଟାରିଆନ୍ ପାର୍ଟିର ପ୍ରାର୍ଥୀ ପ୍ରେଷ୍ଟନ୍ ନେଲ୍‌ସନ୍‌ଙ୍କୁ ପରାସ୍ତ କରି ବିଜୟୀ ହୋଇଛନ୍ତି। ଡଃ ଆମି ବେରା(୫୫) ପ୍ରତିଦ୍ୱନ୍ଦ୍ୱୀ ବୁଜ୍ ପାଟରସନ୍‌ଙ୍କୁ ପରାସ୍ତ କରିଛନ୍ତି। ଅନୁରୂପ ଭାବେ ରୋ ଖାନ୍ନା (୪୪) ଅନ୍ୟତମ ଭାରତୀୟ ବଂଶୋଦ୍ଭବ ତଥା ରିପବ୍ଲିକାନ୍ ପ୍ରାର୍ଥୀ ରୀତେଶ୍ ଟଣ୍ଡନ୍‌ଙ୍କୁ ସହଜରେ ପରାସ୍ତ କରିଥିଲେ। ୫୦%ରୁ ଊର୍ଦ୍ଧ୍ୱ ଭୋଟ ଖାନ୍ନାଙ୍କ ସପକ୍ଷରେ ପଡ଼ିଥିଲା। ସେହିଭଳି ପ୍ରମିଳା ଜୟପାଲ ମଧ୍ୟ ବାଜିମାତ୍ କରି ଡେମୋକ୍ରାଟ୍ ସଦସ୍ୟ ଭାବେ ପ୍ରତିନିଧି ସଭାକୁ ଯାଇଛନ୍ତି।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪,୮୧,୩୫,୬୪୫ | ୧୨,୨୪,୫୮୫ | ୩,୪୫,୦୧,୧୧୦ |
| ଭାରତ | ୮୩,୫୩,୪୯୩ | ୧,୨୩,୯୬୧ | ୭୬,୯୮,୪୮୨ |
| ଓଡ଼ିଶା | ୨,୯୫,୮୮୯ | ୧୩୬୪(+୫୩) | ୨,୮୨,୦୭୩ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ଡିସେମ୍ବର ୨ୟ ସପ୍ତାହ ପରେ ସଂକ୍ରମଣ ଆଶଙ୍କା

**ଭୁବନେଶ୍ୱର,୪।୧୧(ବ୍ୟୁରୋ)**

ୟୁରୋପ ଓ ଅନ୍ୟାନ୍ୟ ପାଶ୍ଚାତ୍ୟ ଦେଶରେ ପ୍ରଥମ ପର୍ଯ୍ୟାୟ କୋଭିଡ୍ ସଂକ୍ରମଣ ପରେ ଦ୍ୱିତୀୟ ପର୍ଯ୍ୟାୟ ସଂକ୍ରମଣ ଚାଲିଛି। ଓଡ଼ିଶାରେ ଡିସେମ୍ବର ଦ୍ୱିତୀୟ ସପ୍ତାହ ପରେ ଦ୍ୱିତୀୟ ପର୍ଯ୍ୟାୟ ସଂକ୍ରମଣ ଆଶଙ୍କା ରହିଛି। ଏବେଠାରୁ ସତର୍କ ରହିବାକୁ ପଡିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି।

ବୁଧବାର କୋଭିଡ୍ ମୁକାବିଲା କାର୍ଯ୍ୟକ୍ରମର ସମୀକ୍ଷା କରିବା ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଦ୍ୱିତୀୟ ପର୍ଯ୍ୟାୟ ସଂକ୍ରମଣକୁ ଏଡ଼ାଇବାକୁ ହେଲେ କୋଭିଡ୍ ନିୟମ ଯଥା ମାସ୍କ ପିନ୍ଧିବା, ସାମାଜିକ ଦୂରତା ରକ୍ଷା କରିବା ଏବଂ ହାତଧୋଇବା ଆଦି ବ୍ୟବସ୍ଥାକୁ କଡ଼ାକଡ଼ି ପାଳନ କରିବାକୁ ପଡିବ। ଏଥିରେ ଆଦୌ କୋହଳ କରାଯାଇ ପାରିବ ନାହିଁ। କାରଣ ଲକ୍‌ଡାଉନ ପରି କଠିନ ପରିସ୍ଥିତିକୁ ଏଡ଼ାଇବା ପାଇଁ ଏହା ହିଁ ଶ୍ରେଷ୍ଠ ଉପାୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ବର୍ତ୍ତମାନ ରାଜ୍ୟରେ କରୋନା ସଂକ୍ରମଣ ହାର କମିଥିବା ଓ ଆରୋଗ୍ୟ ହାର ବଢୁଥିବାରୁ ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଛନ୍ତି। ଓନାମ ପର୍ବ ପାଳନ ପରେ କେରଳରେ ଉପୁଜିଥିବା ପରିସ୍ଥିତି ଏବଂ ଦିଲ୍ଲୀର ବର୍ତ୍ତମାନ ଅବସ୍ଥା ସମ୍ପର୍କରେ ଉଦାହରଣ ଦେଇ ଅଧିକ ସତର୍କ ରହିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ଗତ ପୂଜାରେ କୋଭିଡ୍ ନିୟମ ମାନି ଜନସାଧାରଣ ଶୃଙ୍ଖଳା ଓ ସଂଯମତାର ସହିତ ପର୍ବ ପାଳନ କରିଥିବାରୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହି ସମୟରେ ପୋଲିସ ଓ ପ୍ରଶାସନକୁ ମଧ୍ୟ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି। ଆଗକୁ ଦୀପାବଳି ଆସୁଥିବାରୁ ସେହିଭଳି ଶୃଙ୍ଖଳା ଓ ସଂଯମତା ରକ୍ଷା କରି ପର୍ବ ପାଳନ କରିବାକୁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ଆହ୍ୱାନ କରିଛନ୍ତି। ଏହି କଟକଣାକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବାକୁ ଜିଲାପାଳ ଓ ଏସ୍‌ପିଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

### ସତର୍କ ରହିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ



- ପୂଜା ସମୟରେ କୋଭିଡ ନିୟମ ପାଳନ କରିଥିବାରୁ ରାଜ୍ୟବାସୀଙ୍କୁ ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ
- ଦୀପାବଳି ତଦାରଖ ପାଇଁ ପର୍ଯ୍ୟବେକ୍ଷକ ଜିଲା ନିଯୁକ୍ତ

କୋଭିଡ୍ ଆକ୍ରାନ୍ତ ବ୍ୟକ୍ତି ସୁସ୍ଥ ହେବା ପରେ ପରବର୍ତ୍ତୀ ସମୟରେ ସେମାନଙ୍କ ଠାରେ କେତେକ ଜଟିଳ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଉଥିବା ଜଣାପଡିଛି। ତେଣୁ ସ୍ୱାସ୍ଥ୍ୟ ବିଭାଗ ପରିସ୍ଥିତି ଉପରେ ନଜର ରଖିବା ସହିତ ଉପଯୁକ୍ତ ପ୍ରୋଟୋକଲ୍ ପ୍ରସ୍ତୁତ କରିବା ଏବଂ ଏଥିପାଇଁ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ତାଲିମ ଦେବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଏହାଛଡା କୋଭିଡ୍ ପରବର୍ତ୍ତୀ ସ୍ୱାସ୍ଥ୍ୟର ଯତ୍ନ ସମ୍ପର୍କରେ ବ୍ୟାପକ ସଚେତନତା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। କୋଭିଡ୍‌ଜନିତ ଆର୍ଥିକ ଶିଥିଳତା ସମୟରେ ଗରିବ ଲୋକମାନେ ଯେଭଳି ପ୍ରଭାବିତ ନ ହେବେ ତାହାକୁ ଦୃଷ୍ଟିରେ ରଖି ଜୀବିକା କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଜାରି ରଖିବା ପାଇଁ ମୁଖ୍ୟମନ୍ତ୍ରୀ ସମ୍ପୃକ୍ତ ବିଭାଗକୁ ପରାମର୍ଶ ଦେଇଛନ୍ତି। ଏମ୍‌ଜିଏନ୍‌ଆର୍‌ଇଜିଏସ୍, ମିଶନ ଶକ୍ତି ଏବଂ ଅର୍ବନା ୱେଜ ଏମ୍ପ୍ଲୟମେଣ୍ଟ ପରି କାର୍ଯ୍ୟକ୍ରମକୁ ଜାରିରଖିବା ସହିତ ଗରିବ ଲୋକଙ୍କ ଆର୍ଥିକ ନିରାପତ୍ତା ଯେପରି ବ୍ୟାହତ ନ ହେବ ସେଥି ପ୍ରତି ଦୃଷ୍ଟି ଦେବା ପାଇଁ ବିଭିନ୍ନ ବିଭାଗକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଗତ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକ ସମୟରେ ମିଶନ ଶକ୍ତି, ଏମ୍‌ଏସ୍‌ଏମ୍‌ଇ ଓ ଚାଷୀମାନଙ୍କୁ ଠିକ୍ ସମୟରେ ଋଣ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ବିଭାଗ ଏହା ଉପରେ ଧ୍ୟାନ ଦେବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି।

କୋଭିଡ୍ ପରିଚାଳନା ବୈଠକରେ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ କହିଛନ୍ତି, ରାଜ୍ୟରେ ବର୍ତ୍ତମାନ କୋଭିଡ୍ ସଂକ୍ରମଣ କମିଛି। ହସ୍ପିଟାଲରେ ଆଇସିୟୁ ଏବଂ ଶଯ୍ୟା ସନ୍ତୋଷଜନକ ରହିଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ କୋଭିଡ୍ ପରବର୍ତ୍ତୀ ଯତ୍ନ ପାଇଁ ଷ୍ଟାଣ୍ଡାର୍ଡ ପ୍ରୋଟୋକଲ ପ୍ରସ୍ତୁତ କରିବା ଲାଗି ଟାସ୍କ ଫୋର୍ସ ଗଠନ କରାଯାଇଛି। ସେହିପରି ବ୍ୟାପକ ଟିକାକରଣକୁ ଦୃଷ୍ଟିରେ ରଖି କୋଲ୍‌ଡ ଚେନ ଓ ଡାଟାବେସ କାର୍ଯ୍ୟ ରହିଛି ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।

କୋଭିଡ୍ ପରିଚାଳନା ସମ୍ପର୍କରେ ସୂଚନା ଦେଇ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର କହିଛନ୍ତି ଯେ, ଦେଶରେ ପ୍ରତି ୧୦ ଲକ୍ଷରେ ୮୩ ହଜାର ଟେଷ୍ଟ ହେଉଥିବା ବେଳେ ରାଜ୍ୟରେ ୧ ଲକ୍ଷ ୨ ହଜାର ଟେଷ୍ଟ କରାଯାଇଛି। ଜାତୀୟ ସ୍ତରରେ ଆରୋଗ୍ୟ ହାର ୯୨ ପ୍ରତିଶତ ଥିବା ବେଳେ ରାଜ୍ୟରେ ୯୫.୩୨ ପ୍ରତିଶତ ରହିଛି। ରାଜ୍ୟରେ ଟିକାକରଣକୁ ସୁବ୍ୟବସ୍ଥିତ କରିବା ପାଇଁ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଷ୍ଟିୟରିଂ କମିଟି ଗଠନ କରାଯାଇଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଟାସ୍କ ଫୋର୍ସ ଏବଂ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଟାସ୍କ ଫୋର୍ସ ଗଠନ କରାଯାଇଥିବା ବୈଠକରେ ସୂଚନା ଦିଆଯାଇଛି। ଭୁବନେଶ୍ୱରରେ ନଭେମ୍ବର ୩ରେ ସେରୋ ସର୍ଭେ ଶେଷ ହୋଇଥିବା ବେଳେ କଟକରେ ସେରୋ ସର୍ଭେ ଚାଲିଛି। ଡିସେମ୍ବରରେ ପୁରୀ, ସମ୍ବଲପୁର ଓ ବାଲେଶ୍ୱରରେ ସେରୋ ସର୍ଭେ ହେବ ବୋଲି ସୂଚନା ଦିଆଯାଇଛି। ଏହି ବୈଠକରେ ଉନ୍ନୟନ କମିଶନର ସୁରେଶ ମହାପାତ୍ର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ।

# କରୋନା: ୧୪୭୪ ଆକ୍ରାନ୍ତ, ୧୫୨୦ ସୁସ୍ଥ, ୧୨ ମୃତ

**ଭୁବନେଶ୍ୱର, ୪।୧୧ (ବ୍ୟୁରୋ)**



ରାଜ୍ୟରେ କ୍ରମାଗତ ଭାବେ କରୋନା ଗ୍ରାଫ୍ ଖସିବାରେ ଲାଗିଛି। ଶେଷ ୨୪ ଘଣ୍ଟାରେ ୧,୪୭୪ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୧୨ ଜଣଙ୍କର ମୃତ୍ୟୁ ହୋଇଛି। ଏହାକୁ ମିଶାଇ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୧,୩୬୪କୁ ବୃଦ୍ଧି ପାଇଛି। ସେହିଭଳି ସଂକ୍ରମଣ ୨,୯୫,୮୮୯ରେ ପହଞ୍ଚିଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଚିହ୍ନଟ ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ୮୫୫ଜଣ ସଙ୍ଗରୋଧରୁ ଚିହ୍ନଟ ହୋଇଥିବାବେଳେ ୬୧୯ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ଏଥିମଧ୍ୟରୁ ଖୋର୍ଦ୍ଧାରୁ ସର୍ବାଧିକ ୧୭୫ଜଣ, କଟକ ୧୨୦, ସୁନ୍ଦରଗଡ଼ ୧୦୪, ବଲାଙ୍ଗୀର ୮୯, ବାଲେଶ୍ୱର ୭୮, ଅନୁଗୋଳ ୭୬, ପୁରୀ ୭୩, କେନ୍ଦୁଝର ୬୯, ବରଗଡ଼ ୬୮, ଜଗତ୍‌ସିଂହପୁର ୬୭, କେନ୍ଦ୍ରାପଡ଼ା ୫୬, ମୟୂରଭଞ୍ଜ ୫୨, ନୂଆପଡ଼ା ୪୬, ଝାରସୁଗୁଡ଼ା ଓ ଯାଜପୁରରୁ ୩୯ଜଣ ଲେଖାଏ, ସମ୍ବଲପୁର ୩୭, କଳାହାଣ୍ଡି ୩୬, ଗଞ୍ଜାମ ୩୩, ନବରଙ୍ଗପୁର ୩୦, ମାଲକାନଗିରି ୨୯, କୋରାପୁଟ ୨୩, ନୟାଗଡ଼ ୨୦, କନ୍ଧମାଳ ଓ ଭଦ୍ରକରୁ ୧୯ଜଣ ଲେଖାଏ, ଢେଙ୍କାନାଳ ୧୮, ରାୟଗଡ଼ା ଓ ଦେଓଗଡ଼ରୁ ୭ଜଣ ଲେଖାଏ, ସୋନପୁର, ବୌଦ୍ଧ ଓ ଗଜପତିରୁ ୫ଜଣ ଲେଖାଏ ଏବଂ ଷ୍ଟେଟ ପୁଲ୍‌ରୁ ୩୦ଜଣ ଅଛନ୍ତି।

ଅନ୍ୟପକ୍ଷେ ରାଜ୍ୟରେ ଆଉ ୧୫୨୦ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଖୋର୍ଦ୍ଧାରୁ ସର୍ବାଧିକ ୨୮୫ ଜଣ ଆରୋଗ୍ୟ ଲାଭ କରିଛନ୍ତି। ଫଳରେ ମୋଟ ୨,୮୨,୦୭୩ଜଣ ଆକ୍ରାନ୍ତ ଆରୋଗ୍ୟ ହୋଇଥିବାବେଳେ ୧୨,୩୯୯ ସକ୍ରିୟ ସଂକ୍ରମିତ ରହିଥିବା ବିଭାଗୀୟ ତଥ୍ୟରୁ ଜଣାପଡିଛି।

## ଦିଲ୍ଲୀରେ କରୋନାର ତୃତୀୟ ପର୍ଯ୍ୟାୟ ସଂକ୍ରମଣ

**ନୂଆଦିଲ୍ଲୀ,୪।୧୧:** ରାଜଧାନୀ ଦିଲ୍ଲୀରେ କରୋନାର ତୃତୀୟ ପର୍ଯ୍ୟାୟ ସଂକ୍ରମଣ ଆରମ୍ଭ ହୋଇଛି। ଏନେଇ ସ୍ୱାସ୍ଥ୍ୟ ମନ୍ତ୍ରୀ ସତ୍ୟେନ୍ଦ୍ର ଜୈନ ବୁଧବାର ସୂଚନା ଦେଇଛନ୍ତି। ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାରୁ ଏପରି କୁହାଯାଇ ପାରିବ ବୋଲି ସେ କହିଛନ୍ତି। ଗତ ୧୦ ଦିନ ମଧ୍ୟରେ ଏଠାରେ ୫୦ ହଜାର ୬୧୬ ନୂଆ ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଛି। ଅକ୍ଟୋବର ୨୫ରୁ ନଭେମ୍ବର ୩ ମଧ୍ୟରେ ଏସବୁ ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଛି। ଏହି ସମୟ ମଧ୍ୟରେ ଦିନ ପିଛା ହାରାହାରି ୫ ହଜାର ୬୨ ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଛି। ସେହିପରି ଏହି ସମୟ ମଧ୍ୟରେ ୩୯୪ ଜଣଙ୍କ ମୃତ୍ୟୁ ଘଟିଛି। ଗତ ୨୪ ଘଣ୍ଟାରେ ଏଠାରେ ୬ ହଜାର ୭୨୫ ନୂଆ ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଛି। ସେହିପରି ୩ ହଜାର ୬୧୦ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଇତିମଧ୍ୟରେ ଦିଲ୍ଲୀରେ କରୋନା ମୃତ୍ୟୁ ସଂଖ୍ୟା ୬ ହଜାର ୬୫୨ ଛୁଇଁଛି। ବିଭିନ୍ନ ହସ୍ପିଟାଲରେ ୬ ହଜାର ୮୦୦ ଶଯ୍ୟାରେ କରୋନ ଆକ୍ରାନ୍ତଙ୍କ ଚିକିତ୍ସା କରାଯାଉଛି। ୯ ହଜାର ଶଯ୍ୟାକୁ ଖାଲି ରହିଥିବା ସେ କହିଛନ୍ତି। ଦିଲ୍ଲୀରେ ସମ୍ପ୍ରତି ୩୬ ହଜାର ୩୭୫ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି।

## କେନାଲରୁ ମୃତଦେହ ଉଦ୍ଧାର

**ପୁରୁଣା ଭୁବନେଶ୍ୱର, ୪।୧୧(ଡି.ଏନ୍.ଏ.):** ଶ୍ରୀଲିଙ୍ଗରାଜ ଥାନା ଅଧୀନ ଗ୍ୟାରେଜ ଛକ ଦୟା ୱେଷ୍ଟ କେନାଲରୁ ବୁଧବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ଯୁବକଙ୍କ ପରିଚୟ ଜଣାପଡ଼ି ନ ଥିବାବେଳେ ପାଖାପାଖି ୪୦ବର୍ଷ ବୟସ ହେବ। ଯୁବକ ଜଣକ ଜିନ୍ ପ୍ୟାଣ୍ଟ ସହ ଏକ ମାଟିଆ ରଙ୍ଗର ଚେକ ଶାର୍ଟ ପିନ୍ଧିଥିଲେ। ପୋଲିସ ନଂ. ୪୫/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଅପରାହ୍ନରେ କେନାଲରେ ଏକ ମୃତଦେହ ଭାସୁଥିବା ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପ୍ରଦୀପ ସେବା ଟ୍ରଷ୍ଟର କର୍ମକର୍ତ୍ତାଙ୍କ ସମେତ ପୋଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲା।

# ଅପ୍‌ଡେଟ୍ ଷ୍ଟାଟସ୍ ରିପୋର୍ଟ ମାଗିଲେ ହାଇକୋର୍ଟ

**ଭୁବନେଶ୍ୱର(ବ୍ୟୁରୋ)/ କଟକ ଅଫିସ, ୪।୧୧**

### ମାନବପ୍ରେମୀ ଆଦିତ୍ୟ ଦାଶ ମୃତ୍ୟୁ ଘଟଣା

ବହୁ ଚର୍ଚ୍ଚିତ ମାନବପ୍ରେମୀ ଆଦିତ୍ୟ ଦାଶ ମୃତ୍ୟୁ ମାମଲାର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚ ଉପରେ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଧାର୍ଯ୍ୟ ସମୟରେ କ୍ରାଇମବ୍ରାଞ୍ଚ ଷ୍ଟାଟସ୍ ରିପୋର୍ଟ ଦେଇ ପାରି ନ ଥିବାରୁ କ୍ଷୁବ୍ଧ ହୋଇଛନ୍ତି। ଅପଡେଟ୍ ଷ୍ଟାଟସ୍ ରିପୋର୍ଟ ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେବା ସହ ଆସନ୍ତା ୧୧ ତାରିଖକୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି। ଜୁଲାଇ ୭ରେ ଲିଙ୍ଗରାଜ ଷ୍ଟେଶନ ନିକଟ ଟ୍ରେନ୍ ଲାଇନରୁ ଆଦିତ୍ୟଙ୍କ କ୍ଷତାକ୍ତ ମୃତଦେହ ମିଳିଥିଲା। ପ୍ରଥମେ ଜିଆର୍‌ପି ଓ ପରେ କ୍ରାଇମବ୍ରାଞ୍ଚ ତଦନ୍ତ କରୁଥିଲେ ମଧ୍ୟ ଏଯାଏ ଏହା ହତ୍ୟା ନା ଆତ୍ମହତ୍ୟା ତାହା ସ୍ପଷ୍ଟ ହୋଇପାରୁନି। ତେଣୁ ଏହି ମାମଲାର ସିବିଆଇ ତଦନ୍ତ ଦାବି କରି ଆଦିତ୍ୟଙ୍କ ପରିବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ୪୮ ସେକେଣ୍ଡରେ ୬ ରକେଟ୍

**ବାଲେଶ୍ୱର ଅଫିସ,୪।୧୧**

ଡିଆର୍‌ଡିଓ ପକ୍ଷରୁ ବାଲେଶ୍ୱର ଜିଲା ଚାନ୍ଦିପୁରସ୍ଥିତ ପରୀକ୍ଷଣ କେନ୍ଦ୍ରରୁ ବିକଶିତ ମଲ୍‌ଟି ବ୍ୟାରେଲ ରକେଟ ଲଞ୍ଚର୍ 'ପିନାକ'ର ସଫଳ ପରୀକ୍ଷା କରାଯାଇଛି। ଏକାଦିକ୍ରମେ ରକେଟ ଲଞ୍ଚର୍‌ରୁ ୪୮ ସେକେଣ୍ଡରେ ୬ଟି ରକେଟ୍ ନିକ୍ଷେପ କରାଯାଇଥିଲା। ଏହି ବିକଶିତ ରକେଟ ଲଞ୍ଚର୍ ସର୍ବାଧିକ ଦୂରତା ଅତିକ୍ରମ କରି ଲକ୍ଷ୍ୟଭେଦ କରିଥିବା ବିଭାଗ ସୂତ୍ରରୁ ଜଣାଯାଇଛି।

ଡିଆର୍‌ଡିଓ ପୁଣେର ଲାବରେଟାରୀ ଏସ୍‌ଆର୍‌ଡିଇ ଓ ଏଚ୍‌ଇଏମ୍‌ଆର୍‌ଏଲ୍ ପକ୍ଷରୁ 'ପିନାକ'କୁ ବିକଶିତ କରାଯାଇଥିଲା। ଟେଲିମେଟ୍ରି ଓ ଇଲେକ୍ଟ୍ରୋ ଅପଟିକାଲ ଟ୍ରାକିଂ ସିଷ୍ଟମ ଦ୍ୱାରା ରକେଟର ଗତିପଥ ଉପରେ ନଜର ରଖାଯାଇଥିଲା। ଯାହା ଠିକ୍ ଭାବେ ଲକ୍ଷ୍ୟଭେଦ କରିଥିବା ସ୍ପଷ୍ଟ ହୋଇଥିଲା। 'ପିନାକ'ର ଏହି ବିକଶିତ ସଂସ୍କରଣ ଏମ୍‌କେ-ଆଇ(ନିର୍ମାଣାଧୀନ ଅବସ୍ଥାରେ ଥିବା)ର ସ୍ଥାନ ନେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



'ପିନାକ' କ୍ଷେପଣାସ୍ତ୍ର।

## ପେନ୍‌ସନଭୋଗୀଙ୍କ ଅନୁପସ୍ଥିତିରେ ମିଳିବ ପେନ୍‌ସନ

**ଭୁବନେଶ୍ୱର,୪।୧୧(ବ୍ୟୁରୋ):** କରୋନା ସମୟରେ ରାଜ୍ୟ ସରକାରଙ୍କ ୫-'ଟି' ଏବଂ 'ମୋ ସରକାର' ସୂତ୍ର ଅଧୀନରେ ପରିବାର ପେନ୍‌ସନଭୋଗୀଙ୍କୁ ସେବା ଯୋଗାଇ ଦେବା ଲାଗି ନିଷ୍ପତ୍ତି ନେଇଛନ୍ତି। ବାର୍ଷିକ ଜୀବନ ପ୍ରମାଣପତ୍ର, ପୁନଃ ବିବାହ ଓ ଅବିବାହିତ ସମ୍ବନ୍ଧୀୟ ଘୋଷଣାନାମା ସହ ନିୟୋଜନ ସମ୍ବନ୍ଧୀୟ ପ୍ରମାଣପତ୍ର ଦାଖଲର ସମୟସୀମାକୁ ବୃଦ୍ଧି କରାଯାଇଛି। ନଭେମ୍ବର ୨୦୨୦ରୁ ମେ ୨୦୨୧ ପର୍ଯ୍ୟନ୍ତ ଏହା ବୃଦ୍ଧି କରାଯାଇଛି। ପ୍ରଥମ ଥର ପାଇଁ ପେନ୍‌ସନ ଗ୍ରହଣକାରୀଙ୍କ ଅନୁପସ୍ଥିତିରେ ଗ୍ରାଚ୍ୟୁଟି ଏବଂ କମ୍ୟୁଟେଡ୍ ପେନ୍‌ସନ ପ୍ରଦାନ ପାଇଁ ନିଷ୍ପତ୍ତି ହୋଇଛି। ରାଜ୍ୟର ପେନ୍‌ସନଭୋଗୀଙ୍କୁ ଅନୁରୋଧ କରାଯାଇଛି, ସେମାନେ ସ୍ୱାସ୍ଥ୍ୟ ସୁରକ୍ଷା ଦୃଷ୍ଟିରୁ ଓ ରାଜ୍ୟ ସରକାରଙ୍କ କୋଭିଡ୍ ନିୟମର ପାଳନ ନିମନ୍ତେ ବାର୍ଷିକ ଜୀବନ ପ୍ରମାଣପତ୍ର ନଭେମ୍ବର ୨୦୨୦ ପରିବର୍ତ୍ତେ ମେ ୨୦୨୧ରେ ପେନ୍‌ସନ ପ୍ରଦାନକାରୀ ସଂସ୍ଥା ଯଥା ଟ୍ରେଜେରି ଓ ବ୍ୟାଙ୍କ ନିକଟରେ ପ୍ରଦାନ କରିବେ।

# ବ୍ରିଜ୍‌ରୁ ପାତାଳି ନଦୀକୁ ଖସି ୨ ମୃତ

### କାର-ଅଟୋ ମୁହାଁମୁହିଁ

**କୋରାପୁଟ,୪।୧୧(ସ୍ୱ.ପ୍ର.)**



ଓଡ୍ରାଫ ଟିମ୍ ନଦୀରୁ ମୃତଦେହ ଉଦ୍ଧାର କରୁଛନ୍ତି।

କୋରାପୁଟ ଜିଲାର ପାଡୁଆଠାରେ ମଙ୍ଗଳବାର ରାତିରେ ଏକ ବ୍ରିଜ୍ ନିକଟରେ କାର- ଓ ଅଟୋ ମୁହାଁମୁହିଁ ହୋଇ ଗାଡି ୨ଟି ପାତାଳୀ ନଦୀ ଭିତରକୁ ଖସିପଡିଛି। ଫଳରେ ୨ଜଣଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ପ୍ରତୀକ୍ଷା ଶର୍ମା (୨୪) ଓ ଅଜୟ ଶୁକ୍ଲା (୩୦)। ସେମାନଙ୍କ ଘର ଆନ୍ଧ୍ର ପ୍ରଦେଶ ଅଞ୍ଚଳରେ ବୋଲି ଜଣାପଡିଛି। ପାଡୁଆ ଅଗ୍ନିଶମ ବିଭାଗ ଓ କୋରାପୁଟ ଓଡ୍ରାଫ ଟିମ୍ ପହଞ୍ଚି ପାତାଳି ନଦୀରୁ ଉଭୟଙ୍କ ମୃତଦେହ ବୁଧବାର ଉଦ୍ଧାର କରିଛନ୍ତି। ମିଳିଥିବା ଖବରରୁ ଜଣାପଡିଛି ମଙ୍ଗଳବାର ବିଳମ୍ବିତ ରାତିରେ କାର(ଏପି୩୯ଏକ୍ସ-୬୨୦୭)ଟି ପ୍ରତୀକ୍ଷା ଓ ଅଜୟଙ୍କୁ ଧରି ଆନ୍ଧ୍ର ଅଭିମୁଖେ ଯାଉଥିଲା। ପାଡୁଆ ନିକଟରେ ବିପରୀତ ଦିଗରୁ ଆସୁଥିବା ଯାତ୍ରୀବାହୀ ଅଟୋ ସହ କାର ବ୍ରିଜ୍ ଉପରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବ୍ରିଜ୍ ଉପରୁ କାର ଓ ଅଟୋ ନଦୀକୁ ଖସି ପଡିଥିଲା। ଅଟୋରେ ଥିବା ୪ ଜଣ ସ୍ଥାନୀୟ ବ୍ୟକ୍ତି ପହଁରି ପହଁରି ଉପରକୁ ଚାଲି ଆସିଥିଲେ। କାରରେ ଥିବା ଆନ୍ଧ୍ରପ୍ରଦେଶ ଅଞ୍ଚଳର ପ୍ରତୀକ୍ଷା ଓ ଅଜୟ ଉପରକୁ ଆସି ପାରି ନଥିଲେ। ଫଳରେ ସେମାନଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ବୁଧବାର ସକାଳୁ କୋରାପୁଟ ତୃତୀୟ ବାଟାଲିୟନ ଦୁର୍ଗପତି ପି.କେ. ଦାସଙ୍କ ନିର୍ଦ୍ଦେଶରେ ଓଡ୍ରାଫର ହାବିଲଦାର ରାଜେଶ କୁମାର ସାହୁଙ୍କ ନେତୃତ୍ୱରେ ହାବିଲଦାର ସନ୍ତୋଷ କୁମାର ଦଣ୍ଡସେନା, ମାଝି ଶବର, ଏମ. ଖରା, ଆଲୋକ ପାଣି, ଏସ୍ ପଟ୍ଟନାୟକ, ଏମ. ପ୍ରଧାନ, ଏମ. ପୂଜାରି, ଏ. ଅଲ୍ଲି ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ନଦୀରେ ବୁଡିଥିବା କାର ଓ ଅଟୋକୁ ଉଦ୍ଧାର କରିବା ସହ କାରରେ ଥିବା ପ୍ରତୀକ୍ଷା ଓ ଅଜୟଙ୍କ ମୃତଦେହ ଉଦ୍ଧାର କରିଥିଲେ। ଦୁର୍ଗପତି ଦାସ ମଧ୍ୟ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ତଦାରଖ କରିଥିଲେ। ଉଭୟ ମୃତକଙ୍କ ଘର ଆନ୍ଧ୍ର ପ୍ରଦେଶରେ, ସେମାନଙ୍କ ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ କରାଯାଉଥିବା ପାଡୁଆ ପୋଲିସ ପକ୍ଷରୁ କୁହାଯାଇଛି।

# ମୁଖ୍ୟ ଶାସନ ସଚିବଙ୍କୁ ପକ୍ଷଭୁକ୍ତ ନିର୍ଦ୍ଦେଶ

**ଭୁବନେଶ୍ୱର,୪।୧୧(ବ୍ୟୁରୋ)**

### ମାସ୍କ, ପିପିଇ କିଟ୍ କିଣା ଦୁର୍ନୀତି ପ୍ରସଙ୍ଗ

- ଦ୍ୱିତୀୟଥର ଲୋକାୟୁକ୍ତରେ ହାଜର ହେଲେ ଦୁଇ ବରିଷ୍ଠ ଅଧିକାରୀ
- ୨୩ରେ ପରବର୍ତ୍ତୀ ଶୁଣାଣି

କୋଭିଡ୍-୧୯ ମୁକାବିଲା ଲାଗି ମାସ୍କ ଓ ପିପିଇ କିଟ୍ କିଣା ଦୁର୍ନୀତି ମାମଲାରେ ଦୁଇ ବରିଷ୍ଠ ଆଇଏଏସ୍ ଅଧିକାରୀ ହେମନ୍ତ ଶର୍ମା ଓ ଯାମିନୀ କାନ୍ତ ଷଡ଼ଙ୍ଗୀ ବୁଧବାର ଲୋକାୟୁକ୍ତଙ୍କ ନିକଟରେ ଦ୍ୱିତୀୟଥର ପାଇଁ ହାଜର ହୋଇଛନ୍ତି। ଶୁଣାଣିବେଳେ ସେମାନେ ଉପସ୍ଥିତ ରହି ଲୋକାୟୁକ୍ତଙ୍କ କେତେକ ପ୍ରଶ୍ନର ଉତ୍ତର ରଖିଛନ୍ତି। ଏହାପରେ ଲୋକାୟୁକ୍ତ ଏହି ମାମଲାରେ ମୁଖ୍ୟ ଶାସନ ସଚିବଙ୍କୁ ପକ୍ଷଭୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଲୋକାୟୁକ୍ତଙ୍କ ଅଦାଲତରେ ସୁଦର୍ଶନ ଦାସ ଦାଖଲ କରିଥିବା ପିଟିଶନର ବୁଧବାର ଶୁଣାଣି ହୋଇଥିଲା। ଏହି ସମୟରେ ସରକାରଙ୍କ ପକ୍ଷରୁ ଶିଳ୍ପ ସଚିବ ହେମନ୍ତ ଶର୍ମା ଓ ରାଜ୍ୟ ଔଷଧ ନିଗମର ପରିଚାଳନା ନିର୍ଦ୍ଦେଶିକା ଯାମିନୀ କାନ୍ତ ଷଡଙ୍ଗୀ ଉପସ୍ଥିତ ଥିବାବେଳେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଲୋକାୟୁକ୍ତଙ୍କ ନିକଟରେ ଏକ ଉତ୍ତର ଫର୍ଦ୍ଦ ଦାଖଲ କରିଥିଲେ। କୋଭିଡ୍ ମୁକାବିଲା ପାଇଁ ଗଠିତ କ୍ରୟ କମିଟିକୁ କାହିଁକି ବାରମ୍ବାର ପରିବର୍ତ୍ତନ କରାଗଲା, ସ୍ୱାସ୍ଥ୍ୟ ସଚିବଙ୍କ ପରିବର୍ତ୍ତେ ଶିଳ୍ପ ସଚିବ କାହିଁକି କମିଟି ଅଧ୍ୟକ୍ଷ ହେଲେ ଓ ପରେ କମିଟିରୁ ବିଦା ହେବା ପ୍ରସଙ୍ଗକୁ ନେଇ ଲୋକାୟୁକ୍ତ ଦୁଇ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ। ତେବେ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ ଅନୁଯାୟୀ କମିଟିରେ ପରିବର୍ତ୍ତନ ହୋଇଥିବା ଉଭୟ ଅଧିକାରୀ କହିବାପରେ ଲୋକାୟୁକ୍ତ ମୁଖ୍ୟ ଶାସନ ସଚିବଙ୍କୁ ତଦନ୍ତ ପରିସରଭୁକ୍ତ କରିଥିଲେ। ନଭେମ୍ବର ୨୩ ସୁଦ୍ଧା କୋଭିଡ୍ କିଟ୍ କ୍ରୟ କମିଟି ସମ୍ପର୍କିତ ସମସ୍ତ ପ୍ରଶ୍ନର ଉତ୍ତର ମୁଖ୍ୟ ଶାସନ ସଚିବଙ୍କୁ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଯେଉଁ ସମୟରେ ୨ରୁ ୮ ଟଙ୍କା ମଧ୍ୟରେ ମାସ୍କ କିଣାଯାଉଥିଲା ସେତେବେଳେ ଓଡିଶା ମେଡିକାଲ କର୍ପୋରେଶନ ୧୬ ଟଙ୍କାରେ କାହିଁକି ମାସ୍କ କିଣିଲେ ବୋଲି ଆବେଦନକାରୀ ସୁଦର୍ଶନ ଦାସ ପ୍ରଶ୍ନ କରିଥିଲେ। ପ୍ରତିପକ୍ଷର ସମସ୍ତ ଉତ୍ତର ପାଇସାରିବା ପରେ ସେସବୁକୁ ଅନୁଧ୍ୟାନ କରି ଆବେଦନକାରୀଙ୍କୁ ପ୍ରତ୍ୟୁତ୍ତର ରଖିବା ପାଇଁ ଲୋକାୟୁକ୍ତ ନିର୍ଦ୍ଦେଶ ଦେଇଥିଲେ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୩ ତାରିଖକୁ ଧାର୍ଯ୍ୟ କରାଯାଇଛି। ଲୋକାୟୁକ୍ତ ଅଧ୍ୟକ୍ଷ ଜଷ୍ଟିସ୍ ଅଜିତ ସିଂ ଏବଂ ସଦସ୍ୟ ଜଷ୍ଟିସ୍ ବିଜୟ କୁମାର ନାୟକଙ୍କ ଖଣ୍ଡପୀଠରେ ଏହି ଶୁଣାଣି ହୋଇଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଧନଞ୍ଜୟ
ପରିବାରବର୍ଗ


ସାନ୍ଭି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଶିଳ୍ପ ବନ୍ଦ କଥା ...

ମଧ୍ୟ ତାହା ମନ୍ତ୍ରୀଙ୍କ ଲିଖିତ ଉତ୍ତରରେ ଉଲ୍ଲେଖ ନାହିଁ। ଏହି ୩ ବୃହତ୍ ଶିଳ୍ପ ବନ୍ଦ ହେବା ଯୋଗୁ ପ୍ରାୟ ୧୦ ହଜାର କର୍ମଚାରୀ ଓ ଶ୍ରମିକଙ୍କ ଜୀବିକା ଯାଇଛି। କେବଳ ଯାଜପୁର ନୁହେଁ, କେନ୍ଦୁଝର, ବାଲେଶ୍ୱର, ଅନୁଗୋଳ, ବଲାଙ୍ଗୀର, ସୁନ୍ଦରଗଡ଼ ଆଦି ବହୁ ଜିଲାରେ ଗତ ୫ ବର୍ଷ ମଧ୍ୟରେ ଅନେକ ବୃହତ୍, ମଧ୍ୟମ ଶିଳ୍ପ ବନ୍ଦ ହେବା ସହ ବହୁ ଲୋକ ନିଯୁକ୍ତି ହରାଇଛନ୍ତି। ହେଲେ କେଉଁ କାରଣରୁ ମନ୍ତ୍ରୀଙ୍କ ଉତ୍ତରରେ ଏସବୁକୁ ଲୁଚାଯାଇଛି ତାହା ତଦନ୍ତ ସାପେକ୍ଷ ବୋଲି ବିଭିନ୍ନ ଶ୍ରମିକ ଓ କର୍ମଚାରୀ ସଂଘ ପକ୍ଷରୁ ଦାବି ହେଉଛି।

ବିଧାୟକ ମାଝିଙ୍କ ଉକ୍ତ ପ୍ରଶ୍ନରେ ଶିଳ୍ପ ସମ୍ପୂର୍ଣ୍ଣ ଓ ଆଂଶିକ ବନ୍ଦ ଯୋଗୁ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ କେତେ ଶ୍ରମିକ, କର୍ମଚାରୀ ନିଯୁକ୍ତି ହରାଇଛନ୍ତି ସେ ସମ୍ପର୍କରେ ମନ୍ତ୍ରୀ କୌଣସି ଉତ୍ତର ରଖି ପାରିନାହାନ୍ତି। ଅପରପକ୍ଷରେ ଗତ ୫ ବର୍ଷ ମଧ୍ୟରେ କେବଳ ଯାଜପୁର ଜିଲାରେ ୨୩,୯୩୦ ଜଣ ଠିକା ଶ୍ରମିକ ଓ କର୍ମଚାରୀ ନିଯୁକ୍ତି ହରାଇଥିବା କଳିଙ୍ଗନଗର ଅତିରିକ୍ତ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟରୁ ଜଣାପଡିଛି। ସେହିପରି ବାଲେଶ୍ୱର ଜିଲାରେ ୨୦୧୯-୨୦ ସୁଦ୍ଧା କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ସଂଖ୍ୟା ୨୭୬୨ ଏବଂ ବୃହତ୍ ଶିଳ୍ପ ୭ଟି ରହିଥିଲା। ୨୭୬୨ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ମଧ୍ୟରୁ ୨୬୮ଟି ବନ୍ଦ ହୋଇପଡ଼ିଛି। ଜିଲା ଶିଳ୍ପ କେନ୍ଦ୍ର ଅଫିସ୍ ରିପୋର୍ଟ ଅନୁସାରେ ମୋଟ୍ ଶିଳ୍ପଗୁଡ଼ିକରେ ୩୨ହଜାର୧୫୦ଜଣ ଶ୍ରମିକ ନିଯୁକ୍ତି ପାଇଛନ୍ତି। ସେଥିମଧ୍ୟରୁ ଅଗଷ୍ଟ ସୁଦ୍ଧା ୩୦ହଜାର ୪୪୭ଜଣ କାର୍ଯ୍ୟରେ ଯୋଗଦେଇଥିବା ବେଳେ ୧୬୬୩ ଶ୍ରମିକ ନିଯୁକ୍ତି ହରାଇଥିବାର ଜଣାପଡ଼ିଛି। ସୁନ୍ଦରଗଡ଼ ଜିଲା କିରେଇଠାରେ ଥିବା ସୂତାକଳ ଗତ ୫ ବର୍ଷ ହେଲା ବନ୍ଦ ହୋଇ ପଡିଛି। ଫଳରେ ୪୭୮ଜଣ କର୍ମଚାରୀ ଜୀବିକା ହରାଇଛନ୍ତି। ସେମାନଙ୍କୁ ବକେୟା ଦରମା ମଧ୍ୟ ମିଳିନାହିଁ। ସେହିପରି କୁଆଁରମୁଣ୍ଡାଠାରେ ଥିବା ଆଧୁନିକ ମେଟାଲିକ୍ସ ପ୍ରାୟ ଅଢ଼େଇ ବର୍ଷ ବନ୍ଦ ରହିବା ପରେ କିଛିଦିନ ତଳେ ଖୋଲିଛି। ହେଲେ ସମସ୍ତ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ମିଳିନାହିଁ। ଅନୁଗୋଳ ଜିଲାରେ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପକୁ ମିଶାଇ ମୋଟ୍ ୧,୧୯୨ଟି ସଂସ୍ଥା ପଞ୍ଜୀକରଣ କରିଛନ୍ତି। ତେବେ ସେଥିମଧ୍ୟରେ ପାଖାପାଖି ୨୫୦ଟି ଶିଳ୍ପ କୌଣସି ନା କୌଣସି କାରଣରୁ ବନ୍ଦ ହୋଇଯାଇଛି। ଅନୁଗୋଳ ସହର, କାଙ୍ଗୁଲା ଓ ତାଳଚେରରେ ୫୧ଟି କ୍ଷୁଦ୍ର ଏବଂ ମଧ୍ୟମ ଶିଳ୍ପ ପାଇଁ ଇଡ୍‌କୋ ପକ୍ଷରୁ ଜାଗା ଯୋଗାଇ ଦିଆଯାଇଥିବା ବେଳେ ୧୫ଟି ଶିଳ୍ପ ସଂସ୍ଥାରେ ତାଲା ଝୁଲିସାରିଲାଣି। କେବଳ କାଙ୍ଗୁଲାରେ ଥିବା ୬ଟି ଶିଳ୍ପରୁ ୩ବର୍ଷ ତଳେ ୨ଟି ବନ୍ଦ ହୋଇଯାଇଛି। ତାଳଚେରରେ ନବଭାରତ ସହ ୨୦ଟି ଶିଳ୍ପ ମଧ୍ୟରୁ ୮ଟି ବନ୍ଦ ହୋଇସାରିଛି। ଅନୁଗୋଳ ସହରାଞ୍ଚଳରେ ଥିବା ୨୫ଟିରୁ ୫ଟି ଶିଳ୍ପ ବନ୍ଦ ହୋଇଥିବା ସୂଚନା ମିଳିଛି। ବଲାଙ୍ଗୀର ଜିଲା ଦେଓଗାଁସ୍ଥିତ ବିଜୟାନନ୍ଦ ସମବାୟ ଚିନିକଳ, ସଇଁତଳାର ପ୍ଲାଏଉଡ୍ କାରଖାନା, ବଙ୍ଗୋମୁଣ୍ଡା ସିମେଣ୍ଟ କାରଖାନା, ବଲାଙ୍ଗୀର ଓ ଟିଟିଲାଗଡ ଅଞ୍ଚଳରେ ଥିବା ୮ଟି ଗ୍ରାନାଇଟ୍ କଟିଂ ଓ ପଲିସିଂ ୟୁନିଟ୍ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। କେନ୍ଦୁଝର ଜିଲା ଶିଳ୍ପ କେନ୍ଦ୍ରରୁ ମିଳିଥିବା ତଥ୍ୟରୁ ଜଣାପଡିଛି ଯେ, ବନ୍ଦ ଥିବା ଶିଳ୍ପ ମଧ୍ୟରୁ ଓଡ଼ିଶା ସ୍ପଞ୍ଜ ଆଇରନ ଲିଃ କାରଖାନାରେ ୬୧୫ ଶ୍ରମିକ କାମ କରୁଥିଲେ। ସେହିପରି କଳିଙ୍ଗ ଆଇରନ ୱାର୍କ୍ସରେ ୧୪୬୩ ଜଣ, ଦୀପକ ଷ୍ଟିଲ ଆଣ୍ଡ ପାୱାର ଲିଃରେ ୧୨୯, ଶ୍ରୀଗଣେଶ ସ୍ପଞ୍ଜ ଆଇରନ ଲିଃରେ ୧୦୦, ଶେଷାଗୋଆ ଲିମିଟେଡ ଏଣ୍ଟରପ୍ରାଇଜର୍ସରେ ୧୨୭, ଇଷ୍ଟ ଇଣ୍ଡିଆ ମିନେରାଲ୍ସରେ ୨୧୨, ଆଦିତ୍ୟ ସ୍ପଞ୍ଜ ଆଣ୍ଡ ପାୱାର ପ୍ରାଇଭେଟ ଲିମିଟେଡରେ ୧୪୦, ଶ୍ରୀଜଗନ୍ନାଥ ମେଟାଲିକ୍ସ ଲିଃରେ ୧୦୦, କୁସୁମ ପାୱାରମେଟ୍ ପ୍ରାଇଭେଟ ଲିମିଟେଡ୍‌ରେ ୧୦୦, ବାଂଶପାଣି ଆଇରନ ଲିମିଟେଡରେ ୩୬, ଓଏମ୍‌ଡିସି ସ୍ପଞ୍ଜ ଆଇରନ ପ୍ଲାଣ୍ଟରେ ୬୫, ଦୀପକ ଷ୍ଟିଲ ପାୱାର ଲିମିଟେଡରେ ୫୪ ଜଣ ଶ୍ରମିକ ଓ କର୍ମଚାରୀ କାମ କରୁଥିଲେ। ତେବେ ପ୍ରଶାସନ ପକ୍ଷରୁ ଦର୍ଶାଯାଉଥିବା ସଂଖ୍ୟାଠାରୁ ଅଧିକ ସଂଖ୍ୟାରେ କାରଖାନା ବନ୍ଦ ହୋଇଯାଇଛି। ସେହିପରି ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ରୋଜଗାର ହରାଇଥିବା ଶ୍ରମିକ ଓ କର୍ମଚାରୀଙ୍କ ସଂଖ୍ୟା ବହୁ ଅଧିକ ହେବ ବୋଲି ସିଟୁ ଜେନେରାଲ ସେକ୍ରେଟାରି ଇନ୍ଦ୍ରମଣି ବେହେରା କହିଛନ୍ତି।

ଲୋକଙ୍କୁ ବିକାଶର ନାନା ପ୍ରତିଶ୍ରୁତି ଦିଆଯାଇ ଘରୋଇ ପୁଞ୍ଜି ନିବେଶରେ ବହୁ ଶିଳ୍ପ ଗଢ଼ି ଉଠିଛି। ହେଲେ ସବୁ ପ୍ରତିଶ୍ରୁତି କଥାରେ ରହିଗଲା। ସ୍ଥାନୀୟ ଚାକିରି ତ ଦୂରର କଥା, ଅସ୍ଥାୟୀ ଠିକା ସଂସ୍ଥାରେ ଦିନ ମଜୁରିଆ କାର୍ଯ୍ୟ ପାଇଁ ବି ଏବେ ରାଜ୍ୟ ବାହାର ଲୋକଙ୍କୁ ଅଗ୍ରାଧିକାର ମିଳୁଛି। ଯେଉଁ କିଛି ଲୋକ ଜମିବାଡ଼ି, ଘରଦ୍ୱାର ହରାଇ କାରଖାନାରେ ଚାକିରି କରୁଛନ୍ତି ତାହା ମଧ୍ୟ ସ୍ଥାୟୀ ନୁହେଁ। ତଥାପି ନିଯୁକ୍ତି ଏବଂ ଅଞ୍ଚଳର ଆର୍ଥିକ ଅବସ୍ଥାର ଉନ୍ନତି ଆଶାରେ ଲୋକେ ଶିଳ୍ପ କାରଖାନାକୁ ସ୍ୱାଗତ କରୁଛନ୍ତି। ବିଧାନସଭାର ଉତ୍ତର ଅନୁଯାୟୀ ଝାରସୁଗୁଡ଼ା ଜିଲାର ଆକ୍ସନ ଇସ୍ପାତ ଓ ପାୱାର ଲିଃ, ଜୈନ ଷ୍ଟିଲ ଓ ପାୱାର ଲିଃ ଏବଂ ଏମ୍‌ଏସ୍‌ପି ମେଟାଲିକ୍ସ ଲିଃ, କେନ୍ଦୁଝର ଜିଲାର ଦୀପକ ଷ୍ଟିଲ ଓ ପାୱାର ଏବଂ ଓଡ଼ିଶା ସ୍ପଞ୍ଜ ଆଇରନ ଓ ଷ୍ଟିଲ ଲିଃ, କଟକ ଜିଲାର ମହେଶ୍ୱରୀ ଇସ୍ପାତ ଲିଃ, ସମ୍ବଲପୁର ଜିଲାର ରାଠି ଷ୍ଟିଲ ଓ ପାୱାର ଓ ମା' ସମଲେଶ୍ୱରୀ ଇଣ୍ଡଷ୍ଟ୍ରିଜ ବନ୍ଦ ଥିବା ସୂଚନା ରହିଛି। କିନ୍ତୁ ବାସ୍ତବରେ ବନ୍ଦ ଶିଳ୍ପ ସମ୍ପର୍କରେ ଏହି ତଥ୍ୟ ଅତ୍ୟନ୍ତ ନଗଣ୍ୟ। ଏଥିରୁ ବୃହତ୍ ଓ ମଧ୍ୟମ ଶିଳ୍ପର ସ୍ଥିତି ଏବଂ ଅଗ୍ରଗତି ସମ୍ପର୍କରେ ସରକାର କେତେ ସଚେତନ ଅଛନ୍ତି ତାହା ସ୍ପଷ୍ଟ ହୋଇଯାଉଛି।

ସରକାରଙ୍କ ପାଖରେ ଯେଭଳି ବନ୍ଦ ଶିଳ୍ପ ସମ୍ପର୍କରେ ସବିଶେଷ ତଥ୍ୟ ନାହିଁ, ସେଭଳି ତ୍ରୁଟିପୂର୍ଣ୍ଣ ଶିଳ୍ପନୀତି ଅନେକ ଶିଳ୍ପସଂସ୍ଥାକୁ ବିଭିନ୍ନ ଜିଲାରୁ ମୁହଁ ଫେରାଇ ନେବା ପାଇଁ ବାଧ୍ୟ କରୁଛି, ଯାହାର ଉଦାହରଣ ହେଉଛି ଢେଙ୍କାନାଳ ଜିଲା। ଏହି ଜିଲାରେ ୨୦୦୫ରୁ ୨୦୧୪ ମଧ୍ୟରେ ବହୁ ଉତ୍ପାଦନକ୍ଷମ ଶିଳ୍ପ ବନ୍ଦ ହୋଇଯାଇଛି। ସେଥିମଧ୍ୟରେ ରହିଛି ଗୋବିନ୍ଦପୁରସ୍ଥିତ କଳିଙ୍ଗ ସୂତାକଳ, ଗୁଣ୍ଡିଚାପଡ଼ା ଶିଳ୍ପାଞ୍ଚଳରେ ଥିବା ଇପି ଷ୍ଟିଲ୍ ଲିମିଟେଡ୍, ନୀଳାଚଳ ରିଫ୍ରାକ୍ଟୋରିଜ୍ ଲିମିଟେଡ୍, ଶିବାନନ୍ଦ ଫେରୋଆଲଏଜ୍, ମେରାମଣ୍ଡଳୀ ଅଞ୍ଚଳରେ ଥିବା ମଙ୍ଗିଲାଲ୍ ରୁଙ୍ଗ୍‌ଟା, ସାମଲ ମେଟାଲିକ୍ସ, ପରଜଙ୍ଗସ୍ଥିତ ରାଣା ସ୍ପଞ୍ଜ ଆଦି କମ୍ପାନୀ। ଏହାର ପ୍ରଭାବରେ ୨୦୧୪ ପରବର୍ତ୍ତୀ ସମୟରେ ଗୋଟିଏ ବି ଶିଳ୍ପସଂସ୍ଥା ଜିଲା ମୁହାଁ ହୋଇ ନ ଥିବାବେଳେ ଓଲଟି ସରକାରଙ୍କ ତ୍ରୁଟିପୂର୍ଣ୍ଣ ଶିଳ୍ପନୀତି ଯୋଗୁ ସ୍ଥାପିତ ହୋଇଥିବା କମ୍ପାନୀଗୁଡ଼ିକ ରୁଗ୍‌ଣ ହୋଇପଡ଼ିଛି। ଅନ୍ୟପକ୍ଷେ ନିର୍ଦ୍ଦିଷ୍ଟ ଭାବେ ଜମି ଦଖଲ ମିଳି ନ ଥିବାରୁ ଯାଜପୁର ଜିଲା କଳିଙ୍ଗନଗରର ୩୬ଟି ସ୍ମଲ ସ୍କେଲ ଇଣ୍ଡଷ୍ଟ୍ରିଜ୍ (ଏସ୍‌ଏସ୍‌ଆଇ) ନିର୍ମାଣ କାର୍ଯ୍ୟ ଅଟକି ରହିଛି। ଏହାବାଦ ପ୍ରସ୍ତାବିତ ଏସ୍‌ଏସ୍‌ଆଇ କାର୍ଯ୍ୟ ଆରମ୍ଭ ପାଇଁ ରାସ୍ତା, ଡ୍ରେନେଜ୍, ବିଦ୍ୟୁତ୍, ପାଣି ଯୋଗାଣ ଇତ୍ୟାଦି ପ୍ରମୁଖ ସୁବିଧା ମିଳି ନ ଥିବାରୁ ଡାଉନଷ୍ଟ୍ରିମ ଶିଳ୍ପର ଅଗ୍ରଗତି ଏକ ପ୍ରକାର ସ୍ଥାଣୁ ପାଲଟିଛି।

## ୨୦ରୁ ବିଧାନସଭା

୨୯ରେ ବ୍ୟୟ ମଞ୍ଜୁରୀ ବିଲ୍ ଗୃହୀତ ହେବ। ନଭେମ୍ବର ୩୦ରେ ରାସ ପୂର୍ଣ୍ଣିମା ଓ ଡିସେମ୍ବର ୨୫ରେ ବଡ଼ଦିନ ଲାଗି ବିଧାନସଭା ଅଧିବେଶନ ବନ୍ଦ ରହିବ। ଏହି ଅଧିବେଶନରେ ସରକାର ବିଧାନସଭାରେ ବହୁ ବିଲ୍ ପାରିତ କରିବେ। ଏଠାରେ ସୂଚନା ଯୋଗ୍ୟ ଯେ, ଷୋଡ଼ଶ ବିଧାନସଭାର ପଞ୍ଚମ ଅଧିବେଶନ କୋଭିଡ୍ ମହାମାରୀ କଟକଣା ଯୋଗୁ ସୀମିତ ହୋଇଯାଇଛି। ଏହି ଅଧିବେଶନ ମାତ୍ର ୨୦ ଦିନ ହୋଇଥିବା ବେଳେ ଆହୁରି ୪୦ ଦିନ ଗୃହ କାର୍ଯ୍ୟ ବାକି ରହିଥିଲା। ଆସନ୍ତା ଅଧିବେଶନରେ ଅବଶିଷ୍ଟ କାର୍ଯ୍ୟ ଦିବସକୁ ପୂରଣ କରାଯିବା ନେଇ ବିଜ୍ଞପ୍ତି ପ୍ରକାଶିତ ହୋଇଛି। ଗତ ମୌସୁମୀ ଅଧିବେଶନ ୮ ଦିନ ପାଇଁ ବସିଥିଲା। ସେପ୍ଟେମ୍ବର ୨୯ରୁ ଆରମ୍ଭ ହୋଇ ଦିନକ ପୂର୍ବରୁ ଅର୍ଥାତ୍ ଅକ୍ଟୋବର ୬ରେ ଶେଷ ହୋଇଥିଲା। ବିଧାନସଭା ଆରମ୍ଭ ହେବାର ଦୁଇଦିନ ପୂର୍ବରୁ ମନ୍ତ୍ରୀ, ବିଧାୟକ, ବିଧାନସଭା କର୍ମଚାରୀ, ଖବରଦାତାମାନଙ୍କର କୋଭିଡ୍ ପରୀକ୍ଷା କରାଯାଇଥିଲା। କୋଭିଡ୍ କଟକଣା ମଧ୍ୟରେ ବିଧାନସଭା ଅଧିବେଶନ ଶେଷ ହୋଇଥିଲା।

## ପ୍ରଥମ ପୃଷ୍ଠାରୁ...

## ପାଣିରେ ପଡ଼ିଲା ...

୩୩.୨୨ କୋଟି ଟଙ୍କା ବରବାଦ ହୋଇଛି। ଓଡ଼ିଶା ସମନ୍ୱିତ ଜଳସେଚିତ ଏବଂ ଜଳ ପରିଚାଳନା ନିବେଶ କାର୍ଯ୍ୟକ୍ରମ ଅନ୍ତର୍ଗତ ୮୧୦୦ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦେବାକୁ ଗୋହିରା ଜଳସେଚନ ପ୍ରକଳ୍ପ ଆରମ୍ଭ ହୋଇଥିଲା। ଏହି ପ୍ରକଳ୍ପ ଲାଗି ୭ଟି ପ୍ୟାକେଜ ମାଧ୍ୟମରେ ୨୦୧୦ ସେପ୍ଟେମ୍ବରରୁ ୨୦୧୨ ମଧ୍ୟରେ ୨୨.୬୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା। ପ୍ରକଳ୍ପ କାର୍ଯ୍ୟ ୨୦୧୨ରୁ ୨୦୧୪ ମାର୍ଚ୍ଚ ମଧ୍ୟରେ ଶେଷ କରାଯିବାକୁ ସ୍ଥିର ହୋଇଥିଲା। ହେଲେ ଏହି କାର୍ଯ୍ୟ ୨୦୧୨ରୁ ୨୦୧୫ ମଧ୍ୟରେ ଶେଷ ହୋଇଥିଲା। ଠିକାଦାରଙ୍କୁ ଏ ବାବଦରେ ୨୮.୦୬ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ଏହାଛଡ଼ା କମାଣ୍ଡ ଏରିଆକୁ ଜଳ ବିତରଣ ନିମନ୍ତେ ୧୨୦ ଜଳାଶୟରୁ ୭୧ଟି ନିର୍ମାଣ ପାଇଁ ୫.୧୬ କୋଟି ଟଙ୍କା ଦିଆଯାଇଥିଲା। ଏହି କାର୍ଯ୍ୟ ୨୦୧୨ରୁ ୨୦୧୪ ମଧ୍ୟରେ ସମ୍ପନ୍ନ ହୋଇଥିଲା।

ଓଡ଼ିଶା ଲୋକ ନିର୍ମାଣ ବିଭାଗ ସଂହିତା (ଓପିଡବ୍ଲ୍ୟୁଡି କୋଡ୍)ର ଧାରା ୩.୪.୧୯(କ) ଅନୁସାରେ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରି ଜଳର ଉତ୍ସ, ବର୍ଷର ବିଭିନ୍ନ ସମୟରେ ଜଳର ଉପଲବ୍ଧତା ଓ ବ୍ୟବହାରଯୋଗ୍ୟ ଜଳର ପରିମାଣ ବିଷୟରେ ଅନୁଧ୍ୟାନ କରିବା ବାଧ୍ୟତାମୂଳକ। ତେବେ ଏ ସବୁକୁ ଖୋଲାଖୋଲି ଉଲ୍ଲଂଘନ କରାଯାଇଛି। ଗୋହିରା ଜଳସେଚନ ପ୍ରକଳ୍ପକୁ ଅନୁଧ୍ୟାନ କରିବା ପରେ ସିଏଜି ଜାଣିବାକୁ ପାଇଛନ୍ତି ଯେ, ନିର୍ମାଣ କାର୍ଯ୍ୟର ଠିକ୍ ପୂର୍ବରୁ ଅର୍ଥାତ ରବି କୃଷି ଋତୁ ୨୦୦୯-୧୧ରେ କୌଣସି ଜଳ ଉପଲବ୍ଧ ନ ଥିଲା। ଏହଛଡ଼ା ୨୦୧୧-୧୫ ମଧ୍ୟରେ କମାଣ୍ଡ ଏରିଆକୁ ଜଳ ଯୋଗାଣ ପରିମାଣ ୫୫୦ରୁ ୪୩୦୯ ହେକ୍ଟର ମଧ୍ୟରେ ରହିଥିଲା। କେବଳ ସେତିକି ନୁହେଁ, ୨୦୧୬ରୁ ୨୦୧୮ ମଧ୍ୟରେ ଡ୍ୟାମଟି ଶୁଖିଲା ପଡ଼ିଥିଲା। ଏଥିଯୋଗୁ ସରକାରଙ୍କୁ ୩୩.୨୨ କୋଟି ଟଙ୍କାର କ୍ଷତି ସହିବାକୁ ପଡିଛି।

ଅନ୍ୟ ପକ୍ଷରେ କେନାଲ ଶଯ୍ୟାରେ କଂକ୍ରିଟ ମୋଟେଇ ବୃଦ୍ଧି କରାଯାଇ ସରକାରଙ୍କୁ ୧୪.୩୮ କୋଟି ଟଙ୍କାର ଚୂନ ଲଗାଯାଇଛି। ଭାରତୀୟ ମାନକ ସଂସ୍ଥା କେନାଲ ଶଯ୍ୟାରେ ସିମେଣ୍ଟ କଂକ୍ରିଟ ନିର୍ମାଣ କରିବା ପାଇଁ ଆଇଏସ୍ ୩୮୭୩:୧୯୯୩ରେ ପ୍ରସ୍ତାବ ଦେଇଥିଲେ। ସେହି ମାନକ ଅନୁଯାୟୀ ଲାଇନିଂର ମୋଟେଇ କେନାଲର ଜଳଧାରଣ କ୍ଷମତା ଉପରେ ନିର୍ଭର କରେ। ବ୍ରହ୍ମପୁର ଜଳସେଚନ ଡିଭିଜନର ନଥିପତ୍ର ଯାଞ୍ଚ କରିବା ପରେ ସିଏଜି ଜାଣିବାକୁ ପାଇଛନ୍ତି ଯେ, ୧୫ଟି କେନାଲର ଉନ୍ନତୀକରଣ କାର୍ଯ୍ୟ ପାଇଁ ମୁଖ୍ୟଯନ୍ତ୍ରୀଙ୍କଠାରୁ ଆରମ୍ଭ କରି ଅଧୀକ୍ଷଣ ଯନ୍ତ୍ରୀ ଯାଏ ୫୧.୩ କୋଟି ଟଙ୍କା ବ୍ୟୟବରାଦ କରିଥିଲେ। ୨୦୧୪ ମେ'ରୁ ୨୦୧୭ ସେପ୍ଟେମ୍ବର ମଧ୍ୟରେ ୫୭.୬୯ କୋଟି ଟଙ୍କାର କାର୍ଯ୍ୟାଦେଶ ଦିଆଯାଇଥିଲା। ୨୦୧୫ରୁ ୨୦୧୮ ମଧ୍ୟରେ କାର୍ଯ୍ୟଗୁଡିକ ଶେଷ ହେବାର ଥିଲା। ମାତ୍ର ୨୦୧୮ ଯାଏ କାର୍ଯ୍ୟ ଚାଲୁ ରହିଥିଲା। ଇତିମଧ୍ୟରେ ଠିକାଦାରଙ୍କୁ ୪୭.୭୭ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟଗୁଡିକରେ ମୁଖ୍ୟତଃ ଏମ୍-୧୫ ଗ୍ରେଡ୍ ସିମେଣ୍ଟ କଂକ୍ରିଟ ଦ୍ୱାରା ଲାଇନିଂ ନିର୍ମାଣ ହେବାର ଥିଲା। କେନାଲ ପ୍ରଣାଳୀଗୁଡିକର ନିଷ୍କାସନ କ୍ଷମତା ୦.୦୬ରୁ ୧୦.୩୮ କ୍ୟୁସେକ୍ ମଧ୍ୟରେ ରହିଥିଲା। ଲାଇନିଂର ମୋଟେଇକୁ ଏମ୍-୧୫ ଗ୍ରେଡ୍‌ରୁ ୬୦/୭୫ ମି.ମି.ରେ ସୀମିତ ରଖିବା ପରିବର୍ତ୍ତେ ଏମ୍-୧୦/୧୫ ଗ୍ରେଡ୍ ୧୫୦ ମି.ମି. ମୋଟେଇ ବିଶିଷ୍ଟ କଂକ୍ରିଟ୍ ଲାଇନିଂ ବ୍ୟବସ୍ଥା ହୋଇଥିଲା। ଅତିରିକ୍ତ କଂକ୍ରିଟ ଲାଇନିଂର ବ୍ୟବସ୍ଥା ଭାରତୀୟ ମାନକକୁ ଉଲ୍ଲଂଘନ କରୁଥିଲା। ଫଳରେ ୧୫.୫୨ କୋଟି ଟଙ୍କା ଅଯଥା ବ୍ୟୟ ହୋଇଥିବା ସିଏଜିଙ୍କ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ଅର୍ଣ୍ଣବ ଗୋସ୍ୱାମୀ ...

ଉପରେ ୮୩ ଲକ୍ଷ, ଆଇକାଷ୍ଟଏକ୍ସ/ସ୍କିମିଡିଆର ଫିରୋଜ ଶେଖ୍‌ଙ୍କ ଠାରେ ୪ କୋଟି ଓ ସ୍ମାର୍ଟୱାର୍କ୍ସର ନୀତୀଶ ଶାରଦାଙ୍କ ଉପରେ ୫୫ ଲକ୍ଷ ଟଙ୍କା ବକେୟା ଥିବାବେଳେ ସେମାନେ ଏହି ଅର୍ଥ ପଇଠ କରୁ ନ ଥିବାରୁ ବାଧ୍ୟହୋଇ ଆତ୍ମହତ୍ୟାର ପଥ ବାଛି ନେଇଥିବା ଅନ୍ୱୟ ଏଥିରେ ଉଲ୍ଲେଖ କରିଥିଲେ। ଗତ ମେ'ରେ ସ୍ଥପତିଙ୍କ ଝିଅ ଆଦନ୍ୟା ନାଏକଙ୍କ ଅଭିଯୋଗ କ୍ରମେ ସାନି ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିବା ନେଇ ମହାରାଷ୍ଟ୍ର ଗୃହମନ୍ତ୍ରୀ ଅନିଲ ଦେଶମୁଖ କହିଥିଲେ। ପୋଲିସ କହିଛି, ଏହି ମାମଲାରେ ଅର୍ଣ୍ଣବଙ୍କ ବିରୋଧରେ ପ୍ରମାଣ ରହିଛି। ରିପବ୍ଲିକ୍ ଟିଭି ମୁଖ୍ୟ ସମ୍ପାଦକଙ୍କ ସ୍ତ୍ରୀଙ୍କୁ ତାଙ୍କ ଗିରଫଦାରି ନେଇ ସୂଚନା ଦିଆଯିବାରୁ ସେ କାଗଜପତ୍ର ଚିରି ଦେଇଥିଲେ। ଅର୍ଣ୍ଣବଙ୍କୁ ରାୟଗଡ଼ ଜିଲା ଆଲିବାଗ୍ ଥାନାକୁ ନିଆଯାଇଛି। ତାଙ୍କୁ ଭାରତୀୟ ଦଣ୍ଡବିଧି ଆଇନ (ଆଇପିସି) ଦଫା ୩୦୬ (ଆତ୍ମହତ୍ୟା ପାଇଁ ଉସୁକାଇବା) ଓ ୩୪ (ସମାନ ଉଦ୍ଦେଶ୍ୟ ରଖି ଅପରାଧ ଘଟାଇବା) ବଳରେ ଗିରଫ କରାଯାଇଛି। ଏହି ମାମଲାରେ ଅନ୍ୟ ଦୁଇ ଜଣଙ୍କୁ ମଧ୍ୟ ଗିରଫ କରାଯାଇଛି। ଅନ୍ୟପକ୍ଷେ ଅର୍ଣ୍ଣବଙ୍କୁ ଭ୍ୟାନରେ ବସାଇ ନିଆଯାଉଥିବା ବେଳେ ପୋଲିସ ତାଙ୍କୁ ଓ ତାଙ୍କ ପୁଅଙ୍କୁ ଆକ୍ରମଣ କରିଥିବା ସେ ଅଭିଯୋଗ ଆଣିଥିଲେ। ଏପରି କି ପୋଲିସ ଅର୍ଣ୍ଣବଙ୍କୁ ତାଙ୍କ ସମ୍ପର୍କୀୟଙ୍କ ସହ ସାକ୍ଷାତ କରାଇଦେଇ ନ ଥିଲା ବୋଲି ସେ କହିଛନ୍ତି। ରିପବ୍ଲିକ୍ ଟିଭି ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, ଅନ୍ୱୟଙ୍କ ସଂସ୍ଥାକୁ ସମ୍ପୂର୍ଣ୍ଣ ଅର୍ଥ ପଇଠ କରାଯାଇଛି।

ଇତିମଧ୍ୟରେ ଅର୍ଣ୍ଣବଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନକୁ ଭାଜପା ପକ୍ଷରୁ କଡ଼ା ନିନ୍ଦା କରାଯାଇଛି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା କହିଛନ୍ତି, ଏହା ହେଉଛି ରାଜ୍ୟ କ୍ଷମତାର ଖୋଲାଖୋଲି ଅପବ୍ୟବହାର। ଗଣମାଧ୍ୟମର ସ୍ୱାଧୀନତା ଓ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଉପରେ ଆକ୍ରମଣକୁ ବିରୋଧ କରାଯିବ। ବିରୋଧୀ କଂଗ୍ରେସ ଓ ଏହାର ସହଯୋଗୀ ଦଳଗୁଡ଼ିକ ଗଣତନ୍ତ୍ରକୁ ଲଜ୍ଜିତ କରିଛନ୍ତି। ଏହି ଘଟଣା ଆମ ମନରେ ଜରୁରିକାଳୀନ ପରିସ୍ଥିତି ବେଳର ସ୍ମୃତିକୁ ଉଜ୍ଜୀବିତ କରିଛି ବୋଲି ଶାହା ଟୁଇଟ୍ କରିଛନ୍ତି। ସେହିପରି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ, ପ୍ରକାଶ ଜାଭଡେକର ଓ ସ୍ମୃତି ଇରାନୀ ମଧ୍ୟ ଅର୍ଣ୍ଣବଙ୍କ ଗିରଫଦାରିକୁ ନିନ୍ଦା କରିଛନ୍ତି। ମହାରାଷ୍ଟ୍ର ଗୃହମନ୍ତ୍ରୀ ଅନିଲ ଦେଶମୁଖ କହିଛନ୍ତି, କେହି ଆଇନର ଊର୍ଦ୍ଧ୍ୱରେ ନୁହନ୍ତି। ପୋଲିସ ଆଇନାନୁସାରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେଇଛି। ଶିବସେନା ନେତା ସଞ୍ଜୟ ରାଉତ କହିଛନ୍ତି, ମହା ବିକାଶ ଅଘାଡ଼ି ସରକାର ଗତବର୍ଷ କ୍ଷମତାକୁ ଆସିବା ପରଠାରୁ କେବେ ପ୍ରତିଶୋଧପରାୟଣ ହୋଇ କାର୍ଯ୍ୟାନୁଷ୍ଠାନ ନେଇନାହିଁ। ଅର୍ଣ୍ଣବଙ୍କ ଗିରଫଦାରି ସହିତ କୌଣସି ରାଜନୈତିକ ଦଳର କିଛି ସମ୍ପର୍କ ନାହିଁ। ଅନ୍ୱୟଙ୍କ ସ୍ତ୍ରୀ ଅକ୍ଷତ ଓ ଝିଅ ଆଦନ୍ୟା ଗଣମାଧ୍ୟମକୁ କହିଛନ୍ତି, ଆତ୍ମହତ୍ୟାର ତଦନ୍ତ ପାଇଁ ସେମାନେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ଏବଂ ରାୟଗଡ଼ ଏସ୍‌ପିଙ୍କୁ ପତ୍ର ଲେଖି ଅନୁରୋଧ କରିଥିଲେ। ତେବେ ଅର୍ଣ୍ଣବ ଗୋସ୍ୱାମୀଙ୍କ ଯୋଗୁ ଏହାକୁ ଚପାଇ ରଖାଯାଇଥିଲା। ଏବେ ତାଙ୍କୁ ଗିରଫ କରାଯାଇଥିବାରୁ ପୋଲିସକୁ ମା'ଝିଅ ଧନ୍ୟବାଦ ଦେଇଛନ୍ତି।

## ରାସ୍ତା ଉପରେ ୨...

ବିରୋଧ କରିଥିଲେ। ହେଲେ ଲଳିତ ସେମାନଙ୍କୁ ଗାଳିଗୁଲଜ କରିବା ସହ ଟଙ୍କା ନ ଦେଲେ ଦୁହିଁଙ୍କୁ ଜୀବନରୁ ମାରିଦେବି ବୋଲି ଧମକ ଦେଇଥିଲେ। ଏଥିରେ ଭୟଭୀତ ହୋଇ ଚନ୍ଦ୍ରିକା ତାଙ୍କୁ ୨ଶହ ଟଙ୍କା ଦେଇ ସେଠାରୁ ପଳାଇ ଆସିଥିଲେ। ଏହାର କିଛି ସମୟ ପରେ ଚନ୍ଦ୍ରିକା ଓ ପ୍ରେମଲତା ସାଇକେଲରେ ଘରକୁ ଫେରୁଥିବା ବେଳେ ଲଳିତ ଏକ ବାଇକ୍‌ରେ ଆସି ରାସ୍ତା ମଝିରେ ଉଭୟଙ୍କୁ ଅଟକାଇଥିଲେ। ଏହାପରେ ସେ ଚନ୍ଦ୍ରିକାଙ୍କୁ ଲକ୍ଷ୍ୟ କରି ଗାଳିଗୁଲଜ କରିବା ସହ ତାଙ୍କୁ ଅସଦାଚରଣ କରିବାକୁ ଉଦ୍ୟମ କରିଥିଲେ। ପ୍ରେମଲତା ଏହାର ପ୍ରତିବାଦ କରିବାରୁ ଲଳିତ ପାଖରେ ରଖିଥିବା ଏକ ଛୁରି ବାହାର କରି ଉଭୟଙ୍କୁ ଆକ୍ରମଣ କରିଥିଲେ।

ଚନ୍ଦ୍ରିକାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ.୧୫୦/୨୦) ରୁଜୁ କରିବା ସହ ତନଘନା ଚଳାଇଛି। କେଉଁ କାରଣକୁ ନେଇ ଲଳିତ ଉଭୟ ଯୁବତୀଙ୍କୁ ଆକ୍ରମଣ କଲେ ତା'ର ତଦନ୍ତ ଚାଲିଥିବା ପୋଲିସ କହିଛି।

## ସ୍କୁଲ ଖୋଲିବାକୁ ...

ଡ୍ରାଫ୍ଟ ଷ୍ଟେଜ୍‌ରେ ଏସ୍‌ଓପି ରହିଛି। ନବମରୁ ଦ୍ୱାଦଶ ଯାଏ ସମ୍ପୂର୍ଣ୍ଣ କ୍ଲାସ୍ ହେବ। ସ୍କୁଲ ଛାଡ଼ିବା ପାଇଁ ଅଭିଭାବକ ରାଜି ନ ହେଲେ ଅନ୍‌ଲାଇନ ଶିକ୍ଷା ବ୍ୟବସ୍ଥା କରାଯିବ। ସେପଟେ ୩୦ପ୍ରତିଶତ ପାଠ୍ୟକ୍ରମ ହ୍ରାସ ହୋଇଛି। ଆଉ ଅଧିକ ହ୍ରାସ ହେବ ନାହିଁ। ବାକି ୭୦ପ୍ରତିଶତ ପାଠ୍ୟକ୍ରମ ପାଇଁ ନୂଆ କ୍ୟାଲେଣ୍ଡର ପ୍ରସ୍ତୁତ ହେବ। ଫଳରେ ଛାତ୍ରୀଛାତ୍ରଙ୍କ ଶିକ୍ଷା ଗ୍ରହଣରେ କୌଣସି ଅସୁବିଧା ହେବ ନାହିଁ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଭାଗ୍ୟସ୍ଥାନକୁ ଚନ୍ଦ୍ରଙ୍କ ଦୃଷ୍ଟି ଯୋଗୁ ହସଖୁସିରେ ସମୟ ଅତିବାହିତ କରିବାର ସୁଯୋଗ ପାଇବେ। କିନ୍ତୁ ପରିବାର, ଯାନବାହନ, ପରିବହନ ଏବଂ ବାଣିଜ୍ୟ, ଶିଳ୍ପ କ୍ଷେତ୍ରରେ ମଧ୍ୟ ଶିଥିଳତା ଦେଖାଦେଇପାରେ। ପରିବାରର ବିଗତ ଦିନର ସମସ୍ୟାଗୁଡ଼ିକର ସମାଧାନ ସକାଶେ ପ୍ରଯତ୍ନ କଲେ ଉପକୃତ ହେବେ। ସ୍ୱାସ୍ଥ୍ୟ ପ୍ରାୟତଃ ଠିକ୍ ରହିବ।

**ବୃଷ** ଆଦୌ ଆଶା କରି ନ ଥିବା କୌଣସି ଜିନିଷ କିମ୍ବା ଖବର ପାଇ ଖୁସି ହୋଇଯିବେ। କର୍ମକ୍ଷେତ୍ରରେ ଅପରିଚିତ ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ସାମାଜିକ ସ୍ତରରେ ହାତକୁ ନେଇଥିବା ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବେ। ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ର ମନ୍ଦ ହେବନି, ତଥାପି ରୋଜଗାରଠାରୁ ଖର୍ଚ୍ଚ ବଳିଯାଇପାରେ।

**ମିଥୁନ** ଗତକାଲିର କଳିତକରାଳ ବିଷୟର ପର୍ଯ୍ୟାଲୋଚନା କରି ଅନ୍ୟମନସ୍କ ରହିପାରନ୍ତି। କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିପାରନ୍ତି। କିନ୍ତୁ ପୁନର୍ବସୁ ନକ୍ଷତ୍ରର ଦୀର୍ଘଦିନର ଆଶା ଫଳବତୀ ହେବାରେ କୌଣସି ଅସୁବିଧା ରହିବ ନାହିଁ। ମାଲିମକଦ୍ଦମାରେ ସଫଳତା ପାଇବା କଷ୍ଟକର ହୋଇପାରେ।

**କର୍କଟ** କାର୍ଯ୍ୟ ସାଧନରେ ନିଜ ଲୋକଙ୍କ ତରଫରୁ ସହଯୋଗ ପାଇବାରେ କୌଣସି ଅସୁବିଧା ରହିବ ନାହିଁ। ଯାନବାହନ, ବ୍ୟବସାୟ ଓ ବାଣିଜ୍ୟରୁ ଲାଭବାନ ହେବେ। ନିର୍ମାଣାଧୀନ ଗୃହ, ରାସ୍ତାକାମ ହଠାତ୍ କିଛିଦିନ ସକାଶେ ଅଟକି ରହିଯାଇପାରେ। ଲେଖାପଢ଼ା, ଆଲୋଚନା, ଚୁକ୍ତିପତ୍ର କ୍ଷେତ୍ରରେ ସୁଫଳର ଆଶା ରହିଛି।

**ସିଂହ** ରୁଗ୍‌ଣ ପିତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା କାରଣରୁ ମନ ଏକପ୍ରକାର ହାଲୁକା ହୋଇଯିବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ବିଶେଷ ଉନ୍ନତି କରିବେ। ଗୃହ, ଜମିଜମା ସମ୍ବନ୍ଧୀୟ ବିଷୟରେ ଯୋଗାଯୋଗ କଲେ ଅବଶ୍ୟ ଉପକୃତ ହେବେ। ଧାର କରଜ କରି ଆବଶ୍ୟକତା ପୂରଣ କରିବା ପାଇଁ ମନସ୍ଥ କରିପାରନ୍ତି।

**କନ୍ୟା** ବିଭିନ୍ନପ୍ରକାର କାମରେ ଅନୁପ୍ରବେଶ କରି ମନକୁ ଭାରାକ୍ରାନ୍ତ କରିପାରନ୍ତି। କର୍ମକ୍ଷେତ୍ରରେ ଏକ ସାଧାରଣ ଘଟଣାରେ ଉଚ୍ଚବାଚ ଓ ବିତର୍କ ଘଟିପାରେ। ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିବେ କିନ୍ତୁ କୌଣସି ଉପାୟ ପାଇବେ ନାହିଁ। ପାଖ ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ।

**ତୁଳା** ଆଶା କରୁଥିବା ଦିଗରୁ ଅର୍ଥ ପାଇବେ କିନ୍ତୁ ଏଥିପାଇଁ ଆପଣଙ୍କୁ ସାମାନ୍ୟ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। ବନ୍ଧୁମାନଙ୍କ ଆଚରଣରେ ଅସନ୍ତୁଷ୍ଟ ରହିବେ କିନ୍ତୁ ମୁହଁ ସାମ୍ନାରେ କିଛି କହିପାରିବେ ନାହିଁ। ପରିବାରରେ ପ୍ରତ୍ୟେକ ପରିସ୍ଥିତିକୁ ହାଲୁକା ଭାବେ ଗ୍ରହଣ କରିବା ପରକ୍ଷଣରେ ଅସୁବିଧାର କାରଣ ହୋଇପାରେ।

**ବିଛା** ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ଭୁଲ୍ ରାସ୍ତାରେ ପାଦଦେବା ଅସୁବିଧାର କାରଣ ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଫେରିଆସିବାରୁ ସାମୟିକ ଆତ୍ମତୃପ୍ତି ଲାଭ କରିବେ। ବନ୍ଧୁଗହଣରେ ସତ୍‌ସଙ୍ଗ କିମ୍ବା ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହୋଇପାରନ୍ତି। ଉପରିସ୍ଥଙ୍କ ନିକଟରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ କରିବେ।

**ଧନୁ** ସମସ୍ୟାର ସରଳ ସମାଧାନ କରିବାରେ ସଫଳତା ହାସଲ କରିପାରିବେ। ପାରିବାରିକ କଳହ, କଚେରି ମାମଲାର ଟେନ୍‌ସନ ଓ କର୍ମକ୍ଷେତ୍ରରେ ଅସ୍ଥିରତା ମାନସିକ ଅଶାନ୍ତିର କାରଣ ହୋଇପାରେ। ସଭାସମିତିରେ ଏପରି କିଛି ପ୍ରସ୍ତାବ ଦେବେ ଯାହାକି ବନ୍ଧୁମାନଙ୍କ ମନକୁ ବେଶ୍ ପାଇବ।

**ମକର** ଯେତେ ପ୍ରକାର ଭଲ କାମ କଲେ ମଧ୍ୟ ଶତ୍ରୁତା, ଈର୍ଷାପରାୟଣ, ଅସୁସ୍ଥତା ଓ ଅଭାବବୋଧ ଯୋଗୁ ମନ ଭାରାକ୍ରାନ୍ତ ରହିବ। ପ୍ରତୀକ୍ଷା କରିଥିବା କୌଣସି ଖବର ମଧ୍ୟାହ୍ନ ପରେ ପାଇ ଖୁସି ହେବେ। ପାରିବାରିକ ସମସ୍ୟା, ଛୋଟ ଜାତିର ବ୍ୟକ୍ତିଙ୍କ ସହ କଳହ, ହଜି ଯାଇଥିବା ଜିନିଷ ପାଇଁ ବ୍ୟସ୍ତତା ବଢ଼ିବ।

**କୁମ୍ଭ** ଆଜି ଆନୁଷ୍ଠାନିକ କାମରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବାର ଆଶା ରହିଛି। ସାହିତ୍ୟ, ସାମ୍ବାଦିତା, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। କଥା କଟାକଟି କାରଣରୁ ପରିବାରରେ ଅଶାନ୍ତ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ଆର୍ଥିକ ସ୍ଥିତି ସେତେଟା ଭଲ ନ ଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ।

**ମୀନ** ପରିବାର କଥା ନେଇ ବନ୍ଧୁଙ୍କ ସହ ଅଧିକାଂଶ ସମୟ ଆଲୋଚନା କରି କୌଣସି ସିଦ୍ଧାନ୍ତରେ ଉପନୀତ ହୋଇପାରନ୍ତି। ବ୍ୟବସାୟ ଏବଂ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ମଧ୍ୟ ଦୂର ହୋଇଯିବ। ବନ୍ଧୁ ମିଳନରୁ ଆନନ୍ଦିତ ହେବେ ଓ ମାଙ୍ଗଳିକ କାମରେ ବ୍ୟସ୍ତ ରହିବେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହୋଇପାରେ।

ଆଜି କାର୍ତ୍ତିକ କୃଷ୍ଣ ୫ମୀ ଗୁରୁବାର, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ନଭେମ୍ବର ୫ ତାରିଖ, ରାଶି ନକ୍ଷତ୍ର-ଆରଦ୍ରା/ମିଥୁନ, କନ୍ୟା ରାଶିର ଘାତଚନ୍ଦ୍ର, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ. ୦୫।୫୩ ଗତେ ଘ.୦୭।୨୩ ମଧ୍ୟେ, ଘ.୦୧।୨୨ ଗତେ ଘ.୦୨।୫୨ ମଧ୍ୟେ, ଘ.ସନ୍ଧ୍ୟା ଘ.୦୫।୫୭ ଗତେ ଘ.୦୯।୨୨ ମଧ୍ୟେ, ରାତ୍ର ଘ.୧୧।୫୫ ଗତେ ଘ.୦୩।୨୦ ମଧ୍ୟେ, ରାତ୍ର ଘ.୦୪।୧୧ ଗତେ ଘ.୦୫।୫୪ ମଧ୍ୟେ ଅମୃତବେଳା। ଦିବା ଘ.୧୨।୫୪ ଗତେ ଘ.୦୨।୧୮ ମଧ୍ୟେ ରାହୁକାଳ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢ଼ମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବନ୍ଧ ତଳିଆ ବାସ**
**ନଈ ତଳିଆ ଚାଷ**
**ପର ଯୁବତୀରେ ଆଶ**
**ସଖୀଗୋ ମନ୍ଦ ଏ।**

ନଈ ବନ୍ଧ ତଳେ ଘର କରିଥିଲେ ବଢ଼ି ହୋଇ ବନ୍ଧ ଭାଙ୍ଗିଗଲେ, ଘର ଭାସିଯାଏ। ନଈ ତଳେ ଫସଲ କଲେ ବଢ଼ିହେଲେ, ଫସଲ ପାଣିରେ ବୁଡି ଯାଇ ନଷ୍ଟ ହୋଇଯାଏ। ସେହିପରି ପର ଯୁବତୀକୁ ଆଶ୍ରା କଲେ ସମାଜରେ ନିନ୍ଦିତ ହେବାକୁ ପଡ଼ିଥାଏ। ତେଣୁ ଏସବୁ ମନ୍ଦ ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ବୁଲି ଚାଲି ଭାତ ଖା**
**ମୋର ହୋଇ ପଡ଼ିଥା।**

ପତିବ୍ରତା ନାରୀ ନିଜ ଗୁଣ ଓ ଆଚରଣ ବଳରେ ସମାଜରେ ବହୁ ପ୍ରଶଂସିତ ହୋଇଥାନ୍ତି। ଲଜ୍ଜାଶୀଳା ଗୁଣ ନାରୀର ଶ୍ରେଷ୍ଠ ଭୂଷଣ ହୋଇଥିବା ସ୍ଥଳେ କେତେଜଣ ମହିଳା ପରକୀୟାପ୍ରୀତି ପ୍ରତି ମନ ବଳାଇଥାନ୍ତି। ଏହା ଯେ କେବଳ ଅନୈତିକ ତାହା ନୁହେଁ ବରଂ ପାପ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏପରି ବ୍ୟଭିଚାରିଣୀ ନାରୀକୁ ପ୍ରଶ୍ରୟ ଦେଉଥିବା ଅପଦାର୍ଥ ସ୍ୱାମୀ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ**

## ଆଜିର ମନ୍ତବ୍ୟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଜେଡିୟୁ ନେତା ନୀତୀଶ କୁମାରଙ୍କ ମଧ୍ୟରେ କିଛି ପାର୍ଥକ୍ୟ ନାହିଁ। ଦୁହେଁ ରାଜ୍ୟବାସୀଙ୍କୁ ବୋକା ବନାଉଛନ୍ତି।
**- ରାହୁଲ ଗାନ୍ଧୀ, କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ**

## classifieds Everyday
0674-2580101, 2549302




**SALE**

**Ready to move 3/4 BHK Duplex at Jagatpur, Cuttack. Immediate sale with affordable price. Stay with all qualities within the boundary area. Contact:- 7008321705.** D-18804

**GENERAL**

**SALE**

Heavy-boned Rottweiler puppies Rs.35,000/-. Contact- 9778578738 (Dog trainer Rs.500/- per class) D-18812




**Godown space available near Puri bypass area 18000/-, open space 15000/-. 9938125254** D-18598




Refreshing your mind & body with best therapy at Lotus Spa. 8018234866 D-69571

Swarna SPA newly open positively health benefits with expert therapist. 7873794731. D-70010

Get refreshment body massage by expert therapist contact for 7205084157. D-70011

Newly open full body massage SPA in Bhubaneswar. Contact: 7205058838. D-70012

Rejuvenate and Ayurvedic full body massage by smart therapist. 9348123330. D-70013

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Agarbati, Paper plate, Silper ମେସିନ ଘରେ ବସାଇ ରୋଜଗାର କରନ୍ତୁ! 7077645763 D-18684

**୧୨ତମ ଜନ୍ମଦିନର ଶୁଭକାମନା**



**ଧନଞ୍ଜୟ ବାରିକ (ରିଙ୍କୁ)**

ମା' ତାରିଣୀ ତୋତେ ଦୀର୍ଘାୟୁ କରନ୍ତୁ, ତୋ ଚଲାପଥ କୁସୁମିତ ହେଉ, ଏହାହିଁ ଆମର କାମନା।

**-:ଶୁଭେଚ୍ଛା ସହ:-**
ଜେଜେମା', ବାପା, ବୋଉ, ବଡ଼ବାପା, ବଡ଼ବୋଉ, ଦାଦା, ଖୁଡ଼ୀ, ଭାଇ ଓ ଭଉଣୀ।
ଧ-୫୩୨୨୭

ଧରିତ୍ରୀ
DHARITRI
ଗୁରୁବାର, ୫ ନଭେମ୍ବର, ୨୦୨୦



## ସଂକ୍ଷେପରେ

### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତିଙ୍କ ପରଲୋକ



**ବ୍ରହ୍ମପୁର ଅଫିସ, ୪।୧୧:** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ, ସାହିତ୍ୟିକ ପ୍ରଫେସର ହରିହର ଦାସ (୮୨)ଙ୍କର ବୁଧବାର ପୂର୍ବାହ୍ନରେ ସ୍ଥାନୀୟ ଚର୍ଚ୍ଚରୋଡ ସ୍ଥିତ ବାସଭବନରେ ପରଲୋକ ଘଟିଛି। ସେ ବିଜେବି କଲେଜ ଓ ଗଙ୍ଗାଧର ମେହେର ମହାବିଦ୍ୟାଳୟରେ ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ। ପରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଭାବେ ଯୋଗ ଦେଇଥିଲେ। ଏଥିସହ ହରିହର ସିଣ୍ଡିକେଟ ସଭ୍ୟ ଭାବେ କାର୍ଯ୍ୟ ତୁଲାଇଥିଲେ। ତାଙ୍କ ମୃତ୍ୟୁରେ ପିଜି କାଉନସିଲ ଅଧକ୍ଷା ପ୍ରଫେସର ଅରୁନ୍ଧତୀ ରଥ, ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ଦାଶରଥି ଭୂୟାଁ ଓ ପୂର୍ବତନ କୁଳପତି ପ୍ରଫେସର ଜୟନ୍ତ ମହାପାତ୍ର ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# କମିଲା ବାଲେଶ୍ୱର, ତିର୍ତ୍ତୋଲ ମତଦାନ

ଭୁବନେଶ୍ୱର,୪।୧୧(ବ୍ୟୁରୋ)

- ବାଲେଶ୍ୱରରେ ୭୦.୬୯%, ତିର୍ତ୍ତୋଲ ୬୯.୬୬ %
- ମତଦାନ କଲେ ୧୬୧ କୋଭିଡ୍ ସଂକ୍ରମିତ
- ନଭେମ୍ବର ୧୦ରେ ଭୋଟ ଗଣତି
- କଡ଼ା ସୁରକ୍ଷାରେ ଷ୍ଟ୍ରଙ୍ଗ ରୁମ୍
- ସୁରକ୍ଷା କର୍ମୀ, ୨୪ ଘଣ୍ଟିଆ ସିସିଟିଭି ନଜର

ବାଲେଶ୍ୱର ଏବଂ ତିର୍ତ୍ତୋଲ ବିଧାନସଭା ଉପନିର୍ବାଚନରେ ମତଦାନ ହାର କମିଛି। ଗତ ୩ ତାରିଖରେ ହୋଇଥିବା ଉପନିର୍ବାଚନରେ ବାଲେଶ୍ୱରରେ ୭୦.୬୯ ପ୍ରତିଶତ ମତଦାନ ହୋଇଥିବା ବେଳେ ତିର୍ତ୍ତୋଲରେ ୬୯.୬୬ ପ୍ରତିଶତ ହୋଇଛି। ୨୦୧୯ ସାଧାରଣ ନିର୍ବାନରେ ବାଲେଶ୍ୱର ବିଧାନସଭା ପାଇଁ ୭୧.୨୯ ପ୍ରତିଶତ ମତଦାନ ହୋଇଥିବା ବେଳେ ତିର୍ତ୍ତୋଲରେ ୭୪.୦୯ ପ୍ରତିଶତ ହୋଇଥିଲା। ବୁଧବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ଏହି ସୂଚନା ଦେଇଛନ୍ତି। କୋଭିଡ୍-୧୯ କଟକଣା ମଧ୍ୟରେ ଅନୁଷ୍ଠିତ ଏହି ଉପନିର୍ବାଚନରେ ତିର୍ତ୍ତୋଲ ବିଧାନସଭା ପାଇଁ ୩୧୯୩ ଜଣ ପୋଷ୍ଟାଲ ବାଲଟରେ ମତଦାନ ସାବ୍ୟସ୍ତ କରିଥିବା ବେଳେ ବାଲେଶ୍ୱରରେ ୧୬୩୧ ଭୋଟର ସେମାନଙ୍କ ମତଦାନ କରିଛନ୍ତି। କୋଭିଡ୍ ସଂକ୍ରମିତ ଭୋଟରଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଉଭୟ ନିର୍ବାଚନ ମଣ୍ଡଳୀର ସମୁଦାୟ ୧୬୧ କୋଭିଡ୍ ସଂକ୍ରମିତ/ ସନ୍ଦିଗ୍ଧ କୋଭିଡ୍ ଭୋଟର ମତଦାନ ସାବ୍ୟସ୍ତ କରିଥିଲେ। ସେମାନଙ୍କ ମଧ୍ୟରୁ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ୧୨୭ ଓ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀର ୩୪ କରୋନା ସଂକ୍ରମିତ ମତଦାନ କରିଛନ୍ତି।

ଆସନ୍ତା ୧୦ ତାରିଖରେ ଉଭୟ ବିଧାନସଭା ପାଇଁ ଭୋଟ ଗଣତି ହେବ। ଭୋଟବାକ୍ସଗୁଡ଼ିକୁ ବାଲେଶ୍ୱର ଜିଲାପାଳଙ୍କ ଇଭିଏମ୍ ୱେର୍ ହାଉସରେ ଏବଂ ତିର୍ତ୍ତୋଲ ବିଧାନସଭା ଭୋଟବାକ୍ସଗୁଡ଼ିକ ଜଗତ୍‌ସିଂହପୁର ଏସ୍‌ଭିଏମ୍ କଲେଜରେ କଡ଼ା ସୁରକ୍ଷା ବଳୟରେ ରଖାଯାଇଥିବା ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। କେନ୍ଦ୍ରୀୟ ସୁରକ୍ଷା ବଳ ଓ ରାଜ୍ୟ ପୋଲିସ ଷ୍ଟ୍ରଙ୍ଗରୁମ୍‌ଗୁଡ଼ିକ ଜଗି ରହିଛନ୍ତି। ଷ୍ଟ୍ରଙ୍ଗରୁମ୍‌ଗୁଡ଼ିକୁ ୨୪ ଘଣ୍ଟା ସିସିଟିଭି ନଜରରେ ରଖାଯାଇଛି। ଏଥିସହିତ ରାଜନୈତିକ ଦଳର ପ୍ରତିନିଧିମାନେ ମଧ୍ୟ ଏହା ଉପରେ ନଜର ରଖିଛନ୍ତି। କୋଭିଡ୍-୧୯ ମହାମାରୀ ସମୟରେ ଭୋଟ ଗ୍ରହଣ ଶାନ୍ତି ଶୃଙ୍ଖଳାର ସହ ସମାପନ ହୋଇଛି। ଜିଲା ପ୍ରଶାସନ, ରାଜନୈତିକ ଦଳ, ପ୍ରାର୍ଥୀ, ଆଶାକର୍ମୀ, ସ୍ୱେଚ୍ଛାସେବୀ, ବିଏଲ୍ଓ, ପୋଲିସ ଅଧିକାରୀ, ସୁରକ୍ଷା ବାହିନୀଙ୍କ ସହଯୋଗ ଯୋଗୁ ଏହା ସମ୍ଭବ ହୋଇଛି ବୋଲି ଲୋହାନୀ କହିଛନ୍ତି। ନିର୍ବାଚନ ମଣ୍ଡଳୀର ଭୋଟର ତଥା ଜନସାଧାରଣଙ୍କ ମଧ୍ୟରେ ନିର୍ବାଚନ ସମ୍ପର୍କିତ ଖବର ପରିବେଷଣ ଓ ସଚେତନତା ସୃଷ୍ଟି କରିଥିବାରୁ ଲୋହାନୀ ଗଣମାଧ୍ୟମକୁ ପ୍ରଶଂସା କରିଛନ୍ତି।

# ଅଭିନେତା ଫରାଜ ଖାନ୍‌ଙ୍କ ଦେହାନ୍ତ



**ମୁମ୍ବାଇ, ୪।୧୧:** ବଲିଉଡ୍ ଅଭିନେତା ଫରାଜ୍ ଖାନ୍‌ଙ୍କ ବୁଧବାର ପରଲୋକ ହୋଇଯାଇଛି। ତାଙ୍କୁ ୪୬ ବର୍ଷ ହୋଇଥିଲା। ବାଙ୍ଗାଲୁରୁର ଏକ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କର ମୃତ୍ୟୁ ସମ୍ପର୍କରେ ଅଭିନେତ୍ରୀ ତଥା ପ୍ରଯୋଜକ ପୂଜା ଭଟ୍ଟ ସୋସିଆଲ ମିଡିଆରେ ପ୍ରଥମେ ସୂଚନା ଦେଇଥିଲେ। ଫରାଜଙ୍କ ବିୟୋଗରେ ବଲିଉଡ୍‌ର ବହୁ କଳାକାର ଶୋକବ୍ୟକ୍ତ କରିଛନ୍ତି।

ନ୍ୟୁରୋଲୋଜିକଲ ଡିଜ୍‌ଅର୍ଡର ଭଳି ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ ଫରାଜ ଭେଣ୍ଟିଲେଟରରେ ଥିଲେ। ପାଖାପାଖି ବର୍ଷେ ହେଲା ଶ୍ୱାସନଳୀରେ ଗଭୀର ସଂକ୍ରମଣ ଯୋଗୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରେ ଲାଗିଥିଲା। ଅଭିନେତା ଜଣକ ଗୁରୁତର ଆର୍ଥିକ ଦୁଃସ୍ଥିତିର ସମ୍ମୁଖୀନ ହେଉଥିବା ଜାଣିବା ପରେ ପୂଜା ଭଟ୍ଟ ସହାୟତା କରିବାକୁ ନିବେଦନ କରିଥିଲେ। ଏହାପରେ ସଲ୍‌ମାନ ଖାନ୍ ମେଡିକାଲର ବିଲ୍ ଭରଣା କରିଥିଲେ। କିଛିଦିନ ତଳେ ଫରାଜଙ୍କ ପରିବାର ପକ୍ଷରୁ ଏକ ୱେବ୍‌ସାଇଟ୍ ମାଧ୍ୟମରେ ଆର୍ଥିକ ସହାୟତା ଲାଗି ନିବେଦନ କରାଯାଇଥିଲା।

ସୂଚନାଯୋଗ୍ୟ, ସୁପରହିଟ୍ ଚଳଚ୍ଚିତ୍ର 'ମେହେନ୍ଦି'ରେ ଫରାଜଙ୍କ ଦମ୍‌ଦାର ଅଭିନୟ ମାଇଲ୍‌ଖୁଣ୍ଟ ସାବ୍ୟସ୍ତ ହୋଇଥିଲା। ଅଭିନେତ୍ରୀ ରାଣୀ ମୁଖାର୍ଜୀଙ୍କ ଅପୋଜିଟ୍‌ରେ ତାଙ୍କ ଭୂମିକାକୁ ବେଶ୍ ପସନ୍ଦ କରିଥିଲେ ଦର୍ଶକ। ସେହିପରି 'ଦୁଲ୍‌ହନ ବନୁ ମେଁ ତେରି', 'ଫରେବ', 'ଚାନ୍ଦ ବୁଝ ଗୟା'ରେ ମଧ୍ୟ ତାଙ୍କ ଅଭିନୟ କରତାଳି ସାଉଁଟିଥିଲା। 'ଫରେବ୍'ର 'ତେରେ ଆଖେଁ ଝୁକି ଝୁକି...' ଗୀତକୁ ଆଜି ବି ଦର୍ଶକେ ମନେପକାଉଛନ୍ତି। ଫରାଜଙ୍କ ବିୟୋଗ ବଲିଉଡ୍‌ରେ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ଏପରି ଦୁଃଖଦ ସମୟରେ ତାଙ୍କ ପରିବାର ସହିତ ରହିବାକୁ ପୂଜା ଟୁଇଟ୍‌ରେ ନିବେଦନ କରିଛନ୍ତି।

# ୧୦ ବର୍ଷ ପରେ ଘରକୁ ଫେରିବେ ତାରା

ପୁରୀ ଅଫିସ,୪।୧୧

ପରିବାରଠାରୁ କିପରି ଅଲଗା ହେଲେ ତାଙ୍କର ମନେ ନାହିଁ। ଇତିମଧ୍ୟରେ ୧୦ ବର୍ଷ ବିତିଗଲାଣି। ଝିଅ, ପୁଅ, ସମ୍ପର୍କୀୟ ସମସ୍ତଙ୍କଠାରୁ ସେ ଅଲଗା ରହିଛନ୍ତି। ଅନେକ ସମୟରେ ସେମାନଙ୍କ କଥା ମନେ ପଡ଼ିଛି, ହେଲେ ସେମାନଙ୍କ ପାଖକୁ ଫେରିଯିବାର ସୁଯୋଗ ନ ଥିଲା। ଘରଠାରୁ ଶହ ଶହ ମାଇଲ ଦୂରରେ ପର ଆଶ୍ରାରେ ସେ ରହିଥିଲେ। କାହାକୁ ବି କେବେ ମନ କଥା କହିପାରି ନ ଥିଲେ। ହେଲେ ଶେଷରେ ଅସହାୟର ମନ କଥା ବୁଝିପାରିଲା ସ୍ୱେଚ୍ଛାସେବୀ ଅନୁଷ୍ଠାନ ହୋପ୍ ଇଜ୍ ଲାଇଫ୍। ଖୋଜି ପାଇଥିଲା ତାଙ୍କ ଘର ଠିକଣା। ଫଳରେ ଏବେ ପରିବାର ମେଳକୁ ଯିବାକୁ ପ୍ରସ୍ତୁତ ହେଉଛନ୍ତି ତାରା ଭଗତ।

ପଶ୍ଚିମବଙ୍ଗ ଶାନ୍ତିନିକେତନ ବୋଲପୁର ହେଉଛି ତାରାଙ୍କ ଘର। ତାଙ୍କର ସ୍ୱାମୀ, ଦୁଇପୁଅ ଓ ଝିଅ ମଧ୍ୟ ଅଛନ୍ତି। ମାତ୍ର କୌଣସି କାରଣରୁ ପ୍ରାୟ ୧୦ ବର୍ଷ ପୂର୍ବେ ସେ ଘର ଛାଡ଼ି ଆସି ପୁରୀରେ ପହଞ୍ଚିଥିଲେ। କାରଣ କ'ଣ ତାହା ଏବେ ବି ତାରା କହିପାରୁନାହାନ୍ତି। କିନ୍ତୁ ତାଙ୍କୁ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ। ଶେଷରେ ନିରୁପାୟ ହୋଇ ଥାନାରେ ଜଣାଇବା ସହ ନିକଟସ୍ଥ ରେଳଷ୍ଟେଶନରେ ନିରୁଦ୍ଦିଷ୍ଟ ବୋଲି ଫଟୋ ଲଗାଇଥିଲେ। ତାରା ପୁରୀରେ ପହଞ୍ଚିବା ପରେ ଜଣେ ବ୍ୟକ୍ତିଙ୍କ ଘରେ ପ୍ରାୟ ୫ବର୍ଷ ରହିଥିଲେ। ତେବେ ସେ କାମ କରିବାର ଶକ୍ତି ସାମର୍ଥ୍ୟ ହରାଇବା ପରେ ସମ୍ପୃକ୍ତ ବ୍ୟକ୍ତି ୫ ବର୍ଷ ପରେ ତାଙ୍କୁ କୌଣସି ବୃଦ୍ଧାଶ୍ରମରେ ରହିବାକୁ କହିଥିଲେ। ତାଙ୍କ କଥା ମାନି ତାରା ଆସି ଏକ ବୃଦ୍ଧାଶ୍ରମରେ ରହିଥିଲେ। ଗତ ଫେବୃୟାରୀ ୯ରେ ହୋପ୍ ଇଜ୍ ଲାଇଫ୍‌ର ବୃଦ୍ଧାଶ୍ରମ ଆରମ୍ଭ ହେବା ପରେ ତାରା ଆସି ସେଠାରେ ରହିଲେ। ଅନୁଷ୍ଠାନର ସଭାପତି ସୁରେଶ ନନ୍ଦ ଏବଂ ସମ୍ପାଦକ ଦୀନଭଞ୍ଜନ ପଣ୍ଡା ତାରାଙ୍କ ଠିକଣା ସଂଗ୍ରହ କରି ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଏଥିସହ ପଶ୍ଚିମବଙ୍ଗରେ ଥିବା ସେମାନଙ୍କ ସମ୍ପର୍କୀୟଙ୍କୁ ଜଣାଇଥିଲେ। ପଶ୍ଚିମବଙ୍ଗର କେତେଜଣ ଖବରଦାତାଙ୍କ ସହଯୋଗରେ ତାରାଙ୍କ ପରିବାର ଠିକଣା ମିଳିଥିଲା। ତାରାଙ୍କ ପୁଅ, ଝିଅ ବୁଧବାର ହୋପ୍ ଇଜ୍ ଲାଇଫ୍ ସଭାପତି ଓ ସମ୍ପାଦକଙ୍କ ସହ କଥା ହେବା ସହ ମା'ଙ୍କୁ ଦେଖି ଖୁସିରେ କାନ୍ଦି ପକାଇଥିଲେ। ତାରା ବି ପୁଅ, ଝିଅଙ୍କୁ ଦେଖି ଭାବ ବିହ୍ୱଳ ହୋଇ ଲୁହ ଗଡ଼ାଇଥିଲେ।

ODISHA PUBLIC SERVICE COMMISSION
CUTTACK
NOTICE

No. 5873/PSC Dt.04.11.2020
(1E-16-2020-21) (DR-II)

No. D-96: It is for information of all concerned that the viva voce test in respect of **745 [69 of AEE (Mechanical) & 676 of AEE (Civil)] candidates** for AEE (Civil) & AEE (Mechanical) examination of the advertisement No. 01 of 2019-20 will be held in the Office of the Commission 19, Dr. P.K. Parija Road, Cuttack - 753001 **from 18.11.2020 onwards.** The detailed programme of Viva Voce test containing dates and roll numbers of candidates allotted to the different boards shall be published shortly in the website of the Commission by 06th November, 2020. The concerned candidates are advised to visit the website of the Commission **(www.opsc.gov.in)** regularly regarding detail schedule of the viva voce test.

**Sd./- Secretary**
OIPR-12002/11/0051/2021

# ବଦଳିବ ବାଇଶପାହାଚ ଦୁର୍ବଳ ପଥର

ପୁରୀ ଅଫିସ, ୪।୧୧

- ଅନୁଧ୍ୟାନ କଲା ଏଏସ୍‌ଆଇ ଟିମ୍
- ଲକ୍ଷ୍ମୀମନ୍ଦିରରେ ପାଣି ଗଳୁଥିବା ସ୍ଥାନ ଦେଖିଲେ

ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ)ର ୫ଜଣିଆ ଟିମ୍ ବୁଧବାର ବାଇଶପାହାଚର ସ୍ଥିତି ଯାଞ୍ଚ କରିଛନ୍ତି। ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ଅରୁଣ ମଲ୍ଲିକଙ୍କ ନେତୃତ୍ୱରେ ଆସିଥିବା ଏହି ଟିମ୍ ବାଇଶପାହାଚର ସବୁ ପଥରକୁ ଟିକିନିଖି ଅନୁଧ୍ୟାନ କରିଛନ୍ତି। ଦୀର୍ଘ ବର୍ଷ ଧରି ଖରା, ବର୍ଷା ଖାଇବା ଏବଂ ପ୍ରତ୍ୟହ ହଜାର ହଜାର ଶ୍ରଦ୍ଧାଳୁଙ୍କ ଚଳପ୍ରଚଳ ଯୋଗୁ ବାଇଶପାହାଚର କେତେକ ସ୍ଥାନରେ ଫାଟ ସୃଷ୍ଟି ହୋଇଛି। ନଷ୍ଟ ହୋଇଥିବା ପଥରକୁ ବଦଳାଇବା ପାଇଁ ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନ ଏଏସ୍‌ଆଇର ଦୃଷ୍ଟି ଆକର୍ଷଣ କରିଥିଲା। ଏଥିଲାଗି ଗତ ୨୭ତାରିଖରେ ଏଏସ୍‌ଆଇର ୪ଜଣିଆ ଟିମ୍ ବାଇଶପାହାଚ ଅନୁଧ୍ୟାନ କରିଥିଲେ। ଏହି ଟିମ୍ ମାପଚୁପ କରିବା ସହ ଦୁର୍ବଳ ପଥର ଚିହ୍ନଟ କରିଥିଲେ। ଆବଶ୍ୟକ ପଡ଼ିଲେ ଦୁର୍ବଳ ପଥରଗୁଡ଼ିକୁ ପରିବର୍ତ୍ତନ କରାଯାଇ ନୂଆ ପଥର ଲଗାଯିବ ବୋଲି କୁହାଯାଇଥିଲା। ତେଣୁ ଏହାର ମରାମତି ପାଇଁ ଆସିଥିବା ସ୍ୱତନ୍ତ୍ର ଟିମ୍ ବୁଧବାର ପୁନଶ୍ଚ ବାଇଶପାହାଚ ବୁଲି ଦେଖିଛନ୍ତି।

ଏହି ଟିମ୍ ମହାଲକ୍ଷ୍ମୀ ମନ୍ଦିରରେ ପାଣି ଗଳୁଥିବା ସ୍ଥାନକୁ ମଧ୍ୟ ଦେଖିଛନ୍ତି। ଅନ୍ୟପକ୍ଷରେ ଶ୍ରୀମନ୍ଦିରର ୮ଟି ଦ୍ୱାର ରୁପା ଛାଉଣି ଲାଗି ନିଷ୍ପତ୍ତି ହୋଇଛି। ପ୍ରଥମେ ପରୀକ୍ଷାମୂଳକ ଭାବେ ସାତପାହାଚ ଦ୍ୱାରର ନୂଆ କବାଟ ତିଆରି କରାଯାଇ ଏହାକୁ ରୁପା ଛାଉଣି କରାଯିବ। ଏହି ଦ୍ୱାର ନିର୍ମାଣ ସମୟରେ ମନ୍ଦିରର ତଳ ଚଟାଣ ଓ ଉପରି ଭାଗରେ ପ୍ରାୟ ଏକ ଫୁଟ୍ ଡ୍ରିଲ କରି ଗାତ କରିବାକୁ ପଡ଼ିବ। ସେହିପରି କାନ୍ଥରେ କବାଟର କବ୍‌ଜା ଲାଗି ସଂଯୋଗ କରାଯିବ। ତେଣୁ ଏଥିଲାଗି ଏଏସ୍‌ଆଇର ପରାମର୍ଶ ନିଆଯାଇଥିଲା। ଏହି ଟିମ୍ ବାଇଶପାହାଚ, ଲକ୍ଷ୍ମୀମନ୍ଦିର ସମେତ ସାତପାହାଚ ଦ୍ୱାର ଅନୁଧ୍ୟାନ କରିଛି। ତେବେ ଶ୍ରୀମନ୍ଦିର ପ୍ରଶାସନ ଏବଂ ଛତିଶା ନିଯୋଗ ସହ ଆଲୋଚନା ପରେ ମରାମତି ସଂକ୍ରାନ୍ତରେ ଚୂଡ଼ାନ୍ତ ନିଷ୍ପତ୍ତି ହେବ ବୋଲି ଜଣାପଡ଼ିଛି।

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
ODISHA STATE OPEN UNIVERSITY,SAMBALPUR
Established by an Act of Government of Odisha.

No. OSOU/2020/1788 Dt. 03-11-2020

**ADVERTISEMENT**

Empanelment of retired Professor and Associate Professor from State Public Universities or Govt. and Govt.aided higher educational institutions(HEIs) in the State of Odisha for undertaking academic, administrative and other related assignments on Part-time /Full-time basis.

Age below 65 years

Applications are invited through the online portal of the University from interested candidates to be engaged at its Headquarters/Regional Centers.

Last Date for submission of application:
**20th November 2020**

**www.osou.ac.in**

**Registrar**

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KEONJHAR
(ZILLA SWASTHYA SAMITI (ZSS), KEONJHAR)

**Advt. Letter No. 4012** **Date: 03.11.2020**

"CONTRACTUAL ENGAGEMENT"

No. E-334: Zilla Swasthya Samiti (ZSS), Keonjhar will conduct a Walk-in-Interview for engagement of following post under National Health Mission (NHM) of Keonjhar district on contractual basis for a term of 11 months with monthly remuneration as notes against each and also subject to renewal as per the norms basing on the performance and subsistance of the programme. Performance Incentive & other benefits are also admissible for all posts as per norms from time to time.

| Sl. No. | Name of the Post | No. of Post | Consoliated Remuneration per Month in (Rs.) | Scheduled of Walk-in-Interview |
|---|---|---|---|---|
| 1 | Pediatrician - DEIC | 1 | Rs.69,458/- + PI as per norms | Walk-in-Interview on Dt.18.11.2020 at 10.30 A.M. in DTU, Conference Hall, DHH, Keonjhar, Registration Time: 10.30 A.M. to 12.00 Noon |
| 2 | Medical Officer - SNCU | 4 | Rs.55,566/- + PI as per norms | |
| 3 | AYUSH MO (MHU) | ST - 01 | Rs.23,020/- + PI as per norms | |

The above positions are purely temporary and also co-terminus with the scheme. Canvassing in any form will render the candidate disqualified for the positions. Interested candidates for the above post, can download the prescribed application form. Eligibility Criteria, Selection Procedure in the district NIC website i.e. **www.kendujhar.nic.in** in recruitment page. The eligible candidates are requested to attend the Walk-in-Interivew on the above mentioned scheduled date along with filled up prescribed application form, self attested Xerox copy of all educational qualifications, Two Nos. of Passport size photograph and all original certificates, mark sheets & for verification. The registration of candidates for the said post will be held in the above mentioned date between **10.30 A.M. to 12.00 Noon** in the venue site. The late comers will not be entrained for registration. No TA/DA will be given for attending the Walk-in-Interivew.

Number of vacancies under this advertisement is provisional and subject to increase or decrase & remuneration may varies at the time of actual engagement. Incomplete application in any form is liable for rejection. Any modification/addition in rejection/ disqualification/selection process communication by the Mission Directorate or district selection committee approved by the Collector & DM will be incorporated in to the selection procedure. No personal correspondence/enquiry will be entertained in this matter.

The undersigned reserves the right to select/cancel/modification of the selection process without assigning any reason thereof. No personal query will be entertained in the recruitment/selection process.

Sd./- Chief District Medical & Public Health Officer
-cum-DMD, NHM, Keonjhar

OIPR-10033/11/0023/2021

# ଶ୍ରୀମନ୍ଦିର ଜମି ନେବ ଗେଲ୍ ଇଣ୍ଡିଆ

ପୁରୀ ଅଫିସ,୪।୧୧

- ମାଲତିପାଟପୁରରେ କରିବ ଗ୍ୟାସ୍ ଡିପୋ
- ଉପକୃତ ହେବେ ୩ ଜିଲାବାସୀ

ମାଲତିପାଟପୁରଠାରେ ଗେଲ୍ (ଗ୍ୟାସ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍) ଇଣ୍ଡିଆର ବୃହତ୍ ଗ୍ୟାସ୍ ଡିପୋ ହେବ। ଏଥିପାଇଁ ଗେଲ୍ ଇଣ୍ଡିଆ ଶ୍ରୀମନ୍ଦିର ଜମି ନେବ। ପ୍ରଚଳିତ ମାର୍କେଟ ମୂଲ୍ୟ ଅନୁସାରେ ପ୍ରାୟ ୩ ଏକର ଜମି ବିକିବ ଶ୍ରୀମନ୍ଦିର ପ୍ରଶାସନ। ବୁଧବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଲ୍ୟାଣ୍ଡ ସବ୍‌କମିଟି ବୈଠକରେ ଏ ସଂକ୍ରାନ୍ତରେ ଆଲୋଚନା ହୋଇଛି। ତେବେ ପରିଚାଳନା କମିଟି ବୈଠକରେ ଏ ସଂକ୍ରାନ୍ତ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ।

ନୀଳାଦ୍ରି ଭକ୍ତନିବାସରେ ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଲ୍ୟାଣ୍ଡ ସବ୍ କମିଟି ବୈଠକ ବସିଥିଲା। ଏଥିରେ ମୁଖ୍ୟତଃ ଶ୍ରୀମନ୍ଦିର ଜମିଜମା ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ମାଲତୀ ପାଟପୁରଠାରେ ଥିବା ଶ୍ରୀମନ୍ଦିର ପ୍ରଶାସନର ପ୍ରାୟ ୩ ଏକର ଜମିକୁ ନେବା ଲାଗି ଜଣେ ବ୍ୟକ୍ତିଙ୍କ ସମେତ ଗେଲ୍ ଇଣ୍ଡିଆ ଆବେଦନ କରିଥିଲା। ଯେହେତୁ ଗେଲ୍ ଇଣ୍ଡିଆ ଏହି ଜମିରେ ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ପ୍ରକଳ୍ପ ତିଆରି କରିବ ତେଣୁ କମିଟି ସମ୍ପୃକ୍ତ ବ୍ୟକ୍ତିଙ୍କ ଆବେଦନକୁ ଅଗ୍ରାହ୍ୟ କରିଦେଇଛି। ଗେଲ୍ ଇଣ୍ଡିଆକୁ ଜମି ଦେବା ଲାଗି ଏକପ୍ରକାର ସହମତି ହୋଇଛି। କିନ୍ତୁ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏହି ଜମି ବିକ୍ରି ସଂକ୍ରାନ୍ତରେ ଚୂଡ଼ାନ୍ତ ନିଷ୍ପତ୍ତି ହେବ। ଗେଲ୍ ଇଣ୍ଡିଆ ଏହି ଜମି ନେଲେ ସେଠାରେ ଗ୍ୟାସ୍ ଡିପୋ ତିଆରି କରିବ। ଏହାଦ୍ୱାରା ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲାର ଉପଭୋକ୍ତାମାନେ ଉପକୃତ ହେବେ। ଉକ୍ତ ବୈଠକରେ ଜିଲାପାଳ ବଲୱନ୍ତ ସିଂ, ଏସ୍‌ପି ଅଖିଳେଶ୍ୱର ସିଂ, ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା, ରାଜସ୍ୱ ଉପପ୍ରଶାସକ ସୁବ୍ରତ କୁମାର ବେହେରାଙ୍କ ସମେତ ଲ୍ୟାଣ୍ଡ ସବ୍ କମିଟି ସଦସ୍ୟ ଅନନ୍ତ ତିଆଡ଼ି, ମାଧବ ଚନ୍ଦ୍ର ମହାପାତ୍ର, ବାବା ସଚ୍ଚିଦାନନ୍ଦ ଦାସମହାରାଜ ପ୍ରମୁଖ ଉପସ୍ଥିତ ଥିଲେ।

# ମାଓବାଦୀଙ୍କ ଆକ୍ରମଣ ଯୋଜନା ପଣ୍ଡ: ଅସ୍ତ୍ରଶସ୍ତ୍ର ଜବତ

**ମାଲକାନଗିରି,୪।୧୧ (ଡି.ଏନ୍.ଏ.):** ମାଓବାଦୀଙ୍କ ଏକ ଆକ୍ରମଣ ଯୋଜନାକୁ ମାଲକାନଗିରି ପୋଲିସ ପଣ୍ଡ କରିଛି। ମାଓବାଦୀଙ୍କ ଗଡ, ସେମାନଙ୍କ ତାଲିମ କେନ୍ଦ୍ର ଏବଂ ବୈଠକଖାନା କୁହାଯାଉଥିବା ରାମଗଡମ ଶହୀଦ ଗୃହକୁ ପୋଲିସ ନିଜ କବ୍‌ଜାକୁ ଆଣି ସେଠାରୁ ଅନେକ ମାଓବାଦୀଙ୍କ ଫଟୋ, ପ୍ରମାଣପତ୍ର, ପୁସ୍ତିକା ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ବୁଧବାର ସମ୍ପୃକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନ ସମୟରେ ପୋଲିସକୁ ଏହି ସଫଳତା ମିଳିଛି। ସେଠାରୁ ୩ଟି ଏସ୍‌ଏଲ୍‌ଆର୍ ରାଇଫଲ୍, ୩୦୩ ରାଇଫଲ ଗୋଟିଏ, ଆଇଇଡି ଗୋଟିଏ, ଏସ୍‌ଏଲ୍‌ଆର୍ ମାଗାଜିନ୍ ୩ଟି, ୭.୬୨ ଏସ୍‌ଏଲ୍‌ଆରପ୍ ରାଉଣ୍ଡ, ୯ଟି ମାଗାଜିନ ସହ ମାଓବାଦୀଙ୍କ ଅନ୍ୟାନ୍ୟ ବ୍ୟବହୃତ ସାମଗ୍ରୀ ଜବତ ହୋଇଥିବା ଏକ ପ୍ରେସ୍ ଇସ୍ତାହାରରେ ଏସ୍‌ପି ହ୍ରିଷିକେଶ ଡି. ଖିଲାରି କହିଛନ୍ତି। ଏହାଦ୍ୱାରା ମାଓବାଦୀଙ୍କ ଆକ୍ରମଣ ଯୋଜନାକୁ ପୋଲିସ ପଣ୍ଡ କରିଦେଇଛି ବୋଲି ଏସ୍‌ପି ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ,ଗତ ମାସ ୨୦ରେ ଗୁରାସେତୁ ଅଞ୍ଚଳର ଖଜୁରିଗୁଡା ଗ୍ରାମରେ ଦାସ ଖେମୁଡୁଙ୍କୁ ମାଓବାଦୀଙ୍କ ହତ୍ୟା ପରେ ଗୁରାସେତୁଠାରେ ବିଏସଏଫ କ୍ୟାମ୍ପ ପ୍ରତିଷ୍ଠା ହେଇଥିଲା। ଦୁର୍ଗମ ବିଚ୍ଛିନ୍ନାଞ୍ଚଳରେ ମାଲକାନଗିରି ପୋଲିସ ସହ ସୀମାନ୍ତ ଆନ୍ଧ୍ରର ବିଏସ୍‌ଏଫ୍ ଯବାନମାନେ କୋମ୍ବିଂ ଅପରେଶନକୁ ଜୋରଦାର କରିଛନ୍ତି। ଯବାନଙ୍କୁ ଟାର୍ଗେଟ କରି ମାଓବାଦୀମନେ ନିକଟରେ ରାସ୍ତାରେ ଟିଫିନ ବୋମା ଖଞ୍ଜିଥିଲେ। ଏହା ଜାଣିପାରି ଯବାନମାନେ ବୋମାଗୁଡ଼ିକୁ ନିଷ୍କ୍ରିୟ କରି ଦେଇ ଆଖପାଖ ଅଞ୍ଚଳ ତଲାସୀ ବେଳେ ବ୍ୟାପକ ପରିମାଣର ମାଓବାଦୀ ସାମଗ୍ରୀ ଜବତ କରିଥିଲେ।

କୃଷକ ଭାଇ ଓ ଭଉଣୀମାନଙ୍କ ପାଇଁ ସୂଚନା

No. L-37

ଡିବିଟି (DBT) ମାଧ୍ୟମରେ ୨୦୨୦-୨୧ ବର୍ଷରେ କୃଷି ଯନ୍ତ୍ରପାତି ପାଇଁ ଅନ୍‌ଲାଇନ୍ (Online) ଆବେଦନ ଆସନ୍ତା **୬ ନଭେମ୍ବର ୨୦୨୦ ତାରିଖ ଦିବା ୧୦.୩୦** ଠାରୁ ବିଭିନ୍ନ ଯନ୍ତ୍ରପାତି ପାଇଁ ପର୍ଯ୍ୟାୟ କ୍ରମେ ସର୍ବସାଧାରଣଙ୍କ ନିମନ୍ତେ ଖୋଲିବ।

ଇଚ୍ଛୁକ ଆବେଦନକାରୀ ଉପଯୁକ୍ତ କୃଷକ ପଞ୍ଜୀକରଣ ସଂଖ୍ୟା ସହିତ DBT Implement page of **http://agrisnetodisha.ori.nic.in** OR **http://odishafarmmachinery.nic.in**ରେ ଆବେଦନ କରିପାରିବେ।

OIPR-01034/11/0016/2021

କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡ଼ିଶା

ଓଡ଼ିଶା ସରକାର
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ

ODISHA STATE SCHOLARSHIP PORTAL

No. V-20: ଚଳିତ ବର୍ଷରୁ ରାଜ୍ୟ ଭିତରେ ଏବଂ ବାହାରେ ପଢୁଥିବା ଯୋଗ୍ୟ ଅନୁସୂଚିତ ଜନଜାତି/ଅନୁସୂଚିତ ଜାତି/ଅନ୍ୟାନ୍ୟ ପଛୁଆ ବର୍ଗ/ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ/ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗ ଛାତ୍ରଛାତ୍ରୀମାନଙ୍କର ଅନ୍‌ଲାଇନ୍ ଦରଖାସ୍ତ ଆବେଦନ, Prerana Portal ପରିବର୍ତ୍ତେ Odisha State Scholarship Portalରେ ନୂତନ ରୂପେ ନିମନ୍ତ୍ରଣ କରାଯିବ। ଚଳିତ ବର୍ଷ, ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କର ପୂର୍ବ ବର୍ଷର Prerana ID ଥାଇ ମଧ୍ୟ ନିଜକୁ Odisha State Scholarship Portalରେ ପୁନଃ ପଞ୍ଜୀକରଣ କରିବା ଆବଶ୍ୟକ ଅଟେ। OTP ମାଧ୍ୟମରେ Aadhaar ପ୍ରାମାଣିକୀକରଣ ହୋଇ ନୂତନ ID ସୃଷ୍ଟି ହେବ। ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ, ସେମାନେ ଦିଆଯାଇଥିବା URL **http://www.scholarship.odisha.gov.in**ରେ ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ପାଇଁ ନୂତନ ଆବେଦନ ପଞ୍ଜୀକରଣ କରିବେ।

(i) ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ପାଇବା ପାଇଁ ଯୋଗ୍ୟତା
(କ) ସମସ୍ତ ଯୋଗ୍ୟ ଅନୁସୂଚିତ ଜନଜାତି/ଅନୁସୂଚିତ ଜାତି/ଅନ୍ୟାନ୍ୟ ପଛୁଆ ବର୍ଗ/ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ/ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗର ଛାତ୍ରଛାତ୍ରମାନେ କ୍ଷେତ୍ରରେ ଓଡ଼ିଶାର ସ୍ଥାୟୀ ଅଧିବାସୀ ହୋଇଥିବେ।
(ଖ) ସେ ସରକାରୀ/ସରକାରୀ ସ୍ୱୀକୃତିପ୍ରାପ୍ତ ଶିକ୍ଷାନୁଷ୍ଠାନରେ General/Technical/Professional ଉଚ୍ଚଶିକ୍ଷା ପାଠ୍ୟକ୍ରମରେ ଅଧ୍ୟୟନ କରୁଥିବେ।
(ଗ) ଅନୁସୂଚିତ ଜନଜାତି/ଅନୁସୂଚିତ ଜାତିଙ୍କ କ୍ଷେତ୍ରରେ ସମସ୍ତ ସୂତ୍ରରୁ ପରିବାରର ବାର୍ଷିକ ଆୟ ଟ.୨,୫୦,୦୦୦/- (ଦୁଇ ଲକ୍ଷ ପଚାଶ ହଜାର)ରୁ ଅଧିକ ହୋଇ ନ ଥିବ।
(ଘ) ଅନ୍ୟାନ୍ୟ ପଛୁଆ ବର୍ଗ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ସମସ୍ତ ସୂତ୍ରରୁ ପରିବାରର ବାର୍ଷିକ ଆୟ ଟ.୨,୫୦,୦୦୦/- (ଦୁଇ ଲକ୍ଷ ପଚାଶ ହଜାର)ରୁ ଅଧିକ ହୋଇ ନ ଥିବ ଏବଂ ପୂର୍ବ ପରୀକ୍ଷାରେ ଅତି କମ୍‌ରେ ୫୦% ଭାଗ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବେ।
(ଙ) ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗ ଛାତ୍ରଛାତ୍ରୀଙ୍କ (କେବଳ ସାଧାରଣ ବର୍ଗର ଛାତ୍ରଛାତ୍ରୀ- ଅନୁସୂଚିତ ଜନଜାତି/ଅନୁସୂଚିତ ଜାତି/ଅନ୍ୟାନ୍ୟ ପଛୁଆ ବର୍ଗ/ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗଙ୍କୁ ବାଦ୍ ଦେଇ) କ୍ଷେତ୍ରରେ ସମସ୍ତ ସୂତ୍ରରୁ ପରିବାରର ବାର୍ଷିକ ଆୟ ଟ.୨,୫୦,୦୦୦/- (ଦୁଇ ଲକ୍ଷ ପଚାଶ ହଜାର)ରୁ ଅଧିକ, ହୋଇ ନ ଥିବ ଓ ସେ କେବଳ ସରକାରୀ ଅନୁଷ୍ଠାନରେ ଉଚ୍ଚଶିକ୍ଷା ପାଇଁ ଅଧ୍ୟୟନ କରୁଥିଲେ ମାଟ୍ରିକପର ଛାତ୍ରବୃତ୍ତି ପାଇଁ ଯୋଗ୍ୟ ବିବେଚିତ ହେବେ।
(ଚ) ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗ ଛାତ୍ରଛାତ୍ରୀଙ୍କ ଉଦ୍ଦିଷ୍ଟ ଛାତ୍ରବୃତ୍ତି (ଅନୁସୂଚିତ ଜନଜାତି/ଅନୁସୂଚିତ ଜାତି/ଅନ୍ୟାନ୍ୟ ପଛୁଆ ବର୍ଗ/ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ/ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗ ଛାତ୍ରଛାତ୍ରୀଙ୍କୁ ବାଦ୍ ଦେଇ) କେବଳ ସାଧାରଣ ବର୍ଗର ଛାତ୍ରଛାତ୍ରୀମାନଙ୍କ ପାଇଁ ପ୍ରଯୁଜ୍ୟ।

ଦରଖାସ୍ତ ପଞ୍ଜୀକରଣ କରିବାର ସମୟ ସାରଣୀ

| କ୍ର.ନଂ. | କାର୍ଯ୍ୟକ୍ରମ | ତାରିଖ |
|---|---|---|
| ୧ | ଦରଖାସ୍ତ ଆବେଦନ ନିମନ୍ତେ ପୋର୍ଟାଲର ଖୋଲିବା ତାରିଖ | ୦୫।୧୧।୨୦୨୦ |
| ୨ | ଦରଖାସ୍ତ ଆବେଦନ କରିବା ନିମନ୍ତେ ଶେଷ ତାରିଖ | ୧୫।୦୧।୨୦୨୧ |
| ୩ | ଦରଖାସ୍ତଗୁଡ଼ିକ ଅନୁଷ୍ଠାନ ଦ୍ୱାରା ଯାଞ୍ଚ ଏବଂ ସମ୍ପୃକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ Online ପ୍ରେରଣ କରିବାର ଶେଷ ତାରିଖ | ୩୧।୦୧।୨୦୨୧ |
| ୪ | ସମ୍ପୃକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀମାନଙ୍କ ଦ୍ୱାରା ଦରଖାସ୍ତ ଗୁଡ଼ିକର Online ମଞ୍ଜୁରୀ କରିବାର ଶେଷ ତାରିଖ | ୧୫।୦୨।୨୦୨୧ |

ବିଶେଷ ଦ୍ରଷ୍ଟବ୍ୟ: (i) ଚଳିତ ବର୍ଷରୁ ମାଟ୍ରିକପର ଛାତ୍ରବୃତ୍ତି ନିମନ୍ତେ "ଆଧାର" ନମ୍ବର ପ୍ରଦାନ କରିବା ନିତାନ୍ତ ଜରୁରୀ ଅଟେ। ପଞ୍ଜୀକରଣ ସମୟରେ ପ୍ରେରଣା ପୋର୍ଟାଲର ନିର୍ଦ୍ଧାରିତ Boxରେ ନିଜର ଆଧାର ନମ୍ବର ପ୍ରଦାନ କରନ୍ତୁ। ଯଦି ପ୍ରଦତ୍ତ ଆଧାର ନମ୍ବରରେ କୌଣସି ତ୍ରୁଟି ଥାଏ କିମ୍ବା ନମ୍ବରଟି ଅନ୍ୟ କାହାର ଥାଏ ତେବେ ଦରଖାସ୍ତଟିକୁ ବାତିଲ କରାଯିବ। (Ref.: Dept. Notification No. 10744 Dt.26.06.2019).
(ii) ଆବେଦନକାରୀମାନେ ନିଜ ନିଜର ବ୍ୟାଙ୍କ ସମ୍ବନ୍ଧୀୟ ତଥ୍ୟ ଯଥା ଆକାଉଣ୍ଟ ନମ୍ବର, IFSC Code, ଶାଖା ନାମ ଇତ୍ୟାଦି ପ୍ରେରଣା ପୋର୍ଟାଲର ନିର୍ଦ୍ଧାରିତ Boxରେ ପ୍ରଦାନ କଲାବେଳେ ଯତ୍ନବାନ ହେବେ। ବ୍ୟାଙ୍କ ତଥ୍ୟ ପ୍ରଦାନବେଳେ କୌଣସି ତ୍ରୁଟି ବିଚ୍ୟୁତି ପାଇଁ ଏହି ବିଭାଗ ଦାୟୀ ରହିବେ ନାହିଁ। ବ୍ୟାଙ୍କ ସମ୍ବନ୍ଧୀୟ ଭୁଲ୍ ତଥ୍ୟ ପ୍ରଦାନ ଦ୍ୱାରା ଯଦି ସରକାରୀ ଅର୍ଥ ଅନ୍ୟ ନାମରେ ଥିବା ବ୍ୟାଙ୍କ ଖାତାକୁ ପ୍ରଦାନ କରାଗଲା ତେବେ ସେଥିପାଇଁ ସେ ଉତ୍ତରଦାୟୀ ରହିବେ।

- ଯୋଗ୍ୟ ଛାତ୍ରଛାତ୍ରୀମାନେ ODISHA STATE SCHOLARSHIP PORTALର ଅନଲାଇନ୍ ରେଜିଷ୍ଟ୍ରେସନର ସମ୍ପୂର୍ଣ୍ଣ ପଦ୍ଧତି ଉପରୋକ୍ତ URLରେ "HOW TO APPLY" ବଟନ କ୍ଲିକ୍ କରି ଜାଣିପାରିବେ।
- ଯେହେତୁ ଆଧାର ପ୍ରାମାଣୀକରଣରେ ନୂତନ ID ସୃଷ୍ଟି ହେବ, ଛାତ୍ରଛାତ୍ରୀମାନଙ୍କୁ ନିଶ୍ଚିତ କରିବାକୁ ପରାମର୍ଶ ଦିଆଯାଇଛି ଯେ ସେମାନଙ୍କର ଆଧାର ଏକ ମୋବାଇଲ ନମ୍ବର ସହିତ ଲିଙ୍କ୍ ହୋଇଛି ଏବଂ UIDAIରୁ OTP ଗ୍ରହଣ କରିବା ଏବଂ ସଫଳତା ପାଇଁ ସ୍କଲାରଶିପ୍ ପୋର୍ଟାଲରେ ସମାନ ପ୍ରଦାନ କରିବା ପାଇଁ ଆବେଦନ କରିବା ସମୟରେ ସେମାନେ ସେହି ମୋବାଇଲ ବହନ କରିବା ଉଚିତ୍। ପଞ୍ଜୀକରଣ।
- ଆବେଦନକାରୀର ସମ୍ପୂର୍ଣ୍ଣ ସୂଚନା ଯଥା ନାମ, ଲିଙ୍ଗ, ଜନ୍ମ ତାରିଖ (DOB), AADHAARରୁ ଅଣାଯିବ ଏବଂ ଅଣ-ସମ୍ପାଦିତ (Non-editable) ରହିବ। ଆବେଦନ କରିବା ପୂର୍ବରୁ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର AADHAARରେ (ନାମ ଏବଂ ଉପନାମ ବନାନ ଅନ୍ତର୍ଭୁକ୍ତ କରି) ସଠିକ୍ ବୋଲି ନିଶ୍ଚିତ କରିବାକୁ ପରାମର୍ଶ ଦିଆଯାଇଛି।
- ଶେଷ ତାରିଖ ପର୍ଯ୍ୟନ୍ତ ଅପେକ୍ଷା ନ କରି DWOକୁ 7 ଦିନ ମଧ୍ୟରେ ଅନ୍‌ଲାଇନ୍ ଆବେଦନ ଦାଖଲ କରିବାକୁ ଅନୁଷ୍ଠାନମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।
- COVID-19 ମହାମାରୀ ପରିସ୍ଥିତି ହେତୁ ଛାତ୍ରଛାତ୍ରୀ ଏବଂ ଅନୁଷ୍ଠାନଗୁଡ଼ିକ ଯଥାକ୍ରମେ ସମ୍ପୃକ୍ତ ଅନୁଷ୍ଠାନ ଏବଂ DWO ଗୁଡ଼ିକର ଆବେଦନ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଡକୁମେଣ୍ଟଗୁଡ଼ିକର ହାର୍ଡ଼ କପି ଦାଖଲ ନ କରିବାକୁ ପରାମର୍ଶ ଦିଆଯାଇଛି। ତେଣୁ ଆବେଦନକାରୀମାନଙ୍କୁ ଅନୁରୋଧ ସେମାନେ ଆୟ, ଜାତି, ମାଟ୍ରିକ୍ ରୋଲ୍ ନଂ., ବ୍ୟାଙ୍କ ଆକାଉଣ୍ଟ ଇତ୍ୟାଦିର ସବିଶେଷ ତଥ୍ୟ ପୂରଣ କରିବା ସମୟରେ, ସମ୍ପୃକ୍ତ ସାର୍ଟିଫିକେଟ୍‌ରେ ଏବଂ ପୋର୍ଟାଲରେ ଅପ୍‌ଲୋଡ୍ ହୋଇଥିବା ବିବରଣୀ ଅନୁଯାୟୀ ସତର୍କତାର ସହିତ ପୂରଣ କରିବେ। ଅନୁଷ୍ଠାନ/ DWO ସ୍ତରରେ ଯାଞ୍ଚ ପ୍ରକ୍ରିୟା ସମୟରେ ଯଦି କିଛି ଅସଙ୍ଗତି ମିଳେ ତେବେ, ସମ୍ପୃକ୍ତ ଛାତ୍ରଛାତ୍ରୀଙ୍କ ବୃତ୍ତି ପ୍ରତ୍ୟାଖ୍ୟାନ କରାଯାଇପାରେ।
- ଛାତ୍ରଛାତ୍ରୀମାନେ ସେମାନଙ୍କର ID ଏବଂ Passwordକୁ ଗୁପ୍ତ ରଖିବାକୁ ଅନୁରୋଧ। ଯଦି ଅନ୍ୟମାନଙ୍କ ସହିତ ଆବେଦନକାରୀ ID ଏବଂ Password share କରିବା ହେତୁ କୌଣସି ଭୁଲ୍-କ୍ରେଡିଟ୍/ମାନିପୁଲେସନ୍ ହୁଏ, ତେବେ ସମ୍ପୃକ୍ତ ଛାତ୍ରଛାତ୍ରୀ କେବଳ ଦାୟୀ ହେବେ।

ସ୍ୱା./- ନିର୍ଦ୍ଦେଶିକା, ଅନୁସୂଚିତ ଜନଜାତି
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ
OIPR-26001/11/0007/2021

ହେ ଭଗବାନ, ସେମାନଙ୍କୁ ଶାନ୍ତିଦିଅ। ଆଲୋକ ଦିଅ। ସେମାନଙ୍କର ଅନ୍ଧଚକ୍ଷୁ ଓ ତମସାଚ୍ଛନ୍ନ ବୁଦ୍ଧି ଖୋଲିଦିଅ। ସେମାନଙ୍କର ନିଷ୍ଫଳ ଆତ୍ମପୀଡନ ଓ ନିରର୍ଥକ ଦୁଶ୍ଚିନ୍ତା ଶାନ୍ତ କରିଦିଅ। .. ସେମାନଙ୍କୁ ଅସଂକୋଚରେ ଆତ୍ମୋତ୍ସର୍ଗର ଆନନ୍ଦ ଦିଅ। -ଶ୍ରୀମା



# ଶୁଦ୍ଧ ଶାକାହାର ଓ ସ୍ୱାସ୍ଥ୍ୟ



ମାନେକା ଗାନ୍ଧୀ

ପ୍ରତିଦିନ ହଜାର ହଜାର ଲୋକ ଶୁଦ୍ଧ ଶାକାହାରୀ ହେଉଥିବା ଯୋଗୁ ମାଂସାହାରୀମାନେ ପଛରେ ପଡିଯାଇଛନ୍ତି। ସେମାନେ ପୁଣି ତାଙ୍କ ସ୍ଥାନକୁ ଫେରିଆସିବା ଲାଗି କଠିନ ପ୍ରୟାସ କରୁଛନ୍ତି। ମାଂସକୁ ଏବେ ଆଉ ମାଂସ ନ କହି ପ୍ରୋଟିନ କହୁଛନ୍ତି। ଅନ୍ୟପକ୍ଷରେ ଶାକାହାରୀମାନଙ୍କ ବିଷୟରେ ବିଭିନ୍ନ ପ୍ରକାର ମନଗଢା କଥା ପ୍ରଚାର କରାଯାଉଛି। ମାଂସାହାରୀଙ୍କ ତୁଳନାରେ ସେମାନଙ୍କ ମାଂସପେଶୀ ଦୁର୍ବଳ ଏବଂ କମ୍ ସହନଶୀଳ ବୋଲି କୁହାଯାଉଛି।

ବାସ୍ତବରେ କ'ଣ ଭିଗନ୍ ବା ଶୁଦ୍ଧ ଶାକାହାରୀମାନଙ୍କର ମାଂସପେଶୀ ଦୁର୍ବଳ ଏବଂ ସେମାନଙ୍କଠାରେ ପ୍ରୋଟିନ ଅଭାବ ଥାଏ ? ଶୁଦ୍ଧ ଶାକାହାରୀ ଖାଦ୍ୟ (ଭିଗନ ଡାଏଟ୍)ରେ କମ୍ ନ୍ୟୁଟ୍ରିଣ୍ଟ ରହିଛି ଓ ଏହାକୁ ଖାଇବା ଯୋଗୁ ବ୍ୟାୟାମ କରିବାର ସାମର୍ଥ୍ୟ କମ୍ ରହେ ବୋଲି ଆମର ବିଶ୍ୱାସ। ଏଣୁ ଶୁଦ୍ଧ ଶାକାହାର ମାଂସପେଶୀର ଶକ୍ତି ଓ ସହନଶୀଳତାକୁ କ୍ଷତି କରେ କି ନାହିଁ ସେ ସମ୍ପର୍କରେ ଜାଣିବା ଲାଗି ବାଉଟ୍ରୋସ,ଲାଣ୍ଡ୍ରି ଡୁଭାଲ, ଗାର୍ଜୋନ ଏବଂ କାରେଲିସ୍‌ଙ୍କ ଦ୍ୱାରା ଏକ ଅନୁଧ୍ୟାନ ବା ଗବେଷଣା କରାଯାଇଥିଲା। ଏ ସମ୍ପର୍କିତ ରିପୋର୍ଟ ୟୁରୋପିଆନ ଜର୍ନାଲ ଅଫ୍ କ୍ଲିନିକାଲ ନ୍ୟୁଟ୍ରିଶନ୍‌ରେ ଏପ୍ରିଲ ୨୦୨୦ରେ ପ୍ରକାଶ ପାଇଥିଲା। ଏଥିରେ ସାମିଲ ୧୮ରୁ ୩୫ ବର୍ଷ ବୟସର ୫୬ଜଣ ମହିଳାଙ୍କ ମଧ୍ୟରୁ ଅଧେ ଥିଲେ ମାଂସାହାରୀ ଓ ଆଉ ଅଧେ ଶୁଦ୍ଧ ଶାକାହାରୀ। ମହିଳାମାନେ ସମସ୍ତେ ପତଳା ଥିଲେ ,ସେମାନଙ୍କ ବଡି ମାସ୍ ଇଣ୍ଡେକ୍ସ( ବିଏମ୍ଆଇ) ବା ଶରୀରର ଓଜନ ଓ ଉଚ୍ଚତା ଅନୁପାତ ସାଧାରଣ ଥିଲା। ସେମାନଙ୍କ ଜୀବନଶୈଳୀ ମଧ୍ୟ ସକ୍ରିୟ ରହିଥିଲା। ପାଞ୍ଚଟି ମାନକ ଉପରେ ଗବେଷଣା କରାଯାଇଥିଲା। ସେଗୁଡିକ ହେଲା-କଠିନ ବ୍ୟାୟାମ କରିବା ବେଳେ ସେମାନେ କେତେ ଅଧିକ ଅମ୍ଳଜାନ ଗ୍ରହଣ କରୁଥିଲେ ( VO2 ମ୍ୟାକ୍ସ ) ତାହା ମାପ କରାଯାଇଥିଲା। ଶରୀରର ଉପରିଭାଗ ମାଂସପେଶୀ ଓ ନିମ୍ନଭାଗ ମାଂସପେଶୀର ଶକ୍ତି, ଶାରୀରିକ ଗଠନ ଏବଂ ସବମ୍ୟାକ୍ସିମାଲ ଏଣ୍ଡୁରାନ୍ସ (ଏରୋବିକ ଫିଟନେସ୍ ଆକଳନ କରିବା ପଦ୍ଧତି) ଉପରେ ଗୁରୁତ୍ୱ ଦିଆଯାଇଥିଲା। ମହିଳାମାନଙ୍କୁ ସେମାନଙ୍କ ଖାଦ୍ୟର ତାଲିକା ରଖିବା ଲାଗି କୁହାଯାଇଥିଲା। ଅନେକ ବର୍ଷ ଧରି ଶାକାହାର ଖାଇ ରହିପାରିବା ଭଳି ମହିଳାମାନଙ୍କୁ ଚୟନ କରାଯାଇଥିଲା। ଗବେଷଣାରେ ଶୁଦ୍ଧ ଶାକାହାରୀମାନଙ୍କ ପାଇଁ ଭଲ ଖବର ଆସିଥିଲା। ମାଂସାହାରୀଙ୍କ ତୁଳନାରେ ଶୁଦ୍ଧ ଶାକାହାରୀମାନଙ୍କଠାରେ ମାଂସପେଶୀର ସହନଶୀଳତା ଅଧିକ ରହିଥିଲା। ସେମାନଙ୍କ ଶାରୀରିକ କାର୍ଯ୍ୟକଳାପ କିମ୍ବା ଶରୀରର ନିମ୍ନଭାଗ ମାଂସପେଶୀରେ କୌଣସି ପ୍ରଭେଦ ଲକ୍ଷ୍ୟ କରାଯାଇ ନ ଥିଲା। ଭିଗନ୍‌ମାନେ ଅଧିକ ଭିଟାମିନ ସି',ଡାଏଟାରୀ ଫାଇବର, ଆଇରନ୍, ମ୍ୟାଗ୍ନେସିୟମ ଏବଂ ସବୁଠୁ କମ୍ ସାଚ୍ୟୁରେଟେଡ ଫ୍ୟାଟ ଖାଇଥିବା ଜଣାପଡିଥିଲେ। ଗବେଷଣାରୁ ସ୍ପଷ୍ଟହୋଇଥିଲା ଯେ, ଶୁଦ୍ଧ ଶାକାହାର ଯୁବା ବୟସର ସକ୍ରିୟ ମହିଳାମାନଙ୍କ ମାଂସପେଶୀର ସହନଶୀଳତା ଏବଂ ଶକ୍ତିକୁ ପ୍ରଭାବିତ କରିପାରେ ନାହିଁ।

ବ୍ଲଡ ଲିପିଡ୍ ଉପରେ ଶାକାହାର କିମ୍ବା ଶୁଦ୍ଧ ଶାକାହାରର ପ୍ରଭାବ ଉପରେ ୱାଙ୍ଗ ଏବଂ ତାଙ୍କ ଟିମ୍ ୧୧ଟି ଅନୁଧ୍ୟାନକୁ ତର୍ଜମା କରିଥିଲେ। ୨୦୧୫ରେ ଜର୍ନାଲ ଅଫ୍ ଆମେରିକାନ ହାର୍ଟ ଆସୋସିଏଶନରେ ଏସମ୍ପର୍କିତ ତଥ୍ୟ ପ୍ରକାଶ ପାଇଥିଲା। ଗବେଷଣାରେ ୮୩୨ ଜଣ ବ୍ୟକ୍ତିଙ୍କୁ ନିଆଯାଇଥିଲା। ୧୧ଟି ଅନୁଧ୍ୟାନରୁ ୭ଟି କେବଳ ଶୁଦ୍ଧ ଶାକାହାରୀମାନଙ୍କ ଉପରେ ପର୍ଯ୍ୟବସିତ। ଏହି ଅନୁଧ୍ୟାନ ୩ ସପ୍ତାହରୁ ୧୮ ମାସ ଯାଏ କରାଯାଇଥିଲା। ମୋଟ କୋଲେଷ୍ଟରଲ,ଲୋ ଡେନ୍‌ସିଟି ଲିପୋ ପ୍ରୋଟିନ (ଏଲ୍‌ଡିଏଲ୍) କ୍ଷତିକାରକ କୋଲେଷ୍ଟରଲ, ହାଇ ଡେନ୍‌ସିଟି ଲିପୋ ପ୍ରୋଟିନ (ଏଚ୍‌ଡିଏଲ) ଉପକାରୀ କୋଲେଷ୍ଟେରଲ, ନନ୍ ଏଚ୍‌ଡିଏଲ କୋଲେଷ୍ଟରଲ ଏବଂ ଟ୍ରାଇଗ୍ଲିସେରାଇଡ ସ୍ତରକୁ ଗବେଷକମାନେ ଆକଳନ କରିଥିଲେ। ଶାକାହାର କିମ୍ବା ଶୁଦ୍ଧ ଶାକାହାରରେ ସବୁପ୍ରକାର କୋଲେଷ୍ଟରଲ ସ୍ତର କମ୍ ରହିଥିବା ଜଣାପଡିଥିଲା। ମ୍ୟାକନିନ୍ ଓ ତାଙ୍କ ସାଥୀ ଗବେଷକମାନଙ୍କ ଦ୍ୱାରା କରାଯାଇଥିବା ଅନ୍ୟ ଏକ ଅନୁଧ୍ୟାନର ରିପୋର୍ଟ ୨୦୧୫ରେ ଜର୍ନାଲ ଅଫ୍ ପେଡ୍ରିଆଟିକ୍ସରେ ପ୍ରକାଶ ପାଇଥିଲା। ମେଦବହୁଳତାର ଶିକାର ହୋଇଥିବା ତଥା ଅଧିକ କୋଲେଷ୍ଟରଲ ଥିବା ୩୦ ଜଣ ପିଲାଙ୍କ ସହ ସେମାନଙ୍କ ମାତାପିତା ୪ ସପ୍ତାହ ପାଇଁ ଶୁଦ୍ଧଶାକାହାର ହେଉ କିମ୍ବା ଆମେରିକାନ ହାର୍ଟ ଆସୋସିଏଶନ (ଏଏଚ୍ଏ)ଦ୍ୱାରା ଅନୁସୃତ ଖାଦ୍ୟ (ମାଂସ/ ମାଛ /ଅଣ୍ଡା) ହେଉ ତାହାକୁ ଗ୍ରହଣ କରିଥିଲେ। ଅନୁଧ୍ୟାନ ଅବଧିରେ ଶୁଦ୍ଧ ଶାକାହାର ଗ୍ରହଣ କରୁଥିବା ପିଲାମାନଙ୍କର ଓଜନ ୩.୧ କେ.ଜି. କମ୍ ହୋଇଥିଲା। ଏଏଚ୍ଏ ଖାଦ୍ୟ ଗ୍ରହଣ କରୁଥିବା ଗ୍ରୁପଙ୍କ ଓଜନ ହ୍ରାସ ଠାରୁ ଏହା ୧୯୭%ରୁ ବେଶି। ଭିଗନ ଗ୍ରୁପରେ ଥିବା ମାତାପିତାମାନଙ୍କର ବ୍ଲଡ ସୁଗାର ସ୍ତର ହାରାହାରି ୦.୧୬% କମ୍ ରହିଥିଲା। ଏମାନଙ୍କଠାରେ ଏଲ୍‌ଡିଏଲ କୋଲେଷ୍ଟରଲ ସହ ସମୁଦାୟ କୋଲେଷ୍ଟରଲ ସ୍ତର ଏଏଚ୍ଏ ଖାଦ୍ୟ ଗ୍ରହଣ କରୁଥିବା ମାତାପିତାଙ୍କ ତୁଳନାରେ ବହୁତ କମ୍ ରହିଥିଲା।

ଗିକୋ (ଆମେରିକାର ବୀମା କମ୍ପାନୀ) କର୍ପୋରେଟ୍ ଅଫିସଗୁଡ଼ିକରୁ ୨୯୧ ଜଣଙ୍କୁ ନେଇ କରାଯାଇଥିବା ଗବେଷଣାର ରିପୋର୍ଟ ୟୁରୋପିଆନ ଜର୍ନାଲ ଅଫ୍ କ୍ଲିନିକାଲ ନ୍ୟୁଟ୍ରିଶନ,୨୦୧୩ରେ ପ୍ରକାଶ ପାଇଥିଲା। ସେମାନେ ୧୮ ସପ୍ତାହ ଶୁଦ୍ଧ ଶାକାହାର କିମ୍ବା ମାଂସ ଖାଇଥିଲେ। ଯେଉଁମାନେ ୧୮ ସପ୍ତାହ ଶୁଦ୍ଧଶାକାହାର ଖାଇଥିଲେ (ଭିଗନ ଗ୍ରୁପ୍) ସେମାନେ ହାରାହାରି ୪.୩ କେ.ଜି. ଓଜନ କମାଇ ପାରିଥିଲେ। ଅନ୍ୟପକ୍ଷରେ ମାଂସ ଖାଉଥିବା ଗ୍ରୁପ (କଣ୍ଟ୍ରୋଲ ଗ୍ରୁପ) ହାରାହାରି ୦.୧କେ.ଜି. ଓଜନ କମାଇବାକୁ ସକ୍ଷମ ହୋଇଥିଲେ। ଭିଗନ ଗ୍ରୁପରେ ଏଲ୍‌ଡିଏଲ (କ୍ଷତିକାରକ) କୋଲେଷ୍ଟରଲ ଏବଂ ଟ୍ରାଇଗ୍ଲିସେରାଇଡ ସ୍ତର ୮ଏମଜି/ଡିଏଲ କମିଥିଲା। ଭିଗନ ଗ୍ରୁପରେ ଏଚ୍‌ଡିଏଲ (ଉପକାରୀ) କୋଲେଷ୍ଟରଲ ଏବଂ ଟ୍ରାଇଗ୍ଲିସେରାଇଡ ସ୍ତର କଣ୍ଟୋଲ ଗ୍ରୁପ୍‌ଠାରୁ ଅଧିକ ରହିଥିଲା। କଣ୍ଟ୍ରୋଲ ଗ୍ରୁପ୍‌ରେ ବ୍ଲଡ ସୁଗାର ସ୍ତର ୦.୧% କମିଥିଲା ଓ ଏହା ତୁଳନାରେ ଭିଗନ ଗ୍ରୁପରେ ଏହା କମିଥିଲା ୦.୭%। କମ୍ ଫ୍ୟାଟ ଓ ଶାକାହାରୀ ଖାଦ୍ୟ ଶରୀରର ଓଜନ, ଗଠନ ପ୍ରକ୍ରିୟା ଏବଂ ଇନ୍‌ସୁଲିନ ସେନ୍‌ସିଟିଭିଟି ଉପରେ କ'ଣ ପ୍ରଭାବ ପକାଏ ତାହା ଜାଣିବା ଲାଗି ବର୍ନାଡଙ୍କ ନେତୃତ୍ୱରେ କରାଯାଇଥିବା ଗବେଷଣାର ରିପୋର୍ଟ ଆମେରିକାନ ଜର୍ନାଲ ଅଫ୍ ମେଡିସିନରେ ୨୦୦୫ରେ ପ୍ରକାଶ ପାଇଥିଲା। ଅଧିକ ଓଜନ ଥିବା ୬୪ ଜଣ ମଧ୍ୟମ ବୟସ୍କ ମହିଳାଙ୍କୁ ନେଇ ଏହି ଗବେଷଣା କରାଯାଇଥିଲ। ଏମାନେ ୧୪ ସପ୍ତାହ ପାଇଁ କମ୍ ଫ୍ୟାଟ୍ ଥିବା ଶୁଦ୍ଧଶାକାହାର କିମ୍ବା ମାଂସଜାତୀୟ ଖାଦ୍ୟ ଖାଇଥିଲେ। ଭିଗନ ଗ୍ରୁପର ମହିଳାମାନେ ହାରାହାରି ୫.୮କେଜି ଓଜନ ହରାଇଥିବାବେଳେ ମାଂସାହାରୀମାନେ ୩.୮ କେ.ଜି. ଓଜନ କମ୍ କରିପାରିଥିଲେ। ଭିଗନ ଗ୍ରୁପରେ ବିଏମ୍ଆଇ ମଧ୍ୟ ଅଧିକ ରହିଥିଲା। କମ୍ ଫ୍ୟାଟ ଥିବା ଶୁଦ୍ଧ ଶାକାହାର ଗ୍ଲିସେମିକ ନିୟନ୍ତ୍ରଣ କ୍ଷମତା ବୃଦ୍ଧି କରିବା ସହ ଟାଇପ୍-୨ ଡାଇବେଟିସ ରିସ୍କ ଦୂର କରେ ବୋଲି ୨୦୦୬ରେ ଡାଇବେଟିସ କେୟାର ଜର୍ନାଲରେ ପ୍ରକାଶ ପାଇଥିଲା। ୯୯ ଜଣଙ୍କୁ ଭିଗନ ଗ୍ରୁପ ଓ ଲୋ ଫ୍ୟାଟ ମିଟ୍ ଗ୍ରୁପ ଏଭଳି ଦୁଇଟି ଗ୍ରୁପରେ ବିଭକ୍ତ କରାଯାଇଥିଲା। ଭିଗନ ଗ୍ରୁପରେ ବ୍ଲଡ ସୁଗାର ସ୍ତର ୦.୯୬ ପଏଣ୍ଟ ହ୍ରାସ ପାଇଥିଲା। ଏହା ଲୋ ଫ୍ୟାଟ ମିଟ୍ ଗ୍ରୁପର ହ୍ରାସ ତୁଳନାରେ ୭୧% ଅଧିକ। ଏହିଗ୍ରୁପ୍ ତୁଳନାରେ ଭିଗନ ଗ୍ରୁପରେ ଏଲ୍‌ଡିଏଲ( କ୍ଷତିକାରକ) କୋଲେଷ୍ଟରଲ ସହ ମୋଟ କୋଲେଷ୍ଟରଲ ସ୍ତର ମଧ୍ୟ ହ୍ରାସ ପାଇଥିଲା।

ନିକୋଲସନ୍ ଏବଂ ତାଙ୍କ ଟିମ୍ ଦ୍ୱାରା କରାଯାଇଥିବା ଆଉ ଏକ ଗବେଷଣାର ରିପୋର୍ଟ ୧୯୯୯ରେ ପ୍ରିଭେନ୍‌ଟିଭ ମେଡିସିନରେ ପ୍ରକାଶ ପାଇଥିଲା।ଟାଇପ-୨ ଡାଇବେଟିସ ପୀଡିତ ଲୋକମାନେ କମ୍ ଫ୍ୟାଟଯୁକ୍ତ ଶୁଦ୍ଧ ଶାକାହାର କିମ୍ବା କମ୍ ଫ୍ୟାଟଯୁକ୍ତ ପାରମ୍ପରିକ ଖାଦ୍ୟ ୧୨ ସପ୍ତାହ ଯାଏ ଖାଇଥିଲେ। ଭିଗନ ଗ୍ରୁପରେ ଫାଷ୍ଟିଂ ବ୍ଲଡ ସୁଗାର ୨୮ % କମିଥିଲା ବେଳେ ଏହାର ବିପରୀତ ଗ୍ରୁପ କମ୍ ଫ୍ୟାଟଯୁକ୍ତ ପାରମ୍ପରିକ ଖାଦ୍ୟ ଗ୍ରହଣ କରୁଥିବା ଲୋକଙ୍କର ଏହା ୧୨% କମ୍ ରହିଥିଲା। ୧୨ ସପ୍ତାହରେ ଭିଗନ୍ ଗ୍ରୁପର ଲୋକେ ହାରାହାରି ୭.୨ କେ.ଜି.ଓଜନ ହରାଇଥିଲେ। ଅପରେ ପକ୍ଷରେ ପାରମ୍ପରିକ କମ୍ ଫ୍ୟାଟଯୁକ୍ତ ଖାଦ୍ୟ ଖାଉଥିବା ଲୋକଙ୍କର ଏହା ଥିଲା ୩.୮କେ,ଜି.।

ଶୁଦ୍ଧ ଶାକାହାର ତୁମ ଓଜନ,ବ୍ଲଡ ସୁଗାର ଏବଂ କୋଲେଷ୍ଟରଲ କମ୍ କରିବା ସହ ମାଂସପେଶୀର ଶକ୍ତି ଓ ସହନଶୀଳତା ବଢାଏ ବୋଲି ହଜାର ହଜାର ଗବେଷଣା ସମାନ ପ୍ରକାର ତଥ୍ୟ ଉପସ୍ଥାପନ କରିଆସିଛନ୍ତି। ଏଣୁ ତୁମ ସ୍ୱାସ୍ଥ୍ୟ ବିଷୟରେ ଗମ୍ଭୀରତାର ଚିନ୍ତା କରି ଏହି ଖାଦ୍ୟକୁ ଗ୍ରହଣ କରିବା ଦରକାର। ଏହି ଖାଦ୍ୟକୁ ବି ତୁମେ ସବୁଦିନ ପାଇପାରିବ ଓ ଖାଇପାରିବ।

Email: gandhim@nic.in

# ବନ୍ୟପ୍ରାଣୀ ସୁରକ୍ଷାର ଅଭିନବ ଉପାୟ



ଅନ୍ତର୍ଯ୍ୟାମୀ ପଟ୍ଟନାୟକ

ବନ୍ୟପ୍ରାଣୀଙ୍କୁ ଶିକାରୀମାନଙ୍କ ଲୋଲୁପ ଦୃଷ୍ଟିରୁ ରକ୍ଷା କରିବା ସକାଶେ ଏବେ ବୈଜ୍ଞାନିକମାନେ ଏକ ଅଭିନବ ଉପାୟ ଚିନ୍ତା କରିଛନ୍ତି। ଏହାଦ୍ୱାରା ଆଉ ଶିକାରୀମାନେ ବିରଳ ବନ୍ୟପ୍ରାଣୀଙ୍କୁ ହତ୍ୟା କରିବେ ନାହିଁ କି ସେମାନଙ୍କ ବଂଶ ଲୋପ ପାଇବ ନାହିଁ ବୋଲି ଆଶା କରାଯାଉଛି। ଏଥିନେଇ ଦକ୍ଷିଣ ଆଫ୍ରିକାର ଏକ କମ୍ପାନୀ ଯେଉଁ ଉପାୟଟି ଚିନ୍ତା କରିଛି ତାହାହେଲା ବୈଜ୍ଞାନିକ ପଦ୍ଧତିରେ ହାତୀ, ଗଣ୍ଡା ଏବଂ ଅନ୍ୟାନ୍ୟ ପଶୁପକ୍ଷୀ ମାନଙ୍କ ଶରୀରର କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ସୃଷ୍ଟି। ବିଜ୍ଞାନାଗାରରେ ଏହି ସବୁ ଅଙ୍ଗପ୍ରତ୍ୟଙ୍ଗ ଏପରି ଭାବେ ପ୍ରସ୍ତୁତ କରାଯିବ ଯେ ତାହା ଲୋକମାନଙ୍କ ଚାହିଦା ପୂରଣ କରିପାରିବ ଓ ଜଙ୍ଗଲରେ ପଶୁପକ୍ଷୀମାନେ ନିର୍ଭୟରେ ବସବାସ କରିପାରିବେ। ଯେଉଁ କମ୍ପାନୀ ଏଭଳି ଅଭିନବ କାର୍ଯ୍ୟରେ ହାତ ଦେଇଛି ତା'ର ନାମ ପେମ୍ବିଏଣ୍ଟ। ପରୀକ୍ଷାମୂଳକ ଭାବେ ପେମ୍ବିଏଣ୍ଟ କମ୍ପାନୀ ଏବେ ଗଣ୍ଡାର ଶିଙ୍ଗ ପ୍ରସ୍ତୁତି କାର୍ଯ୍ୟରେ ଲାଗିପଡ଼ିଛି। ଏ ଦିଗରେ ଏହାକୁ ସଫଳତା ବି ମିଳିସାରିଛି। ତେବେ ଏଥିରେ କିଛି ପରିବର୍ତ୍ତନ ଘଟାଇବା ଓ ଏହା ଯେପରି ଅନ୍ତର୍ଜାତୀୟ ବଜାରରେ ପର୍ଯ୍ୟାପ୍ତ ମାତ୍ରାରେ ଉପଲବ୍ଧ ହୋଇପାରିବ ସେଥିପାଇଁ ଅଧିକରୁ ଅଧିକ ଶିଙ୍ଗ ଉତ୍ପାଦନ ଲାଗି କମ୍ପାନୀ ଉଦ୍ୟମ ଚଳାଇଛି ବୋଲି କହିଛନ୍ତି ପେମ୍ବିଏଣ୍ଟର ସିଇଓ ମାଥ୍ୟୁ ମୁର୍କସ୍।

ହାତୀ ଦାନ୍ତଠାରୁ ଆରମ୍ଭ କରି ଗଣ୍ଡା ଶିଙ୍ଗ ପର୍ଯ୍ୟନ୍ତ ବନ୍ୟପ୍ରାଣୀଙ୍କ ଶରୀରର ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗର ଚାହିଦା ବିଶ୍ୱ ବଜାରରେ ଢେର ବେଶି। ଏହାର କାରଣ ଯାହା ହୋଇଥାଉ ନା କାହିଁକି ବିଭିନ୍ନ ବନ୍ୟପ୍ରାଣୀଙ୍କ ଚମଡ଼ା, ଦାନ୍ତ, ଶିଙ୍ଗ, ଲୋମ, ପିତ୍ତ ଏବଂ ଅନ୍ୟାନ୍ୟ ଅଙ୍ଗକୁ ସୌଖୀନ ଓ ରାଇସ୍ ଲୋକମାନେ ଲକ୍ଷ ଲକ୍ଷ ଡଲାର ଦେଇ କିଣିଥାନ୍ତି। ଯେମିତି କି ଗଣ୍ଡାର ଶିଙ୍ଗର ମୂଲ୍ୟ ଅନ୍ତର୍ଜାତୀୟ ଚୋରା ବଜାରରେ ଆକାଶଛୁଆଁ। ଏହାର ପ୍ରତି କିଲୋ ପିଛା ଦାମ ପ୍ରାୟ ୬୦,୦୦୦ ଡଲାର। ସେଇଭଳି ହାତୀ ଦାନ୍ତର କିଲୋପିଛା ମୂଲ୍ୟ ପ୍ରାୟ ୨୧,୦୦୦ ଡଲାର। ବାଘଛାଲ ଓ ଦାନ୍ତ, ମୃଗଚର୍ମ ଓ ଶିଙ୍ଗ, ଭାଲୁର ଲୋମ, ଚର୍ମ ଓ ପିତ୍ତ, କୁମ୍ଭୀର ଚମଡ଼ାର ଚୋରା ବଜାରର ଅଦୃଶ୍ୟ ଜାଲ ପୃଥିବୀସାରା ବିଛେଇ ହୋଇ ରହିଛି। ବିଶେଷକରି ଆଫ୍ରିକା ମହାଦେଶର ବିଭିନ୍ନ ରାଷ୍ଟ୍ରରୁ ଏବଂ ଏସୀୟ ଦେଶମାନଙ୍କରୁ ଏସବୁ ଦ୍ରବ୍ୟ ଚାଲାଣ କରି ଚୋରା ବେପାରୀମାନେ କୋଟି କୋଟି ଡଲାର ଉପାର୍ଜନ କରିଥାନ୍ତି। ଏହାର କ୍ରେତା ଦୁଇ ପ୍ରକାରର। ପ୍ରଥମତଃ କିଛି କ୍ରେତା ପ୍ରାଚୁର୍ଯ୍ୟ ବଳରେ ଏସବୁ ଦ୍ରବ୍ୟ କିଣି ନିଜ ପାଖରେ ରଖିବାକୁ ପସନ୍ଦ କରିଥାନ୍ତି। ଏହା ବ୍ୟତୀତ ଦ୍ୱିତୀୟ ଶ୍ରେଣୀର କ୍ରେତା ବନ୍ୟ ପଶୁପକ୍ଷୀଙ୍କ ଶରୀରର ଅଙ୍ଗକୁ ବ୍ୟବହାର କରି ପାରମ୍ପରିକ ଔଷଧ ପ୍ରସ୍ତୁତ କରିଥାନ୍ତି। ପୁଣି କେହି କେହି ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଏସବୁ ଦ୍ରବ୍ୟ କିଣି ପାଖରେ ରଖିଥାନ୍ତି। ତେବେ ସେ ଯାହା ହେଉନା କାହିଁକି, ଏଥିପାଇଁ ଅବାଧ ଶିକାର ଏତେ ମାତ୍ରାରେ ବୃଦ୍ଧି ପାଇଛି ଯେ ହାତୀ, ବାଘ, ସିଂହ, ଭାଲୁକ ବିଭିନ୍ନ ପ୍ରଜାତିର ମୃଗ, ଗଣ୍ଡା ଅନେକ ଧରଣର ପକ୍ଷୀ ବିଲୁପ୍ତ ହୋଇଗଲେଣି ଅଥବା ବିଲୁପ୍ତିର ମହାମାର୍ଗରେ ଏବେ ଅଗ୍ରସର ହେଉଛନ୍ତି। କୌଣସି ଦେଶ ଶିକାରୀମାନଙ୍କ ଅବାଧ ବନ୍ୟପ୍ରାଣୀ ଶିକାରକୁ ରୋକିପାରିନାହାନ୍ତି। ଏଭଳି ବନ୍ୟପ୍ରାଣୀଙ୍କ ଅଙ୍ଗପ୍ରତ୍ୟଙ୍ଗ କିଣିବା ତାଲିକାରେ ବିଶ୍ୱରେ ସର୍ବାଗ୍ରେ ରହିଛି ଚାଇନା। ଚାଇନାରେ ପାରମ୍ପରିକ ଔଷଧ ପ୍ରସ୍ତୁତିରେ ଅଧିକାଂଶ ପଶୁଙ୍କ ଶରୀରର ଅଙ୍ଗ ଉପଯୋଗ କରାଯାଇଥାଏ।

ଏବେ ସିନ୍ଥେଟିକ୍ ଅଙ୍ଗ ପ୍ରସ୍ତୁତି ପ୍ରସଙ୍ଗକୁ ଆସିବା। ପେମ୍ବିଏଣ୍ଟ କମ୍ପାନୀର ଏଭଳି ଉଦ୍ୟମକୁ କିନ୍ତୁ ବିଶ୍ୱ ବନ୍ୟପ୍ରାଣୀ ସଂରକ୍ଷଣ ସଂସ୍ଥାଠାରୁ ଆରମ୍ଭ କରି ପର୍ଯ୍ୟାବରଣବିତ ଓ ପ୍ରାଣୀପ୍ରେମୀମାନେ ବିରୋଧ କରିଛନ୍ତି। ସେମାନଙ୍କ ମତରେ ଏଭଳି ନକଲି ଅଙ୍ଗପ୍ରତ୍ୟଙ୍ଗ ବଜାରରେ ଉପଲବ୍ଧ ହେଲେ ସୁଦ୍ଧା ଅସଲି ଦ୍ରବ୍ୟର ଚାହିଦା କମିବ ନାହିଁ। ତେଣୁ ଚୋରାଶିକାର ପୂର୍ବବତ୍ ଜାରି ରହିବ। ବରଂ ତାହା ବୃଦ୍ଧିପାଇବ ବୋଲି ସେମାନେ ଆଶଙ୍କା ପ୍ରକଟ କରନ୍ତି। ତେଣୁ ସେମାନେ ପେମ୍ବିଏଣ୍ଟ କମ୍ପାନୀର ଏଭଳି ପ୍ରୟାସକୁ ଘୋର ବିରୋଧ କରିଛନ୍ତି। ସେମାନେ ଏହାର ଏକ ଉଦାହରଣ ଦେଇ କହିଛନ୍ତି ଯେ, ଗତ ନଅ ବର୍ଷ ଭିତରେ ବିଶ୍ୱରେ ଗଣ୍ଡା ଶିକାର ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଛି। ୨୦୦୭ ମସିହାରେ ଦକ୍ଷିଣ ଆଫ୍ରିକାରେ ମାତ୍ର ୧୩ଟି ଗଣ୍ଡାଙ୍କୁ ମରାଯାଇଥିବାବେଳେ ୨୦୧୯ରେ ୧୧୭୫ଟି ଗଣ୍ଡା ଚୋରା ଶିକାରୀଙ୍କ ଦ୍ୱାରା ନିହତ ହୋଇଛନ୍ତି। ତେଣୁ ଏଭଳି ବିକଳ୍ପ ଉପାୟ ବନ୍ୟପ୍ରାଣୀଙ୍କ ସୁରକ୍ଷା ଦିଗରେ ବିଶେଷ ସହାୟକ ହେବନାହିଁ ବୋଲି ସେମାନେ ଦୃଢ଼ ଯୁକ୍ତି ବଢ଼ାନ୍ତି। କିନ୍ତୁ ବଜାରରେ ଯେ ଖୁବ୍‌ଶୀଘ୍ର ସିନ୍ଥେଟିକ ହାତୀଦାନ୍ତ ଓ ଗଣ୍ଡା ଶିଙ୍ଗ ମିଳିବ ତାହା ସମସ୍ତଙ୍କ ପାଇଁ ଏବେ ଖୁସି ଖବର ପାଲଟିଛି।

ପାରାଦୀପ, ମୋ:୯୪୩୭୦୨୨୦୬୧

## ଏଇ ଭାରତରେ

ରାଜସ୍ଥାନର ମରୁଅଞ୍ଚଳରେ ଡାଳିମ୍ବ ଚାଷ କଥା ଶୁଣି ଆଶ୍ଚର୍ଯ୍ୟ ଲାଗୁଥିବ ନିଶ୍ଚୟ, କିନ୍ତୁ ଏହା ସତ। ରଘୁବୀର ସିଂ ରାଥୋଡଙ୍କ ଦ୍ୱାରା ଏହା ସମ୍ଭବ ହୋଇପାରିଛି। ସେ ମହାରାଷ୍ଟ୍ରରୁ ଚାରା ଆଣି ଲଗାଇଛନ୍ତି ୨୦୨୦ ମାର୍ଚ୍ଚରେ ପ୍ରଥମ ଉତ୍ପାଦନ କରିଛନ୍ତି। ରାଜସ୍ଥାନର ଜଇସାଲ୍‌ମେର ଅଞ୍ଚଳରେ ଚାଷ କରିବା ଭାରି କଷ୍ଟ। ଏଣୁ ସେଠାକାର ଚାଷୀମାନେ ମରୁଅଞ୍ଚଳରେ ଯେଉଁ ଚାଷରେ ସଫଳ ହୁଅନ୍ତି ତାହା ହିଁ କରିଥାନ୍ତି। କିନ୍ତୁ ରଘୁବୀର ସେମାନଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ। ସେ ଭାରତ-ପାକିସ୍ତାନ ସୀମାଠାରୁ ୧୫୦କିମି ଦୂର ଚନ୍ଦନ ଗାଁରେ ଡାଳିମ୍ବ ଚାଷ କରି ସଫଳତା ପାଇଛନ୍ତି। ସେ ୯,୦୦୦ ଡାଳିମ୍ବ ଗଛ ଉତାରି ସେଥିରୁ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ସେଠାରେ ବର୍ଷରେ ଅଗଷ୍ଟ ସେପ୍ଟେମ୍ବରରେ ସ୍ୱଳ୍ପ ବର୍ଷା ହେଲା ପରେ ପ୍ରାୟତଃ ବର୍ଷସାରା ଶୁଖିଲା ରହେ। ବର୍ଷକୁ ଏହି ଅଞ୍ଚଳରେ ୧୬୧ ମିମି ବର୍ଷାହୁଏ। ତାପମାତ୍ରା ପାଖାପାଖି ୫୦ ଡିଗ୍ରୀ ସେଲସିୟସ ରହେ ଯାହା କୃଷି ପାଇଁ ଅନୁପଯୁକ୍ତ। ହେଲେ ଏହାକୁ ଖାତିର ନକରି ରଘୁବୀର ଟ୍ୟୁବୱେଲ ଖୋଳି ଜଳସେଚନର ବ୍ୟବସ୍ଥା କରିଛନ୍ତି। ସେ ସିଞ୍ଚନ ପଦ୍ଧତି ଆପଣାଇଛନ୍ତି। ରଘୁବୀରଙ୍କ ବୟସ ୩୩। ସେ ୨୦୧୬ରୁ ଏହି ଚାଷ ଆରମ୍ଭ କରି ଏବେ ସେଥିରୁ ପ୍ରଥମ ଲାଭ ପାଇଛନ୍ତି। ୨୫ ଏକର ଜମିରେ ଏହି ଚାଷ କରୁଛନ୍ତି। ଡାଳିମ୍ବ ଗଛକୁ କ୍ଷତି ନ ପହଞ୍ଚିବା ଲାଗି ଜମି ଚାରିପାଖରେ ନିମ୍ବ ଓ ବାଲିଝଡ଼ରୁ ରକ୍ଷା କରିବା ଲାଗି ବବୁଲ୍ ଗଛ ଲଗାଇଛନ୍ତି। ରଘୁବୀର ଫଳଯୋଗ୍ୟ ୪,୦୦୦ ଗଛରୁ ୩୦ ଟନ୍ ଉତ୍ପାଦିତ ଡାଳିମ୍ବକୁ ୧୧ ଲକ୍ଷ ଟଙ୍କାରେ ବିକ୍ରି କରି ୭.୫ ଲକ୍ଷ ଟଙ୍କା ଲାଭ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୫ ନଭେମ୍ବର ୧୯୯୫

- ଆଫ୍ରିକୀୟ ରାଷ୍ଟ୍ର ବୁର୍କିନାଫାସୋ ଓ ଭାରତ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ରାଜିନାମା ସ୍ୱାକ୍ଷରିତ।
- ବାରିପଦାଠାରୁ ୫୫ କିଲୋମିଟର ଦୂର କଲିକତା-ବମ୍ବେ ୬ ନମ୍ବର ଜାତୀୟ ରାଜପଥର ଭାତଛତ୍ରଠାରେ ମିନିବସ ସହ ଟ୍ରକର ମୁହାଁମୁହିଁ ଧକ୍କା ହେବା ଫଳରେ ୨୩ ଜଣ ଯାତ୍ରୀଙ୍କ ମୃତ୍ୟୁ।

## su | do | ku

Puzzles by Srikant Ghosh

ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | | | | | | | | | | | | 8 | | 3 |
| | | 8 | | | 9 | | 0 | | 1 | C | A | | | |
| | | | | | | 7 | | | 8 | | | 5 | C | |
| 9 | | 3 | | | | | | | 5 | 4 | | B | 1 | E |
| | A | | | | | | | | B | 6 | E | | 2 | |
| | B | | | 5 | | 0 | | | | | | | E | 4 |
| C | | | | E | 7 | | B | D | | 2 | | 6 | | |
| | 4 | D | | | 2 | | 8 | C | | | 5 | | | |
| 3 | | | B | 0 | | A | 9 | | | | | | 8 | |
| 2 | 5 | 9 | | 3 | | | | 4 | 7 | | | | | |
| | 8 | 1 | | | | | | B | 6 | | | | | 2 |
| | | C | | A | | | | 1 | | | 2 | 4 | 0 | 6 |
| E | | | | | 8 | 2 | | | | | | 1 | | D |
| | | | 9 | | | C | 6 | | | | | | B | |
| 7 | | | | | | 8 | E | 9 | C | | 0 | | 3 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 9 | 5 | 1 | E | A | 0 | 7 | C | B | 4 | 2 | 8 | 3 | 6 |
| 7 | 6 | 8 | 0 | C | 3 | 4 | B | 5 | 1 | D | E | A | 2 | 9 |
| B | 4 | 2 | 6 | 5 | 8 | E | 1 | A | 0 | 9 | 3 | 7 | C | D |
| C | 1 | A | 9 | 4 | 2 | 6 | 3 | D | 8 | 5 | 7 | B | 0 | E |
| E | 3 | 0 | 7 | B | D | 9 | 2 | 8 | A | 6 | C | 4 | 1 | 5 |
| 2 | 7 | C | 4 | 9 | 0 | A | D | 1 | E | 8 | 6 | 3 | 5 | B |
| 1 | E | 9 | C | 8 | B | 2 | 0 | 7 | 5 | 3 | A | 6 | D | 4 |
| 8 | D | B | 3 | A | 6 | 5 | C | 4 | 7 | 2 | 1 | E | 9 | 0 |
| 4 | 0 | 3 | 5 | 1 | 7 | 8 | 6 | E | D | B | 9 | 2 | A | C |
| A | 5 | 6 | D | 2 | E | 3 | 9 | B | C | 0 | 4 | 1 | 7 | 8 |
| 3 | 8 | D | A | 6 | C | 7 | 4 | 0 | 9 | 1 | B | 5 | E | 2 |
| 5 | B | 1 | E | 7 | 4 | D | 8 | 9 | 2 | A | 0 | C | 6 | 3 |
| 0 | A | E | 8 | 3 | 1 | B | 5 | 2 | 6 | C | D | 9 | 4 | 7 |
| 6 | 2 | 7 | B | 0 | 9 | C | A | 3 | 4 | E | 5 | D | 8 | 1 |
| 9 | C | 4 | 2 | D | 5 | 1 | E | 6 | 3 | 7 | 8 | 0 | B | A |

ଗତ କାଲିର ଉତ୍ତର

# ଭିନ୍ନ ଏକ କରୋନା ଯୋଦ୍ଧା



ପ୍ର. ରମେଶ ଚନ୍ଦ୍ର ପରିଡ଼ା

କୋଭିଡ୍-୧୯ ମହାମାରୀ ଏବେ ବି ସାରା ବିଶ୍ୱରେ କାୟା ବିସ୍ତାର କରି ଚାଲିଛି। ଅଦ୍ୟାବଧି ଏହାର ପ୍ରତିଷେଧକ ଟିକା କିମ୍ବା ବିଧିବଦ୍ଧ ଔଷଧଟିଏ ହସ୍ତଗତ ହୋଇପାରିନାହିଁ। ତଥାପି ସାଧାରଣ ମଣିଷକୁ ସାବଧାନତା ଅବଲମ୍ବନ ତଥା ଚିକିତ୍ସା ମାଧ୍ୟମରେ ଏହାର ପ୍ରକୋପରୁ ରକ୍ଷାକରିବା ଲାଗି ଯେଉଁମାନେ ନିଜ ପ୍ରତି ଆସୁଥିବା ବିପଦକୁ ଭ୍ରୂକ୍ଷେପ ନ କରି କର୍ତ୍ତବ୍ୟ କରିଚାଲିଛନ୍ତି ସେମାନଙ୍କୁ କୁହାଯାଉଛି 'କରୋନା ଯୋଦ୍ଧା'। ଏମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ହେଉଛନ୍ତି ଡାକ୍ତର, ନର୍ସ ଏବଂ ବିବିଧ ସ୍ୱାସ୍ଥ୍ୟକର୍ମୀ। ସମ୍ଭବତଃ ଏହି ତାଲିକାରେ ଏବେ କୁକୁରଙ୍କୁ ଯୋଗକରିବାକୁ ପଡିବ। କାରଣ, ସେମାନେ କୌଣସି ବ୍ୟକ୍ତିଠାରେ ଏ ସଂକ୍ରମଣ ଥିଲେ ତାହାର ଲକ୍ଷଣ ପ୍ରକାଶ ପାଇବା ଆଗରୁ ସେଥି ସମ୍ପର୍କରେ ସୂଚନା ଦେବାକୁ ସମର୍ଥ। ସେଥିପାଇଁ ନିକଟରେ ତହିଁରୁ କେତେକଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦେଇ ଏଥିରେ ନିୟୋଜିତ କରିବା ପ୍ରକ୍ରିୟା ଆରମ୍ଭ ହୋଇଛି।

ବୁଦ୍ଧିମାନ ଜୀବ ହିସାବରେ ସମ୍ଭବତଃ ମଣିଷ ଏବଂ ସିମ୍ପାଞ୍ଜି ତଥା ସେହି ଶ୍ରେଣୀର ଜୀବଙ୍କୁ ବାଦ ଦେଲେ ପରବର୍ତ୍ତୀ ସ୍ଥାନ ହେଲା କୁକୁରର। ଏହାର ବୁଦ୍ଧିମତ୍ତାକୁ ଜଣେ ୧ ବର୍ଷ ବୟସର ମଣିଷ ଶିଶୁ ସହିତ ତୁଳନା କରାଯାଇପାରିବ। ଏହାବ୍ୟତୀତ ଏହି ଜୀବଟିର ଆମ କାନ ଶୁଣିପାରୁ ନ ଥିବା ପାରସ୍ୱନିକ ଧ୍ୱନି ଚିହ୍ନଟ କରିବାରେ ଏକ ବିଶେଷ ଦକ୍ଷତା ରହିଛି। ସେଥିପାଇଁ ସେ ଭୂମିକମ୍ପ ଭଳି ଘଟଣାକୁ ତାହା ଘଟିବାର ଅନେକ ଘଣ୍ଟା ଆଗରୁ ଜାଣିପାରେ। କାରଣ, ଏହାର କେନ୍ଦ୍ର (ଏପିସେଣ୍ଟର୍)ରୁ ପ୍ରଥମ ଅବସ୍ଥାରେ ନିର୍ଗତ ଏହି ଧ୍ୱନି ତାକୁ ଶୁଭିଥାଏ। ପ୍ରକୃତି ମଧ୍ୟ ଏହାକୁ ଅସାଧାରଣ ଘ୍ରାଣଶକ୍ତି ଦେଇଛି। ତାହାର ଏହି ବିଶେଷତାକୁ ଆମେ ଚୋର ଚିହ୍ନଟଠାରୁ ଆରମ୍ଭ କରି ଭୂମିତଳେ ଥିବା ଲ୍ୟାଣ୍ଡମାଇନ୍ ,ବିସ୍ଫୋରକ ଏବଂ ସେ ପ୍ରକାର ଅନ୍ୟାନ୍ୟ ପଦାର୍ଥ ସମ୍ପର୍କରେ ସୂଚନା ଦେବା ଲଗି ବ୍ୟବହାର କରିଆସୁଛୁ। ଏବେ ବିବିଧ ରୋଗ ଚିହ୍ନଟ କରିବାରେ ମଧ୍ୟ ତାହାର ସହାୟତା ଆରମ୍ଭ ହେଲାଣି।

ମଣିଷର ନାକରେ ଥାଏ କେବଳ ୬ ନିୟୁତ ଘ୍ରାଣଗ୍ରାହୀ କିନ୍ତୁ କୁକୁରଠାରେ ତାହା ପ୍ରାୟ ୩୦୦ ନିୟୁତ। ଅନ୍ୟପକ୍ଷରେ, ସେହି ଅନୁସାରେ ତା' ମସ୍ତିଷ୍କର ଏକ ବୃହତ୍ତର ଅଂଶ ଗନ୍ଧବାରିବାରେ ନିୟୋଜିତ ହୋଇଥାଏ। ତେଣୁ ପ୍ରାୟ ୪୦ ଫୁଟ ଦୂରରେ ପୋତା ହୋଇଥିବା କୌଣସି ପଦାର୍ଥ ଏବଂ ତାହାର ଘନତ୍ୱ ବାୟୁ ବା ଜଳରେ ହଜାର-ନିୟୁତ (ବିଲିୟନ) ଭାଗରୁ ଭାଗେ ହୋଇଥିଲେ ମଧ୍ୟ ତାହା ଜାଣିପାରେ। ବିଭିନ୍ନ ଗନ୍ଧକୁ ଅଲଗା ଅଲଗା ରୂପେ ଚିହ୍ନଟ କରିପାରେ। ଏହାଛଡା କୁକୁରର ବିସ୍ମୟକର ଘ୍ରାଣଶକ୍ତି ତାକୁ ଆମ ଭୟ, ଦୁଶ୍ଚିନ୍ତା, ଦୁଃଖ, ଆନନ୍ଦ ଆଦି ମାନସିକ ଅବସ୍ଥା ବୁଝିବାକୁ ସକ୍ଷମ କରିଥାଏ। ଉଦାହରଣସ୍ୱରୂପ, ଭୟ ଓ ଦୁଶ୍ଚିନ୍ତା ଆମଠାରେ 'ଲଢ଼େଇ କିମ୍ବା ପଳାୟନ' (ଫାଇଟ୍ ଅର୍ ଫ୍ଲାଇଟ୍) ମାନସିକତା ସୃଷ୍ଟି କରେ। ଫଳରେ ଆମ ହୃଦ୍‌ସ୍ପନ୍ଦନ ଓ ରକ୍ତଚାପ ସମେତ ନାନାଦି ଚୟାପଚୟ କ୍ରିୟାକଳାପ କ୍ଷିପ୍ର ହୁଏ। ତାହା ଶରୀର ମଧ୍ୟରେ ଆଡ୍ରେନାଲିନ୍ ହର୍ମୋନ୍ ତଥା ଅନ୍ୟାନ୍ୟ ରସାୟନର କ୍ଷରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରେ। କୁକୁରର ଶକ୍ତିଶାଳୀ ଘ୍ରାଣଶକ୍ତି ତାହା ବାରିପାରେ। ସେହିପରି ବିଭିନ୍ନ ରୋଗର ମଧ୍ୟ ଭିନ୍ନ ଭିନ୍ନ ରାସାୟନିକ ସ୍ୱାକ୍ଷର ରହିଛି। କୁକୁର ସେଥିପ୍ରତି ତଦନୁସାରେ ପ୍ରତିକ୍ରିୟା ପ୍ରକାଶ କରିପାରେ। ଆଜି ପର୍ଯ୍ୟନ୍ତ ତା'ର ଏହି ଅସାଧାରଣ ଗୁଣକୁ କର୍କଟରୋଗ, ମଧୁମେହ, ଯକ୍ଷ୍ମା, ପାରକିନସନସ୍ ରୋଗ ଏବଂ ମୁଣ୍ଡବ୍ୟଥା ଆଦି ଚିହ୍ନଟ କରିବାରେ ଅଳ୍ପ ବହୁତ ବ୍ୟବହାର କରାଗଲାଣି। ବର୍ତ୍ତମାନ ମଣିଷ ଜାତିର ଇତିହାସରେ ସର୍ବାଧିକ ଘାତକ ରୂପେ ବିଚାର କରାଯାଉଥିବା ମହାମାରୀ କୋଭିଡ୍-୧୯ ବା ନୂତନ କରୋନା କ୍ଷେତ୍ରରେ ଏହାର ଏପ୍ରକାର ଉପଯୋଗ ଆରମ୍ଭ ହୋଇଛି।

କୁକୁରର ଅତି ଉଚ୍ଚକୋଟୀର ସମ୍ବେଦନଶୀଳ ଘ୍ରାଣଶକ୍ତିକୁ ବିଭିନ୍ନ ପ୍ରକାର କର୍କଟରୋଗ ଚିହ୍ନଟ ପ୍ରକ୍ରିୟାରେ ପ୍ରୟୋଗ କରିବା ଆରମ୍ଭ ହୋଇଥିଲା ୨୦୦୬ ମସିହାରେ। ସେତେବେଳେ ଏ ଜୀବଟି ୯୯ ଶତାଂଶ ନିର୍ଦ୍ଦିଷ୍ଟତା ସହିତ ସ୍ତନ୍ୟ ଏବଂ ଫୁସ୍‌ଫୁସ୍ କର୍କଟରୋଗ ଚିହ୍ନଟ କରିପାରିବ ବୋଲି କାଲିଫର୍ନିଆସ୍ଥିତ ପାଇନ୍ ଷ୍ଟ୍ରିଟ୍ ଫାଉଣ୍ଡେସନ୍‌ର ଗବେଷକ ମାଇକେଲ୍ ମ୍ୟାକ୍ କୁଲୋଚ ଏବଂ ତାଙ୍କ ସହଯୋଗୀମାନଙ୍କ ଗବେଷଣାରୁ ଜଣାପଡିଥିଲା। ତାଙ୍କ ପରୀକ୍ଷାରେ ସେମାନେ ୫ଟି କୁକୁର ନେଇ ସେମାନଙ୍କୁ ୩ ସପ୍ତାହ ଧରି ପ୍ରଶିକ୍ଷଣ ଦେଇଥିଲେ। ଏଥିରେ ୮୬ ଜଣ ସ୍ତନ କର୍କଟରୋଗୀ ଏବଂ ୮୩ ଜଣ ସୁସ୍ଥ ଲୋକଙ୍କ ନିଃଶ୍ୱାସରୁ ନିର୍ଗତ ବାୟୁର ନମୁନା ନେଇ ପ୍ରତ୍ୟେକଙ୍କୁ ଥର ଥର କରି ଆଘ୍ରାଣ କରିବାକୁ ଦିଆଯାଇଥିଲା। ରୋଗୀଙ୍କଠାରୁ ସଂଗୃହୀତ ନମୁନା ଘ୍ରାଣ କରିବା ସଙ୍ଗେ ସଙ୍ଗେ ଏବଂ ସୁସ୍ଥ ଲୋକଙ୍କଠାରୁ ସଂଗୃହୀତ ନମୁନା ପ୍ରତି ଧ୍ୟାନ ନ ଦେବାକୁ ଶିକ୍ଷା ଦିଆଗଲା। ଫଳରେ କିଛିଦିନ ମଧ୍ୟରେ ସେମାନେ ଗନ୍ଧଗୁଡିକୁ ମନେ ରଖିପାରିଲେ ଏବଂ ନୂଆ ନମୁନା ପ୍ରତି ଯଥା ଆଚରଣ ପ୍ରଦର୍ଶନ କଲେ। ପୁନଶ୍ଚ ୨୦୧୫ରେ ଇଟାଲିର ଏକ ଗବେଷକ ଦଳ ୨ଟି କୁକୁରଙ୍କୁ ପୌରୁଷ ଗ୍ରନ୍ଥି (ପ୍ରୋଷ୍ଟେଟ୍) କର୍କଟରୋଗୀର ପରିସ୍ରାରେ ଥିବା ଏହି ରୋଗ ସହିତ ସମ୍ପୃକ୍ତ ରସାୟନର ଗନ୍ଧ ବାରିବାକୁ ଶିକ୍ଷା ଦେଇଥିଲେ। ବର୍ତ୍ତମାନ ଆମେରିକାର ବକିଂହାମସାୟାର୍ ହେଲ୍‌ଥ କେୟାର ଏନ୍‌ଏଚ୍‌ଏସ୍ ଟ୍ରଷ୍ଟ ବହୁ ସଂଖ୍ୟାକ କୁକୁରଙ୍କୁ ସ୍ତନ୍ୟ ଓ ଫୁସ୍‌ଫୁସ୍ କର୍କଟ ରୋଗ ଚିହ୍ନଟ ଲାଗି ପ୍ରଶିକ୍ଷଣ ଦେଉଛି ଏବଂ ତହିଁରୁ କେତେକଙ୍କୁ ଏ କାର୍ଯ୍ୟରେ ବିନଯୋଗ କରାଗଲାଣି।

ମହାମାରୀ କୋଭିଡ୍-୧୯ ଭୂତାଣୁଙ୍କୁ ଚିହ୍ନଟ କରିବାରେ କୁକୁରଙ୍କ ସାହାଯ୍ୟ ନେବା ଲଗି ପ୍ରଥମେ ଉଦ୍ୟମ ଆରମ୍ଭ ହୋଇଥିଲା ଇଂଲଣ୍ଡ ସରକାରଙ୍କ ଦ୍ୱାରା। ଏଥିରେ ସଂକ୍ରମିତ ମଣିଷଠାରେ ରୋଗର ଲକ୍ଷଣ ପ୍ରକଟିତ ହେବା ଆଗରୁ ତାହା ଚିହ୍ନଟ କରିବା ଲାଗି ଏହି ଜୀବମାନଙ୍କୁ ବିଶେଷ ପ୍ରଶିକ୍ଷଣ ଦେବାକୁ ଏହା ମେ (୨୦୨୦) ୧୬ ତାରିଖ ଦିନ ୫,୦୦,୦୦୦ ପାଉଣ୍ଡ ଅନୁଦାନ ଘୋଷଣା କରିଥିଲା। ଏଣୁ ଡର୍‌ହାମ୍ ବିଶ୍ୱବିଦ୍ୟାଳୟ ଏବଂ ଚ୍ୟାରିଟି ମେଡିକାଲ୍ ଡିଟେକ୍‌ସନ୍ ଡଗସ୍ ସଂସ୍ଥାର ସହଯୋଗରେ 'ଲଣ୍ଡନ ସ୍କୁଲ ଅଫ୍ ହାଇଜିନ୍ ଏଣ୍ଡ ଟ୍ରପିକାଲ୍ ମେଡିସିନ୍‌ସ'ର ଗବେଷକମାନେ ଏ କାର୍ଯ୍ୟ ଆରମ୍ଭ କରିଦେଲେ। ଆଗରୁ ଏହି ପ୍ରତିଷ୍ଠାନର ଗନ୍ଧ ମାଧ୍ୟମରେ ରୋଗ ଚିହ୍ନଟ ପାଇଁ କୁକୁରଙ୍କୁ ପ୍ରଶିକ୍ଷଣ ଦେବାର ଅନୁଭୂତି ରହିଛି।

ପ୍ରାଥମିକ ଅବସ୍ଥାରେ ଲଣ୍ଡନର 'ନ୍ୟାଶନାଲ ହେଲ୍‌ଥ ସର୍ଭିସ'ର କର୍ମୀମାନଙ୍କୁ ନିୟୋଜିତ କରାଗଲା କିଛି ରୋଗୀ ଏବଂ କିଛି ନୀରୋଗଙ୍କଠାରୁ ନିଃଶ୍ୱାସ ବାୟୁର ନମୁନା ସଂଗ୍ରହ କରିବାରେ। ତତ୍ପରେ କୋଭିଡ୍-୧୯ ଭୂତାଣୁ ଚିହ୍ନଟ ଲାଗି ଛ'ଟି କୁକୁରଙ୍କୁ ପ୍ରଶିକ୍ଷଣ ଦେବା ଲାଗି ବଛାଗଲା। ବର୍ତ୍ତମାନ ସେ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ହୋଇସାରିଛି। ତେଣୁ କେତେ ସ୍ଥାନରେ ସେମାନଙ୍କୁ ପରୀକ୍ଷାମୂଳକ ଭାବେ ଏ କାର୍ଯ୍ୟରେ ନିୟୋଜିତ କରାଗଲାଣି। ଉଦାହରଣସ୍ୱରୂପ, ୟୁନାଇଟେଡ୍ ଆରବ ଏମିରେଟ୍‌ର ଦୁବାଇ ଏବଂ ଫିନଲ୍ୟାଣ୍ଡର ନୋରଡିକ ବିମାନବନ୍ଦରଠାରେ କିଛି ପ୍ରଶିକ୍ଷିତ କୁକୁରଙ୍କୁ ଏ ରୋଗ ଚିହ୍ନଟ ପାଇଁ କାର୍ଯ୍ୟରେ ଲଗାଯାଉଛି। ପୁନଶ୍ଚ ହେଲସିଙ୍କିଠାରେ ଏହାକୁ ଆହୁରି ବ୍ୟାପକ କରିବାକୁ ପ୍ରସ୍ତୁତି ଚାଲିଛି।

ବର୍ତ୍ତମାନ ଏସବୁ ସ୍ଥାନରେ ଯାତ୍ରୀମାନଙ୍କୁ ଉଭୟ କୁକୁର ସହାୟତାରେ ଏବଂ ପାରମ୍ପରିକ ପଦ୍ଧତିରେ ପରୀକ୍ଷା କରାଯାଉଛି। ଏ ପ୍ରକ୍ରିୟା ଆହୁରି ୪/୬ ମାସ ଚାଲିବ। ଯଦି ଉଭୟର ଫଳାଫଳ ଏକାପ୍ରକାର ହୁଏ, ତେବେ ତା' ପରେ କେବଳ କୁକୁରଙ୍କ ଦ୍ୱାରା ଏହା ସମ୍ପାଦିତ କରାଯିବ। ଏ ପ୍ରକ୍ରିୟା ହେବ ସହଜ, ଶସ୍ତା ଏବଂ କ୍ଷିପ୍ର। ଇତିମଧ୍ୟରେ ଅଷ୍ଟ୍ରେଲିଆ, ଫ୍ରାନ୍‌ସ, ଜର୍ମାନୀ ଏବଂ ଆମେରିକା ଏଥିପାଇଁ ପ୍ରସ୍ତୁତ ହେଉଛନ୍ତି। ଯଦି ଫିନ୍‌ଲ୍ୟାଣ୍ଡଠାରେ ଚାଲିଥିବା ପରୀକ୍ଷା ସଫଳ ହୁଏ ତେବେ ଏ ଦେଶଗୁଡିକ ତାହା ଯଥାଶୀଘ୍ର ଆରମ୍ଭ କରିଦେବେ। ଅତଏବ କୁକୁରଙ୍କର ଏ କ୍ଷେତ୍ରରେ ବିନିଯୋଗ ବ୍ୟାପକ ଏବଂ ବିଶ୍ୱବ୍ୟାପୀ ହେବାର ପଥ ଉନ୍ମୁକ୍ତ ହେବ।

ଉଷାନିବାସ, ଖଣ୍ଡଗିରିବିହାର, ଭୁବନେଶ୍ୱର
ମୋ: ୯୯୩୭୯୮୫୭୬୭

## ପାଠକ ଶ୍ରେଷ୍ଠ ବିଚାରକ

### ପଦୋନ୍ନତିରେ ସଂରକ୍ଷଣ

ମହାଶୟ,

ପଦୋନ୍ନତିରେ ସଂରକ୍ଷଣ ବ୍ୟବସ୍ଥା ଉପରେ ସୁପ୍ରିମ୍‌କୋର୍ଟ ରହିତାଦେଶ ଲଗାଇଛନ୍ତି। ଅଥଚ ରାଜ୍ୟ ସରକାରମାନେ ସଂରକ୍ଷଣ ବ୍ୟବସ୍ଥାକୁ କାଏମ ରଖିଛନ୍ତି। ଜୁନିୟରମାନଙ୍କୁ ସଂରକ୍ଷଣ ବ୍ୟବସ୍ଥାରେ ସରକାର ପଦୋନ୍ନତି ଦେଉଛନ୍ତି। ଯାହା ଅଭିଜ୍ଞଙ୍କ ମାନସିକ ଅବସାଦ ବଢ଼ାଉଛି। ଯେଉଁ କ୍ଷେତ୍ରରେ ଜ୍ଞାନ ଏବଂ ଅଭିଜ୍ଞତା ବିଭାଗର ଉନ୍ନତି ତଥା ପ୍ରଗତି ଆଣେ ସେହି ବିଭାଗଗୁଡ଼ିକରେ ମଧ୍ୟ ସଂରକ୍ଷଣ ବ୍ୟବସ୍ଥା ଲାଗୁ ଅଛି। ଏତଦ୍ୱାରା କ୍ୱାଲିଟି ଆସିବ ବା କିପରି ? ଦକ୍ଷତାକୁ ବିଚାରକୁ ନ ନେଇ ସଂରକ୍ଷଣ ବ୍ୟବସ୍ଥାକୁ ଗୁରୁତ୍ୱ ଦେଲେ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଅନେକ ବରିଷ୍ଠ ଅଭିଜ୍ଞସମ୍ପନ୍ନ ବ୍ୟକ୍ତିଙ୍କ ମାନସିକ ଅବସାଦ ଦେଖାଦେଉଛି ଯାହା କାର୍ଯ୍ୟକରିବାର ଆଗ୍ରହ କମାଇ ଦେଉଛି। ପଦୋନ୍ନତିରେ ତାରତମ୍ୟ ନୀତି ଭବିଷ୍ୟତରେ ବିପ୍ଳବ ସୃଷ୍ଟି ନ କରିବ ତାହା କିଏ ବା କହିବ !

-ସୁକାନ୍ତ କୁମାର ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଦେଖରେ ଦେଖ ବସନ୍ତ ବାଆ
ବିକଳେ କବି ଭ୍ରମଇ ଆହା
ତୁମରି ଚିର ଖେଳର ସାଥୀ
ନ ଲଭି କାହିଁ ଭରସା ସାହା।

-(କବିର ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ୮,୪୯୯ ନିର୍ମାଣ ଶ୍ରମିକଙ୍କ ପତ୍ତା ମିଳୁନି

ଭଦ୍ରକ ଅଫିସ,୪।୧୧

## ପଡ଼ି ରହିଛି ୧. ୨୭ କୋଟି ଟଙ୍କାର ଆର୍ଥିକ ସହାୟତା

ପ୍ରାୟ ୮ ହଜାର ନିର୍ମାଣ ଶ୍ରମିକଙ୍କ ଏବେ ପତ୍ତା ମିଳୁନାହିଁ। ସବୁପ୍ରକାର ଉଦ୍ୟମ ପରେ ମଧ୍ୟ ଭଦ୍ରକ ଜିଲା ଶ୍ରମ ବିଭାଗ ସେମାନଙ୍କୁ ଠାବ କରି ପାରୁ ନାହିଁ। ଫଳରେ ନିର୍ମାଣ ଶ୍ରମିକଙ୍କ ପାଇଁ କରୋନା ଲକ୍‌ଡାଉନ୍ ସମୟରେ ସରକାର ମଞ୍ଜୁର କରିଥିବା ଆର୍ଥିକ ସହାୟତା ରାଶି ବଣ୍ଟା ନ ଯାଇ ପଡ଼ି ରହିଛି। ଯାହାର ପରିମାଣ ପ୍ରାୟ ୧ କୋଟି ୨୭ ଲକ୍ଷ ୪୮ ହଜାର ୫ଶହ ଟଙ୍କା ହେବ। ଏହା ଜିଲା ଶ୍ରମ ବିଭାଗ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଥିବା ବେଳେ ବିଭାଗୀୟ ଅଧିକାରୀମାନେ ବିଭିନ୍ନ ବ୍ଲକରେ ସେମାନଙ୍କୁ ଖୋଜି ଏହି ସହାୟତା ରାଶି ଦେବାକୁ ଉଦ୍ୟମ ଚଳାଇଛନ୍ତି। ଯଦି ସମସ୍ତଙ୍କୁ ଠାବ କରି ନ ହୁଏ ତେବେ ଶେଷରେ ଏହି ସହାୟତା ରାଶି ସମ୍ପୃକ୍ତ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଇ ଦିଆଯିବ ବୋଲି ଜିଲା ଶ୍ରମ ଅଧିକାରୀ କୁବେର ବେହେରା କହିଛନ୍ତି।

ଏହି ଘଟଣା ଭଦ୍ରକ ଜିଲାରେ ନିର୍ମାଣ ଶ୍ରମିକ ଚୟନ କ୍ଷେତ୍ରରେ ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜିଲା ଶ୍ରମ କାର୍ଯ୍ୟାଳୟରେ ଦଲାଲମାନେ ଗ୍ରାମାଞ୍ଚଳ ତଥା ସହରାଞ୍ଚଳରୁ ଆବେଦନ ପତ୍ର ସଂଗ୍ରହ କରି ପଞ୍ଜୀକରଣ କରାଇ ମାଲାମାଲ ହେଉଥିବା ଓ ଏଥିରେ ବିଭାଗୀୟ କର୍ମଚାରୀଙ୍କ ସମ୍ପୃକ୍ତି ଥିବା ଗତ ମାସରେ ପ୍ରମାଣିତ ହୋଇଛି। କାର୍ଯ୍ୟାଳୟର ଜଣେ କିରାଣି ଶ୍ରମିକ ପଞ୍ଜୀକରଣ ପାଇଁ ୯ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ଏଣୁ ନକଲି ଶ୍ରମିକମାନେ ପଞ୍ଜୀକୃତ ହୋଇ ସରକାରୀ ପ୍ରୋତ୍ସାହନ ହାତେଇବାରେ ଲାଗିଛନ୍ତି। ଏବେ ଏହି ପ୍ରୋତ୍ସାହନ ରାଶି ଦେବା ପାଇଁ ଅଧିକାରୀ ଘରକୁ ଘର ବୁଲୁଛନ୍ତି। ହେଲେ ହିତାଧିକାରୀ ମିଳୁ ନ ଥିବା ଘଟଣା ଜିଲାରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଏପରି କି ପୋଲିସ ଚାକିରିଆ ମଧ୍ୟ ନିର୍ମାଣ ଶ୍ରମିକ ବ୍ୟବସ୍ଥାରେ ପଞ୍ଜୀକୃତ ହୋଇ ସରକାରୀ ଟଙ୍କା ହାତେଇଥିବା ଅଭିଯୋଗ ହୋଇଛି। ଏପ୍ରିଲରୁ ଏହି ସହାୟତା ରାଶି ବଣ୍ଟା ଆରମ୍ଭ ହୋଇଛି। ଇତି ମଧ୍ୟରେ ୭ମାସ ବିତିଗଲାଣି। କିନ୍ତୁ ଆହୁରି ପ୍ରାୟ ୮ ହଜାରରୁ ଊର୍ଦ୍ଧ୍ୱ ନିର୍ମାଣ ଶ୍ରମିକ ସେମାନଙ୍କ ସହାୟତା ରାଶି ନେବାକୁ ଆସୁନାହାନ୍ତି।

ସୂଚନାଥାଉକି, ଜିଲାରେ ମୋଟ ୮୫ହଜାର ୭୪୮ଜଣ ପଞ୍ଜୀକୃତ ନିର୍ମାଣ ଶ୍ରମିକ ଅଛନ୍ତି। ଭଦ୍ରକ ବ୍ଲକର ୮,୬୭୯ ହିତାଧିକାରୀ, ବାସୁଦେବପୁର ବ୍ଲକର ୧୧,୮୬୫, ଭଣ୍ଡାରିପୋଖରୀର ୧୦,୭୩୬, ବନ୍ତ ବ୍ଲକର ୬,୩୫୪, ଧାମନଗରର ୯,୭୨୦,ତିହିଡ଼ି ବ୍ଲକର ୪,୮୯୩, ଚାନ୍ଦବାଲି ୯,୧୪୨, ଭଦ୍ରକ ପୌରପାଳିକାରେ ୪,୩୧୦, ସେହିଭଳି ବାସୁଦେବପୁର ପୌରପାଳିକାରେ ୩,୨୮୧ ନିର୍ମାଣ ଶ୍ରମିକଙ୍କୁ ଏହି ରାଶି ପ୍ରଦାନ କରାଯିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ସେମାନଙ୍କ ମଧ୍ୟରୁ ଅକ୍ଟୋବର ୧୫ ସୁଦ୍ଧା ୮,୪୯୯ ଜଣ ନିର୍ମାଣ ଶ୍ରମିକ ସେମାନଙ୍କ ଆର୍ଥିକ ସହାୟତା ରାଶି ନେଇନାହାନ୍ତି। ଭଦ୍ରକର ୧,୩୮୩ ଜଣ, ବାସୁଦେବପୁରର ୨,୩୭୬ ଜଣ, ଭଣ୍ଡାରିପୋଖରୀର ୨୦୬ ଜଣ, ବନ୍ତର ୨୬୬ ଜଣ, ଧାମନଗରର ୧,୨୯୬ ଜଣ, ତିହିଡ଼ିର ୨୮୭ ଜଣ, ଚାନ୍ଦବାଲିର ୮୨୧ ଜଣ, ଭଦ୍ରକ ପୌରପାଳିକାର ୧,୪୫୫ ଜଣ, ବାସୁଦେବପୁର ପୌରପାଳିକାର ୪୦୯ ଜଣ ନିର୍ମାଣ ଶ୍ରମିକ ସେମାନଙ୍କ ଟଙ୍କା ନେବା ପାଇଁ ଆସୁ ନ ଥିବା ବା ନକଲି ହିତାଧିକାରୀ ଥିବା ଅନୁମାନ କରାଯାଉଛି। ଏନେଇ ଜିଲା ଶ୍ରମ ଅଧିକାରୀ ବେହେରା କୁହନ୍ତି, ତୁରନ୍ତ ଏହି ସହାୟତା ରାଶି ପ୍ରଦାନ କରିବା ପାଇଁ ବିଡିଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେମାନଙ୍କ ଠିକଣା ପରିବର୍ତ୍ତନ କାରଣରୁ ଟଙ୍କା ବଣ୍ଟନରେ ବିଳମ୍ୱ ହେଉଛି ବୋଲି କହିଛନ୍ତି।

## ସଂକ୍ଷେପରେ

### ସ୍ୱାସ୍ଥ୍ୟ ସଚିବଙ୍କୁ କୃତଜ୍ଞତା ଜଣାଇଲା ଓଏମ୍‌ଟିଏ

**ମେଡିକାଲ କଲେଜ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଆକ୍ରମଣ ଘଟଣା**

ଭୁବନେଶ୍ୱର,୪।୧୧(ବ୍ୟୁରୋ): ବାରିପଦା ପିଆର୍‌ଏମ୍ ମେଡିକାଲ କଲେଜ ଓ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡ. ବୈକୁଣ୍ଠନାଥ ମହାପାତ୍ରଙ୍କ ଉପରେ ହୋଇଥିବା ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଘଟଣାର ତଦନ୍ତ ସହ ଆକ୍ରମଣରେ ସାମିଲ ଦୋଷୀଙ୍କୁ ତୁରନ୍ତ ଗିରଫ କରିବାକୁ ମୟୂରଭଞ୍ଜ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ଓଡ଼ିଶା ମେଡିକାଲ କଲେଜ ଟିଚର୍ସ ଆସୋସିଏଶନ (ଓଏମ୍‌ଟିଏ) ପକ୍ଷରୁ ସ୍ୱାସ୍ଥ୍ୟ ସଚିବଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ରାଜ୍ୟରେ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ଉପରେ ହେଉଥିବା ଆକ୍ରମଣକୁ ଦୃଢ଼ ନିନ୍ଦା କରାଯିବା ପରେ କାର୍ଯ୍ୟାନୁଷ୍ଠାନ ଦିଗରେ ପଦକ୍ଷେପ ଆରମ୍ଭ ହୋଇଛି। ସ୍ୱାସ୍ଥ୍ୟ ସଚିବଙ୍କ ହସ୍ତକ୍ଷେପ ଆଗାମୀ ଦିନରେ ଡାକ୍ତରଙ୍କ ମନୋବଳ ବୃଦ୍ଧି କରିବ ଏବଂ ଦାୟିତ୍ୱ ନିର୍ବାହରେ ସହଯୋଗ କରିବ ବୋଲି ଆସୋସିଏଶନ ପକ୍ଷରୁ କୁହାଯାଇଛି।

# କନିଷ୍ଠ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

ବଇଣ୍ଡା, ୪।୧୧(ଡି.ଏନ.ଏ.): ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଡହୁଲାଠାରେ ଥିବା ବଇଣ୍ଡା ଗ୍ରାମ୍ୟ ଉନ୍ନୟନ ବିଭାଗ(ଆର୍‌ଡି) କାର୍ଯ୍ୟାଳୟର କନିଷ୍ଠଯନ୍ତ୍ରୀ ବସନ୍ତ କୁମାର ବସ୍ତିଆଙ୍କ ସରକାରୀ ବାସଭବନ ଓ କାର୍ଯ୍ୟାଳୟରେ ବୁଧବାର ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ଭୋର ସମୟରେ କଟକ ଓ ଅନୁଗୋଳର ଭିଜିଲାନ୍ସ ଟିମ୍ ଏକ ସଙ୍ଗେ ତାଙ୍କ କ୍ୱାର୍ଟର୍ସ, କାର୍ଯ୍ୟାଳୟ ସହ କଟକ ଜିଲା ନିଆଳି ଥାନା ସିଠାଳ ଗ୍ରାମସ୍ଥିତ ତାଙ୍କ ପୈତୃକ ଘରେ ଏବଂ ଶ୍ୱଶୁର ଘରେ ଚଢ଼ାଉ କରିଛି। ବଇଣ୍ଡାଠାରେ ଥିବା ସରକାରୀ କ୍ୱାର୍ଟର୍ସରୁ ୮୧ ହଜାର ଏବଂ କାର୍ଯ୍ୟାଳୟରୁ ୩୯ ହଜାର ଟଙ୍କା ଜବତ କରାଯାଇଛି। ବସ୍ତିଆ ୨୦୧୬ରେ ବଇଣ୍ଡା ଗ୍ରାମ୍ୟ ଉନ୍ନୟନ ସେକ୍ସନରେ କନିଷ୍ଠ ଯନ୍ତ୍ରୀ ଦାୟିତ୍ୱ ନେଇଥିଲେ। ସେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗ ହେବା ପରେ ଅନୁଗୋଳ ଭିଜିଲାନ୍ସ ଇନ୍ସପେକ୍ଟର ପ୍ରଦୀପ କୁମାର ସାମଲ, ବିଜୟ କୁମାର ସେଠୀ, ପ୍ରିୟବ୍ରତ ପ୍ରଧାନ, ରୁଦ୍ରନାରାୟଣ ବିଶ୍ୱାଳ, ସିଦ୍ଧାର୍ଥ କୁମାର ରାଉତ ଚଢ଼ାଉ କରିଥିଲେ। ଏଥିସହ ଆଉ ଦୁଇଟି ଟିମ୍ ତାଙ୍କ ସିଠାଳସ୍ଥିତ ଘର ଏବଂ ଶ୍ୱଶୁର ଘରେ ଚଢ଼ାଉ କରିଥିଲେ। ବସ୍ତିଆଙ୍କ ମୋଟ୍ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ଆକଳନ ସମ୍ପୂର୍ଣ୍ଣ ତଦନ୍ତ ପରେ ଜଣାପଡ଼ିବ ବୋଲି ଇନ୍ସପେକ୍ଟର ବିଶ୍ୱାଳ କହିଛନ୍ତି।

# ଉଚ୍ଚକ୍ଷମତାପ୍ରାପ୍ତ ଟିମ୍‌ଙ୍କୁ ବିରୋଧ



ମାଗୁରବେଡା ଲୋୟର ସୁକ୍‌ତେଲ ଡ୍ୟାମ ସାଇଡ୍‌ରେ ବୁଡି ଅଞ୍ଚଳବାସୀ ନାରାବାଜି କରୁଛନ୍ତି।

ବଲାଙ୍ଗୀର ଅଫିସ, ୪।୧୧

**ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ**

- ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ: ସର୍ବୋଚ୍ଚ ଯନ୍ତ୍ରୀ
- କ୍ଷତିପୂରଣ, ଥଇଥାନ ନହେବା ଯାଏ ବିରୋଧ କରାଯିବ: ବୁଡି ଅଞ୍ଚଳବାସୀ

ନଭେମ୍ବର ମାସରେ ବହୁ ପ୍ରତୀକ୍ଷିତ ଲୋୟର ସୁକ୍‌ତେଲ ପ୍ରକଳ୍ପ କାମ ଆରମ୍ଭ କରାଯିବ ବୋଲି କୁହାଯାଇଥିଲା। ଏଥିସକାଶେ ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଜ୍ୟୋତିର୍ମୟ ରଥ, ନିର୍ଦ୍ଦେଶକ ରାଜେନ୍ଦ୍ର ପଟ୍ଟନାୟକ ଓ ଓସିସି(ଓଡିଶା କନଷ୍ଟ୍ରକଶନ କମ୍ପାନୀ) ଏମଡି ଅସୀମ ମହାପାତ୍ରଙ୍କ ତିନିଜଣିଆ ଉଚ୍ଚକ୍ଷମତାପ୍ରାପ୍ତ ଟିମ୍ ବୁଧବାର ବଲାଙ୍ଗୀର ଗସ୍ତରେ ଆସିଥିଲେ। ସ୍ଥାନୀୟ ଲୋୟର ସୁକ୍‌ତେଲ ଡାକବଙ୍ଗଳାରେ ପ୍ରକଳ୍ପ ସମୀକ୍ଷା କରିବା ପରେ ଏହି ଟିମ୍ ସୁକ୍‌ତେଲ ଡ୍ୟାମ୍ ସାଇଡ୍ ପରିଦର୍ଶନରେ ଯାଇଥିଲେ। ସେଠାରେ ସୁକ୍‌ତେଲ ଡ୍ୟାମ କାମ ପୁଣି ଥରେ ଆରମ୍ଭ କରିବା ପାଇଁ ପ୍ରାକ୍ ପ୍ରସ୍ତୁତି ସମ୍ବନ୍ଧରେ ଡ୍ୟାମ ନିର୍ମାଣକାରୀ ସଂସ୍ଥା ଏସ୍‌ଏନ୍ ରାଜୁ କମ୍ପାନୀ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଏତିକି ବେଳେ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବାକୁ ଥିବା ବିଭିନ୍ନ ଗାଁର ଶତାଧିକ ବୁଡି ଅଞ୍ଚଳବାସୀ ଏହି ଉଚ୍ଚକ୍ଷମତାପ୍ରାପ୍ତ ଟିମ୍‌କୁ ସେଠାରେ ବିଭିନ୍ନ ପ୍ରଶ୍ନ କରି ବିରୋଧ କରିବା ଆରମ୍ଭ କରିଥିଲେ। ସେମାନଙ୍କୁ ଉଚିତ୍ କ୍ଷତିପୂରଣ ଓ ଥଇଥାନ ନ କରି କିଭଳି ଭାବେ ସରକାର ପ୍ରକଳ୍ପ କାମ ଆରମ୍ଭ କରିବାକୁ ଯୋଜନା କରୁଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଆଗେ କର ଥଇଥାନ୍, ପଛେ କର ଡ୍ୟାମ୍ କାମ୍ ବୋଲି ନାରାବାଜି କରିଥିଲେ। ଲୋକଙ୍କ ସମସ୍ୟା ସମାଧାନ ନକରି ଡ୍ୟାମ କାମ ଆରମ୍ଭ କଲେ ଜୋରଦାର ବିରୋଧ କରାଯିବ ବୋଲି ସେମାନେ ଚେତାବନୀ ଦେଇଥିଲେ। ଲୋକଙ୍କ ବିରୋଧ ପରେ ସେଠାରୁ ଟିମ୍ ସଦସ୍ୟମାନେ ଫେରି ଆସିଥିବା ଜଣାପଡିଛି। ଏ ନେଇ ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ରଥଙ୍କୁ ପଚରାଯିବାରୁ ଦିଆଯାଇଥିବା ପ୍ରତିଶ୍ରୁତି ମୁତାବକ ସେମାନେ ପ୍ରକଳ୍ପ ପରିଦର୍ଶନରେ ଆସି ପ୍ରାକ୍ ପ୍ରସ୍ତୁତି କାମ ତଦାରଖ କରିଛନ୍ତି। ଖୁବ୍‌ଶୀଘ୍ର ସୁକ୍‌ତେଲ ପ୍ରକଳ୍ପ କାମ ଆରମ୍ଭ ହେବାକୁ ଯାଉଛି ବୋଲି କହିଥିଲେ। ଡ୍ୟାମ ସାଇଡ୍ ପରିଦର୍ଶନ ବେଳେ ଜଣେ ବ୍ୟକ୍ତି ବୁଡିଅଞ୍ଚଳବାସୀଙ୍କ ସମସ୍ୟା ସମାଧାନ ନେଇ ପ୍ରଶ୍ନ କରିଥିଲେ ଓ ସେଦିଗରେ ମଧ୍ୟ ପଦକ୍ଷେପ ନିଆଯାଉଛି ବୋଲି ସେ କହିଛନ୍ତି। ବୁଡିଅଞ୍ଚଳ ଅଗ୍ରଗାମୀ ସଂଘର ସଭାପତି ଉପେନ୍ଦ୍ର ସାହୁ ଓ ଉମାକାନ୍ତ ଖୁଆସ ଲୋକଙ୍କ ସମସ୍ୟା ସମାଧାନ ନ କରି ପ୍ରଶାସନ ପୁଣି ଥରେ ଜୋରଦବରଦସ୍ତି କାମ ଆରମ୍ଭ କରିବାକୁ ଯାଉଛି ଓ ଏହାକୁ ଆମେ ବିରୋଧ କରିବୁ ବୋଲି କହିଛନ୍ତି।

# ମୃତଦେହକୁ ଗାଁ ମଶାଣି ମନା

ଉଦଳା,୪।୧୧(ଡି.ଏନ.ଏ.)



ଶୋକାକୁଳ ପରିବାର ବର୍ଗ।

**ଜରିମାନା ନ ଦେବାରୁ ୨୪ ଘଣ୍ଟା ପଡ଼ିରହିଲା**

ଜରିମାନା ଅର୍ଥ ନ ଦେବାରୁ ଜଣେ ମହିଳାଙ୍କ ମୃତଦେହ ୨୪ ଘଣ୍ଟା ଘରେ ପଡ଼ି ରହିବା ଓ ସେ ଅନ୍ୟ ଜାତିର ହୋଇଥିବାରୁ ଗାଁ ମଶାଣିରେ ତାଙ୍କ ମୃତଦେହ ସଂସ୍କାରକୁ ବାରଣ କରାଯିବା ଚର୍ଚ୍ଚାର ବିଷୟ ହୋଇଛି। ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ବାଲିଛତ୍ରା ଉଲଦା ଗ୍ରାମରେ ଏଭଳି ସ୍ପର୍ଶକାତର ଘଟଣା ଘଟିଛି।

ସୋମବାର ଗ୍ରାମର ରାଜେନ୍ଦ୍ର ନାଏକଙ୍କ ସ୍ତ୍ରୀ ସାବିତ୍ରୀ ସିଂ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ସଂଜ୍ଞାହୀନ ଅବସ୍ଥାରେ ତାଙ୍କୁ ଚିକିତ୍ସା ନିମନ୍ତେ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମଙ୍ଗଳବାର ସକାଳୁ ଉଦଳା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକେ ମୃତଦେହ ଆଣି ଅପରାହ୍ନ ୨ଟାରେ ଘରେ ପହଞ୍ଚିବା ସହ ସଂସ୍କାର ନିମନ୍ତେ ବାହାରିଥିଲେ। ମାତ୍ର ରାଜେନ୍ଦ୍ରଙ୍କ ଉପରେ ଧାର୍ଯ୍ୟ କରାଯାଇଥିବା ଜରିମାନା ଅର୍ଥ ସେ ଦେଇ ନ ଥିବାରୁ ସ୍ଥାନୀୟ ଲୋକେ ସାବିତ୍ରୀଙ୍କ ମୃତଦେହ ସଂସ୍କାର କରିବାକୁ ଦିଆଯିବ ନାହିଁ ବୋଲି କହିଥିଲେ। ଫଳରେ ବୁଧବାର ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୃତଦେହ ଘରେ ପଡ଼ି ରହିଥିଲା। ଶେଷରେ ରାଜେନ୍ଦ୍ର ଜରିମାନା ବାବଦରେ ୫ ହଜାର ଟଙ୍କା ଦେବାରୁ ମୃତଦେହ ସଂସ୍କାର କରାଯିବା ନିମନ୍ତେ ବ୍ୟବସ୍ଥା ହୋଇଥିଲା। ଅନ୍ୟପକ୍ଷେ ରାଜେନ୍ଦ୍ର ଅନ୍ୟ ଜାତିର ହୋଇଥିବାରୁ ତାଙ୍କ ସ୍ତ୍ରୀ ସାବିତ୍ରୀଙ୍କ ମୃତଦେହ ଗାଁ ମଶାଣିରେ ନୁହେଁ ବରଂ ଅନ୍ୟ ଏକ ସ୍ଥାନରେ ସଂସ୍କାର କରାଯାଇଥିଲା।

ଏ ସଂକ୍ରାନ୍ତରେ ଗାଁର ମୁଖିଆ ସୁଦାମ ଚନ୍ଦ୍ର ହାଁସଦାଙ୍କୁ ପଚାରିବାରୁ ରାଜେନ୍ଦ୍ର ଅନେକ ସମୟରେ ତାଙ୍କ ସ୍ତ୍ରୀଙ୍କୁ ମାରଧର କରନ୍ତି। ଯାହାକୁ ଗ୍ରାମରେ ବୈଠକ ବସାଯାଇ ସମାଧାନ କରାଯିବା ସହିତ ପୁନଶ୍ଚ ଏଭଳି ନ କରିବାକୁ ତାଙ୍କୁ ତାଗିଦ୍ କରାଯାଉଥିଲା। ଗାଁର ନୀତି ନିୟମ ଅନୁଯାୟୀ ସର୍ବସମ୍ମତିକ୍ରମେ ରାଜେନ୍ଦ୍ରଙ୍କୁ ଜରିମାନା ଦେବାକୁ କୁହାଯାଇଥିଲା। ହେଲେ ରାଜେନ୍ଦ୍ର ଜରିମାନା ନ ଦେଇ ବାରମ୍ବାର ସ୍ତ୍ରୀ ସାବିତ୍ରୀଙ୍କ ସହିତ ଝଗଡ଼ା କରୁଥିଲେ। ତେଣୁ ଗ୍ରାମବାସୀଙ୍କ ପକ୍ଷରୁ ଏଭଳି ନିଷ୍ପତ୍ତି ଗ୍ରହଣ କରାଯାଇଥିବା ସେ କହିଛନ୍ତି। ମୃତ ମହିଳାଙ୍କ ସମ୍ପର୍କୀୟ ରବୀନ୍ଦ୍ର ଟୁଡୁ କୁହନ୍ତି ଗ୍ରାମବାସୀ ଧାର୍ଯ୍ୟ କରିଥିବା ଜରିମାନା ଅର୍ଥରୁ ୫ ହଜାର ଦେବା ପରେ ମୃତଦେହ ସଂସ୍କାର କରାଯାଇଥିଲା।

# ଇକୋ-ଟୁରିଜମ୍‌ରେ ୫ବର୍ଷରେ ୧୦୧ ପ୍ରତିଶତ ରାଜସ୍ୱ ବୃଦ୍ଧି

ଭୁବନେଶ୍ୱର, ୪।୧୧(ବ୍ୟୁରୋ)

ଇକୋ-ଟୁରିଜମ୍ ଉପରେ ଗୁରୁତ୍ୱାରୋପ କରି ଏହାକୁ ଅଧିକ ବୃତ୍ତିଭିତ୍ତିକ କରିବାକୁ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ନିର୍ଦ୍ଦେଶ ଦେଇଛନ୍ତି। ଇକୋ-ଟୁରିଜମ୍ ପରିବେଶ ଅନୁକୂଳ ଏବଂ ଏହା ସ୍ଥାନୀୟ ବାସିନ୍ଦାଙ୍କ ରୋଜଗାର ବୃଦ୍ଧିର ପ୍ରମୁଖ ମାଧ୍ୟମ ହୋଇପାରିବ ବୋଲି ସେ କହିଛନ୍ତି। ଅଧିକ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ସମ୍ଭାବନା ଥିବା ସ୍ଥାନଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ବିକଶିତ କରାଯିବ। ଓଡ଼ିଶା ପର୍ଯ୍ୟଟନ ବିଭାଗ ସହ ସମନ୍ୱିତଭାବେ ପ୍ରକୃତି-ପର୍ଯ୍ୟଟନ କେନ୍ଦ୍ରଗୁଡିକର ଭିତ୍ତିଭୂମି ବିକାଶ ଓ ପରିଚାଳନା କରିବା ପାଇଁ ବନ୍ୟଜନ୍ତୁ ମୁଖ୍ୟ ପ୍ରଧାନ ବନ ସଂରକ୍ଷକଙ୍କୁ ପରାମର୍ଶ ଦିଆଯାଇଛି।

ଲୋକସେବା ଭବନରେ ଅନୁଷ୍ଠିତ ଗୋଷ୍ଠୀ ପରିଚାଳିତ ଇକୋ-ଟୁରିଜମ୍ ଯୋଜନାର ରାଜ୍ୟସ୍ତରୀୟ କମିଟିରେ ମୁଖ୍ୟ ଶାସନ ସଚିବ ଅଧ୍ୟକ୍ଷତା କରିଛନ୍ତି। ଏହି ଅବସରରେ ବନ୍ୟଜନ୍ତୁ ସଂରକ୍ଷଣ ପିସିସିଏଫ୍ ହରିଶଙ୍କର ଉପାଧ୍ୟାୟ କହିଛନ୍ତି, ୨୦୧୫-୧୬ରେ ସରକାର କମ୍ୟୁନିଟି ପରିଚାଳିତ ଇକୋ-ପର୍ଯ୍ୟଟନ ଆରମ୍ଭ କରିଥଲେ। ରାଜ୍ୟର ୧୮ ଜିଲା ଅନ୍ତର୍ଗତ ୪୭ ଟିଇକୋ-ସ୍ପଟ୍‌ର ବିକାଶ କାର୍ଯ୍ୟ ଆରମ୍ଭ ହୋଇଛି। ଏସବୁ ସ୍ଥାନରେ ୩୫୦ଟି କୋଠରିରେ ପ୍ରାୟ ୭୦୦ରୁ ଊର୍ଦ୍ଧ୍ୱ ପର୍ଯ୍ୟଟକଙ୍କ ରହଣି ବ୍ୟବସ୍ଥା କରାଯାଇଛି। ସାତକୋଶିଆ, ଶିମିଳିପାଳ, ଭିତରକନିକା, ଡେବ୍ରିଗଡ଼, ମଣ୍ଡାସରୁ , ଖଣ୍ଡାଧାର, ବିଚିତ୍ରପୁର, ଟିକରପଡ଼ା, ଛୋଟକେଇ, ରାଜହଂସ, ମଙ୍ଗଳାଯୋଡି, ଡେରାସ, ଗୋଡିବାରି ଆଦି ସ୍ଥାନକୁ ଅଧିକ ପର୍ଯ୍ୟଟକଙ୍କ ଆଗମନ ହୋଇଛି। ସରକାରଙ୍କ ଯୋଜନା ଫଳରେ ଗତ ୫ବର୍ଷରେ ପର୍ଯ୍ୟଟକଙ୍କ ଆଗମନରେ ପ୍ରାୟ ୨୫ ଶତକଡା ଅଭିବୃଦ୍ଧି ହୋଇଛି। ୨୦୧୫-୧୬ରେ ୧୯୦୦ ପର୍ଯ୍ୟଟକଙ୍କ ଆଗମନ ହୋଇଥିଲାବେଳେ ୨୦୧୭-୧୮ରେ ୧୭,୧୪୮, ୨୦୧୯-୨୦ରେ ୪୬,୦୧୯କୁ ଏହା ବୃଦ୍ଧି ପାଇଛି।

ଏହି ସମୟରେ ଇକୋ-ଟୁରିଜମ୍‌ରୁ ରାଜସ୍ୱ ଆଦାୟ ଶତକଡା ୧୦୧ ଭାଗ ବୃଦ୍ଧିପାଇଛି। ୨୦୧୫-୧୬ରେ ରାଜସ୍ୱ ଆଦାୟ ୪୭ ଲକ୍ଷ ଥିବାବେଳେ ୨୦୧୯-୨୦ରେ ଏହା ୬.୮୫ କୋଟିକୁ ବୃଦ୍ଧି ପାଇଛି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା କହିଛନ୍ତି, ଏହି ବ୍ୟବସ୍ଥାରେ ସଂଗ୍ରହ ହେଉଥିବା ରାଜସ୍ୱର ଶତକଡା ୮୦ ଭାଗ ସମ୍ପୃକ୍ତ ପର୍ଯ୍ୟଟନ ସ୍ଥାନ ପରିଚାଳନା କରୁଥିବା କମିଟିଙ୍କୁ ଦିଆଯାଏ। ଶତକଡା ୧୦ ଭାଗ କର୍ପସ ପାଣ୍ଠିଭାବେ ଗଚ୍ଛିତ ରହେ ଏବଂ ଅବଶିଷ୍ଟ ୧୦ ଭାଗ ସରକାରଙ୍କୁ ରାଜସ୍ୱ ଆକାରରେ ମିଳେ। ଚଳିତ ବର୍ଷ ବରେହିପାଣି, ଚାନ୍ଦିପଟ୍ଟା, ଚିତ୍ରକୋଣ୍ଡା, ସତୀଗୁଡା, ନୃସିଂହନାଥ, କୋରାପୁଟର ପାଇନ୍ ଜଙ୍ଗଲ, ପାଟୋରା ଡ୍ୟାମ୍ ଓ ଟେନ୍‌ସା ଆଦି ସ୍ଥାନରେ ଆଉ ନୂତନ ୮ଟି ପ୍ରକୃତି-ପର୍ଯ୍ୟଟନ କେନ୍ଦ୍ର ବିକାଶ କରିବା ପାଇଁ ବୈଠକରେ ସ୍ଥିର ହୋଇଛି। ଇକୋ-ସ୍ପଟ୍ ଗୁଡିକରେ ସଫାରି ପର୍ଯ୍ୟଟନ, ବୋଟିଂ, ଆୟୋଜିତ ଦିବା ପର୍ଯ୍ୟଟନ, ବିଶ୍ୱସ୍ତରୀୟ ବ୍ୟାଖ୍ୟାନ କେନ୍ଦ୍ର, ୱାଚ୍ ଟାୱାର ଆଦି ଆଧୁନିକ ସୁବିଧା ସୃଷ୍ଟି କରି ସେସବୁ ସ୍ଥାନକୁ ପର୍ଯ୍ୟଟକଙ୍କ ନିମନ୍ତେ ଅଧିକ ଆନନ୍ଦଦାୟୀ ଓ ସ୍ମରଣୀୟ କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

**NESCO UTILITY**
Head Office: Januganj, Balasore-756019
Email-purchase@nescoodisha.com
**NOTICE INVITING TENDER**
Tender Notice No. NESCO Utility / Operation of TRW Unit /15 /20-21/ 8738 Dt: 02.11.20
For and on behalf of NESCO Utility , sealed tenders are invited in duplicates from transformer manufacturer / repairer, who comply with the terms & conditions and specification laid down in the tender documents for **'Operation of TRW Unit with rate contract for repairing/ refurbishment of damaged 1Ph/3Ph CRGO /AMC Core Al/Cu. Wound Distribution Transformer'** under MR head.
**Last date for submission of Tender** : Dt.20.11.20 up to 3.00 PM , Date of opening of Tender: Dt.20.11.20 at 3.30 PM. For details please visit our website-**www.nescoodisha.com**.
Corrigendum if any will be published in the website only.
Sd./- General Manager (C&MM)

**କଣ୍ଟାପଡ଼ା ତହସିଲଦାରଙ୍କ କାର୍ଯ୍ୟାଳୟ**
**କଣ୍ଟାପଡ଼ା, କଟକ**
ପତ୍ର ସଂଖ୍ୟା: ୨୧୯୭ ତା୦୪।୧୧।୨୦
**ଲଘୁ ଖଣିଜ ଉତ୍ସର ଦୀର୍ଘମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ**
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, କଟକ ଜିଲ୍ଲା ଅନ୍ତର୍ଗତ କଣ୍ଟାପଡ଼ା ତହସିଲ ଅଧୀନରେ ଥିବା ଅରିସୋଲ ଅଡ଼ଶପୁର କନ୍ଦଳ ନଦୀ ବାଲି ଉତ୍ସଟି ଆଗାମୀ ୫ (ପାଞ୍ଚ) ବର୍ଷ ନିମନ୍ତେ ୨୦୨୦-୨୦୨୧ ଠାରୁ ୨୦୨୪-୨୦୨୫ ପର୍ଯ୍ୟନ୍ତ ଜଉମୁଦ ଟେଣ୍ଡର ମାଧ୍ୟମରେ ଦୀର୍ଘମିଆଦୀ ଲିଜ୍ ସୂତ୍ରେ ନେବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି।
ଉତ୍ସଟିର ବିବରଣୀ, ଦରଖାସ୍ତ ଗ୍ରହଣ କରିବାର ଆରମ୍ଭ ଓ ଶେଷ ତାରିଖ ଏବଂ ଲିଜ୍ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ଜିଲ୍ଲାପାଳ, କଟକଙ୍କ website www.cuttack.nic.inରେ ତା୦୫।୧୧।୨୦୨୦ରୁ ୨୨।୧୨।୨୦୨୦ରିଖ ପର୍ଯ୍ୟନ୍ତ ଉପଲବ୍ଧ ହେଉଅଛି। ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି କଣ୍ଟାପଡ଼ା ତହସିଲଦାରଙ୍କ କାର୍ଯ୍ୟାଳୟ ସହ କାର୍ଯ୍ୟ ଦିବସ ମଧ୍ୟରେ ଯୋଗାଯୋଗ କରିପାରିବେ।
ସ୍ୱା./- ତହସିଲଦାର, କଣ୍ଟାପଡ଼ା

Government of India
Ministry of Culture
**Office of the Dy. Superintending Horticulturist**
Archaeological Survey of India, Horticulture Division No.IV
Puratattva Bhawan, 3rd Floor, Samantarapur,
Bhubaneswar-751002, Odisha
**E-NOTICE INVITING TENDER**
Online item rate tenders on behalf of the President of India are invited in two bids system for the following work at site from registered and eligible contractors of CPWD/MES/Indian Railway/A.S.I./State Govt./PWD Department in **Horticulture Category & having experience of successfully completed similar nature of works**.

| Sl. No. | Name of Work | Estimated Amount | EMD | Period of Maintenance | Bid Submission end date | Date of Opening of Technical/ Financial bid |
|---|---|---|---|---|---|---|
| 1. | Annual Maintenance and Upkeep of Archaeological Gardens in the State of Odisha for the year 2020-21 | Rs.2,09,88,112/- | Rs. 6,29,643/- | 1 year from the date of order | 23/11/2020 up to 10.30 Hrs | 24/11/2020 at 11.00 Hrs |

For details visit the website: **https://eprocure.gov.in/eprocure/app**
Sd/- Dy. Superintending Horticulturist
Horticulture Division No.-IV, BBSR-2

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ୟୁଟିଲିଟି ଗ୍ରୁପ୍
ଦ୍ୱାରା 3G/4G ମୋବାଇଲ ଉପକରଣ ନିଜର ଖାଲି ଜମି କିମ୍ବା ପ୍ଲଟ୍‌ରେ ଲଗାନ୍ତୁ
ଅଗ୍ରିମ 55 ଲକ୍ଷ
ଭଡ଼ା ମାସିକ 45,000
25,000ର ଅନ୍ୟାନ୍ୟ ସୁବିଧା
9351425214
Add. : 730-22A, Marathahalli, Bangalor

ଦୀପାବଳୀର ଶୁଭ ଅବସରରେ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
SIDDHIVINAYAK FINANCE (ISO:9001:1985)
ଆଧାରକାର୍ଡ ଏଗ୍ରିକଲ୍ଚର ମାର୍କଶିଟ୍
ପର୍ସନାଲ ପ୍ରପର୍ଟି ଗ୍ରୁପ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
9536405151
9520405151
Add.-219, 28th Cross Road, Rajajinagar,Banglore

JANODAYA Finance
ପର୍ସନାଲ୍, ପ୍ରପୋର୍ଟି, ଗ୍ରୁପ୍, ମାର୍କସିଟ୍, ବ୍ୟବସାୟ, କୃଷି ପଶୁପାଳନ, କୁକୁଡା ପାଳନ ଓ ଗୃହଋଣ ଇତ୍ୟାଦି ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ।
ମାତ୍ର ୨% ସୁଧ ହାରରେ
Bharatpur, Badahkole,Sambalpur
9438082179
8480403308

ମୋର ଶକ୍ତି ପ୍ରଦର୍ଶନ ନିଜେ ଦେଖନ୍ତୁ ଖୋଲା ଚ୍ୟାଲେଞ୍ଜ୍
ଆଖି ଆଗରେ ୩ ଘଣ୍ଟାରେ ୧୦୧% ସମସ୍ୟାର ସମାଧାନ
ବାବା ଅଘୋରୀ ତାନ୍ତ୍ରିକ
(ତନ୍ତ୍ର ମନ୍ତ୍ର ର ସମ୍ରାଟ)
ସ୍ପେଶାଲିଷ୍ଟ ବଶୀକରଣ, ମନ ଚାହୁଁଥିବା ପ୍ରେମ, ପ୍ରେମ ବିବାହ, ପ୍ରେମରେ ଧୋକା, ରାଗିଥିବା ଲୋକଙ୍କୁ ମନେଇବା, ପତି ପତ୍ନୀ ମଧ୍ୟରେ ଝଗଡା, ଶତ୍ରୁଠାରୁ ମୁକ୍ତି, ବ୍ୟବସାୟରେ ବାଧା, A-Z ସମସ୍ୟାର ସମାଧାନ।
ଫୋନ୍ କରନ୍ତୁ - 8882348054

TCF FINANCE
TCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 45% ଛାଡ
No File Charge No Guarantor
Online Facility Available
Helpline Number
6396732814

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
A To Z Problem Solution
7503449786
8800979262

RIDHI FINANCE
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
9310078574
9310051634
Email : ltfinanceodisha@gmail.com

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

## ୧୪୦ ଏକର ଜମିରୁ ଗଞ୍ଜେଇ ଗଛ ନଷ୍ଟ

ଫୁଲବାଣୀ ଅଫିସ- କନ୍ଧମାଳ ଜିଲା ସଦର ଥାନା ଅଞ୍ଚଳରେ ହୋଇଥିବା ବେଆଇନ ଗଞ୍ଜେଇ ଚାଷ ଉପରେ ରୋକ୍ ଲଗାଇବାକୁ ଉଦ୍ୟମ ଆରମ୍ଭ ହୋଇଛି। ମଙ୍ଗଳବାର ପୋଲିସ ଏବଂ ଅବାକାରୀ ବିଭାଗର ମିଳିତ ଅଭିଯାନରେ ରାମାଡି, କନ୍ତ୍ରାପଡା, ସିଙ୍ଗାପଡା, ସୁଜାପାକୁ ଆଦି ଗ୍ରାମ ଅଞ୍ଚଳରେ ଚଢାଉ କରି ୧୪୦ ଏକର ଜମିରୁ ଗଞ୍ଜେଇ ଗଛ କାଟି ନଷ୍ଟ କରାଯାଇଛି। ଆଗକୁ ଏହି ଅଭିଯାନ ଜାରି ରହିବ ବୋଲି ଥାନାଧିକାରୀ ଆଦିତ୍ୟ କୁମାର ସେଠୀ ସୂଚନା ଦେଇଛନ୍ତି।

# ୫ ମାସରେ ୬ କନଷ୍ଟେବଲ ନିଲମ୍ବିତ

**ବଦନାମ ମୁଣ୍ଡାଉଛି ବ୍ରହ୍ମପୁର ପୋଲିସ**

ବ୍ରହ୍ମପୁର ଅଫିସ,୪।୧୧

ଅପରାଧ ନିୟନ୍ତ୍ରଣରେ ଲୋକଙ୍କ ବିଶ୍ୱାସଭାଜନ ହୋଇଥିବା ବ୍ରହ୍ମପୁର ପୋଲିସର ନିର୍ମଳ ଓ ସ୍ୱଚ୍ଛ ଭାବମୂର୍ତ୍ତି ଦିନକୁ ଦିନ ମଳିନ ହେବାରେ ଲାଗିଛି। ବିଭିନ୍ନ କାରଣରୁ ପୋଲିସ ଏବେ ସାଧାରଣରେ ସମାଲୋଚନାର ଶିକାର ହେଉଛି। ବ୍ରହ୍ମପୁର ପୋଲିସ ନିଜ କର୍ମଚାରୀଙ୍କ କଳା କାରନାମା ଯୋଗୁ ଅଯଥା ବଦନାମ ମୁଣ୍ଡାଉଛି ବୋଲି ସାଧାରଣରେ ଆଲୋଚନା ହେଉଛି। କେତେକ ଅସାଧୁ କର୍ମଚାରୀଙ୍କ ଯୋଗୁ ପୂରା ବିଭାଗକୁ ଲୋକେ ଅଙ୍ଗୁଳି ନିର୍ଦ୍ଦେଶ କରୁଛନ୍ତି। କିନ୍ତୁ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ଏଭଳି ଅବହେଳା ପାଇଁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। କର୍ମଚାରୀଙ୍କ ବିରୋଧରେ ହେଉଥିବା ଅଭିଯୋଗର ତଦନ୍ତ କରି ପ୍ରମାଣ ମିଳିବା ପରେ ତ୍ୱରିତ ପଦକ୍ଷେପ ନେଇଛନ୍ତି। କୋଭିଡ୍ ପରିଚାଳନା ପାଇଁ ପୋଲିସ କର୍ମଚାରୀମାନେ ଆଗଧାଡ଼ିର ଯୋଦ୍ଧା ଭାବେ କାମ କରିଛନ୍ତି। ଲୋକଙ୍କ ସୁରକ୍ଷା ଓ ସୁବିଧାକୁ ପ୍ରାଥମିକତା ଦେଇ ସମସ୍ତ କାର୍ଯ୍ୟ ହାତକୁ ନିଆଯାଇଥିଲା। ଏପରିକି କୋଭିଡ୍ ପରିଚାଳନା ପାଇଁ ଡିଜିପିଙ୍କଠାରୁ ମଧ୍ୟ ବ୍ରହ୍ମପୁର ପୋଲିସ ପ୍ରଶଂସା ପାଇଥିଲା। କିନ୍ତୁ କିଛି ନିର୍ଦ୍ଦିଷ୍ଟ କାରଣରୁ ବିଭିନ୍ନ ସମୟରେ ବ୍ରହ୍ମପୁର ପୋଲିସ ସମାଲୋଚନାର ଶିକାର ହେଉଛି। ଟଙ୍କା ଲୋଭରେ ପଡ଼ି କେତେଜଣ କର୍ମଚାରୀ ଖାକିର ଦୁର୍ବ୍ୟବହାର କରୁଛନ୍ତି। ତାହା ଉପରିସ୍ଥ ଅଧିକାରୀଙ୍କ ପାଖରେ ପହଞ୍ଚୁଥିବା ବେଳେ ଆଉ କେତେବେଳେ ତାହା ଚପାଇ ଦିଆଯାଉଥିବା ଅଭିଯୋଗ ହେଉଛି। ନିକଟରେ ୪ଜଣ କନଷ୍ଟେବଳ ଜଣେ ଗୁଟ୍‌ଖା ବେପାରୀଙ୍କଠାରୁ ବଟି ନେଇ ନିଲମ୍ବିତ ହୋଇଛନ୍ତି। ପୋଲିସ ବିରୋଧରେ ଏଭଳି ଏକ ସଙ୍ଗିନ୍ ଅଭିଯୋଗକୁ ନେଇ ଚାରିଆଡ଼େ ଚର୍ଚ୍ଚା ହୋଇଥିଲା। କିନ୍ତୁ କେହି କିଛି ପାଟି ଫିଟାଇ ସ୍ପଷ୍ଟ କରି ନ ଥିଲେ। ହେଲେ ବ୍ରହ୍ମପୁର ଏସ୍‌ପିଙ୍କ କାନକୁ ଏହି କଥା ଯିବା ପରେ ସେ ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଅଭିଯୋଗରେ ସତ୍ୟତା ଥିବାରୁ ଏସ୍‌ପି ୪ଜଣଙ୍କୁ ନିଲମ୍ବିତ କରିଥିଲେ। ଠିକ୍ ସେହିପରି ଜୁନ୍‌ରେ ଟ୍ରାଫିକ୍ ଥାନାର ଜଣେ କନଷ୍ଟେବଳ କୋଭିଡ୍ ନିୟମ ଉଲ୍ଲଂଘନ ବେଳେ ଜରିମାନା ଆଦାୟ ପାଇଁ ଥିବା ରସିଦ୍ ବହି ଜାଲ୍ କରି ଧରାପଡ଼ିଥିଲେ। ସେହି ଘଟଣାରେ ମଧ୍ୟ ବ୍ରହ୍ମପୁର ଏସ୍‌ପି ନିରପେକ୍ଷ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ ସମ୍ପୃକ୍ତ କନଷ୍ଟେବଳଙ୍କୁ ନିଲମ୍ବିତ କରିଥିଲେ। ସେହିପରି ଦିଗପହଣ୍ଡି ଥାନାର ଜଣେ କନଷ୍ଟେବଳଙ୍କ ବିରୋଧରେ ହୋଇଥିବା ଅଭିଯୋଗର ଏସ୍‌ପି ମିଶ୍ର ନିରପେକ୍ଷ ତଦନ୍ତ କରି ସମ୍ପୃକ୍ତଙ୍କୁ ନିଲମ୍ବନ କରିଥିଲେ। ଚଳିତ ବର୍ଷ ମାତ୍ର ୫ମାସରେ ୬ କନଷ୍ଟେବଳ ନିଲମ୍ବିତ ହୋଇ ସାରିଲେଣି। ଠିକ୍ ସେହିପରି ବିଗତ ବର୍ଷରେ ମଧ୍ୟ ଜଣେ ଟ୍ରାଫିକ୍ ଏଏସ୍‌ଆଇ ଚାଲାଣ କାଟି ଚାଳକଙ୍କୁ ରସିଦ୍ ନ ଦେଇ ନିଲମ୍ବନ ହୋଇଥିବା ବେଳେ ଲାଞ୍ଚ ମାଗିବା ଅଭିଯୋଗରେ ଜଣେ ଏଏସ୍‌ଆଇଙ୍କୁ ମୋ' ସରକାର ଆଇନ ଅନୁସାରେ ଡିଆଇଜି ନିଲମ୍ବନ କରିଥିଲେ। ଏବେ ପୋଲିସ ବିଭାଗରେ ମୋ' ସରକାର କାର୍ଯ୍ୟକ୍ରମ ଅନ୍ତର୍ଗତ ୫-ଟିକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ତଥାପି କେତେକ ସ୍ୱାର୍ଥପର କର୍ମଚାରୀଙ୍କୁ ୫-ଟି ଛାଟ କାଟୁ କରୁ ନାହିଁ। ଏଣୁ ବିଭାଗରେ ସ୍ୱଚ୍ଛତା ଫେରାଇ ଆଣିବା ଦିଗରେ ବରିଷ୍ଠ ଅଧିକାରୀମାନେ କିଛି ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ସଂକ୍ଷେପରେ

### ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା, ଅଭିଯୁକ୍ତ ଗିରଫ

ଛତ୍ରପୁର,୪।୧୧(ଡି.ଏନ.ଏ.)- ବିବାହ ପ୍ରତିଶ୍ରୁତି ଦେଇ ଶାରିରୀକ ସମ୍ପର୍କ ରଖି ପରେ ପ୍ରତାରଣା କରିବା ଅଭିଯୋଗରେ ଅଭିଯୁକ୍ତଙ୍କୁ ବୁଧବାର ପୋଲିସ ଗିରଫ କରିଛି। ସେ ହେଲେ ସାନ ଆର୍ଯ୍ୟପଲ୍ଲୀ ଗ୍ରାମର ଡି. ସାନ୍ତନୁ ରାଜୁ। ସାନ୍ତନୁ ଆର୍ଯ୍ୟପଲ୍ଲୀ ମେରାଇନ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହର ପ୍ରଲୋଭନ ଦେଖାଇ ୩ ବର୍ଷ ହେଲା ଶାରିରୀକ ସମ୍ପର୍କ ରଖିଆସୁଥିଲେ। ପରେ ସମ୍ପୃକ୍ତା ଯୁବତୀ ବିବାହ ପାଇଁ କହିବାରୁ ସେ ମନା କରିଦେଇଥିଲେ। ଏ ନେଇ ଯୁବତୀ ଜଣକ ଆର୍ଯ୍ୟପଲ୍ଲୀ ମେରାଇନ୍ ଥାନାରେ ଏତଲା ଦେବାରୁ ନଂ.୩୨/୨୦ରେ ମାମଲା ରୁଜୁ କରି ପୋଲିସ ସାନ୍ତନଙ୍କୁ ଗିରଫ କରିଛି।

### ଅସୁସ୍ଥ ଯୁବତୀଙ୍କୁ ପ୍ରଶାସନର ସହାୟତା

ଛତ୍ରପୁର,୪।୧୧(ଡି.ଏନ୍.ଏ.)-ରମ୍ଭା ଏନ୍‌ଏସି ୩ ୱାର୍ଡ ଅଧୀନ ଲକ୍ଷ୍ମୀପୁରର ରଘୁନାଥ ବେହେରାଙ୍କ ୨୮ ବର୍ଷୀୟା ଅସୁସ୍ଥ ଝିଅ ସନ୍ଧ୍ୟାରାଣୀଙ୍କ ନିମନ୍ତେ ପ୍ରଶାସନ ସହାୟତାର ହାତ ବଢାଇଛି। ତାଙ୍କୁ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମଙ୍ଗଳବାର ଟୁଇଟ୍ କରି ସୂଚନା ଦେଇଛନ୍ତି। ତାଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ରେଡକ୍ରସରୁ ୧୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ରଘୁନାଥ ରାଶନ କାର୍ଡ ବନ୍ଧା ରଖି ଅସୁସ୍ଥ ଝିଅର ଚିକିତ୍ସା କରାଉଥିବା ଅଭିଯୋଗ ହେବା ପରେ ପ୍ରଶାସନିକ ଅଧିକାରୀ ତାଙ୍କ ଘରେ ପହଞ୍ଚିଥିଲେ। ତେବେ ରାଶନ କାର୍ଡ ବନ୍ଧା ରଖିବା ମିଥ୍ୟା ବୋଲି ତଦନ୍ତ କରି ଛତ୍ରପୁର ଉପଜିଲାପାଳ ଜଣାଇଥିବା ଜିଲାପାଳ ସୂଚନା ଦେଇଛନ୍ତି। ରଘୁନାଥଙ୍କ ପରିବାର ନିୟମିତ ରାଶନ ସାମଗ୍ରୀ ନେଉଥିବା ସେ କହିଛନ୍ତି। ସୂଚନାଯୋଗ୍ୟ, ୬ ବର୍ଷ ପୂର୍ବେ ଆନ୍ଧ୍ରପ୍ରଦେଶର ବିଜୟୱାଡାସ୍ଥିତ ଏକ ସୂତା କଳରେ ସନ୍ଧ୍ୟାରାଣୀ କାମ କରୁଥିବାବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଅଣ୍ଟାରେ ଗଭୀର ଆଘାତ ଲାଗିଥିବାରୁ ସେ ଉଠି ପାରୁ ନ ଥିଲେ। ଏକ୍ସ-ରେ ପରେ ତାଙ୍କ ଅଣ୍ଟା ଫ୍ୟାକ୍ଚର ହୋଇଥିବା ଜଣାପଡିଥିଲା। ଅର୍ଥାଭାବରୁ ତାଙ୍କ ଚିକିତ୍ସା ହୋଇ ପାରୁ ନଥିଲା।

### ମାରୁଡି ଜଗନ୍ନାଥପୁର ବିଜୁଳି ସବ୍‌ଷ୍ଟେଶନ କାର୍ଯ୍ୟକ୍ଷମ ଦାବି

ଶେରଗଡ଼,୪।୧୧(ଡି.ଏନ୍.ଏ.)- ଶେରଗଡ ବ୍ଲକ ମାରୁଡି ଜଗନ୍ନାଥପୁର ଗ୍ରାମରେ ଏକ ସବ୍‌ଷ୍ଟେସନ ଦୀର୍ଘ ୨ବର୍ଷ ହେଲା ନିର୍ମାଣ ହୋଇଛି। ତାର ଟଣାଯିବା ସହ ଟ୍ରାନ୍ସଫର୍ମର ମଧ ବସିଛି, ମାତ୍ର କାର୍ଯ୍ୟକ୍ଷମ ହେଉନାହିଁ। ଉକ୍ତ ସବ୍‌ଷ୍ଟେସନ ହେଲେ ମାରୁଡିଜଗନ୍ନାଥପୁର, ଗୋବିନ୍ଦପୁର, ନରେନ୍ଦ୍ରପୁର, ଗୋଠଗାଁ, ଠୁରୁବୁରାଇ, ଖାସ୍‌ପା, ବାକିଲିକଣା, ଡେଙ୍ଗାପଦର ସମେତ ୨୦ଖଣ୍ଡ ଗ୍ରାମରେ ଲୋ-ଭୋଲ୍‌ଟେଜ୍ ଓ ବିଦ୍ୟୁତ୍‌କାଟ ସମସ୍ୟା ସମାଧାନ ହୋଇପାରନ୍ତା। ଏହା କାର୍ଯ୍ୟକ୍ଷମ ନହୋଇ ପଡିଥିବାବେଳେ କର୍ମଚାରୀ ମଧ ନିଯୁକ୍ତ ହୋଇ ସାରିଛନ୍ତି ବୋଲି କଙ୍କୋରଡା ବିଜୁଳି ସେକ୍ସନ ସୂତ୍ରରୁ ପ୍ରକାଶ। ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ବିଷ ପିଇ ବୃଦ୍ଧଙ୍କ ଆତ୍ମହତ୍ୟା

ବୁଗୁଡ଼ା,୪।୧୧(ଡି.ଏନ.ଏ.)-ବୁଗୁଡ଼ା ଥାନା ଜଗନ୍ନାଥପ୍ରସାଦ ବ୍ଲକ ନିମପଦର ଗ୍ରାମରେ ଜଣେ ବୃଦ୍ଧ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଭଗବାନ ଦଳେଇ। ପାରିବାରିକ ଅଶାନ୍ତିରୁ ମଙ୍ଗଳବାର ସନ୍ଧ୍ୟାରେ ଭଗବାନ ବିଷ ପିଇ ଦେଇଥିଲେ। ତାଙ୍କୁ ଉଦ୍ଧାର କରି ବୁଗୁଡ଼ା ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି ବୁଧବାର ବ୍ୟବଚ୍ଛେଦ ପାଇଁ ପଠାଇବା ସହ ନଂ. ୩୭/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ଇସ୍‌କଫ୍ ସଭାପତିଙ୍କ ବିୟୋଗରେ ଶୋକ

ଦିଗପହଣ୍ଡି,୪।୧୧(ଡି.ଏନ୍.ଏ.)- ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସମିତି 'ଇସକଫ୍'ର ଓଡିଶା ସଭାପତି ତଥା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଗୋବର୍ଦ୍ଧନ ପୂଜାରୀଙ୍କ ବୁଧବାର ପରଲୋକ ଘଟିଛି। ସେ କରୋନାରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସିତ ହେଉଥିଲେ। ତାଙ୍କ ପରଲୋକ ଖବର ପାଇ ସମିତିର ଗଞ୍ଜାମ ଜିଲା ଶାଖା ସଭାପତି ହରପ୍ରସାଦ ରଥ ଶୋକ ପ୍ରକାଶ କରିଛନ୍ତି। ସେହିଭଳି ସିପିଆଇ ଗଞ୍ଜାମ ଜିଲା କମିଟି ସମ୍ପାଦକ ପ୍ରକାଶ ପାତ୍ର, ଆଇନଜୀବୀ ଗୋକୁଳ ଚନ୍ଦ୍ର ପଣ୍ଡା, ପ୍ରଶାନ୍ତ କୁମାର ପାଢୀଯୋଶୀ, ବିଦେଶୀ ନାହାକ, ହୃଷୀକେଶ ମହାନ୍ତି, ଅଳକ ନାଥ ମିଶ୍ର ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରିଛନ୍ତି।

## ବିଏମ୍‌ସି ପକ୍ଷରୁ ମିଶନ ଜିରୋ ଅଭିଯାନ



ସ୍ୱାସ୍ଥ୍ୟ ସ୍କ୍ରିନିଂ ପରେ ଘର କାନ୍ଥରେ ବିଏମସି ପକ୍ଷରୁ ଲଗାଯାଇଥିବା ପୋଷ୍ଟର।

ବ୍ରହ୍ମପୁର ଅଫିସ, ୪।୧୧

କୋଭିଡ୍‌ର ଦ୍ୱିତୀୟ ପର୍ଯ୍ୟାୟ ସଂକ୍ରମଣକୁ ପ୍ରତିରୋଧ କରିବା ନେଇ ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ମିଶନ ଜିରୋ ଆକ୍ଟିଭ କେସ୍ ଅଭିଯାନ ବୁଧବାରରୁ ଆରମ୍ଭ ହୋଇଛି। ବୁଧବାର ବିଏମ୍‌ସିର ୪୦ୱାର୍ଡରେ ସମସ୍ତ ପରିବାର ସଦସ୍ୟଙ୍କ ପୁନଃ ସ୍ୱାସ୍ଥ୍ୟ ସ୍କ୍ରିନିଂ, ଶରୀରରେ ଅମ୍ଳଜାନସ୍ତର ପରୀକ୍ଷା ଆରମ୍ଭ ହୋଇଛି। ଆସନ୍ତା ୧୫ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସ୍କ୍ରିନିଂରେ ୪୦ଟିମକୁ ନିୟୋଜିତ କରାଯାଇଛି। ଏଥିରେ ୪୫୮ ଜଣଙ୍କୁ ଆଶା,ଏଏନ୍‌ଏମ୍, ଅଙ୍ଗନୱାଡି, ସ୍ୱଚ୍ଛସାଥୀ ନିୟୋଜିତ ହୋଇଥିବା ବିଏମ୍‌ସି ସ୍ଥିତ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ(ଏନୟୁଏଚଏମ) ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏହି ସ୍କ୍ରିନିଂ ସମୟରେ କୋଭିଡ୍‌ରୁ ସୁସ୍ଥ ହୋଇ ଫେରିଥିବା ବ୍ୟକ୍ତିଙ୍କୁ ପ୍ଲାଜମା ଦାନ କରିବା ନେଇ ଆଗ୍ରହ ସୃଷ୍ଟି ଦିଗରେ ପ୍ରୟାସ କରାଯିବା ସହ ପ୍ରତ୍ୟେକଙ୍କ ଘର କାନ୍ଥରେ ସୂଚନା ଭିତ୍ତିକ ପୋଷ୍ଟର ଲଗାଯିବ। ଉକ୍ତ ପୋଷ୍ଟରରେ ପରିବାର ସଦସ୍ୟଙ୍କ ସଂଖ୍ୟା ସମେତ ସ୍ୱାସ୍ଥ୍ୟ ସ୍କ୍ରିନିଂ ହୋଇଥିବା ପରିବାର ଲୋକଙ୍କ ସଂଖ୍ୟା, ଅନ୍ୟରୋଗରେ ପୀଡିତ ସଦସ୍ୟଙ୍କ ସଂଖ୍ୟା, ପ୍ରଭାବିତ ରୋଗୀଙ୍କ ସଂଖ୍ୟା, ପ୍ଲାଜମା ଦାନ ପାଇଁ ଇଚ୍ଛୁକ ବ୍ୟକ୍ତି ସଂଖ୍ୟା ପ୍ରଭୃତି ତଥ୍ୟ ରଖାଯିବା ନେଇ ଏନୟୁଏଚଏମ୍ କାର୍ଯ୍ୟାଳୟ ପକ୍ଷରୁ ସୂଚାଯାଇଛି।

## ଜିଲାପାଳଙ୍କୁ ବୋର୍‌ୱେଲ ମାଲିକ ସଂଘର ସ୍ମାରକପତ୍ର

ଛତ୍ରପୁର,୪।୧୧(ଡି.ଏନ.ଏ)

ଗଞ୍ଜାମ ଜିଲା ବୋରୱେଲ ମାଲିକ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ବୁଧବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିସହ କରୋନା ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ସଂଘ ପକ୍ଷରୁ ୫୦ ହଜାର ଟଙ୍କାର ଏକ ଚେକ୍ ପ୍ରଦାନ କରାଯାଇଛି।

ସଂଘ ପକ୍ଷରୁ ପ୍ରଦତ୍ତ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ, ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ସରକାରୀ ଯୋଜନାଗୁଡିକରେ ମଧ୍ୟ ସଂଘର ସଦସ୍ୟମାନେ ସେବା ଦେଇଆସୁଛନ୍ତି। ୭୦୦ରୁ ଊର୍ଦ୍ଧ୍ୱ ସ୍ଥାନୀୟ ଶ୍ରମିକ ସଂଘ ସଦସ୍ୟଙ୍କ ଦ୍ୱାରା କାମ ପାଉଛନ୍ତି । ବ୍ୟାଙ୍କ ଋଣ ଆଣି ବ୍ୟବସାୟ ଚାଳିଛି। ଜିଏସ୍‌ଟି, ରୋଡ ଟିକସ ଆଦି ଭରଣା କରାଯାଇଛି। ତେବେ ଆନ୍ଧ୍ରର କେତେକ ବୋରୱେଲ ଗାଡି ଆସି ଏଠାରେ ରାଜସ୍ୱ, ଟିକସ ଓ ଜନସାଧାରଣଙ୍କୁ


ଚେକ୍ ପ୍ରଦାନ କରାଯାଉଛି।

ଠକେଇ କରୁଛି। ଏଥିଯୋଗୁଁ ରାଜସ୍ୱ କ୍ଷତି ସହ ସଂଘ ସଦସ୍ୟଙ୍କ କ୍ଷତି ହେଉଛି। ଆନ୍ଧ୍ରରୁ ଆସୁଥିବା ଗାଡିଗୁଡିକ ଓଡିଶା ଏମଭି ଆକ୍ଟରେ ପଞ୍ଜୀକୃତ ନାହିଁ। ଏସବୁର ତଦନ୍ତ କରି ରାଜ୍ୟ ସ୍ୱାର୍ଥ ସହ ବୋରୱେଲ ମାଲିକନ୍‌ମାନଙ୍କ ଜୀବନ ଜିବୀକାକୁ ବଞ୍ଚାଇବାକୁ ଜିଲାପାଳଙ୍କୁ ସ୍ମାରକପତ୍ର ଜରିଆରେ ଅନୁରୋଧ କରାଯାଇଛି। ସ୍ମାରକପତ୍ର ପ୍ରଦାନ ବେଳେ ସଂଘ ସଭାପତି ଲକ୍ଷ୍ମୀକାନ୍ତ ତ୍ରିପାଠୀ, ସମ୍ପାଦକ ଅଭୟ କୁମାର ସାହୁ, କୋଷାଧ୍ୟକ୍ଷ ଦିଲୀପ କୁମାର ସାହୁ, କମିଟିର କାର୍ଯ୍ୟନିର୍ବାହୀ ସଦସ୍ୟ ଆର୍. ରଘୁନାଥ ପ୍ରମୁଖ ଉପସ୍ଥିତ ଥିଲେ।

## ବଟି ନ ଦେବାରୁ ମାଡ ଅଭିଯୋଗ, ୩ ଗିରଫ

ବୁଗୁଡା,୪।୧୧(ଡି.ଏନ.ଏ.)

ବୁଗୁଡା ଥାନା ମାଣିତରା ଗ୍ରାମରେ ଦାଦାବଟି ନ ଦେବାରୁ ଯୁବକଙ୍କୁ ମାଡ ଅଭିଯୋଗରେ ବୁଧବାର ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ମାଣିତରା ଗ୍ରାମର ଶିବୁନ ପ୍ରଧାନ, ମିଥୁନ ପ୍ରଧାନ ଓ ମିଥୁନ ପଲାଇ। ଏନେଇ ବୁଗୁଡା ଥାନାରେ ମାମଲା (ନଂ.୩୨୩/୨୦) ରୁଜୁ ହୋଇଥିବା ଆଇଆଇସି ଚିତ୍ତରଞ୍ଜନ ବେହେରା କହିଛନ୍ତି। ମାଣିତରା ଗ୍ରାମର ବଳରାମ ପ୍ରଧାନ ରବିବାର ରାତି ପ୍ରାୟ ସାଢ଼େ ୮ଟାରେ ବଜାରରୁ ଘରକୁ ଫେରୁଥିବାବେଳେ ଶିବୁନ, ମିଥୁନ ପ୍ରଧାନ ଓ ମିଥୁନ ପଲାଇ ଅଟକାଇ ୧୦ ହଜାର ଟଙ୍କା ଦାଦାବଟି ମାଗିଥିଲେ। ଟଙ୍କା ନ ଦେବାରୁ ବଳରାମଙ୍କୁ ନିର୍ଦ୍ଦୟ ମାଡମାରି ୫ ହଜାର ଟଙ୍କା ଛଡାଇ ନେଇଯାଇଥିଲେ। ସୋମବାର ଏନେଇ ସେ ବୁଗୁଡା ଥାନାରେ ଏତଲା ଦେଇଥିଲେ।

## ବିଭିନ୍ନ ବିଭାଗକୁ ନେଇ ସମନ୍ୱୟ ବୈଠକ

**ଶେରଗଡ଼ ବ୍ଲକ**

ଶେରଗଡ଼,୪।୧୧(ଡି.ଏନ୍.ଏ.)

ଶେରଗଡ ବ୍ଲକର ସମସ୍ତ ବିଭାଗକୁ ନେଇ ଏକ ସମନ୍ୱୟ ବୈଠକ ବୁଧବାର ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଉପାଧ୍ୟକ୍ଷ ବିଶ୍ୱନାଥ ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରିଥିଲେ। ବିଡିଓ ସୁରଞ୍ଜନ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ବ୍ଲକର ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଜଳସେଚନ ବିଭାଗ, କ୍ଷୁଦ୍ର ଜଳସେଚନ, ଜଳସେଚନ, ଉଠାଜଳସେଚନ, ବିଦ୍ୟୁତ୍ ଆଦି ବିଭାଗ ପକ୍ଷରୁ ସହକାରୀ ଯନ୍ତ୍ରୀମାନେ ଯୋଗଦେଇ ନିଜ ନିଜ ବିଭାଗର ଚଳିତ ବର୍ଷ ପାଇଁ ପ୍ରକଳ୍ପ ସ୍ଥିରୀକୃତ କରାଯାଇଛି। କରଡାକଣା ଠାରେ ନନ୍ଦିନୀ ନଦୀ ଉପରେ ପାହଚ ନିର୍ମାଣ, କଲଭର୍ଟ ନିର୍ମାଣ ନେଇ ଆଲୋଚନା ହୋଇଥିଲା। ଜଳସେଚନ ବିଭାଗ ପକ୍ଷରୁ ବିଭିନ୍ନ କେନାଲ ପାର୍ଶ୍ୱ ରାସ୍ତା ନିର୍ମାଣ ସହ ଗଛ ଲଗାଇବା ଆଦି କାର୍ଯ୍ୟ କରିବା, ଉଠାଜଳସେଚନ ବିଭାଗ ପକ୍ଷରୁ ନୂଆ ପଏଣ୍ଟ କରିବା ନେଇ ସ୍ଥିରୀକୃତ ହୋଇଛି। ବିଭିନ୍ନ ବିଭାଗ ରିପୋର୍ଟ ଦେବା ପରେ ଏଗୁଡିକ ଜିଲାପାଳଙ୍କ ଅନୁମୋଦନ ପରେ ମୁଖ୍ୟ କାର୍ଯ୍ୟାଳୟକୁ ପଠାଯିବ। ବିଦ୍ୟୁତ୍ ବିଭାଗ ପକ୍ଷରୁ ଶେରଗଡ ଗ୍ରାମକୁ ସ୍ୱତନ୍ତ୍ର ସଂଯୋଗ କଲେ ଲୋକେ ବିଜୁଳିସମସ୍ୟାରୁ ନିସ୍ତାର ପାଆନ୍ତେ ବୋଲି ଆଲୋଚନା ହୋଇଥିଲା। ବୈଠକରେ ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀ ନରୋତ୍ତମ ପଟ୍ଟନାୟକ, ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ପାତ୍ର, ଟିମିଶିଳ୍ପ ସଭାପତି ବିପିନ ବିହାରୀ ପାତ୍ର, ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର, ପୂର୍ତ୍ତ ବିଭାଗ ଯନ୍ତ୍ରୀ ବନୋଜ କାନ୍ତ ସେଠୀ, ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ବିଷ୍ଣୁକେଶରୀ ଉପାଧ୍ୟାୟ, ଜଳସେଚନ ବିଭାଗ ଯନ୍ତ୍ରୀ ମଧୁସୁଦନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ମାଣ୍ଡିଆ ଅମଳ, ସଫେଇ ଯନ୍ତ୍ରର କ୍ଷେତ୍ର ପ୍ରଦର୍ଶନ

ଆର.ଉଦୟଗିରି,୪।୧୧(ଡି.ଏନ.ଏ.)

ଚାନ୍ଦିପୁଟ, ଗଜପତି କୃଷି ବିଜ୍ଞାନ କେନ୍ଦ୍ର, ଓୟୁଏଟି ଅଧୀନସ୍ଥ ପଶୁ ଶକ୍ତିର ସଦୁପଯୋଗ ସମ୍ବନ୍ଧୀୟ ଗବେଷଣା ପ୍ରକଳ୍ପ ଓ ସର୍କଲ ବେସରକାରୀ ଅନୁଷ୍ଠାନର ମିଳିତ ଉଦ୍ୟମରେ ଗଜପତି ଜିଲାର ଚାନ୍ଦିପୁଟଠାରେ ମାଣ୍ଡିଆ ଅମଳ ଓ ସଫେଇ ଯନ୍ତ୍ରର କ୍ଷେତ୍ର ପ୍ରଦର୍ଶନ ଓ କ୍ଷୁଦ୍ରଶସ୍ୟ ଜାତୀୟ ଫସଲ ଚାଷରେ କୃଷି ଯନ୍ତ୍ରପାତିର ବ୍ୟବହାର ସମ୍ବନ୍ଧୀୟ ଅନ୍‌ଲାଇନ ଆଲୋଚନାଚକ୍ରର ଆୟୋଜନ କରାଯାଇଥିଲା। ଜିଲାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୫୦ ଅଗ୍ରଣୀ ଚାଷୀ, କୃଷିବିତ୍, ସରକାରୀ ପଦାଧିକାରୀ ଯୋଗଦେଇ ଏହି ଯନ୍ତ୍ରର କ୍ଷେତ୍ର ପ୍ରଦର୍ଶନ ଭର୍ଚୁଆଲ୍ କନ୍‌ଫରେନ୍ସି ଜରିଆରେ ଦେଖିଥିଲେ। କାର୍ଯ୍ୟକ୍ରମରେ ପଶୁଶକ୍ତିର ସଦୁପଯୋଗ



ମାଣ୍ଡିଆ ଅମଳ ଓ ସଫେଇ ଯନ୍ତ୍ରର କ୍ଷେତ୍ର ପ୍ରଦର୍ଶନ।

ପ୍ରକଳ୍ପର ଗବେଷଣା ଯନ୍ତ୍ରୀ ପ୍ରଫେସର ସଂଗ୍ରାମ କେଶରୀ ସ୍ୱାଇଁ ରାଜ୍ୟରେ କ୍ଷୁଦ୍ରଶଷ୍ୟ ଜାତୀୟ ଫସଲ ଚାଷରେ ଉପଯୋଗୀ ସାବ୍ୟସ୍ତ ହେଉଥିବା ଅନେକଗୁଡିଏ ବଳଦଟଣା କୃଷି ଯନ୍ତ୍ରପାତିର କାର୍ଯ୍ୟକାରିତା, ବ୍ୟବହାର ଓ ମରାମତି ସମ୍ବନ୍ଧରେ ସଚିତ୍ର ବିବରଣୀ ଓ ଭିଡ଼ିଓ ମାଧ୍ୟମରେ ବୁଝାଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ସଂଗ୍ରାମ ପରମଗୁରୁ ଓ କୃଷି ଯାନ୍ତ୍ରିକ ବୈଜ୍ଞାନିକ ଇଂ. ଦ୍ୱାରିକା ମୋହନ ଦାସ ଭାଗନେଇ ମତ ରଖିଥିଲେ। ବୈଜ୍ଞାନିକ ଦ୍ୱାରିକା ମୋହନ ମାଣ୍ଡିଆ ଅମଳ ଯନ୍ତ୍ରର ସୁରକ୍ଷିତ ବ୍ୟବହାର ନେଇ ଚାଷୀଙ୍କୁ ତାଲିମ ଦେଇଥିଲେ।

## ନିଖୋଜ ଧୀବରଙ୍କ ମୃତଦେହ ଉଦ୍ଧାର

ଦିଗପହଣ୍ଡି,୪।୧୧(ଡି.ଏନ୍.ଏ.)

ଦିଗପହଣ୍ଡି ବ୍ଲକ ଖମାରି ଗାଁ ନିକଟ ଘୋଡାହାଡ ଡ୍ୟାମରୁ ଜଣେ ଧୀବରଙ୍କ ମୃତଦେହ ବୁଧବାର ଉଦ୍ଧାର ହୋଇଛି। ସେ ହେଲେ ବାଲିଘାଇ ଗ୍ରାମର ଭାଲୁ ଓରଫ ରାଜେନ୍ଦ୍ର ବେହେରା। ଭାଲୁ ରବିବାର ମାଛ ଧରିବାକୁ ଡଙ୍ଗା ନେଇ ଡ୍ୟାମକୁ ଯାଇଥିଲେ। ମଙ୍ଗଳବାର ଫେରିବେ ବୋଲି କହିଥିଲେ। ମାତ୍ର ସନ୍ଧ୍ୟାସୁଦ୍ଧା ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ସନ୍ଧାନ ମିଳି ନଥିଲା। ବୁଧବାର କେତେଜଣ ଧୀବର ମାଛ ଧରିବାକୁ ଡ୍ୟାମକୁ ଯାଇଥିବାବେଳେ ରାଜେନ୍ଦ୍ରଙ୍କ ମୃତଦେହ ଓ ଡଙ୍ଗା ଭାସୁଥିବା ଦେଖିଥିଲେ। ରାଜେନ୍ଦ୍ରଙ୍କ ଭାଇ ଗୋପୀନାଥ କେ.ନୂଆଗାଁ ଥାନାକୁ ଜଣାଇଥିଲେ। ସରପଞ୍ଚ କେ. ସନ୍ତୋଷ କୁମାର ପାତ୍ର ଏବଂ ପୋଲିସ ଉପସ୍ଥିତିରେ ମୃତଦେହ ଉଦ୍ଧାର କରାଯାଇଛି।

## ଲାଞ୍ଚୁଆ ଅଧ୍ୟକ୍ଷଙ୍କୁ ଜାମିନ

ବ୍ରହ୍ମପୁର ଅଫିସ,୪।୧୧

ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଲାଞ୍ଚ ନେଇ ଗିରଫ ହୋଇ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା କୁକୁଡ଼ାଖଣ୍ଡି ବିଜ୍ଞାନ କଲେଜର ଅଧ୍ୟକ୍ଷ ଏନ୍. ଚୁନା ପାତ୍ରଙ୍କୁ ବୁଧବାର ସର୍ତ୍ତମୂଳକ ଜାମିନ ମିଳିଛି।

ପ୍ରକାଶ ଯେ, ଅକ୍ଟୋବର ୮ ରେ ଅଧ୍ୟକ୍ଷ ପାତ୍ର ତାଙ୍କ କଲେଜର ଜଣେ ଅଧ୍ୟାପକଙ୍କ ବକେୟା ବିଲ ପାସ ପାଇଁ ୧୫ ହଜାର ଟଙ୍କା ଲାଞ୍ଚ ନେଉଥିଲେ। ଏହି ସମୟରେ ବ୍ରହ୍ମପୁର ଭିଜିଲାନ୍ସ ହାବୁଡ଼ରେ ଧରାପଡି ସେ ମାମଲା ନମ୍ବର ୧୫/୨୦ ରେ ଗିରଫ ହୋଇଥିଲେ। ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଅଭିଯୁକ୍ତଙ୍କ ଜାମିନ ମଞ୍ଜୁର ନ କରିବା ପାଇଁ କୋର୍ଟରେ ସ୍ୱତନ୍ତ୍ର ପିପି ତପନ କୁମାର ଦାସ ଅଡ଼ି ବସିଥିଲେ। ଫଳରେ ଉଭୟ ପିପି ତପନ ଦାସ ଓ ମୁଦଲାଙ୍କ ଓକିଲ ପ୍ରସାଦ ପଟ୍ଟନାୟକ ଓ ପ୍ରଦୀପ ପାଣିଗ୍ରାହୀଙ୍କ ମଧ୍ୟରେ ଏହାକୁ ନେଇ ଜବାବ ସୁଆଲ ହୋଇଥିଲା। ଶେଷରେ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ଜାମିନ ଆବେଦନର ଶୁଣାଣି କରି ଅଭିଯୁକ୍ତ ଅଧ୍ୟକ୍ଷଙ୍କ ଜାମିନ ନାମଞ୍ଜୁର କରିଦେଇଥିଲେ। ଘଟଣା ପରଠୁ ଅଧ୍ୟକ୍ଷ ପାତ୍ର ଜେଲରେ ଥିଲେ। ପରେ ତାଙ୍କ ଓକିଲ ଜାମିନ ପାଇଁ ହାଇକୋର୍ଟରେ ଆବେଦନ କରିଥିଲେ। ହାଇକୋର୍ଟ ଏହାର ଶୁଣାଣି କରି ତାଙ୍କୁ ଜାମିନ ଦେଇଥିବା ତାଙ୍କ ଓକିଲ ସୂଚନା ଦେଇଛନ୍ତି।

## ବଢୁଛି ବାଲି, ପଥର ଚୋରାଚାଲାଣ

**ଚଢାଉ ଜୋରଦାର ପାଇଁ ନିର୍ଦ୍ଦେଶ**

ଭଞ୍ଜନଗର,୪।୧୧(ଡି.ଏନ.ଏ)

ଭଞ୍ଜନଗର, ବେଲଗୁଣ୍ଠା, ଜଗନ୍ନାଥ ପ୍ରସାଦ, ସୋରଡା, ବୁଗୁଡା ପ୍ରମୁଖ ତହସିଲରେ ପଥର, ବାଲି, ମୋରମ ଚୋରି ବଢୁଛି। ରାଜସ୍ୱ ବିଭାଗ ପକ୍ଷରୁ ଯେଉଁଭଳି ଚଢାଉ କରାଯିବା କଥା ତାହା କରାଯାଉନାହିଁ। କର୍ମଚାରୀ ଅଭାବ, କାର୍ଯ୍ୟବ୍ୟସ୍ତତା କିମ୍ବା ଅନ୍ୟ ସ୍ୱାର୍ଥରଖି ନିୟମିତ ଚଢାଉ ହେଉନାହିଁ। ଏହାର ସୁଯୋଗ ନିର୍ଦ୍ଦିଷ୍ଟ କିଛି ପଥର ଓ ବାଲି ମାଫିଆ ନେଉଛନ୍ତି। ଏହାକୁ ଆଖିଆଗରେ ରଖି ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ ଚଢାଉ ଜୋରଦାର କରିବାକୁ ଉପଖଣ୍ଡର ସମସ୍ତ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଉପ ଜିଲାପାଳ ପ୍ରତ୍ୟକ୍ଷ ଭାବେ ଏନେଇ ଚଢାଉ ମଧ୍ୟ କରୁଥିବା ଜଣାପଡିଛି।

## ସିସିଟିଭି ଲଗାଇବାକୁ ସୁନାଦୋକାନୀଙ୍କୁ ପରାମର୍ଶ

ଆସିକା,୪।୧୧(ଡି.ଏନ୍.ଏ.)

ଆସିକା ପୋଲିସ ପକ୍ଷରୁ ଆସିକା ସହରର ସୁନା ରୂପା ଅଳଙ୍କାର ବ୍ୟବସାୟୀଙ୍କୁ ନେଇ ମଙ୍ଗଳବାର ରାତିରେ ଥାନାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସୁନା ଦୋକାନୀମାନେ ସିସିଟିଭି ଲଗାଇବା, ସଶସ୍ତ୍ର ସୁରକ୍ଷା କର୍ମୀ ନିଯୁକ୍ତି କରିବା, ଦୋକାନରେ ରାତ୍ର ଜଗୁଆଳି ବ୍ୟବସ୍ଥା କରିବା ଓ ଚୋରା ସୁନା କାରବାରଠାରୁ ନିଜକୁ ଦୂରେଇ ରଖିବା ଲାଗି ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିସହ ଦୋକାନକୁ ଆସୁଥିବା ଗ୍ରାହକଙ୍କୁ ଠିକ ମାନ, ଓଜନ ଓ ଉପଯୁକ୍ତ ମୂଲ୍ୟରେ ବିକ୍ରି କରିବା ସହ ସୁନା କିଣିବା ଓ ବିକିବାକୁ ଆସୁଥିବା ଗ୍ରାହକଙ୍କ ସମ୍ପୂର୍ଣ୍ଣ ଠିକଣା ଲିପିବଦ୍ଧ କରି ରଖିବା ନିମନ୍ତେ ତାଗିଦ କରାଯାଇଥିଲା। ଥାନାରେ ପ୍ରଶିକ୍ଷଣରେ ଥିବା ଆଇପିଏସ ଅଧିକାରୀ ରାଘବେନ୍ଦ୍ର ଗୁଣ୍ଡାଲା, ଏସଡିପିଓ ସୂର୍ଯ୍ୟମଣି ପ୍ରଧାନ, ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୁନା ଦୋକାନୀମାନଙ୍କୁ ସେମାନଙ୍କ ବ୍ୟବସାୟର ସୁରକ୍ଷା ସମ୍ପର୍କରେ ଅଧିକ ସଚେତନ ରହିବା ଲାଗି ପରାମର୍ଶ ଦେଇଥିଲେ।

## ଆହାର କେନ୍ଦ୍ର କର୍ମଚାରୀଙ୍କ ଛଟେଇକୁ ନେଇ ବିକ୍ଷୋଭ

ବ୍ରହ୍ମପୁର ଅଫିସ,୪।୧୧

ଆହାର କେନ୍ଦ୍ର କର୍ମଚାରୀମାନେ ଛଟେଇର ଶୀକାର ହୋଇଛନ୍ତି। ଯାହାକୁ ନେଇ ଶତାଧିକ ମହିଳା ଓ ପୁରୁଷ କର୍ମଚାରୀଙ୍କ ମନରେ ଅସନ୍ତୋଷ ଦେଖାଦେଇଛି। ବିନା ନୋଟିସରେ ଦୀର୍ଘ ୫ ବର୍ଷ ହେଲା କାମ କରୁଥିବା କର୍ମଚାରୀଙ୍କୁ ଛଟେଇ କରାଯାଇ ସରକାର ଏବେ ସେହି ସ୍ଥାନରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ନିଯୁକ୍ତି ଦେଇଛନ୍ତି। ଯାହାକୁ କର୍ମଚାରୀ ମାନେ ତୀବ୍ର ବିରୋଧ କରିଛନ୍ତି। ଗଞ୍ଜାମ ଜିଲାରେ ଥିବା ୧୯ ଆହର କେନ୍ଦ୍ରର ଶତାଧିକ ମହିଳା ଓ ପୁରୁଷ ମାନ୍ନା ଟ୍ରଷ୍ଟ ଅଧୀନରେ ବିଭିନ୍ନ ଆହାର କେନ୍ଦ୍ରରେ କାମ କରୁଥିଲେ। ଏପରିକି ତାଙ୍କ ଦରମାରୁ ଇପିଏଫ ମଧ୍ୟ କଟୁଥିଲା। ଏବେ ସେମାନଙ୍କୁ ଛଟେଇ କରାଯାଇଛି। ଯାହାକୁ ନେଇ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି। ବୁଧବାର ଛଟେଇ ହୋଇଥିବା ବହୁ ସଂଖ୍ୟକ କର୍ମଚାରୀ ବ୍ରହ୍ମପୁର ଷ୍ଟେଶନ ରୋଡ଼ରେ ଥିବା ମାନ୍ନା ଟ୍ରଷ୍ଟ କାର୍ଯ୍ୟାଳୟକୁ ଆସି ବିକ୍ଷୋଭ କରିବା ସହ ୭ ମାସର ବକେୟା ଦରମା ଓ ପୁନଃ ନିଯୁକ୍ତି ଦାବି କରିଥିଲେ। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ପୋଲିସ



ଆହାର କେନ୍ଦ୍ର କର୍ମଚାରୀମାନେ ବିକ୍ଷୋଭ କରୁଛନ୍ତି।

ଓ ମହାନଗର ନିଗମ ଏନ୍‌ଫୋର୍ସମେଣ୍ଟ ଅଧିକାରୀ ପହଞ୍ଚି ବୁଝାଶୁଝା କରିଥିଲେ। ପରେ ସେମାନେ ମହାନଗର ନିଗମ କମିଶନରଙ୍କୁ ଭେଟିବାକୁ କୁହାଯାଇଥିଲା। ବିଏମସି କମିଶନର ସିଦ୍ଧେଶ୍ୱର ବଳିରାମ ବନ୍ଧାରୋ ସପ୍ତାହେ ଭିତରେ ସମସ୍ୟା ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସେମାନେ ବିକ୍ଷୋଭରୁ ହଟିଥିଲେ। ୭ ଦିନ ଭିତରେ ସେମାନଙ୍କ ଦାବି ପୂରଣ ନ ହେଲେ ପୁଣି ଥରେ କର୍ମଚାରୀମାନେ

- ବିଏମ୍‌ସି କମିଶନର ଦେଲେ ୭ ଦିନର ମହଲତ
- ନିଯୁକ୍ତି ନ ମିଳିଲେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ

ଆନ୍ଦୋଳନ ପାଇଁ ରାଜରାସ୍ତାକୁ ଓହ୍ଲାଇବେ ବୋଲି କର୍ମଚାରୀ ସଂଘର ବରିଷ୍ଠ ସଦସ୍ୟ ଅରୁଣ କୁମାର ନାୟକ ସୂଚନା ଦେଇଛନ୍ତି। ଅନ୍ୟପଟେ ମାନ୍ନା ଟ୍ରଷ୍ଟ ମ୍ୟାନେଜର ସୁନୀଲ ବାଲା ପୁରେ କହିଛନ୍ତି, ଜିଲାର ବିଭିନ୍ନ ଆହାର କେନ୍ଦ୍ରରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ଛଟେଇ କରାଯାଇ ତାଙ୍କ ସ୍ଥାନରେ କେତେକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଏହି ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ଏହା ହେଉଛି ସରକାରଙ୍କ ନିଷ୍ପତ୍ତି। ଏଥିରେ ଆମର କୌଣସି ଭୂମିକା ନାହିଁ। ଆଜିର ଏହି ବିକ୍ଷୋଭ ପ୍ରଦର୍ଶନ ବେଳେ ଅନ୍ୟମାନଙ୍କ ମଧ୍ୟରେ ସୁଯୋଗ୍ୟ ରଞ୍ଜନ ନାୟକ, ଲକ୍ଷଣ ଗମାଙ୍ଗୋ, ଶ୍ୟାମ ସୁନ୍ଦର ରାଓ ଏବଂ ରାମ ନାୟକ ପ୍ରମୁଖ ସାମିଲ ଥିଲେ।

## ବେଆଇନ ବାଲି ଚାଲାଣ, ଜରିମାନା ଆଦାୟ

ହିଞ୍ଜିଳିକାଟୁ(ଡି.ଏନ୍.ଏ)-ହିଞ୍ଜିଳିକାଟୁ ତହସିଲଦାର ପ୍ରଭାତ କୁମାର ପରିଡ଼ାଙ୍କ ନେତୃତ୍ୱରେ ରାଜସ୍ୱ ବିଭାଗ ଅଧିକାରୀଙ୍କ ଏକ ଟିମ ବୁଧବାର ସ୍ଥାନୀୟ ତହସିଲ ଅନ୍ତର୍ଗତ ଜାତୀୟ ରାଜପଥ ନଂ. ୫୯ରେ ବେଆଇନ ଚାଲାଣ ହୋଉଥିବା ଗାଡ଼ିରେ ଚଢ଼ାଉ କରିଥିଲେ। ହିଞ୍ଜିଳିକାଟୁ ଠାରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ୩ଟି ବାଲି ବୋଝେଇ ଟ୍ରକ ଓ ୨ଟି ପଥର ବୋଝେଇ ହାଇୱାରୁ ୯୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଅତିରିକ୍ତ ତହସିଲଦାର ସୁନିଲ କୁମାର ପ୍ରଧାନଙ୍କ ସମେତ ରାଜସ୍ୱ ନିରୀକ୍ଷକ ଅରବିନ୍ଦ ଦାସ, ସୁଧାଂଶୁ ଶେଖର ପାଣିଗ୍ରାହୀ, ଅଭିରାମ ସେଠୀ, ଗୋବିନ୍ଦ ଚନ୍ଦ୍ର ପଣ୍ଡା ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

## ସଂକ୍ଷେପରେ

### ଫାସିଗୁଡ଼ାରେ ଉନ୍ନୟନ ଯୋଜନାର ସମୀକ୍ଷା

ଦିଗପହଣ୍ଡି,୪।୧୧(ଡି.ଏନ.ଏ.)-ଦିଗପହଣ୍ଡି ବ୍ଲକ ଫାସିଗୁଡ଼ା ପଞ୍ଚାୟତରେ ମଙ୍ଗଳବାର ବିଡିଓ ହଳଧର ଶବର ବିଭିନ୍ନ ଉନ୍ନୟନ ଯୋଜନାର ସମୀକ୍ଷା କରିଛନ୍ତି। ବିଡିଓ ପଞ୍ଚାୟତ କାର୍ଯ୍ୟାଳୟରେ ବିଭିନ୍ନ ସରକାରୀ ଯୋଜନାର ନଥିପତ୍ର ଯାଞ୍ଚ କରିବା ସହ ଉପସ୍ଥିତ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଟୁନା ରଣା, ସରପଞ୍ଚ ଦିଲ୍ଲୀପ କୁମାର ସେଠୀ, ସମିତିସଭ୍ୟ ଶିବରାମ ପ୍ରଧାନ, ବ୍ଲକ କନିଷ୍ଠ ଯନ୍ତ୍ରୀ ଇଂ.ଶରତ ଚନ୍ଦ୍ର ମଲ୍ଲଙ୍କ ସହ ସରକାରୀ ଯୋଜନାର ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ। ବିଭିନ୍ନ ପ୍ରକଳ୍ପ ପାଇଁ ଅନୁମୋଦିତ ବ୍ୟୟ ମଞ୍ଜୁର ଅର୍ଥରାଶିର ବିନିଯୋଗ ପ୍ରମାଣପତ୍ର ବ୍ଲକ କାର୍ଯ୍ୟାଳୟରେ ଦାଖଲ କରିବାକୁ ସେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ କହିଥିଲେ। ଏଥିସହ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ବିଭିନ୍ନ ଗ୍ରାମର ଅଙ୍ଗନୱାଡି କେନ୍ଦ୍ର ଓ ବିଦ୍ୟାଳୟ ଗୁଡିକୁ ପଞ୍ଚାୟତ କାର୍ଯ୍ୟାଳୟ ଅଧୀନକୁ ଆଣିବା ପାଇଁ ପଦକ୍ଷେପ ନେବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ପରେ ବିଡିଓ ଫାସିଗୁଡାଠାରେ ନିର୍ମାଣ ହେବାକୁ ଥିବା ଆଦର୍ଶ ଗ୍ରାମୀଣ ପାର୍କ ପାଇଁ ଚିହ୍ନଟ ଜମି ପରିଦର୍ଶନ କରିଥିଲେ।

### ରାଜଶ୍ରୀ ବଳାସୀ ସମାଜର ସେବା ସଦନ କେନ୍ଦ୍ର ଉଦ୍‌ଘାଟିତ

ପୋଲସରା,୪।୧୧(ଡି.ଏନ.ଏ.)- ପୋଲସରା ବ୍ଲକ ବୁଢ଼େଇଶୁଣୀ ପଞ୍ଚାୟତ ଲକ୍ଷ୍ମଣପଲ୍ଲୀ ଗ୍ରାମଠାରେ ରାଜଶ୍ରୀ ବଳାସୀ ସମାଜ କେନ୍ଦ୍ର ପରିଷଦର ସେବା ସଦନ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ବିଧାୟକ ଶ୍ରୀକାନ୍ତ ସାହୁ ଏହାକୁ ଉଦ୍‌ଘାଟନ କରିଥିବା ବେଳେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ନଚିକେତା ସ୍ୱାଇଁ, ବିପିନ ବିହାରୀ ପ୍ରଧାନ, ମଙ୍ଗୁଲୁ ଚରଣ ସାହୁ, ସୁରେନ୍ଦ୍ର ନାଥ ପ୍ରଧାନ, ଦୀନବନ୍ଧୁ ସାହୁ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। କେନ୍ଦ୍ର ସମ୍ପାଦକ ଚନ୍ଦ୍ରଶେଖର ସାହୁ ଅତିଥି ପରିଚୟ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ।

### କାର୍ଡ ଦାବିରେ ନିର୍ମାଣ ଶ୍ରମିକଙ୍କ ଆନ୍ଦୋଳନ ଚେତାବନୀ

ହିଞ୍ଜିଳିକାଟୁ,୪।୧୧(ଡି.ଏନ୍.ଏ)- ଶ୍ରମିକଙ୍କୁ ଜିଲା ଶ୍ରମ ବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କ ପରିଚୟ କାର୍ଡ ମିଳିବାରେ ବିଳମ୍ବ ପ୍ରତିବାଦରେ ବୁଧବାର ହିଞ୍ଜିଳି ଦୁର୍ଗା ମନ୍ଦିର ନିକଟ କଲ୍ୟାଣ ମଣ୍ଡପରେ ଏକ ବୈଠକ ହୋଇଥିଲା। ସ୍ଥାନୀୟ ବ୍ଲକର ପ୍ରାୟ ୧ ହଜାର ନିର୍ମାଣ ଶ୍ରମିକ ୨୦୧୯ ଫେବୃୟାରୀଠାରୁ ଜିଲା ଶ୍ରମ କାର୍ଯ୍ୟାଳୟରେ କାର୍ଡ ପାଇଁ ଆବେଦନ କରିଥିଲେ ମଧ ସେମାନଙ୍କୁ କାର୍ଡ ମିଳି ନ ଥିବା ଅଭିଯୋଗ କରିଥିଲେ। ଗତ ମାସରେ ଓଡ଼ିଶା ନିର୍ମାଣ ଶ୍ରମିକ ୟୁନିୟନ (ଟିୟୁସିଆଇ) ନେତୃ ମଣ୍ଡଳୀ ପକ୍ଷରୁ ଏ ନେଇ ଜିଲା ଶ୍ରମ ଅଧିକାରୀଙ୍କୁ ଭେଟି ଆଲୋଚନା ହୋଇଥିଲା। କାର୍ଡ ପ୍ରଦାନ ପାଇଁ ବିଭାଗକୁ ୧୫ ଦିନ ସମୟ ଦିଆଯାଇଥିଲା। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଡ ମିଳି ନ ଥିବାରୁ ଆସନ୍ତା ୧୧ତାରିଖରେ ଜିଲା ଶ୍ରମ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଟିୟୁସିଆଇ ଜିଲା କମିଟି ସଭାପତି ଶଙ୍କର ସାହୁ, ଉପସଭାପତି ଦନାର୍ଦ୍ଦନ ସେଠୀ, ସଂଯୋଜକ ନୀଳ ଭଉଳ ପ୍ରମୁଖ ବୈଠକରେ ଉପସ୍ଥିତ ରହି ଶ୍ରମିକଙ୍କ ସହ ଆଲୋଚନା କରିଥିଲେ। ଏଥିରେ ବ୍ଲକର ବିଭିନ୍ନ ପଞ୍ଚାୟତର ଶତାଧିକ ଶ୍ରମିକ ଯୋଗ ଦେଇଥିଲେ।

### ଆଇପିଏଲ୍ ନିଶା, ବଢୁଛି ସଟ୍ଟା ଖେଳ

ଚିକିଟି,୪।୧୧(ଡି.ଏନ.ଏ.)-ଗତ କିଛିଦିନ ଧରି ଚାଲିଥିବା ଆଇପିଏଲ୍ ମ୍ୟାଚ୍ ମେଧାବୀ ଛାତ୍ର ଓ କିଛି ଲୋକଙ୍କୁ ସର୍ବସ୍ୱାନ୍ତ କରିବାକୁ ବସିଛି। ଅଧିକାଂଶ ସ୍କୁଲ, କଲେଜ ଛାତ୍ରମାନେ ଏହି କ୍ରିକେଟ ପାଇଁ ବାଜି ଲଗାଇ ସଟ୍ଟା ଖେଳରେ ମାତିଛନ୍ତି। ୧୦୦ଟଙ୍କାରୁ ଆରମ୍ଭ କରି ଲକ୍ଷେ ଟଙ୍କା ପର୍ଯ୍ୟନ୍ତ ଏଥିରେ ବାଜି ମରାଯାଉଛି। ପୂର୍ବରୁ ମଧ ଏହି ଖେଳରେ ଚିକିଟି ଅଞ୍ଚଳର ବହୁ ପରିବାର ସର୍ବସ୍ୱାନ୍ତ ହୋଇଥିବା ନଜିର ରହିଛି। ଖେଳ ଆରମ୍ଭ ହେବାମାତ୍ରେ ମୋବାଇଲ୍ ଫୋନ୍ ଚାଲୁ ହୋଇଯାଏ। ଟସ୍ ପଡ଼ିବାଠାରୁ ଆରମ୍ଭ କରି ରନ୍ ହାର , ଉଇକେଟପତନ, ଖେଳାଳି ପ୍ରତି ରନ୍ ସଂଗ୍ରହ ଆଦି ବିଭିନ୍ନ ଶୈଳିରେ ବାଜି ମରାହୁଏ। ସଟ୍ଟା ପ୍ରେମିମାନେ ଚିକିଟି ସମେତ ଏହାର ଆଖପାଖ ଗ୍ରାମାଞ୍ଚଳର ବିଭିନ୍ନ ସ୍ଥାନରେ ଆଡ୍ଡା ଜମାଇ ଖେଳୁଛନ୍ତି। ଖେଳରେ ସର୍ବସ୍ୱ ହରାଇଥିବା ଲୋକମାନେ ଟଙ୍କା ଫେରି ପାଇବା ଆଶାରେ ଚୋରି ଡକାୟତି ଆଦି ଅପରାଧକୁ ଅପଣାଉଛନ୍ତି। ଏଥିପ୍ରତି ପୋଲିସ ଦୃଷ୍ଟି ଦେଉ ନ ଥିବାରୁ ବର୍ତ୍ତମାନ ଚିକିଟି ସମେତ ଆଖପାଖ ଗ୍ରାମାଞ୍ଚଳରେ ସଟ୍ଟା ଖେଳ ବୃଦ୍ଧି ପାଇବାରେ ଲାଗିଛି। ପୋଲିସ୍ ପ୍ରଶାସନ ସଟ୍ଟା ଖେଳାଳଙ୍କୁ ତାଗିଦ୍ ନ କଲେ ବହୁ ଲୋକ ସର୍ବସ୍ୱାନ୍ତ ହେବାର ସମ୍ଭାବନା ରହିଛି। ତେଣୁ ସଟ୍ଟା ଖେଳାଳିମାନଙ୍କୁ ଧରିବା ନିହାତି ଆବଶ୍ୟକ ବୋଲି ମତପ୍ରକାଶ ପାଇଛି।

# ଗଞ୍ଜାମରେ ଆଜିଠୁ ପୁଣି ସ୍ୱାସ୍ଥ୍ୟ ସ୍କ୍ରିନିଂ

ଛତ୍ରପୁର,୪।୧୧(ଡି.ଏନ୍.ଏ.)

ଗଞ୍ଜାମ ଜିଲାରେ ଦ୍ୱିତୀୟ ପର୍ଯ୍ୟାୟ କରୋନା ସଂକ୍ରମଣ ଆଶଙ୍କା ରହିଛି। ତେଣୁ ଜିଲା ପ୍ରଶାସନ ପକ୍ଷରୁ ପୁଣି ପୂର୍ବଭଳି ସତର୍କ ରହିବା ସହ ବିଭିନ୍ନ ପଦକ୍ଷେପ ନିଆଯିବାକୁ ନିଷ୍ପତ୍ତି ହୋଇଛି। ଜିଲାବାସୀଙ୍କ ମଧ୍ୟରେ ଏ ନେଇ ସଚେତନତା ସୃଷ୍ଟି କରାଯିବ। ପୁଣି ଘରକୁ ଘର ବୁଲି ମେଗା ସ୍ୱାସ୍ଥ୍ୟ ସ୍କ୍ରିନିଂ କରାଯିବାକୁ ସ୍ଥିର କରାଯାଇଛି। ଗୁରୁବାରଠାରୁ ଜିଲାର ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ସ୍ୱାସ୍ଥ୍ୟ ସ୍କ୍ରିନିଂ ଆରମ୍ଭ ହେବ ବୋଲି ବୁଧବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସୂଚନା ଦେଇଛନ୍ତି। ପୂର୍ବରୁ ଏ ସମ୍ପର୍କରେ ଜିଲା ଓ ବ୍ଲକସ୍ତରରେ ଅଧିକାରୀମାନଙ୍କ ସହ ଆଲୋଚନା ସରିଛି। ସ୍ୱାସ୍ଥ୍ୟ ସ୍କ୍ରିନିଂ ପାଇଁ ଟିମ୍ ଗଠନ କରାଯାଇଛି। ପୂର୍ବଭଳି ପୁଣି ଜନସାଧାରଣ ସହଯୋଗ କଲେ ସଂକ୍ରମଣକୁ ରୋକା ଯାଇପାରିବ। ଯେ ପର୍ଯ୍ୟନ୍ତ ଟିକା କିମ୍ବା ଔଷଧ ଆସିନି ସେ ପର୍ଯ୍ୟନ୍ତ ଆମକୁ ସଚେତନ ରହିବାକୁ ପଡିବ ବୋଲି ଜିଲାପାଳ କହିଛନ୍ତି। ଟେଷ୍ଟିଂ ବୃଦ୍ଧି, ସୁପର ସ୍ପ୍ରେଡର ଚିହ୍ନଟ, ସଂକ୍ରମିତ ବ୍ୟକ୍ତିଙ୍କ କଣ୍ଟାକ୍ଟ ଟ୍ରେସିଂ, ବାହାରୁ ଆସୁଥିବା ଲୋକଙ୍କ ତଥ୍ୟ ସଂଗ୍ରହ କରିବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି। କୋଭିଡ୍ ମନିଟର, କୋଭିଡ ସଖୀମାନେ କରୋନା ସମ୍ପର୍କରେ ଲୋକଙ୍କୁ ସଚେତନ କରିବେ। ଦୋକାନୀ ପଞ୍ଚସୂତ୍ରୀ ନିୟମ ପାଳନ କରିବା ବାଧ୍ୟତାମୂଳକ। ଅଧିକାରୀମାନେ ଏହାର ତଦାଖ କରିବେ ବୋଲି ନିର୍ଦ୍ଦେଶ ଦିଆଯାଇଥିବା ଜିଲାପାଳ କହିଛନନ୍ତି। ଗ୍ରୀନ୍ ଦିପାବଳୀ, କୋଭିଡମୁକ୍ତ ଦିପାବଳୀ ଉପରେ ଜିଲାପାଳ ଗୁରତ୍ୱ ଦେବା ସହ ବାଣ ଫୁଟାଇବା ସମ୍ପୂର୍ଣ୍ଣ ନିଷେଧ ବୋଲି କହିଛନ୍ତି।

### ୩୩ ପଜିଟିଭ୍, ୩୯ ସୁସ୍ଥ

ଗଞ୍ଜାମ ଜିଲାରେ ନୂଆ ୩୩ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୩୯ ଜଣ କରୋନାରୁ ସୁସ୍ଥ ହୋଇଥିବା ବୁଧବାର ଜିଲାପାଳ ସୂଚନା ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲାରେ ୨୧ ହଜାର ୨୯୩ ଜଣ କରୋନାରେ ସଂକ୍ରମିତ ହୋଇସାରିଲେଣି। ସେମାନଙ୍କ ମଧ୍ୟରୁ ୨୦ ହଜାର ୮୭୯ ଜଣ ସୁସ୍ଥ ହୋଇଥିବାବେଳେ ଏବେ ୧୭୬ ଜଣ ସକ୍ରିୟ ରୋଗୀ ରହିଛନ୍ତି। କରୋନାରେ ୨୩୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୮ ଜଣଙ୍କ ଅଣକୋଭିଡ୍‌ରେ ଜୀବନ ଯାଇଛି। ଜିଲାରେ ମଙ୍ଗଳବାର ୩ ,୮୩୮ ଜଣଙ୍କ କରୋନା ଟେଷ୍ଟ କରାଯାଇଛି। ଏହାକୁ ମିଶାଇ ୫ ଲକ୍ଷ ୫୮ ହଜାର ୮୨୬ ଜଣଙ୍କ କରୋନା ଟେଷ୍ଟ ହୋଇଥିବା ଜିଲାପାଳ ସୂଚନା ଦେଇଛନ୍ତି।

■ଗ୍ରୀନ୍ ଦୀପାବଳିକୁ ଗୁରୁତ୍ୱ, ବାଣ ଫୁଟାଇବା ନିଷେଧ

■ପଞ୍ଚସୂତ୍ରୀ ନିୟମ ନ ମାନିଲେ କାର୍ଯ୍ୟାନୁଷ୍ଠାନ

## ଟ୍ରକ୍‌ରୁ ତାର୍ପୋଲିନ୍ ଚୋରି : ୫ ଗିରଫ



ଗିରଫ ଅଭିଯୁକ୍ତମାନେ ଓ ଜବତ ତାର୍ପୋଲିନ।

ଆସିକା,୪।୧୧(ଡି.ଏନ୍.ଏ.)

ଆସିକା ଏନ୍‌ଏସି ବିଜୁ ପଟ୍ଟନାୟକ ଛକ ସଂଲଗ୍ନ ଟ୍ରକମାଲିକ ସଂଘ କାର୍ଯ୍ୟାଳୟ ନିକଟରେ ରହୁଥିବା ଟ୍ରକଗୁଡିକରୁ ତାର୍ପୋଲିନ ଚୋରି ଅଭିଯୋଗରେ ପୋଲିସ ବୁଧବାର ୫ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନନ୍ଦ ଦାସ, ଶିବରାମ ଦାସ, ଡି. ରାମୁ, ଏ. ଆଶୁ ଓ ଏ. କାଳି। ଅଭିଯୁକ୍ତ ନନ୍ଦ ଓ ଶିବରାମ ତାର୍ପୋଲିନ ଚୋରି କରି ଆଣିଥିବା ବେଳେ ଅନ୍ୟ ୩ ଅଭିଯୁକ୍ତ ତାହାକୁ କିଣିଥିବା ପୋଲିସ ତଦନ୍ତରୁ ଜଣାପଡିଛି। ଅଭିଯୁକ୍ତମାନଙ୍କ ନିକଟରୁ ୯ଟି ବଡ ତାର୍ପୋଲିନ ଜବତ କରାଯାଇଛି। ଏ ନେଇ ଆସିକା ଥାନାରେ ନଂ.୫୮୦/୨୦ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି। ଟ୍ରକ୍ ମାଲିକମାନେ ତାର୍ପଲିନ ଚୋରଙ୍କୁ ଧରିବା ଲାଗି ପାଳି କରି ଅଫିସରେ ପହରା ଦେଉଥିଲେ। ସୋମବାର ରାତିରେ ଚୋରି ହେଉଥିବା ବେଳେ ଦୃଷ୍ଟିକୁ ଆସିଥିଲା। ସିସି ଟିଭି ଫୁଟେଜରୁ ଅଭିଯୁକ୍ତଙ୍କ ସମ୍ପର୍କରେ ସୁରାକ ପାଇ ଟ୍ରକ ମାଲିକ ଉପେନ୍ଦ୍ର ପାଢୀଙ୍କ ସମେତ ୫ ଜଣ ଟ୍ରକ ମାଲିକ ମଙ୍ଗଳବାର ଥାନାରେ ଅଭିଯୋଗ କରିଥିଲେ।

## ତୃତୀୟ ପକ୍ଷ ମାଧ୍ୟମରେ ଭିଏସ୍‌ଏସ୍‌ର ଦକ୍ଷତା ବୃଦ୍ଧି କରାଯିବ

ଭଞ୍ଜନଗର,୪।୧୧(ଡି.ଏନ.ଏ)



ବୈଠକରେ ଉପସ୍ଥିତ ଅଧିକାରୀ।

ଭଞ୍ଜନଗର ଦକ୍ଷିଣ ଘୁମୁସର ବନଖଣ୍ଡ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ସନ୍ଧ୍ୟାରେ ବନ ସୁରକ୍ଷା ସମିତି ଗୁଡିକର ତୃତୀୟ ପକ୍ଷ ମାଧ୍ୟମରେ କିଭଳି କାର୍ଯ୍ୟଦକ୍ଷତା ବୃଦ୍ଧି କରାଯିବ ସେନେଇ ବୈଠକ ହୋଇଥିଲା। ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ସତ୍ୟ ନାରାୟଣ ବେଉରା ଏହାକୁ ଉଦ୍‌ଘାଟନ କରିଥିଲେ। ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ଅଭୟ କାନ୍ତ ଦଳେଇ ଯୋଗଦେଇ ସରକାରଙ୍କ ଯୋଜନା ସମ୍ପର୍କରେ କହିଥିଲେ। ସଂଯୋଜକ ଡି.ଏନ୍. ତ୍ରିପାଠୀ, ଶୂଳପାଣି ଶତପଥୀ ପ୍ରମୁଖ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ବନ ସୁରକ୍ଷା ସମିତି (ଭିଏସ୍‌ଏସ୍) ଗୁଡିକର ବର୍ତ୍ତମାନ ସ୍ଥିତି, ଗ୍ରାମ ସଭାର ଉଦ୍ଦେଶ୍ୟ, ଜଙ୍ଗଲ ଆଇନ ପ୍ରମୁଖ ବିଷୟରେ ଆଲୋଚନା ହୋଇଥିଲା। ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡରେ ୨୨୩ଟି ବନ ସୁରକ୍ଷା ସମିତି ଥିବାବେଳେ ସେଥିମଧ୍ୟରୁ ୧୦ ପ୍ରତିଶତ ଓ ଦକ୍ଷିଣ ଘୁମୁସର ବନଖଣ୍ଡର ୧୦ ପ୍ରତିଶତ ଭିଏସ୍‌ଏସ୍‌ର ତୃତୀୟ ପକ୍ଷ ମାଧ୍ୟମରେ କାର୍ଯ୍ୟଦକ୍ଷତା ବୃଦ୍ଧି କରାଯିବ। ଆଲୋଚନାରେ ତାରସିଂ ରେଞ୍ଜର ଆଶାଲତା ଦିଗାଲ, ଜଗନ୍ନାଥପ୍ରସାଦ ରେଞ୍ଜର ଉମାକାନ୍ତ ଦାସ, ମୁଜାଗଡ ରେଞ୍ଜର ବିଦ୍ୟାଧର ସାହୁ, ଦକ୍ଷିଣ ଘୁମୁସର ବନଖଣ୍ଡ ଏସିଏଫ୍ ପ୍ରଭାକର ନାୟକ, ବୁଗୁଡା ରେଞ୍ଜର ଫକୀର ଚରଣ ବେହେରା, ପୋଲସରା, ସୋରଡା, ବଡଗଡ ରେଞ୍ଜର, ଏସିଏଫ୍ ଏମ୍. ମାଦି ମୋତିଲାଲ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଏହାପରେ ତାରସିଂ ରେଞ୍ଜର ବଡପଥରାରେ ଭିଏସ୍‌ଏସ୍ କର୍ମକର୍ତ୍ତାଙ୍କୁ ନେଇ ଏକ ବୈଠକ ହୋଇଥିଲା। ରେଞ୍ଜର ଆଶାଲତା ଦିଗାଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ପୃଥକ୍ ଯୌତୁକ ନିର୍ଯାତନା ଅଭିଯୋଗ, ସ୍ୱାମୀ ଫେରାର

ଦିଗପହଣ୍ଡି/ଚିକିଟି, ୪।୧୧(ଡି.ଏନ.ଏ.)

ଦିଗପହଣ୍ଡି ନିକଟ ବି.ନୂଆପଡ଼ା ଗ୍ରାମର କେ. ଲିଜାଙ୍କୁ ସ୍ୱାମୀ ଓ ଶ୍ୱଶୁର ଘର ଲୋକେ ଯୌତୁକ ପାଇଁ ନିର୍ଯାତନା ଦେଉଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ଲିଜାଙ୍କ ଏତଲାକୁ ଭିତ୍ତିକରି କେ.ନୂଆଗାଁ ଥାନାରେ ନଂ.୨୫୦/୨୦ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛନ୍ତି। ଗିରଫ ଭୟରେ ଅଭିଯୁକ୍ତମାନେ ଫେରାର ଅଛନ୍ତି। ୨୦୧୫ ଏପ୍ରିଲ୍ ୧୬ରେ ଲିଜା ବି. ନୂଆପଡ଼ାରେ ବିବାହ କରିଥିଲେ। ସ୍ୱାମୀ ଓ ଶାଶୁଘର ଲୋକଙ୍କ ଦାବି ପ୍ରକାରେ ଯୌତୁକ ଦିଆଯାଇଥିଲା। ବିବାହର ୧୦ ଦିନ ପରେ ଅଧିକ ୧ଲକ୍ଷ ଟଙ୍କା ଯୌତୁକ ପାଇଁ ସ୍ୱାମୀ ଓ ଶାଶୁଘର ଲୋକେ ମାଡ଼ ମାରିଥିଲେ। ନିର୍ଯାତନା ଅସହ୍ୟ ହେବାରୁ ଲିଜା ୨ ବର୍ଷ ହେଲା ବାପ ଘରେ ରହୁଛନ୍ତି। ଏପରିକି ସ୍ୱାମୀ ଦ୍ୱିତୀୟ ବିବାହ ଯୋଜନା କରୁଥିବା ଏତଲାରେ ଉଲ୍ଲେଖ ରହିଛି।

ସେହିପରି ଦିଗପହଣ୍ଡି ବ୍ଲକ ବିଜୟ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଗାଇଡ଼ା ଗ୍ରାମର ନମିତା ନାୟକଙ୍କୁ ତାଙ୍କ ସ୍ୱାମୀ ଯୌତୁକ ପାଇଁ ମାଡ଼ ମାରୁଥିବା ଅଭିଯୋଗ ହୋଇଛି। ନମିତାଙ୍କ ଏତଲା କ୍ରମେ କେ. ନୂଆଗାଁ ପୋଲିସ ମାମଲା (ନଂ. ୨୫୨/୨୦ରେ) ରୁଜୁ କରିଛି। ଗିରଫ ଭୟରେ ଅଭିଯୁକ୍ତ ସ୍ୱାମୀ ଫେରାର ଥିବା ତଦନ୍ତକାରୀ ପୋଲିସ ଅଧିକାରୀ ନୂଆପଡ଼ା ଫାଣ୍ଡି ଏଏସ୍‌ଆଇ ବିନୀତ କୁମାର ଶତପଥୀ କହିଛନ୍ତି। ୨୦୧୮ ଏପ୍ରିଲ ୨୭ରେ ଗଜପତି ଜିଲା କର୍ଚ୍ଚବାଡି ପଞ୍ଚାୟତ କନ୍ଦଅଡବା ଗ୍ରାମର ନମିତା ଗାଇଡ଼ା ଗାଁରେ ବିବାହ କରିଥିଲେ। ବିବାହର ୨ ମାସ ପରେ ଅଧିକ ଯୌତୁକ ଦାବିକରି ସ୍ୱାମୀ ମାଡ଼ ମାରିବାରୁ ସେ ବାପ ଘରକୁ ଚାଲି ଯାଇଥିଲେ। କିଛିଦିନ ପରେ ବିଭିନ୍ନ ପ୍ରତିଶ୍ରୁତି ଦେଇ ସ୍ୱାମୀ ପୁଣି ତାଙ୍କୁ ଘରକୁ ଡାକିନେଇ ନିର୍ଯାତନା ଦେବା ସହ ହତ୍ୟା ଧମକ ଦେଇଥିବା ଏତଲାରେ ଉଲ୍ଲେଖ ରହିଛି।

## ବାଘଛାଲ ଜବତ ଘଟଣା: ମାଷ୍ଟର ମାଇଣ୍ଡ ଗିରଫ

ଫୁଲବାଣୀ ଅଫିସ, ୪।୧୧

କନ୍ଧମାଳ ଜିଲା ଫୁଲବାଣୀ ବନ ବିଭାଗ ବାଘ ଛାଲ ଜବତ କରିବା ଘଟଣାରେ ବୁଧବାର ମାଷ୍ଟର ମାଇଣ୍ଡଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଗୁଦାରି ମଲ୍ଲିକ ସାହିର ପଞ୍ଚାନନ ଦିଗାଲ। ତାଙ୍କୁ ସ୍ଥାନୀୟ ଗାନ୍ଧୀ ଛକ ପାଖରୁ ଗିରଫ କରାଯାଇଥିଲା। ଏହି ଘଟଣାରେ ପଞ୍ଚାନନଙ୍କ ସମେତ ୩ଜଣ ଗିରଫ ହେଲେଣି।

ସୂଚନାଯୋଗ୍ୟ, ଗତ ୨୨ତାରିଖରେ ବନ ବିଭାଗ ଅଧିକାରୀ ଏକ ବାଘଛାଲ ଚାଲାଣ ହେଉଥିବା ଖବର ପାଇଥିଲେ। ଫୁଲବାଣୀ ସହର ଠାରୁ ଅଳ୍ପଦୂର ଗୁଦାରୀ ନିକଟରେ ଏକ ଅଟୋକୁ ଅଟକାଇ ଯାଞ୍ଚ ବେଳେ ସେଥିରୁ ବାଘ ଛାଲ ମିଳିଥିଲା। ସେତବେଳେ ଅଟୋ ଚାଳକ ଜାକରେଜୁର ଅର୍ଜୁନ ଗଣ୍ଡା ଓ ଶିକାରୀ ଜାଣମେଣି ଗ୍ରାମର ତୀର୍ଥ ମଲ୍ଲିକଙ୍କୁ ଗିରଫ କରାଯାଇଥିଲା।

## ୧୬ ଫୁଟ୍‌ର ଅଜଗର ଉଦ୍ଧାର

ଖଲ୍ଲିକୋଟ,୪।୧୧(ଡି.ଏନ.ଏ.)



ଉଦ୍ଧାର ଅଜଗର।

ଖଲିକୋଟ ବ୍ଲକ ଅନ୍ତର୍ଗତ ହରିଡ଼ାମୂଳ ଗ୍ରାମ ନିକଟ ଏକ ପୋଲ ପାଖରୁ ବୁଧବାର ଅପରାହ୍ନରେ ଖଲିକୋଟ ବନ୍ୟପ୍ରାଣୀ ବିଭାଗ କର୍ମଚାରୀ ଏକ ୧୬ ଫୁଟ ଲମ୍ବର ଅଜଗର ସାପକୁ ଦେଖି ତାକୁ ଉଦ୍ଧାର କରି ସାନଘାଟି ନିକଟ ଜଙ୍ଗଲରେ ଛାଡ଼ି ଦେଇଥିଲେ। ୱାଇଲଡ ଲାଇଫ ଫରେଷ୍ଟର କହିବାନୁଯାୟୀ ଉକ୍ତ ସାପଟି ଦୁଇବର୍ଷର, ୧୬ ଫୁଟ ଏହାର ଲମ୍ବ। ଦିନବେଳା ସେମାନଙ୍କୁ ଦେଖାଯାଏ ନାହିଁ। ଫଳରେ ସହଜରେ ଧରି ଜଙ୍ଗଲରେ ଛଡ଼ା ଯାଇଥିଲା।

## ରକ୍ତହୀନତାରେ ଝିଅ ମୃତ୍ୟୁ ପରେ ପୁଅ ପୀଡ଼ିତ

ବୁଗୁଡ଼ା,୪।୧୧(ଡି.ଏନ.ଏ.)

**ସରକାରୀ ସହାୟତାକୁ ଅପେକ୍ଷା**

ରକ୍ତହୀନତାରେ ଝିଅର ମୃତ୍ୟୁ ଘଟିବା ପରେ ଏବେ ପୁଅ ମଧ ସେହି ରୋଗରେ ଶିକାର ହୋଇଛି। ପାଖରେ ଅର୍ଥ ନ ଥିବାରୁ ଚିକିତ୍ସା କରାଇ ହେଉନି। ସରକାରୀ ସହାୟତାକୁ ଅପେକ୍ଷା କରି ଜୀବନ କାଟୁଛନ୍ତି ବୁଗୁଡ଼ା ବ୍ଲକ ଅନ୍ତରପଡ଼ା ପଞ୍ଚାୟତ ମାଣିକପୁର ଗ୍ରାମର ନାରାୟଣ ନାୟକ। ନାରାୟଣ ନାୟକ ଦିନ ମଜୁରିଆ ଭାବେ କାମ କରି ୬ ପ୍ରାଣୀ କୁଟୁମ୍ବ ଚଳାଇ ଆସୁଥିଲେ। ପରେ କରୋନା ମହାମାରୀରେ କାମଧନ୍ଦା ହରାଇ ଭଙ୍ଗା କୁଡ଼ିଆ ଘରେ ଓଳିଏ ଖାଇ ଓଳିଏ ଉପବାସରେ ଦିନ ବିତାଉଥିଲେ। ହେଲେ ବୋଝ ଉପରେ ନଳିତା ବିଡ଼ା ପରି ତାଙ୍କ ବଡ଼ ଝିଅ ଯମୁନା (୧୪)ଙ୍କ ଗତ ସେପ୍ଟେମ୍ବର ୩୦ ତାରିଖରେ ରକ୍ତହୀନତା ରୋଗରେ ମୃତ୍ୟୁ ଘଟିଥିଲା। ପାଖରେ ଯାହା ଟଙ୍କା ଥିଲା ଝିଅର ଚିକିତ୍ସାରେ ସବୁ ଖର୍ଚ୍ଚ ହୋଇଗଲା। କିନ୍ତୁ ଝିଅ ବଞ୍ଚିପାରିଲା ନାହିଁ। ଏବେ ମୁଣ୍ଡ ଉପରେ ଚଡ଼କ ପଡ଼ିଲା ଭଳି ପୁଅ ଶୁଭମ ମଧ ରକ୍ତହୀନତା ରୋଗରେ ପୀଡ଼ିତ। ନାରାୟଣ ଧାର କରଜ କରି ପୁଅକୁ ବ୍ରହ୍ମପୁର ମେଡିକାଲ ନେଇ ଚିକିତ୍ସା କରାଇଥିଲେ। ବର୍ତ୍ତମାନ ପାଖରେ ପଇସା ନ ଥିବାରୁ ପୁଅର ଚିକିତ୍ସା ପାଇଁ ସରକାରୀ ସହାୟତାକୁ ପରିବାର ଲୋକେ। ସମସ୍ୟା ନେଇ ସରପଞ୍ଚ କି କୌଣସି ପ୍ରଶାସନକୁ ଜଣାଇଲେ ମଧ କିଛି ସୁଫଳ ମଳିଲା ନାହିଁ ବୋଲି ସେମାନେ କହିଛନ୍ତି। ତେଣୁ ସରକାରୀ ସହାୟତା ମିଳିଲେ ପୁଅର ଜୀବନ ରକ୍ଷା ହୋଇପାରନ୍ତା ବୋଲି ନିବେଦନ କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ସଂଗ୍ରାମ କେଶରୀ ଜେନାଙ୍କୁ ପଚାରିବାରେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ସାହାଯ୍ୟ ପାଇଁ ଆବେଦନ କଲେ କିଛି ବ୍ୟବସ୍ଥା ହୋଇପାରିବ ବୋଲି ସେ କହିଥିଲେ।

## ସମୀର ବନ୍ୟପ୍ରାଣୀ ବୋର୍ଡ ସଦସ୍ୟ ମନୋନୀତ

ଆସିକା,୪।୧୧(ଡି.ଏନ୍.ଏ.)

ରାଜ୍ୟ ସରକାରଙ୍କ ବନ୍ୟପ୍ରାଣୀ ବୋର୍ଡ ପୁର୍ନଗଠନରେ ଗଞ୍ଜାମ ଜିଲା ମୟୂର ସୁରକ୍ଷା ସମିତିର ସଭାପତି ସମୀର କୁମାର ପ୍ରଧାନଙ୍କୁ ଅନ୍ୟତମ ସଦସ୍ୟ ଭାବେ ଚୟନ କରାଯାଇଛି। ସରକାରଙ୍କ ଏହି ନିଷ୍ପତ୍ତିକୁ ଜିଲାର ପ୍ରାଣୀ ସୁରକ୍ଷା ପ୍ରେମୀଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିବା ବେଳେ ସଦସ୍ୟ ସମୀର ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି। ସମୀର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଓ ବନ ବିଭାଗର ଉଚ୍ଚ ଅଧିକାରୀମାନଙ୍କୁ ମଧ କୃତଜ୍ଞତା ଜ୍ଞାପନ କରଛନ୍ତି।

## ଡ୍ରାଇଭର କୋର୍ଟ ଚାଲାଣ

ବ୍ରହ୍ମପୁର ଅଫିସ,୪।୧୧

**ଟଙ୍କା ଚୋରି ଘଟଣା**

ବ୍ରହ୍ମପୁର ସଦର ଥାନା ପୋଲିସ ଜଣେ ଚୋରଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ହିଞ୍ଜିଳିକାଟୁ ଥାନା ଅନ୍ତର୍ଗତ ପିତ୍ତଳ ନିକଟ ରାମଚନ୍ଦ୍ରପୁରର ବଣ୍ଟି ସ୍ୱାଇଁ (୨୦)। ତାଙ୍କ ନିକଟରୁ ୧.୨୭ ଲକ୍ଷ ଟଙ୍କା, ୩ ଏଟିଏମ କାର୍ଡ ଓ ମୋବାଇଲ ଫୋନ ପୋଲିସ ଜବତ କରିଛି। ନମ୍ବର ୩୩୨/୨୦ରେ ବଣ୍ଟିଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି।

ପ୍ରକାଶଯେ, ସୁକୁଣ୍ଡା ଗ୍ରାମର ଲିଟୁ ସାବତ ଜଣେ କ୍ରସର ମାଲିକ। ତାଙ୍କ ପାଖରେ ବଣ୍ଟି ଡ୍ରାଇଭର ଭାବେ କାମ କରୁଥିଲେ। ଲିଟୁ ଗତ ମାସ ୧୦ ତାରିଖରେ ତାଙ୍କ କ୍ରସରରେ କାମ କରୁଥିବା ଶ୍ରମିକମାନଙ୍କୁ ସେମାନଙ୍କ ବକେୟା ଟଙ୍କା ଦେବା ପାଇଁ ଡ୍ରାଇଭର ବଣ୍ଟିଙ୍କୁ ୧ ଲକ୍ଷ ୨୭ ହଜାର ଟଙ୍କା ଦେଇଥିଲେ। ହେଲେ ବଣ୍ଟି ଉକ୍ତ ଟଙ୍କା ସହ ମାଲିକଙ୍କ ଘରେ ଥିବା ମୋବାଇଲ ଓ ୩ ଏଟିଏମ କାର୍ଡ ଧରି ନିଜ ଗାଁକୁ ଚାଲିଯାଇଥିଲେ। ସେପଟେ କ୍ରସରରେ କାମ କରୁଥିବା ଶ୍ରମିକମାନେ ଟଙ୍କା ନ ପାଇ ମାଲିକ ଲିଟୁଙ୍କୁ ଫୋନ କରିଥିଲେ। ପରେ ଲିଟୁ ତାଙ୍କ ଡ୍ରାଇଭର ସହ ଯୋଗାଯୋଗ ବେଳେ ତାଙ୍କ ପତ୍ତା ମିଳି ନ ଥିଲା। ଏନେଇ ଲିଟୁ ଅକ୍ଟୋବର ୧୦ରେ ଥାନାରେ ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ କରି ପୋଲିସ ମଙ୍ଗଳବାର ବଣ୍ଟିଙ୍କୁ ଗିରଫ କରିଛି।

## ରୋଗାକ୍ରାନ୍ତ ମହିଳାଙ୍କୁ ଉଦ୍ଧାର କଲା ପ୍ରଶାସନ

ପୋଲସରା,୪।୧୧(ଡି.ଏନ.ଏ.)



ରୋଗାକ୍ରାନ୍ତ ମହିଳାଙ୍କ ନିକଟରେ ପ୍ରଶାସନ

ପୋଲସରା ବ୍ଲକ ପାଣ୍ଡିରିପଡ଼ା ପଞ୍ଚାୟତ ଅନ୍ଧାରୀ ଗ୍ରାମରେ ବୁଧବାର ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ନିର୍ଦ୍ଦେଶରେ ପୋଲସରା ବିଡିଓ ଶମ୍ଭୁନାଥ ନନ୍ଦି, ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର, ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଗୋପବନ୍ଧୁ ବେହେରା, ପାଣ୍ଡିରିପଡ଼ା ଚିକିତ୍ସା କେନ୍ଦ୍ରର ଡ଼ା. ବିଜୟ କୁମାର ଭୂୟାଁ, ସରପଞ୍ଚ ପ୍ରମୁଖ ପହଞ୍ଚି ରୋଗାକ୍ରାନ୍ତ ଆଦିବାସୀ ମହିଳା ସୁଶୀଳା ଶବରଙ୍କୁ ବ୍ରହ୍ମପୁର ବଡ ମେଡିକାଲ ସ୍ଥାନାନ୍ତର କରିଛନ୍ତି। ସ୍ଥାନୀୟ ସରପଞ୍ଚ ପ୍ରତିନିଧି ସୁରେନ୍ଦ୍ର ଶବର ୫ ହଜାର ଓ ରେଡକ୍ରସ୍ ପାଣ୍ଠିରୁ ତହସିଲଦାର ୫ ହଜାର ଟଙ୍କା ତାଙ୍କ ପରିବାରକୁ ପ୍ରଦାନ କରିଛନ୍ତି। ମହିଳାଙ୍କ ପେଟରେ ଯନ୍ତ୍ରଣା ସହ ଫୁଲି ଯାଉଥିଲା। ଏନେଇ ସାମାଜିକ ଗଣମାଧମରେ ଖବର ପ୍ରକାଶ ସହ ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ କରାଯାଇଥିଲା। ଜିଲାପାଳଙ୍କ ନଜରକୁ ଆସିବା ପରେ ପ୍ରଶାସନ ସହଯୋଗର ହାତ ବଢ଼ାଇଥିଲା।

## ମାସେ ହେଲା ଜଳୁନି ଷ୍ଟ୍ରିଟ୍ ଲାଇଟ୍

ଗଞ୍ଜାମ,୪।୧୧(ଡି.ଏନ.ଏ.)



ଗଞ୍ଜାମ ସହର ବଡ଼ ବଜାର ଓ ସାନ ବଜାର ଅଞ୍ଚଳରେ ଏକ ମାସ ହେବ ଷ୍ଟ୍ରିଟ୍ ଲାଇଟ୍ ଜଳୁନାହିଁ। ବଜାର ଅନ୍ଧାର ରହିବା ଦ୍ୱାରା ସନ୍ଧ୍ୟା ହେଲେ ଅସାମାଜିକ ବ୍ୟକ୍ତି ଭାରତୀ ବିଦ୍ୟାପୀଠ, ମିନି ଷ୍ଟାଡିୟମ ଓ ବଜାର ଦଳିତ ସାହିସ୍ଥିତ ଅଙ୍ଗନୱାଡି କେନ୍ଦ୍ର ଆଦି ସ୍ଥାନରେ ମଦ ଆଡ୍ଡା ଜମାଇବା ସହ ଚୋରି ପାଇଁ ଯୋଜନା ପ୍ରସ୍ତୁତ କରୁଛନ୍ତି। ଅନ୍ୟପଟେ ସହର ରାସ୍ତା ସମ୍ପ୍ରସାରଣ ଆଳରେ ପ୍ରଶାସନ ପକ୍ଷରୁ ବିଞ୍ଚଣା ପଲ୍ଲୀ ଛକରୁ ସାନ ବଜାର ଯାଏ ଉଭୟ ପାର୍ଶ୍ୱରୁ ବଡ଼ ବଡ଼ ଗଛ କାଟି ପକାଯାଇଛି। କିନ୍ତୁ ସେଗୁଡ଼ିକ ସଫା କରା ନ ଯିବାରୁ ଆବର୍ଜନାମୟ ପରିବେଶ ସୃଷ୍ଟି ହେଉଛି। ଏ ସମ୍ପର୍କରେ ଗଞ୍ଜାମ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଭୁ କଲ୍ୟାଣ ଦାସଙ୍କୁ ପଚାରିବାରୁ ଉକ୍ତ ବିଷୟ ଜାଣିଥିବା ସ୍ୱୀକାର କରିବା ସହ ଏ ନେଇ ଦାୟିତ୍ୱ ନେଇଥିବା ସଂସ୍ଥା ସହ ଆଲୋଚନା କରି ପଦକ୍ଷେପ ଗ୍ରହଣ କରିବେ ବୋଲି ସେ କହିଛନ୍ତି।

## ଦୀପାବଳିରେ ଫୁଟିବନି ବାଣ

# ଚିନ୍ତାରେ ବାଣ କାରିଗର

ଆସିକା,୪।୧୧(ଡି.ଏନ୍.ଏ.)



ବାଣ ତିଆରି ପାଇଁ ରହିଥିବା ତାଳପତ୍ର।

ରାଜ୍ୟ ସରକାର କରୋନା ସଂକ୍ରମଣକୁ ପ୍ରତିହତ କରିବା ଲକ୍ଷ୍ୟରେ ଚଳିତ ବର୍ଷ ଦୀପାବଳିରେ ବାଣ ଫୁଟାଇବା ଓ ବିକ୍ରି କରିବା ଉପରେ କଟକଣା ଜାରି କରିଛନ୍ତି। ସରକାରଙ୍କ ଏହି ନିର୍ଦ୍ଦେଶ ବାଣ କାରିଗରଙ୍କୁ ଚିନ୍ତାରେ ପକାଇଛି। ବଂଶାନୁକ୍ରମେ ରିତିମତ କୋଟି କୋଟି ଟଙ୍କାର ବେଆଇନ ବାଣ ପ୍ରସ୍ତୁତ କରି ବିକ୍ରି କରୁଥିବା ଆସିକା ଥାନା ଅନ୍ତର୍ଗତ ନଳବଣ୍ଟା ଗ୍ରାମରେ ଥିବା ବାଣ କାରିଗର ଓ ବାଣ ପ୍ରସ୍ତୁତକାରୀ ନିରାଶ ହୋଇପଡିଛନ୍ତି। ସରକାରଙ୍କ ନିର୍ଦ୍ଦେଶ ଫଳରେ ଶତାଧିକ ପରିବାର ପ୍ରଭାବିତ ହେବେ ବୋଲି ନାମ ପ୍ରକାଶ ନ କରି କେତେଜଣ ବାଣ ପ୍ରସ୍ତୁତକାରୀ କହିଛନ୍ତି। ସୂଚନାଯୋଗ୍ୟ, ଉଚ୍ଚ ଶବ୍ଦ ସୃଷ୍ଟି କରିପାରୁଥିବା ନଳବଣ୍ଟାରେ ତିଆରି ବାଣର ଏକ ସ୍ୱତନ୍ତ୍ର ଚାହିଦା ରହିଛି। ଏହି ଗ୍ରାମରେ ୨୦ରୁ ଉର୍ଦ୍ଧ୍ୱ ବେଆଇନ ବାଣ କାରଖାନାରେ ରିତିମତ ବାଣ ପ୍ରସ୍ତୁତ କରାଯାଇ ବର୍ଷସାରା ବିଭିନ୍ନ ଭୋଜିଭାତ, ଉତ୍ସବାନୁଷ୍ଠାନକୁ ବାଣ ଯୋଗାଣ କରାଯାଇଥାଏ। ଦିପାବଳୀ ସମୟରେ ଏହା ଅଧିକ ମାତ୍ରାରେ ପ୍ରସ୍ତୁତ କରାଯାଉଥିଲା। ଚଳିତବର୍ଷ ସରକାରଙ୍କ କଟକଣା ସଂପୃକ୍ତ ବ୍ୟବସାୟୀଙ୍କ ମଧ୍ୟରେ ହତାଶା ଭାବ ସୃଷ୍ଟି କରିଥିବା ଲକ୍ଷ୍ୟ କରାଯାଇଛି।

# ଦିଲ୍ଲୀ ବିପକ୍ଷରେ ମୁମ୍ବାଇ ପଲା ଭାରି

## ଲିଗ୍ ପର୍ଯ୍ୟାୟ ପ୍ରଦର୍ଶନ

### ମୁମ୍ବାଇ ଇଣ୍ଡିଆନ୍ସ

- ଚେନ୍ନାଇ ସୁପରକିଙ୍ଗ୍ସଠାରୁ ୫ ଉଇକେଟରେ ପରାସ୍ତ
- କୋଲକାତା ନାଇଟ ରାଇଡର୍ସ ବିପକ୍ଷରେ ୪୯ ରନରେ ବିଜୟୀ
- ସୁପର ଓଭରରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରଠାରୁ ପରାସ୍ତ
- କିଙ୍ଗ୍ସ ଇଲେଭେନ ପଞ୍ଜାବ ବିପକ୍ଷରେ ୪୮ ରନରେ ବିଜୟୀ
- ସନ୍‌ରାଇଜର୍ସ ହାଇଦ୍ରାବାଦକୁ ୩୪ ରନରେ ହରାଇଲା
- ରାଜସ୍ଥାନ ରୟାଲ୍ସ ବିପକ୍ଷରେ ୫୭ ରନରେ ବିଜୟୀ
- ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ୫ ଉଇକେଟରେ ବିଜୟୀ
- କୋଲକାତା ନାଇଟ ରାଇଡର୍ସ ବିପକ୍ଷରେ ୮ ଉଇକେଟରେ ବିଜୟୀ
- ସୁପର ଓଭରରେ କିଙ୍ଗ୍ସ ଇଲେଭେନ ପଞ୍ଜାବଠାରୁ ପରାସ୍ତ
- ଚେନ୍ନାଇ ସୁପରକିଙ୍ଗ୍ସକୁ ୧୦ ଉଇକେଟରେ ହରାଇଲା
- ରାଜସ୍ଥାନ ରୟାଲ୍ସଠାରୁ ୮ ଉଇକେଟରେ ପରାସ୍ତ
- ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରକୁ ୫ ଉଇକେଟରେ ହରାଇଲା
- ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ୯ ଉଇକେଟରେ ବିଜୟୀ
- ସନ୍‌ରାଇଜର୍ସ ହାଇଦ୍ରାବାଦଠାରୁ ୧୦ ଉଇକେଟରେ ପରାସ୍ତ

### ଦିଲ୍ଲୀ କ୍ୟାପିଟାଲ୍ସ

- ସୁପର ଓଭରରେ କିଙ୍ଗ୍ସ ଇଲେଭେନ ପଞ୍ଜାବ ବିପକ୍ଷରେ ବିଜୟୀ
- ଚେନ୍ନାଇ ସୁପରକିଙ୍ଗ୍ସକୁ ୪୪ ରନରେ ହରାଇଲା
- ସନ୍‌ରାଇଜର୍ସ ହାଇଦ୍ରାବାଦଠାରୁ ୧୫ ରନରେ ପରାସ୍ତ
- କୋଲକାତା ନାଇଟ ରାଇଡର୍ସ ବିପକ୍ଷରେ ୧୮ ରନରେ ବିଜୟୀ
- ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରକୁ ୫୯ ରନରେ ହରାଇଲା
- ରାଜସ୍ଥାନ ରୟାଲ୍ସ ବିପକ୍ଷରେ ୪୬ ରନରେ ବିଜୟୀ
- ମୁମ୍ବାଇ ଇଣ୍ଡିଆନ୍ସଠାରୁ ୫ ଉଇକେଟରେ ପରାସ୍ତ
- ରାଜସ୍ଥାନ ରୟାଲ୍ସ ବିପକ୍ଷରେ ୧୩ ରନରେ ବିଜୟୀ
- ଚେନ୍ନାଇ ସୁପରକିଙ୍ଗ୍ସକୁ ୫ ଉଇକେଟରେ ହରାଇଲା
- କିଙ୍ଗ୍ସ ଇଲେଭେନ ପଞ୍ଜାବଠାରୁ ୫ ଉଇକେଟରେ ପରାସ୍ତ
- କୋଲକାତା ନାଇଟ ରାଇଡର୍ସଠାରୁ ୫୯ ରନରେ ପରାସ୍ତ
- ସନ୍‌ରାଇଜର୍ସ ହାଇଦ୍ରାବାଦଠାରୁ ୮୮ ରନରେ ପରାସ୍ତ
- ମୁମ୍ବାଇ ଇଣ୍ଡିଆନ୍ସଠାରୁ ୯ ଉଇକେଟରେ ପରାସ୍ତ
- ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରକୁ ୬ ଉଇକେଟରେ ହରାଇଲା



ଶ୍ରେୟାସ ଆୟାର

**ଆଇପିଏଲ୍**
**(ଗୁରୁବାର ମ୍ୟାଚ୍)**
**କ୍ୱାଲିଫାୟର-୧**
**ମୁମ୍ବାଇ ଇଣ୍ଡିଆନ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ**
**ସ୍ଥାନ:** ଦୁବାଇ, **ସମୟ:** ରାତି ୭ଟା ୩୦
**ପ୍ରସାରଣ:** ଷ୍ଟାର ସ୍ପୋର୍ଟ୍ସ

**ଦୁବାଇ, ୪।୧୧(ପି.ଟି.)**

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ପ୍ରଥମ ପର୍ଯ୍ୟାୟ ଶେଷ ହୋଇଛି। ଲିଗ୍ ପର୍ଯ୍ୟାୟ ଶେଷରେ ୪ ଦଳ ମୁମ୍ବାଇ ଇଣ୍ଡିଆନ୍ସ (୧୮ ପଏଣ୍ଟ), ଦିଲ୍ଲୀ କ୍ୟାପିଟାଲ୍ସ(୧୬), ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (୧୪) ଓ ସନ୍‌ରାଇଜର୍ସ ହାଇଦ୍ରାବାଦ (୧୪) ପ୍ଲେ-ଅଫ୍‌ରେ ପ୍ରବେଶ କରିଛନ୍ତି। କୋଲକାତା ନାଇଟ ରାଇଡର୍ସ (୧୪), କିଙ୍ଗ୍ସ ଇଲେଭେନ ପଞ୍ଜାବ (୧୨), ଚେନ୍ନାଇ ସୁପରକିଙ୍ଗ୍ସ (୧୨) ଓ ରାଜସ୍ଥାନ ରୟାଲ୍ସ (୧୨) ବିଦାୟ ନେଇଛନ୍ତି। ମଙ୍ଗଳବାର ଅନୁଷ୍ଠିତ ଶେଷ ଲିଗ୍ ମ୍ୟାଚରେ ଟେବୁଲ ଟପ୍ପର ମୁମ୍ବାଇକୁ ୧୦ ଉଇକେଟରେ ହରାଇ ସନ୍‌ରାଇଜର୍ସ ପ୍ଲେ-ଅଫ୍ ପକ୍କା କରିଛି। ପଏଣ୍ଟ ଟେବୁଲରେ ଶୀର୍ଷସ୍ଥାନ ଅଧିକାର କରିଥିବା ଦୁଇ ଦଳ ମୁମ୍ବାଇ ଓ ଦିଲ୍ଲୀ ମଧ୍ୟରେ ଗୁରୁବାର ପ୍ରଥମ କ୍ୱାଲିଫାୟର ଖେଳାଯିବ। ଏହି ଦଳର ବିଜେତା ଫାଇନାଲରେ ପ୍ରବେଶ କରିବ। ପରାଜିତ ଦଳ କ୍ୱାଲିଫାୟର-୨ରେ ଆଉଥରେ ଭାଗ୍ୟପରୀକ୍ଷା କରିବ। ଟୁର୍ନାମେଣ୍ଟର ସବୁଠାରୁ ସଫଳ ଦଳ ୪ ଥର ଚାମ୍ପିୟନ ମୁମ୍ବାଇ ମୋମେଣ୍ଟମ୍ ହରାଇ ଗତ ମ୍ୟାଚରେ ୧୦ ଉଇକେଟରେ ପରାଜିତ ହୋଇଥିଲା। ଅନ୍ୟପକ୍ଷରେ କ୍ରମାଗତ ୪ ପରାଜୟ ପରେ ବାଙ୍ଗାଲୋରକୁ ହରାଇ ଦିଲ୍ଲୀ ଦଳ ମୁମ୍ବାଇକୁ ଟକ୍କର ଦେବାକୁ ପ୍ରସ୍ତୁତ ହୋଇଛି। ପ୍ରଦର୍ଶନ ଦୃଷ୍ଟିରୁ ଦିଲ୍ଲୀ ବିପକ୍ଷରେ ମୁମ୍ବାଇ ପଲା ଭାରି ରହିଛି। ଚଳିତ ସଂସ୍କରଣରେ ଅନୁଷ୍ଠିତ ଦୁଇ ମୁକାବିଲାରେ ମୁମ୍ବାଇ ଶତପ୍ରତିଶତ ବିଜୟ ରେକର୍ଡ ରଖିଛି। ଦିଲ୍ଲୀକୁ ଏହି ଦଳ ପ୍ରଥମ ଭେଟରେ ୫ ଉଇକେଟରେ ଓ ଦ୍ୱିତୀୟ ମୁକାବିଲାରେ ୯ ଉଇକେଟରେ ପରାସ୍ତ କରିଛି।

ହାମଷ୍ଟ୍ରିଙ୍ଗ୍ ଇଞ୍ଜୁରି ଯୋଗୁ ୪ ମ୍ୟାଚରୁ ବାଦ୍ ପଡ଼ିବାପରେ ଅଧିନାୟକ ରୋହିତ ଶର୍ମା ପ୍ରତ୍ୟାବର୍ତ୍ତନ କରିବା ମୁମ୍ବାଇ ଦଳର ମନୋବଳ ବଢ଼ାଇଛି। ରୋହିତ ଗତ ମ୍ୟାଚରେ ମାତ୍ର ୪ ରନ କରି ଆଉଟ ହୋଇଥିବାରୁ ଆଗାମୀ ବଡ଼ ମ୍ୟାଚରେ ଦକ୍ଷତା ଅନୁସାରେ ଖେଳିବା ଆବଶ୍ୟକ ହେଉଛି। ଗତଥର ଚାମ୍ପିୟନ ମୁମ୍ବାଇର ବ୍ୟାଟିଂ ଲାଇନ୍‌ଅପ୍ ଶକ୍ତିଶାଳୀ ଥିବାବେଳେ ବୋଲିଂ ବିଭାଗ ବେଶ୍ ଶାଣିତ। ଟପ୍ ଅର୍ଡରରେ ଇଶାନ କିଶନ ୪୨୮, କ୍ୱିଣ୍ଟନ ଡି'କକ୍ ୪୪୩ ଓ ସୂର୍ଯ୍ୟକୁମାର ଯାଦବ ୪୧୦ ରନ ସଂଗ୍ରହ କରି ସାରିଛନ୍ତି। ମିଡିଲ ଅର୍ଡରରେ ହାର୍ଡ ହିଟରଭାବେ ପରିଚିତ ହାର୍ଦ୍ଦିକ ପାଣ୍ଡ୍ୟା(୨୪୧) ଓ କିରନ ପୋଲାର୍ଡ(୨୫୯) ମଧ୍ୟ ସେମାନଙ୍କ ଯୋଗଦାନ ଦେଇଛନ୍ତି। ପୋଲାର୍ଡଙ୍କ ଛକା ମାରିବା ଟେକ୍ନିକ ଏବେ ମଧ୍ୟ ଚମତ୍କାରଭାବେ କାମ ଦେଉଛି। ଦୁଇ ମୁଖ୍ୟ ବୋଲର ଯଶପ୍ରୀତ ବୁମ୍ରା ୨୩ ଓ ଟ୍ରେଣ୍ଟ ବୋଲ୍ଟ ୨୦ ଉଇକେଟ ହାସଲ କରିଛନ୍ତି। ସ୍ପିନର ରାହୁଲ ଚହର(୧୫) ଓ କୃନାଲ ପାଣ୍ଡ୍ୟା (୫ ଉଇକେଟ ଓ ୯୫ ରନ) ମଧ୍ୟ ପଛରେ ପଡ଼ି ନାହାନ୍ତି।

ଅନ୍ୟପକ୍ଷରେ ଦିଲ୍ଲୀ ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନଙ୍କ ପ୍ରଦର୍ଶନରେ ସ୍ଥିରତା ରହିନାହିଁ। ଜଣେ କିମ୍ବା ଦୁଇଜଣ ବ୍ୟାଟ୍ସମ୍ୟାନଙ୍କ ଉପରେ ଦଳ ନିର୍ଭର କରୁଛି। ଅଜିଙ୍କ୍ୟ ରାହାନେ ଗତ କେତୋଟି ମ୍ୟାଚରେ ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଛନ୍ତି। ବିଶେଷ କରି ବାଙ୍ଗାଲୋର ବିପକ୍ଷରେ ଦିଲ୍ଲୀକୁ ବିଜୟୀ କରାଇବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଅଭିଜ୍ଞ ଓପନର ଶିଖର ଧାୱନ (୫୨୫ ରନ) ଚମତ୍କାର ଫର୍ମରେ ଅଛନ୍ତି। ସେ ଇତିମଧ୍ୟରେ ୨ ଶତକ ଏବଂ ୩ ଅର୍ଦ୍ଧଶତକ ହାସଲ କରି ସାରିଛନ୍ତି। ତେବେ ଆଗାମୀ ବଡ଼ ମ୍ୟାଚରେ ତାଙ୍କୁ ଉପଯୁକ୍ତ ପାର୍ଟନର ମିଳିବା ଆବଶ୍ୟକ ହେଉଛି। ଦୁଇ ଯୁବ ଖେଳାଳି ପୃଥ୍ୱୀ ଶ'(୨୨୮) ଓ ରିଷଭ ପନ୍ତ(୨୮୨) ଦକ୍ଷତା ଅନୁସାରେ ଖେଳି ନ ପାରିବା ଦଳପାଇଁ ଚିନ୍ତାର କାରଣ ହୋଇଛି। ବିଦେଶୀ ଖେଳାଳି ଶିମରନ ହେଟମେର(୧୩୮) ଓ ମାର୍କୁସ ଷ୍ଟୋଇନ୍ସ (୨୪୯)ଙ୍କ ଅବସ୍ଥା ମଧ୍ୟ ତାହା। ଆଗାମୀ ମ୍ୟାଚରେ ଅଧିନାୟକ ଶ୍ରେୟାସ ଆୟାର(୪୨୧)ଙ୍କ ଉପରେ ଇନିଂସ ଗଢ଼ିବାର ଗୁରୁଦାୟିତ୍ୱ ରହିବ। ବୋଲିଂ ବିଭାଗରେ ଦୁଇ ଦକ୍ଷିଣ ଆଫ୍ରିକା ପେସର କାଗିଶୋ ରାବାଡ଼ା(୨୫ ଉଇକେଟ) ଓ ଏନରିଚ୍ ନର୍ଜେ(୧୯) ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଓ ଅକ୍ଷର ପଟେଲ ମଧ୍ୟ ଭଲ କରିଛନ୍ତି।

**ମୁମ୍ବାଇ ଇଣ୍ଡିଆନ୍ସ:** ରୋହିତ ଶର୍ମା (ଅଧିନାୟକ), କ୍ୱିଣ୍ଟନ ଡି କକ୍, ସୂର୍ଯ୍ୟକୁମାର ଯାଦବ, ଇଶାନ କିଷନ, ହାର୍ଦ୍ଦିକ ପାଣ୍ଡ୍ୟା, କିରନ ପୋଲାର୍ଡ, କୃନାଲ ପାଣ୍ଡ୍ୟା, ଯଶପ୍ରୀତ ବୁମ୍ରା, ଟ୍ରେଣ୍ଟ ବୋଲ୍ଟ, ଜେମ୍ସ ପ୍ୟାଟିନସନ, ରାହୁଲ ଚହର, ସୌରଭ ତିୱାରୀ, ନାଥାନ କୁଲ୍ଟର ନୀଲ, ଆଦିତ୍ୟ ତାରେ, ଶେର୍ଫାନେ ରୁଥରଫୋର୍ଡ, ଅନମୋଲପ୍ରୀତ ସିଂ, କ୍ରିସ୍ ଲିନ୍, ଧାୱଲ କୁଲକର୍ନୀ, ମିଚେଲ ମ୍ୟାକକ୍ଲିନଘାନ, ପ୍ରିନ୍ସ ବଲୱନ୍ତ ରାୟ ସିଂ, ଦିଗ୍‌ବିଜୟ ଦେଶମୁଖ, ମହସିନ ଖାଁ, ଜୟନ୍ତ ଯାଦବ, ଅନୁକୂଳ ରୟ।

**ଦିଲ୍ଲୀ କ୍ୟାପିଟାଲ୍ସ:** ଶ୍ରେୟାସ ଆୟାର(ଅଧିନାୟକ), ଶିଖର ଧାୱନ, ପୃଥ୍ୱୀ ଶ, ଅଜିଙ୍କ୍ୟ ରାହାନେ, ରିଷଭ ପନ୍ତ, ମାର୍କୁସ ଷ୍ଟୋଇନ୍ସ, କାଗିଶୋ ରାବାଡା, ଏନରିଚ୍ ନର୍ଜେ, ରବିଚନ୍ଦ୍ରନ ଅଶ୍ୱିନ, ଅକ୍ଷର ପଟେଲ, ଡାନିଏଲ ସାମ୍ସ, କେମୋ ପଲ୍, ମୋହିତ ଶର୍ମା, ଲଳିତ ଯାଦବ, ହର୍ଶଲ ପଟେଲ, ଆଲେକ୍ସ କାରେ, ଶିମରନ ହେଟମେର, ତୁଷାର ଦେଶପାଣ୍ଡେ, ଆଭେଶ ଖାଁ, ସନ୍ଦୀପ ଲାମିଚାନେ, ।



ଟ୍ରେଣ୍ଟ ବୋଲ୍ଟ

ଯଶପ୍ରୀତ ବୁମ୍ରା

# ମାର୍ଲନ ସାମୁଏଲ୍ସଙ୍କ ଅବସର

**କିଙ୍ଗଷ୍ଟନ,୪।୧୧(ପି.ଟି.)**

ୱେଷ୍ଟଇଣ୍ଡିଜ ଅଭିଜ୍ଞ ବ୍ୟାଟ୍ସମ୍ୟାନ ମାର୍ଲନ ସାମୁଏଲ୍ସ ସବୁ ପ୍ରକାର କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ୱେଷ୍ଟଇଣ୍ଡିଜର ଦୁଇଟି ଟି୨୦ ବିଶ୍ୱକପ୍ ଫାଇନାଲ ବିଜୟରେ ଟପ୍ ସ୍କୋରର ସାବ୍ୟସ୍ତ ହୋଇଥିବା ସାମୁଏଲ୍ସଙ୍କ କ୍ୟାରିୟର ବିବାଦରେ ଛନ୍ଦି ହୋଇପଡିଥିଲା। ଦୁର୍ନୀତି ଅଭିଯୋଗରେ ସେ କ୍ରିକେଟରୁ ଦୁଇବର୍ଷ ବାସନ୍ଦ ମଧ୍ୟ ହୋଇଥିଲେ। ତାଙ୍କ ଅବସର ନେଇ କ୍ରିକେଟ ୱେଷ୍ଟଇଣ୍ଡିଜ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଜନୀ ଗେଭ୍ ସ୍ପଷ୍ଟ କରିଛନ୍ତି।

୩୯ ବର୍ଷୀୟ ସାମୁଏଲ୍ସ ୭୧ ଟେଷ୍ଟ, ୨୦୭ ଦିନିକିଆ ଓ ୬୭ଟି ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍ ଖେଳିଛନ୍ତି। ମୋଟ ଉପରେ ସେ ୧୧,୦୦୦ ଅନ୍ତର୍ଜାତୀୟ ରନ୍ ସଂଗ୍ରହ କରିବା ସହ ୧୫୦ରୁ ଊର୍ଦ୍ଧ୍ୱ ଉଇକେଟ ହାସଲ କରିଛନ୍ତି। ତାଙ୍କର ହାରାହାରି ରନ୍ ସଂଗ୍ରହ ସେତେଟା ଆକର୍ଷଣୀୟ ନ ଥିଲେ ମଧ୍ୟ ବଡ଼ବଡ଼ ମ୍ୟାଚ୍‌ରେ ଉପଯୋଗୀ ପ୍ରଦର୍ଶନ କରି ଦଳକୁ ସେ ବହୁବାର ଜିତାଇବାର ଗୌରବ ବହନ କରିଛନ୍ତି। ୱେଷ୍ଟଇଣ୍ଡିଜର ୨୦୧୨ ଓ ୨୦୧୬ ଟି୨୦ ବିଶ୍ୱକପ୍ ବିଜୟରେ ସେ ପ୍ରମୁଖ ଭୂମିକା ଗ୍ରହଣ କରି ଜବରଦସ୍ତ ବ୍ୟାଟିଂ ପ୍ରଦର୍ଶନ କରିଥିଲେ। ୨୦୧୨ ବିଶ୍ୱକପ୍ ଫାଇନାଲରେ ସେ ୫୬ ବଲରୁ ୭୮ ରନ ସଂଗ୍ରହ କରି ଦଳକୁ ବିଜୟୀ କରାଇଥିଲେ। ସେହିପରି ୨୦୧୬ ବିଶ୍ୱକପ୍ ଫାଇନାଲରେ ସେ ୬୬ଟି ବଲର ସମ୍ମୁଖୀନ ହୋଇ ୮୫ ରନକରି ଦଳକୁ ଇଂଲଣ୍ଡ ବିପକ୍ଷରେ ବିଜୟୀ କରାଇଥିଲେ। ଏକମାତ୍ର ବ୍ୟାଟ୍ସମ୍ୟାନ ଭାବେ ସେ ଦୁଇଟି ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଟୁର୍ନାମେଣ୍ଟ ଫାଇନାଲରେ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ୨୦୦୦ରେ ସେ ଅନ୍ତର୍ଜାତୀୟ କ୍ରିକେଟରେ ପଦାର୍ପଣ କରିଥିଲେ। ଗତ ଦୁଇ ଦଶନ୍ଧିଧରି ସେ ବିଶ୍ୱର ବିଭିନ୍ନ ଟି୨୦ ଲିଗ୍‌ରେ ଅଂଶଗ୍ରହଣ କରି ବେଶ୍ ପ୍ରଭାବି ପ୍ରଦର୍ଶନ କରିଛନ୍ତି। ସେ ପୁଣେ ୱାରିୟର୍ସ, ଦିଲ୍ଲୀ ଡେୟାରଡେଭିଲ୍ସ, ମେଲବୋର୍ନ ରେନେଗାଡ୍ସ ଓ ପେଶାୱାର ଜାଲମି ତରଫରୁ ପ୍ରତିନିଧିତ୍ୱ କରି ବିଭିନ୍ନ ଟି୨୦ ଲିଗ୍ ଖେଳିଛନ୍ତି। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ୧୫ଟି ମ୍ୟାଚ୍ ଖେଳି ୧୬୧ ରନ ସ୍କୋର କରିବା ସହ ୯ ଉଇକେଟ ଅକ୍ତିଆର କରିଛନ୍ତି।

ପଡିଆ ବାହାରେ ସେ ବିଭିନ୍ନ କାରଣ ପାଇଁ ବିବାଦୀୟ ହୋଇପଡିଥିଲେ। ୨୦୦୮ରେ ସେ ଲାଞ୍ଚନେବା ଅଭିଯୋଗରେ ଆଇସିସି ଦ୍ୱାରା ବାସନ୍ଦ ହୋଇଥିଲେ। ଏହାର ୬ ବର୍ଷ ପୂର୍ବରୁ ସେ ଭାରତରେ ଏକ ଟିମ୍ କର୍ଫ୍ୟୁ ନ ମାନି ବିବାଦ ସୃଷ୍ଟି କରିଥିଲେ। ଏଥିପାଇଁ ସେ ସ୍ୱଦେଶ ଫେରିବାରୁ ଅଳ୍ପକେ ବଞ୍ଚିତ ହୋଇଥିଲେ। ୨୦୧୫ରେ ତ୍ରୁଟିପୂର୍ଣ୍ଣ ବୋଲିଂ ଆକ୍ସନ କାରଣରୁ ତାଙ୍କ ବୋଲିଂ କରିବାରୁ ଗୋଟିଏ ବର୍ଷ ବାରଣ କରାଯାଇଥିଲା। କିଛି ଦିନ ତଳେ ସେ ଇଂଲଣ୍ଡ ଅଲରାଉଣ୍ଡର ବେନ୍ ଷ୍ଟୋକ୍ସଙ୍କ ସହ ଅନ୍‌ଲାଇନ୍‌ରେ ଏକ ବିବାଦ ସୃଷ୍ଟି କରିଥିଲେ। ପୁଣି ୨୦୧୪ରେ ଭାରତ ଗସ୍ତ ଅଧାରେ ଅଧିନାୟକ ଡ୍ୱେନ ବ୍ରାଭୋଙ୍କ ଓହରିବା ନିଷ୍ପତ୍ତିକୁ ମଧ୍ୟ ସେ ବିରୋଧ କରିଥିଲେ।



ମାର୍ଲନ ସାମୁଏଲ୍ସ

# ମାରାଡୋନାଙ୍କ ଅସ୍ତ୍ରୋପଚାର ସଫଳ

**ବୁଏନୋ ଆରିଜ,୪।୧୧(ଏପି):** ଆର୍ଜେଣ୍ଟିନା କିମ୍ବଦନ୍ତୀ ଫୁଟବଲର ଡିଏଗୋ ମାରାଡୋନାଙ୍କ ଅସ୍ତ୍ରୋପଚାର ସଫଳ ହୋଇଛି। ତାଙ୍କ ମସ୍ତିଷ୍କରେ ରକ୍ତସ୍ରାବକୁ ରୋକିବା ଏହି ଅସ୍ତ୍ରୋପଚାର କରାଯାଇଥିଲା। ୬୦ତମ ଜନ୍ମଦିନ ପାଳନ କରିବା ପରେ ତାଙ୍କର ଏହି ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେଇଥିଲା। ଅସ୍ତ୍ରୋପଚାର ସଫଳ ହୋଇଛି ଓ ସେ ସୁସ୍ଥ ଅଛନ୍ତି ବୋଲି ମାରାଡୋନାଙ୍କ ପବ୍ଲିକ ରିଲେଶନ ଟିମ୍ ମଙ୍ଗଳବାର ସୂଚନା ଦେଇଛନ୍ତି। ଏକ ଦୁର୍ଘଟଣା କାରଣରୁ ଏପରି ସ୍ଥିତି ସୃଷ୍ଟି ହୋଇଛିବୋଲି ତାଙ୍କ ଡାକ୍ତର କହିଛନ୍ତି। ତେବେ ଏଭଳି କୌଣସି ଦୁର୍ଘଟଣା ମୋର ମନେ ନାହିଁ ବୋଲି ମାରାଡୋନା କହିଛନ୍ତି। ବୁଏନ୍ସ ଆୟାର୍ସ ବାହାରେ ଥିବା ଏକ ଘରୋଇ କ୍ଲିନିକରେ ମାରାଡୋନା ଗତ ୪୮ ଘଣ୍ଟା ହେବ ବିଶ୍ରାମ ନେଉଛନ୍ତି। ମାରାଡୋନାଙ୍କ ନିକଟରେ ତାଙ୍କ ଝିଆ ଡାଲମା, ଜିଆନିନା ଓ ଜାନାଙ୍କ ସମେତ ଅନ୍ୟ ସମ୍ପର୍କୀୟମାନେ ଉପସ୍ଥିତ ରହିଛନ୍ତି। ପୂର୍ବରୁ ଆନେମିଆ ଓ ଡିହାଇଡ୍ରେଶନ ପାଇଁ ମାରାଡୋନା ଲା ପ୍ଲାଟା ସହରର ଏକ କ୍ଲିନିକ୍‌ରେ ଭର୍ତ୍ତି ହୋଇଥିଲେ। ଶୁକ୍ରବାର ମାରାଡୋନା ୬୦ ବର୍ଷରେ ପଦାର୍ପଣ କରିଥିଲେ। ୧୦୮୬ ଫିଫା ବିଶ୍ୱକପ୍‌ରେ ମାରାଡୋନା ନିଜର ଦମ୍‌ଦାର ପ୍ରଦର୍ଶନ ବଳରେ ଆର୍ଜେଣ୍ଟିନାକୁ ଚାମ୍ପିୟନ କରାଇଥିଲେ।

# ମିଛ ବିଜ୍ଞାପନ: ସାଇର କଡ଼ା ଆଭିମୁଖ୍ୟ

**ନୂଆଦିଲ୍ଲୀ,୪।୧୧(ପି.ଟି.)**

ଆସନ୍ତାବର୍ଷ ଆୟୋଜନ ହେବାକୁ ଥିବା ଖେଲୋ ଇଣ୍ଡିଆ ଗେମ୍ସ ପାଇଁ ଏକ ମିଛ ବିଜ୍ଞାପନ ଜରିଆରେ ଆଥଲେଟମାନଙ୍କୁ ଧୋକା ଦିଆଯିବା ପରେ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ଏ ନେଇ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ଏ ନେଇ ସାଇ ମାମଲା ରୁଜୁ କରିଛି ଓ ଯଥାଶୀଘ୍ର ତଦନ୍ତ କରିବାକୁ ଦାବି କରିଛି।

ଆସନ୍ତାବର୍ଷ ହରିୟାଣାର ପଞ୍ଚକୁଲାରେ ଖେଲୋ ଇଣ୍ଡିଆ ଗେମ୍ସ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। ତେବେ ବିଭିନ୍ନ ସୋସିଆଲ ମିଡିଆରେ ଏ ନେଇ ଏକ ମିଛ ବିଜ୍ଞାପନ ପ୍ରକାଶିତ ହୋଇଥିଲା। ଏହି ଇଭେଣ୍ଟରେ ଭାଗ ନେବାକୁ ଇଚ୍ଛୁକ ଥିବା ଆଥଲେଟମାନେ ଆବେଦନ କରିବାକୁ ଏହି ବିଜ୍ଞାପନରେ ଦର୍ଶାଯାଇଥିଲା। ତୃଣମୂଳସ୍ତରରେ ବହୁ ସଂଖ୍ୟାରେ ଆଥଲେଟ ଏଥିରେ ପ୍ରଭାବିତ ହୋଇଥିଲେ। ଏହି ଇଭେଣ୍ଟରେ ଅଂଶଗ୍ରହଣ କରିବାକୁ ଓ ଗେମ୍ସ କ୍ୟାମ୍ପରେ ସାମିଲ ହେବା ପାଇଁ ଆଥଲେଟମାନଙ୍କୁ ୬,୦୦୦ ଟଙ୍କା ଡିପୋଜିଟ୍ କରିବାକୁ କୁହାଯାଇଥିଲା। ଏହି ବିଜ୍ଞାପନରେ କେନ୍ଦ୍ର କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରଣାଳୟର ଲୋଗୋ ବ୍ୟବହାର କରାଯାଇଥିଲା। ବହୁ ଆଥଲେଟ୍ ଏ ନେଇ ଦ୍ୱନ୍ଦ୍ୱରେ ରହିଥିଲେ। ଆଥଲେଟମାନେ ଏହାକୁ ସରକାରଙ୍କ ବିଜ୍ଞାପନ ବୋଲି ଧରି ନେଇଥିଲେ। ଫଳରେ ବହୁ ଆଥଲେଟ ଠକାମିର ଶିକାର ହୋଇଛନ୍ତି ବୋଲି ଅଭିଯୋଗ ହୋଇଛି।

ଇତିମଧ୍ୟରେ ସାଇ ସନ୍ଦିଗ୍ଧ ବ୍ୟକ୍ତିଙ୍କ ବ୍ୟାଙ୍କ ଡିଟେଲ୍ସ ସମ୍ପର୍କରେ ଜାଣିବାକୁ ପାଇଛି ଓ ଯଥାଶୀଘ୍ର ଏ ନେଇ ତଦନ୍ତ କରିବାକୁ ଦାବି କରିଛି। ବିଜ୍ଞାପନରେ ଏକ ଫୋନ୍ ନମ୍ବର ମଧ୍ୟ ଉଲ୍ଲେଖ କରାଯାଇଛି। ଏହି ବ୍ୟକ୍ତିଜଣକ ଆଗ୍ରାରେ ରହୁଛନ୍ତି ବୋଲି ସାଇ ତରଫରୁ କୁହାଯାଇଛି। ଉତ୍ତରପ୍ରଦେଶ ପୋଲିସ ନିକଟରେ ସାଇ ମାମଲା ରୁଜୁ କରିଛି। ଆସନ୍ତାବର୍ଷ ଖେଲୋ ଇଣ୍ଡିଆ ଗେମ୍ସର ଚତୁର୍ଥ ସଂସ୍କରଣ ଆୟୋଜନ ହେବ।

ଖେଲୋ ଇଣ୍ଡିଆ ସରକାରଙ୍କର ଏକ ସ୍କିମ୍ ଓ ଆଥଲେଟମାନଙ୍କୁ ଏଥିରେ ସାମିଲ ହେବା ପାଇଁ କୌଣସି ଅର୍ଥ ଦେବାକୁ ହୋଇ ନ ଥାଏ ବୋଲି ସାଇ ତରଫରୁ ସ୍ପଷ୍ଟ କରାଯାଇଛି। ତେବେ ଏହି ଇଭେଣ୍ଟରେ ସାମିଲ ହେବା ପାଇଁ ଆଥଲେଟମାନଙ୍କୁ ସ୍କୁଲ୍ ଗେମ୍ସ, ୟୁନିଭର୍ସିଟି ଗେମ୍ସରେ ଭଲ ପ୍ରଦର୍ଶନ କରି ଯୋଗ୍ୟତା ହାସଲ କରିବାକୁ ହୋଇଥାଏ।

# ରଣଜୀ ଖେଳାଳି ଶାନ୍ତନୁଙ୍କ ପରଲୋକ

**ଭୁବନେଶ୍ୱର, ୪।୧୧ (ସ୍ପୋର୍ଟ୍ସବ୍ୟୁରୋ)**

ପୂର୍ବତନ ରଣଜୀ ଟ୍ରଫି କ୍ରିକେଟର ଶାନ୍ତନୁ ଶତ୍‌ପଥୀଙ୍କ ପରଲୋକରେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ତରଫରୁ ଶୋକ ପ୍ରକାଶ କରାଯାଇଛି। ମଙ୍ଗଳବାର ସକାଳେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଶାନ୍ତନୁ ଓଡ଼ିଶା, ଆନ୍ଧ୍ରପ୍ରଦେଶ ଓ ଉତ୍ତରପ୍ରଦେଶ ତରଫରୁ ରଣଜୀ ଟ୍ରଫି ମ୍ୟାଚ୍ ଖେଳିଥିଲେ। ସେ ମୋଟ ୨୬ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳି ୨୭୮ ରନ ସଂଗ୍ରହ କରିବା ସହ ୬୯ଟି ଉଇକେଟ ଅକ୍ତିଆର କରିଥିଲେ। ତାଙ୍କ ବ୍ୟକ୍ତିଗତ ସର୍ବାଧିକ ସ୍କୋର ୪୯ ଓ ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ ୮/୭୮ ରହିଥିଲା। ଓସିଏ ତରଫରୁ ସଭାପତି ପଙ୍କଜ ଲୋଚନ ମହାନ୍ତି ଓ ସମ୍ପାଦକ ସଞ୍ଜୟ ବେହେରା ଏବଂ ଆସୋସିଏଶନ ଅନ୍ୟ କର୍ମକର୍ତ୍ତାମାନେ ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।



ଶାନ୍ତନୁ ଶତ୍‌ପଥୀ

# ବିନୀତା, ଆଶିଷ, ପରେଶ ପ୍ରଥମ

**ଲକ୍ଷ୍ୟ ଓଡ଼ିଶା ବନ୍ଧୁକ ଚାଳନା ପ୍ରତିଯୋଗିତା**

**ଭୁବନେଶ୍ୱର, ୪।୧୧(କ୍ରୀଡ଼ା ପ୍ରତିନିଧି)**

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ଶୁଟିଂ ରେଞ୍ଜ୍‌ରେ ୪ର୍ଥ ଲକ୍ଷ୍ୟ ଓଡ଼ିଶା ବନ୍ଧୁକ ଚାଳନା ପ୍ରତିଯୋଗିତା ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବର୍ଗର ପ୍ରତିଯୋଗୀମାନେ ରାଇଫଲ ଓ ପିସ୍ତଲ ବିଭାଗରେ ନିଜର କଳାକୌଶଳ ପ୍ରଦର୍ଶନ କରିଥିଲେ। ସିନିୟର ଏୟାର ରାଇଫଲ ବାଳିକା ବର୍ଗରେ ବିନୀତା ପଟ୍ଟନାୟକ ଓ ବାଳକ ବର୍ଗରେ ଆଶିଷ ନାୟକ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ମୋହିତ କୁମାର ପଶ୍ୱାନ ଦ୍ୱିତୀୟ ଓ ପୀତବାସ ବେହେରା ତୃତୀୟ ସ୍ଥାନ ପାଇଛନ୍ତି। ଜୁନିୟର ବାଳକ ରାଇଫଲରେ ଅନିର୍ବେଦ ପଟ୍ଟନାୟକ ପ୍ରଥମ, ଆୟୁଷ୍ମାନ ନାୟକ ଦ୍ୱିତୀୟ, ସୁଜଳ କୁମାର ତୃତୀୟ ହୋଇଛନ୍ତି। ଏୟାର ପିସ୍ତଲର ଜୁନିୟର ବାଳିକା ବର୍ଗରେ ଦିବ୍ୟାଷା ପ୍ରିୟଦର୍ଶିନୀ ଚୋପଦାର ପ୍ରଥମ, ଶ୍ରୁତି ପାତ୍ରୋ ଦ୍ୱିତୀୟ ଏବଂ ବାଳିକା ବିଭାଗରେ ପୀୟୁଷ କୁମାର ଷଡ଼ଙ୍ଗୀ ଓ ଅମିତ କୁମାର ହୋତା ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସିନିୟର ବାଳକ ଏୟାର ପିସ୍ତଲରେ ପରେଶ କୁମାର ଷଡ଼ଙ୍ଗୀ ପ୍ରଥମ, ପୁଣ୍ୟୋ ପୟୋନିଧି ମହାପାତ୍ର ଦ୍ୱିତୀୟ ଓ ପ୍ରଶାନ୍ତ କୁମାର ମହାପାତ୍ର ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପ୍ରତି ୩ ମାସରେ ହେଉଥିବା ଏହି ପ୍ରତିଯୋଗିତାର ଉତ୍ତମ ପ୍ରଦର୍ଶନକାରୀଙ୍କୁ ପ୍ରମାଣପତ୍ର ସହିତ ଓଡ଼ିଶା ରାଇଫଲ ଆସୋସିଏଶନ ପକ୍ଷରୁ ଜାତୀୟ ପ୍ରତିଯୋଗିତା ପାଇଁ ସହାୟତା ପ୍ରଦାନ କରାଯାଇଥାଏ। ଉଦ୍‌ଯାପନୀ ଉତ୍ସବରେ ଆସୋସିଏଶନ ସଭାପତି ଡ. ହରିପ୍ରସାଦ ପଟ୍ଟନାୟକ, ବଳଭଦ୍ର ଦାସ, ଗୌରୀ ମହାନ୍ତି ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



ପ୍ରତିଯୋଗିତା ଅବସରରେ ପ୍ରତିଯୋଗୀମାନେ।

## ୧.୨୯ ଲକ୍ଷ କୋଟି ଟଙ୍କା ରିଫଣ୍ଡ ଦେଲା ସିବିଡିଟି

କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି) ପକ୍ଷରୁ ୧.୨୯ ଲକ୍ଷ କୋଟି ଟଙ୍କା ଟିକସଦାତାଙ୍କୁ ରିଫଣ୍ଡ ପ୍ରଦାନ କରାଯାଇଛି। ଏପ୍ରିଲରୁ ନଭେମ୍ବର ମଧ୍ୟରେ ୩୯.୪୯ ଲକ୍ଷ ଟିକସଦାତାଙ୍କୁ ଏହି ରିଫଣ୍ଡ ଜାରି କରାଯାଇଥିବା ଆୟକର ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ୩୭.୫୫ ଲକ୍ଷ ମାମଲାରେ ୩୪,୮୨୦ କୋଟି ଟଙ୍କାର ବ୍ୟକ୍ତିଗତ ଆୟକର ରିଫଣ୍ଡ ଦିଆଯାଇଥିବା ବେଳେ ୧.୯୩ ଲକ୍ଷ ମାମଲାରେ ୯୪,୩୭୦ କୋଟି ଟଙ୍କାର କର୍ପୋରେଟ ଟିକସ ରିଫଣ୍ଡ ଦିଆଯାଇଛି।

## ସଂକ୍ଷେପରେ

### ବେତନ ବୃଦ୍ଧି ଲାଗି ୯୦% କମ୍ପାନୀଙ୍କ ଯୋଜନା

ନୂଆଦିଲ୍ଲୀ,୪।୧୧: ଦେଶର ଶିଳ୍ପ କ୍ଷେତ୍ରରେ କାମ କରୁଥିବା କର୍ମଚାରୀଙ୍କ ଲାଗି ଖୁସି ଖବର। ୨୦୨୧ରେ ପ୍ରାୟ ୯୦% କମ୍ପାନୀ ବେତନ ବଢାଇବା ଲାଗି ଯୋଜନା ରଖିଥିବା ଗ୍ଲୋବାଲ ପ୍ରଫେଶନାଲ ସର୍ଭିସ ଫାର୍ମ ଆୟନ ପକ୍ଷରୁ ହୋଇଥିବା ଏକ ସର୍ଭେରେ ପ୍ରକାଶ କରାଯାଇଛି। ସର୍ଭେରେ ଭାଗ ନେଇଥିବା ମୋଟ ୯୭% କମ୍ପାନୀ ୨୦୨୧ରେ ବେତନ ବଢାଇବା ଲାଗି ଯୋଜନା ରଖିଥିବା ରିପୋର୍ଟରେ କୁହାଯାଇଛି। କରୋନା ପ୍ରଭାବ ଯୋଗୁ କମ୍ପାନୀଗୁଡିକ ୨୦୨୦ରେ ଚାପର ବଶବର୍ତ୍ତୀ ହୋଇଛନ୍ତି। ଏହାକୁ ଧ୍ୟାନରେ ରଖି କମ୍ପାନୀଗୁଡିକରେ ବେତନ ବୃଦ୍ଧି ପ୍ରସଙ୍ଗକୁ ଏତେଟା ଗୁରୁତ୍ୱ ଦିଆଯାଉନାହିଁ। ପ୍ରାୟ ୬୧% କମ୍ପାନୀ ୧୦% ଯାଏ ବେତନ ବଢାଇବାକୁ ବିଚାର କରୁଥିବା ରିପୋର୍ଟରେ କୁହାଯାଇଛି। ୨୦୨୦ରେ ଅଧିକାଂଶ କମ୍ପାନୀ ୫% ଭିତରେ ବେତନ ବୃଦ୍ଧି କରିବା ସପକ୍ଷରେ ରହିଥିଲେ। ୨୦୨୦ରେ ହାରାହାରି ବେତନ ବୃଦ୍ଧି ୬.୧% ରହିଥିଲା। ୨୦୨୧ରେ ହାରାହାରି ବେତନ ବୃଦ୍ଧି ୭.୧% ରହିବା ନେଇ ସର୍ଭେରେ କୁହାଯାଇଛି। ସର୍ଭେରେ ୧୦୦୦ରୁ ଉର୍ଦ୍ଧ୍ୱ କମ୍ପାନୀଙ୍କୁ ସାମିଲ କରାଯାଇଥିଲା।

### ଅକ୍ଟୋବର ସର୍ଭିସ ସେକ୍ଟରରେ ଉନ୍ନତି

ମୁମ୍ବାଇ,୪।୧୧: ଗତ ୮ ମାସରେ ଦେଶର ସର୍ଭିସ ସେକ୍ଟରରେ ପ୍ରଥମ ଥର ଲାଗି ଉନ୍ନତି ପରିଲକ୍ଷିତ ହୋଇଛି। ଚାହିଦା ବଢିବା ଯୋଗୁ ଏଭଳି ସ୍ଥିତି ସାମ୍ନାକୁ ଆସିଛି। ମାତ୍ର କରୋନା କବଳରୁ ବଜାର ସମ୍ପୂର୍ଣ୍ଣ ଭାବେ ମୁକୁଳିବାକୁ ସକ୍ଷମ ହୋଇ ନ ଥିବାରୁ ନିଯୁକ୍ତି ଉପରେ ଏହାର ପ୍ରଭାବ ଜାରି ରହିଥିବା ଏକ ରିପୋର୍ଟରେ ପ୍ରକାଶ ପାଇଛି। ଦେଶର ମାନୁଫାକଚରିଂ କ୍ଷେତ୍ର ଅଭିବୃଦ୍ଧି ଦଶନ୍ଧିର ସବୁଠାରୁ ଦ୍ରୁତ ସ୍ତରରେ ରହିଛି ବୋଲି ଏକ ଡାଟା ପ୍ରକାଶ ପାଇଥିଲା। କରୋନା ଦ୍ୱାରା କ୍ଷତିଗ୍ରସ୍ତ ଭାରତୀୟ ବଜାର ବର୍ତ୍ତମାନ ସୁଧାର ପଥରେ ରହିଛି। ନିକେଇ ଏବଂ ଆଇଏଚ୍‌ଏସ୍ ମାର୍କିଟ ସର୍ଭିସ ପରଚେଜିଂ ମ୍ୟାନେଜର୍ସ ସୂଚକାଙ୍କ ଅକ୍ଟୋବରରେ ୫୪.୧%କୁ ବୃଦ୍ଧି ଘଟିଛି। ସେପ୍ଟେମ୍ବରରେ ଏହା ୪୯.୮% ସ୍ତରରେ ରହିଥିଲା। ଅକ୍ଟୋବର ପରଠାରୁ ଏହି ସୂଚକାଙ୍କ ସର୍ବୋଚ୍ଚ ସ୍ତରରେ ରହିଛି।

### ୧୪ରେ ସ୍ୱତନ୍ତ୍ର ଦିୱାଲି ମହୁରତ ଟ୍ରେଡିଂ

ନୂଆଦିଲ୍ଲୀ,୪।୧୧: ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ଏବଂ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ପକ୍ଷରୁ ଚଳିତ ମାସ ୧୪ରେ ଗୋଟିଏ ଘଣ୍ଟାର ସ୍ପେଶାଲ ମହୁରତ ଟ୍ରେଡିଂ ସେସନ ବ୍ୟବସ୍ଥା ସମ୍ପର୍କରେ ଘୋଷଣା କରାଯାଇଛି। ଦୀପାବଳି ଅବସରରେ ଏଭଳି ଟ୍ରେଡିଂ ସୁବିଧା ମିଳିବ। ସନ୍ଧ୍ୟା ୬.୧୫ ରୁ ୭.୧୫ ଯାଏ ସେସନ ଟ୍ରେଡିଂ ଚାଲିବ ବୋଲି ଷ୍ଟକ୍ ଏକ୍ସଚେଞ୍ଜ ପକ୍ଷରୁ ସୂଚନା ଦିଆଯାଇଛି।

# ଅଭିବୃଦ୍ଧିଶୀଳ ବଜାରକୁ ମିଶ୍ରିତ ଫଳାଫଳ

ମୁମ୍ବାଇ,୪।୧୧



ଆମେରିକା ରାଷ୍ଟ୍ରପତି ନିର୍ବାଚନ ଲାଗି ଚୂଡ଼ାନ୍ତ ମତଦାନ ଶେଷ ହୋଇଛି। ଜାନୁୟାରୀରେ ଔପଚାରିକ ଭାବେ ରାଷ୍ଟ୍ରପତିଙ୍କ ନାମ ଘୋଷଣା କରାଯିବ। ବର୍ତ୍ତମାନର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଆଶାୟୀ ବାଇଡେନ୍‌ଙ୍କ ମଧ୍ୟରେ ଚଳିତ ଥର ଜୋର୍‌ଦାର ଟକ୍କର ଦେଖିବାକୁ ମିଳିଛି। ଏଭଳି ସ୍ଥିତିରେ ବିଶ୍ୱର ଅଭିବୃଦ୍ଧିଶୀଳ ବଜାରଗୁଡିକରେ ମିଶ୍ରିତ ରେସ୍‌ପନ୍ସ ଦେଖାଯାଇଛି। ଦେଶଗୁଡିକର ଶେୟାର ବଜାର ଏବଂ ଟଙ୍କା ମୂଲ୍ୟରେ ଉଭୟ ହ୍ରାସ ଏବଂ ବୃଦ୍ଧି ପରିଲକ୍ଷିତ ହୋଇଛି। ମେକ୍ସିକୋର ପେସୋ ଏବଂ ତୁର୍କୀର ଲିରା ୦.୮% ହ୍ରାସ ହେବା ପରେ ଏହି ଦେଶଗୁଡିକର ଶେୟାର ବଜାର ପ୍ରାୟ ୦.୨% କମିଛି। ଆମେରିକା ଷ୍ଟକ୍ ବଜାରର ଇକ୍ୱିଟି ସୂଚକାଙ୍କ ମଧ୍ୟ ପ୍ରଭାବିତ ହୋଇଛି। ଆମେରିକା ଚାଇନା ସମ୍ପର୍କ ତିକ୍ତ ଥିବା ବେଳେ ୟୁଆନ ୦.୪% ଖସିଛି। ବାଇଡେନ୍‌ଙ୍କ ଜିତିବା ଆଶାରୁ ଏଥିରେ ବୃଦ୍ଧି ଦେଖାଯାଇଥିଲା। କେବଳ ରୁବଲ ୦.୬% ଉନ୍ନତ ସ୍ଥିତିରେ ରହିଛି।

ବୁଧବାର ଏସିଆର ପ୍ରମୁଖ ଶେୟାର ବଜାର କାରବାର ଉନ୍ନତ ରହିଛି। ଫିଲିପାଇନ୍ସ ଶେୟାର ବଜାର ସୂଚକାଙ୍କ ୨%ରୁ ଉର୍ଦ୍ଧ୍ୱରେ ରହିଛି। ସେହିଭଳି ଦକ୍ଷିଣ କୋରିଆ, ତାଇୱାନ ଏବଂ ଇଣ୍ଡୋନେସିଆ ଶେୟାର ବଜାର କାରବାର ଉନ୍ନତ ରହିଛି। ଭାରତର ସେନ୍‌ସେକ୍ସ ୬୦% ଉଚ୍ଚରେ ରହିଛି। ବଜାରର ସମ୍ପୂର୍ଣ୍ଣ ସ୍ଥିତି ଉପରେ ଆକଳନ କରିବା ବର୍ତ୍ତମାନ କଷ୍ଟକର ବୋଲି ବଜାର ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି। ସ୍ୱଳ୍ପ ମିଆଦୀ ଭିତ୍ତିରେ ବଜାରରେ ହ୍ରାସ ଏବଂ ବୃଦ୍ଧି ଲାଗି ରହିବ ବୋଲି କୁହାଯାଉଛି। ଏହି ପରିପ୍ରେକ୍ଷୀରେ ଲୋମବାର୍ଡ ଓଡିଅରର ବିଶେଷଜ୍ଞ ଧୀରଜ ବଜାଜ କହିଛନ୍ତି, ଘରୋଇ ବଜାରର ଅଭିବୃଦ୍ଧି ଏବଂ ଗୁଣବତ୍ତା ଦୃଷ୍ଟିକୋଣରୁ ବର୍ତ୍ତମାନ ଏସିଆର ଅଭିବୃଦ୍ଧିଶୀଳ ବଜାରଗୁଡିକ ବିଶେଷ ଭାବେ ପ୍ରଭାବିତ ହେବେ ନାହିଁ। ଆବରଡିନ ଷ୍ଟାଣ୍ଡାର୍ଡ ଇନ୍‌ଭେଷ୍ଟମେଣ୍ଟର ଏସିଆ ଇକ୍ୱିଟି ମ୍ୟାନେଜର ଜେମସ ଥୋମ କୁହନ୍ତି, ଆମେରିକା ନିର୍ବାଚନରେ ଯେକେହି ଜିତିଲେ ମଧ୍ୟ ଏସିଆ ଷ୍ଟକ୍ ବଜାରଗୁଡିକ ୱିନ୍‌ୱିନ ସ୍ଥିତିରେ ରହିବେ। ଏସିଆ ବଜାରଗୁଡିକର ମୌଳିକ ଢାଞ୍ଚା ଦୃଢ ରହିଥିବାରୁ ଏହା ସ୍ଥିତିକୁ ସମ୍ଭାଳି ନେବାରେ ସହାୟକ ହେବ।

ସିଙ୍ଗାପୁର ଭିତ୍ତିକ ଜଣେ ଫଣ୍ଡ ମ୍ୟାନେଜର କୁହନ୍ତି, ନିର୍ବାଚନ ସମୟରେ ବଜାର କିଛିଟା ଅସ୍ଥିରତା ଦେଖାଯାଇଥାଏ। ଏହାକୁ ସୁଯୋଗ ଭାବେ ଗ୍ରହଣ କରିବାକୁ ହେବ। ଅଭିବୃଦ୍ଧିଶୀଳ ବଜାରକୁ ନେଇ ଆଶାବାଦୀ ରହିଥିବା ଏମ୍‌ଜି ଇନ୍‌ଭେଷ୍ଟମେଣ୍ଟର ଫିକ୍ସଡ ଇନ୍‌କମ ଡାଇରେକ୍ଟର ପିଅର ଚାର୍ଟର କହିଛନ୍ତି। ଅଭିବୃଦ୍ଧିଶୀଳ ବଜାରଗୁଡିକର ଡେଟ୍ ସେଗ୍‌ମେଣ୍ଟ ଉପରେ ଧ୍ୟାନ ରଖିବାକୁ ପଡିବ। ଦୀର୍ଘ ମିଆଦୀ ଭିତ୍ତିରେ ଏହି ସେଗ୍‌ମେଣ୍ଟ ଭଲ ପ୍ରଦର୍ଶନ କରିବା ନେଇ ଆଶା ରହିଛି। ବିଶେଷଜ୍ଞ କୁହନ୍ତି,

**ଆମେରିକା ରାଷ୍ଟ୍ରପତି ନିର୍ବାଚନ**

ବାଇଡେନଙ୍କ ବିଜୟ ସ୍ଥାନୀୟ ମୁଦ୍ରାର ସ୍ଥିତି ଉପରେ ଭଲ ପ୍ରଭାବ ଆଣିବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ଟ୍ରମ୍ପ ଜିତିଲେ ସ୍ୱଳ୍ପ ମିଆଦୀ ଭିତ୍ତିରେ ଅଭିବୃଦ୍ଧିଶୀଳ ବଜାରରେ ହୁଏତ ଭଲ ପ୍ରଭାବ ପଡି ନ ପାରେ ମାତ୍ର ଦୀର୍ଘ ମିଆଦୀ ଭିତ୍ତିରେ ଏହା ଭଲ ହୋଇପାରେ।

### ୩୫୫ ପଏଣ୍ଟ ଉଚ୍ଚରେ ସେନ୍‌ସେକ୍ସ

ଆମେରିକା ରାଷ୍ଟ୍ରପତି ନିର୍ବାଚନ ଫଳାଫଳକୁ ବର୍ତ୍ତମାନ ସାରା ବିଶ୍ୱ ଅପେକ୍ଷା କରିଛି। ଏଭଳି ସ୍ଥିତିରେ ଭାରତୀୟ ଶେୟାର ବଜାର ବୁଧବାର ପ୍ରାୟ ୧% ଉଚ୍ଚରେ ରହି ବନ୍ଦ ହୋଇଛି। ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ୩୫୫ ପଏଣ୍ଟ ଉଚ୍ଚରେ ରହିଛି। ସେନ୍‌ସେକ୍ସ ୪୦,୬୧୬ ପଏଣ୍ଟ ସ୍ତରରେ ବନ୍ଦ ହୋଇଥିବା ବେଳେ ନିଫ୍ଟି ୧୧,୯୦୮ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ଏଥିରେ ୫୫ ପଏଣ୍ଟ ବୃଦ୍ଧି ପରିଲକ୍ଷିତ ହୋଇଛି। ବିଭିନ୍ନ କ୍ଷେତ୍ରକୁ ଦେଖିଲେ ଆଇଟି ଷ୍ଟକ୍ କାରବାର ବେଶ୍ ଉନ୍ନତ ରହିଛି। ନିଫ୍ଟିର ଆଇଟି ସୂଚକାଙ୍କ ୧.୮% ଉଚ୍ଚରେ ରହିଛି।

# ଜ୍ୟାକ୍ ମାଙ୍କ ଅଢ଼େଇ ଲକ୍ଷ କୋଟିର ଆଇପିଓ ଅଟକିଲା

ନୂଆଦିଲ୍ଲୀ,୪।୧୧



ଚାଇନାର ସବୁଠାରୁ ଧନୀ ବ୍ୟକ୍ତି ଜ୍ୟାକ ମା ୨.୫ ଲକ୍ଷ କୋଟି ମୂଲ୍ୟର ଇନିସିଆଲ ପବ୍ଲିକ ଅଫରିଂ (ଆଇପିଓ) ଆଣିବା ନେଇ ଯୋଜନା ରଖିଥିଲେ। ଏହା ଦୁନିଆର ସବୁଠାରୁ ବଡ ଆଇପିଓ ହୋଇଥାନ୍ତି। ଆଣ୍ଟ ଗ୍ରୁପ୍‌ର ଏହି ଆଇପିଓ ଯୋଜନା ଉପରେ ଚାଇନା ପ୍ରତିବନ୍ଧକ ଲଗାଇଛି। ଏହାର ଲିଷ୍ଟିଂକୁ ସାଂଘାଇ ଷ୍ଟକ ଏକ୍ସଚେଞ୍ଜ ରଦ୍ଦ କରି ଦେଇଛି। ଚାଇନାରରେ ହଠାତ୍ ନିୟମ ପରିବର୍ତ୍ତନ ହେବା ଯୋଗୁ ଏଭଳି ସ୍ଥିତି ଉପୁଜିଛି। କାହିଁକି ଲିଷ୍ଟିଂ ଉପରେ କଟକଣା ଲାଗିଲା ସେ ନେଇ ଚାଇନା ଷ୍ଟକ ବଜାର କର୍ତ୍ତୃପକ୍ଷ କିଛି ସ୍ପଷ୍ଟ ଭାବେ କହିନାହାନ୍ତି। ସେହିଭଳି ହଂକଂ ଲିଷ୍ଟିଂ ମଧ୍ୟ ବାତିଲ କରାଯାଇଥିବା ଆଣ୍ଟ ଗ୍ରୁପ ପକ୍ଷରୁ ଷ୍ଟକ ବଜାରକୁ ସୂଚନା ଦିଆଯାଇଛି। ଗୁରୁବାର ଏହି ଫିନ୍‌ଟେକ କମ୍ପାନୀର ଶୁଭାରମ୍ଭ ହେବା ନେଇ ଆଶା କରାଯାଉଥିଲା। ଆଣ୍ଟରେ ଆଲିବାବା ଗ୍ରୁପ୍‌ର ଅଂଶଧନ ରହିଛି। ଆଇପିଓ ଅଟକିବା ଯୋଗୁ କମ୍ପାନୀର ଶେୟାର କାରବାର ୮% କମିଥିବା ଜଣାପଡିଛି। ଏ ସମ୍ପର୍କରେ ଆଣ୍ଟ ଗ୍ଲୋବାଲ କର୍ତ୍ତୃପକ୍ଷଙ୍କ ମତାମତ ଲୋଡାଯାଇଥିଲେ ମଧ୍ୟ ଏହା ମିଳିପାରିନାହିଁ। ସେହିଭଳି ଜ୍ୟାକ୍ ମାଙ୍କ ଫାର୍ମ ବିଭିନ୍ନ ତଦନ୍ତ ସାମ୍ନା କରିବ ବୋଲି ରିପୋର୍ଟ ପ୍ରକାଶ ପାଇଛି। କମ୍ପାନୀ ଉପରେ ବିଭିନ୍ନ କଟକଣା ଲାଗିପାରେ ବୋଲି ଶୁଣାଯାଉଛି। ନୂଆ ଆଇପିଓ ଆଣିବା ଲାଗି ଆଣ୍ଟ ଗତବର୍ଷ ନିଷ୍ପତ୍ତି ଗ୍ରହଣ କରିଥିଲା। ନୂଆ ଚିନ୍ତାଧାରା ଗ୍ରହଣ ଦିଗରେ ନିୟାମକ ବାଧକ ସାଜୁଥିବା ଜ୍ୟାକ ମା କହିଥିଲେ। ଏହି ପ୍ରସଙ୍ଗରେ ସେ ଚାଇନା ସମେତ ବିଶ୍ୱର ନିୟାମକଙ୍କୁ ସମାଲୋଚନା କରିବା ଭାରି ପଡିଲା। ଫଳରେ ଚାଇନା ଆଇପିଓ ଲିଷ୍ଟିଂକୁ ଅଟକାଇ ଦେଇଛି ବୋଲି ଆଲୋଚନା ହେଉଛି।

# ଏସ୍‌ବିଆଇ ଲାଭ ୫୨% ବଢ଼ିଲା

ମୁମ୍ବାଇ,୪।୧୧

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ପକ୍ଷରୁ ଏହାର ଦ୍ୱିତୀୟ ତ୍ରୈମାସ ଫଳାଫଳ ବୁଧବାର ଘୋଷଣା କରାଯାଇଛି। ବ୍ୟାଙ୍କର ଲାଭ ଏହି ଅବଧିରେ ୫୨% ବଢ଼ି ୪୫୭୪.୧୬ କୋଟି ଟଙ୍କା ଛୁଇଁଛି। ଗତ ଆର୍ଥିକ ବର୍ଷ ଏହି ସମୟରେ ବ୍ୟାଙ୍କର ନିଟ୍ ଲାଭ ୩୦୧୧.୭କୋଟି ଟଙ୍କା ରହିଥିଲା। ଚଳିତ ଆର୍ଥିକ ଦ୍ୱିତୀୟ ତ୍ରୈମାସିକ ଭିତ୍ତିରେ ଲାଭ ୯% ବଢ଼ିଥିବା ଜଣାପଡିଛି। ବ୍ୟାଙ୍କର ପରିଚାଳନାଗତ ଲାଭ ୧୨% ବଢି ୧୬,୪୬୦ କୋଟି ଟଙ୍କା ରହିଛି। ନେଟ୍ ସୁଧ ଜନିତ ଆୟ ୨୮,୧୮୨ କୋଟି ଟଙ୍କା ଥିବା ବେଳେ ମୋଟ ଅନାଦାୟ ଋଣ ପରିମାଣ ୧.୨୫ ଲକ୍ଷ କୋଟି ଟଙ୍କା ସ୍ତରରେ ରହିଛି। ଏହା ଚଳିତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସରେ ୧.୨୯ ଲକ୍ଷ କୋଟି ଟଙ୍କା ସ୍ତରରେ ରହିଥିଲା। ନେଟ୍ ଏନ୍‌ପିଏ ୩୬,୪୫୦ କୋଟି ଟଙ୍କାକୁ ହ୍ରାସ ପାଇଛି। ୮.୨୧ ଲକ୍ଷ କୋଟି ଟଙ୍କାର ଋଣ ଉପରେ ଏହା ମୋରାଟୋରିୟମ ସୁବିଧା ଦେଇଛି।

# କପିଲ, ଧୀରଜ ୱାଧୱାନଙ୍କ ଜାମିନ ଆବେଦନ ଖାରଜ

ମୁମ୍ବାଇ,୪।୧୧

ୟେସ୍ ବ୍ୟାଙ୍କ ଋଣ ଠକେଇ ମାମଲାରେ ଅଭିଯୁକ୍ତ କପିଲ ଏବଂ ଧୀରଜ ୱାଧୱାନଙ୍କ ଜାମିନ ଆବେଦନକୁ ବମ୍ବେ କୋର୍ଟ ଖାରଜ କରି ଦେଇଛନ୍ତି। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ଏମାନଙ୍କ ବିରୋଧରେ ମାମଲା ଦାଏର କରିବା ସହ ତଦନ୍ତ ଚଳାଇଛି। ଏହି ୨ ଭାଇ ଦିୱାନ ହାଉସିଂ ଫାଇନାନ୍ସ ଲିମିଟେଡ୍(ଡିଏଚ୍‌ଏଫ୍‌ଏଲ)ର ପ୍ରମୋଟର। ୟେସ୍ ବ୍ୟାଙ୍କରୁ ପ୍ରାୟ ୩୭୦୦ କୋଟି ଟଙ୍କାର ଠକେଇ ଅଭିଯୋଗରେ ଏମାନଙ୍କୁ ଏପ୍ରିଲ ୨୬ରେ ଗିରଫ କରାଯାଇଥିଲା। ଜୁନ ୨୫ରେ ଏହି ମାମଲାରେ ପ୍ରଥମ ଚାର୍ଜଶିଟ ଦାଖଲ କରିଥିଲା।

# ଦିଲୀପ ରଥ ଅନ୍ତର୍ଜାତୀୟ ଦୁଗ୍ଧ ଫେଡେରେଶନ ବୋର୍ଡକୁ ମନୋନୀତ

ଭୁବନେଶ୍ୱର,୪।୧୧



ଜାତୀୟ ଦୁଗ୍ଧ ବିକାଶ ବୋର୍ଡ (ଏନ୍‌ଡିଡିବି)ର ଅଧ୍ୟକ୍ଷ ଦିଲୀପ ରଥଙ୍କୁ ୨ ନଭେମ୍ବର ୨୦୨୦ରେ ଅନ୍ତର୍ଜାତୀୟ ଦୁଗ୍ଧ ଫେଡେରେଶନ ବୋର୍ଡକୁ ମନୋନୀତ କରାଯାଇଛି। ଅନ୍ତର୍ଜାତୀୟ ଦୁଗ୍ଧ ଫେଡେରେଶନ ବୋର୍ଡର ସାଧାରଣ ବୈଠକରେ ଏହା ସମ୍ପନ୍ନ ହୋଇଛି। ସେ ଅନ୍ତର୍ଜାତୀୟ ଦୁଗ୍ଧ ଫେଡେରେଶନ ବୋର୍ଡ ସହ ଗତ ୧୦ ବର୍ଷ ଧରି ଭାରତୀୟ ଜାତୀୟ କମିଟି ସଦସ୍ୟ ସଚିବ ଭାବେ ଜଡିତ ରହିଛନ୍ତି। ଏହି ଅବସରରେ ରଥ କହିଛନ୍ତି, ଭାରତୀୟ ଦୁଗ୍ଧ ଅଭିଜ୍ଞତାକୁ ବିଶ୍ୱର ଅନ୍ୟ ଦେଶଗୁଡିକୁ ଜଣାଇବା ଦିଗରେ ସହାୟକ ହେବ। ଜାତିସଂଘ ପକ୍ଷରୁ ନିର୍ଦ୍ଧାରଣ କରାଯାଇଥିବା ସ୍ଥାୟୀ ଲକ୍ଷ୍ୟ ପୂରଣ କ୍ଷେତ୍ରରେ କାର୍ଯ୍ୟ କରିବାର ଅବସର ମିଳିବ ବୋଲି ସେ ମତ ଦେଇଛନ୍ତି। ୨୦୨୨ରେ ଭାରତରେ ୱାର୍ଲ୍ଡ ଡାଏରୀ ସମ୍ମିଳନୀ ନୂଆଦିଲ୍ଲୀରେ ଆୟୋଜନ କରାଯିବ। ଏଥିରେ ୫୫ଟି ଦେଶର ୧୦୦୦ରୁ ଉର୍ଦ୍ଧ୍ୱ ବିଶେଷଜ୍ଞ, ଏକାଡେମିସିଆନ ଏବଂ ଡାଏରୀ ପେସାଦାରମାନେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଜାତୀୟ କମିଟି , ଅନ୍ତର୍ଜାତୀୟ ଦୁଗ୍ଧ ଫେଡେରେଶନ ଏବଂ ଏନ୍‌ଡିଡିବି ମଧ୍ୟରେ ସମନ୍ୱୟ ରକ୍ଷା ଲାଗି ଭାରତ ସରକାରଙ୍କ ମତ୍ସ୍ୟ ସମ୍ପଦ, ପଶୁପାଳନ ଏବଂ ଦୁଗ୍ଧ ମନ୍ତ୍ରଣାଳୟ କାର୍ଯ୍ୟ ଜାରି ରଖିଛି।


**OFFICE OF THE ANGUL MUNICIPALITY**
**ANGUL**

No. 4192/ dt. 03.11.2020

**QUOTATION CALL NOTICE**

**No. C-190:-** Tender in sealed cover from the intending Authorized Advertisement Agencies are invited for the work **"errection of hoarding/middle pole advertisement within Angul Municipality area "**. The offset price is fixed @ 56/- per sqft. per year for hoarding and Rs.2776/-per pole (One side) per year. They should quote the price both in figure and words, place and number of hoarding to be erected. The term of license shall be for one year. The sale of tender paper will be commencing from dt.07.11.2020 to dt.16.11.2020 up to 5.00 PM. Which will be obtained from cash section on payment of Rs.5000.00 (Rupees Five thousand) only (non refundable). They are required to deposit Rs.4,00,000.00 (Four lakh) only in shape of bank draft drawn in favour of Executive Officer, Angul Municipality towards security deposit which will be refunded after completion of operation period one year. The security deposit of unsuccessful bidder will be refunded after issue of order to the successful bidder. The tender paper shall be received on dt.17.11.2020 up to 3.00 PM which will be dropped in the Tender Box kept in the office chamber of undersigned. The tender will be opened on the same day at 4.00 p.m in presence of bidders or their authorized agents. The original money receipt for purchase of tender paper and the demand draft should be enclosed in the tender documents. The successful bidders shall have to execute agreement within seven days from the date of receipt of letter along with full payment towards errection of hoarding and middle pole advertisement for one year in shape of D.D. to be drawn in favour of Executive Officer, Angul Municipality. All the terms conditions guideline mentioned in tender schedule shall have to be obeyed. The undersigned reserves the right to reject any or all the tenders without assigning any reason thereof.

**Sd./- Executive Officer, Angul Municipality**
OIPR-13085/11/0006/2021



**ତହସିଲ କାର୍ଯ୍ୟାଳୟ, ବୀରମହାରାଜପୁର**
**ଦୀର୍ଘ ମିଆଦୀ ଲିଜ୍ ନିଲାମ ଇସ୍ତାହାର**

ବିଜ୍ଞପ୍ତି ସଂଖ୍ୟା: ୩୧୦୬ ତାରିଖ: ୦୨।୧୧।୨୦୨୦

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇଦିଆଯାଉଛି ଯେ, ବୀରମହାରାଜପୁର ତହସିଲ ଅନ୍ତର୍ଗତ ସୈରାତ ଉତ୍ସଗୁଡ଼ିକ ଦୀର୍ଘ ମିଆଦୀ ଲିଜ୍ ସୂତ୍ରେ ଓଡ଼ିଶା ଲଘୁ ଖଣିଜ ରିହାତି ଆଇନ, 2016 (O.M.M.C. Rules, 2016) ମୁତାବକ ପାଞ୍ଚ ବର୍ଷ ନିମନ୍ତେ ୨୦୨୦-୨୧ ଆର୍ଥିକ ବର୍ଷଠାରୁ ୨୦୨୪-୨୫ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଦିଆଯିବ। ଏଥି ସମ୍ପର୍କିତ ସମସ୍ତ ବିବରଣୀ ଯଥା: ବିଜ୍ଞାପନ, ସର୍ତ୍ତାବଳୀ, ସୈରାତ ଉତ୍ସର ନାମ ଓ ଅବସ୍ଥାନ, ନିଲାମ ତାରିଖ ଓ ସ୍ଥାନ ଆଦି **www.subarnapur.nic.in**ରେ ଉପଲବ୍ଧ କରାଯାଇଅଛି। ଇଚ୍ଛୁକ ବ୍ୟକ୍ତି ବିଶେଷ ବିଜ୍ଞାପନରେ ଦର୍ଶାଯାଇଥିବା Form-M ପୂରଣ କରି ତତ୍ ସହିତ ଆବଶ୍ୟକ ଦସ୍ତାବିଜ ସଂଲଗ୍ନ କରି ଜଉମୁଦ ଲଫାପାରେ ତହସିଲଦାର, ବୀରମହାରାଜପୁର କାର୍ଯ୍ୟାଳୟରେ ଦାଖଲ କରିବେ ଅଥବା ରେଜେଷ୍ଟ୍ରି ଡାକଯୋଗେ ଦତ୍ତ ସମୟସୀମା ମଧ୍ୟରେ ଦାଖଲ କରିପାରିବେ।

ସ୍ୱା./- ତହସିଲଦାର, ବୀରମହାରାଜପୁର



**THE ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC ODISHA NEW OPPORTUNITIES

**EXPRESSION OF INTEREST (EOI) FOR LONG TERM LINKAGE WITH OMC BY THE ELIGIBLE STATE BASED END USE INDUSTRIES FOR PURCHASE OF IRON ORE & CHROME ORE**

No. CAD-679: The Odisha Mining Corporation Ltd. intends sustained supply of Iron ore & chrome ore to the eligible State based end users through Long Term Linkage. The above categories of industries desirous to have Long Term Linkage with OMC may express their interest for the purpose through **"Customer Integrated Management Service (CIMS)" on our website i.e. www.omcltd.in. To reach at CIMS platform, please go to "Customer Corner" then go to "Visit Customer Portal" on our website**.
**The industries those have already signed long term linkage with OMC may apply for revision of quantity otherwise need not apply**. The application with required documents (as reflected in the notice available in OMC website) may be submitted through CIMS **by dt.30.11.2020** for necessary consideration.
For detail EoI notice, please visit our website i.e. **www.omcltd.in**.

**Sd./- Chief General Manager (Min.)**
OIPR-30005/11/0098/2021


# ଭିଜିଆଇଆର୍‌ରେ ଅଧ୍ୟକ୍ଷତା କରିବେ ମୋଦି

**ନୂଆଦିଲ୍ଲୀ, ୪।୧୧:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୫ ନଭେମ୍ବରରେ ଏକ ଭର୍ଚୁଆଲ ଗ୍ଲୋବାଲ ଇନ୍‌ଭେଷ୍ଟର ରାଉଣ୍ଡଟେବୁଲ(ଭିଜିଆଇଆର୍)ରେ ଅଧ୍ୟକ୍ଷତା କରିବେ। କେନ୍ଦ୍ର ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ଏବଂ ଜାତୀୟ ନିବେଶ ଓ ଭିତ୍ତିଭୂମି ପାଣ୍ଠି ପକ୍ଷରୁ ଏହା ଆୟୋଜନ କରାଯାଉଛି। ଏଥିରେ ବିଶ୍ୱର ଅଗ୍ରଣୀ ସଂସ୍ଥାଗତ ନିବେଶକ, ଭାରତୀୟ ବ୍ୟବସାୟିକ ନେତୃବର୍ଗ ଏବଂ ଭାରତ ସରକାର ଓ ଆର୍ଥିକ ବଜାର ନିୟନ୍ତ୍ରକମାନଙ୍କର ସର୍ବୋଚ୍ଚ ନୀତି ନିର୍ଦ୍ଧାରକମାନେ ଅଂଶ ଗ୍ରହଣ କରି ବିଶେଷ ଆଲୋଚନାରେ ସମ୍ମିଳିତ ହେବେ। ଏହି ଅବସରରେ କେନ୍ଦ୍ର ଅର୍ଥମନ୍ତ୍ରୀ, କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ, ଆର୍‌ବିଆଇ ଗଭର୍ନର ଏବଂ ଅନ୍ୟ ବିଶିଷ୍ଟ ଅତିଥିମାନେ ସାମିଲ ହେବା କାର୍ଯ୍ୟକ୍ରମ ରହିଛି।

# ଅରୁନ୍ଧତୀର ଅମେୟା କଲେକ୍ସନ



ଭୁବନେଶ୍ୱର,୪।୧୧

ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଦୀପାବଳି ଓ ବିବାହ ଋତୁକୁ ନଜରରେ ରଖି ନୂଆ ପ୍ରିମିୟମ କଲେକ୍ସନ 'ଅମେୟା'ର ଉନ୍ମୋଚନ କରାଯାଇଛି। ସ୍ଥାନୀୟ ସତ୍ୟନଗରସ୍ଥିତ ଫ୍ଲାଗଶିପ ଷ୍ଟୋର ପରିସରରେ ଅରୁନ୍ଧତୀର ବ୍ରାଣ୍ଡ ଆମ୍ବାସାଡର ଓଲିଉଡ୍ ଅଭିନେତ୍ରୀ ଅର୍ଚ୍ଚିତା ସାହୁ ନୂଆ କଲେକ୍ସନର ଶୁଭାରମ୍ଭ କରିଥିଲେ। ଏଥିରେ ଗ୍ରାହକ ସୂକ୍ଷ୍ମ କାରୁକାର୍ଯ୍ୟ ଭରା ଡିଜାଇନ ପାଇପାରିବେ। ଏ ସମ୍ପର୍କରେ ସଂସ୍ଥାର ମ୍ୟାନେଜିଂ ଡାଇରେକ୍ଟର ବ୍ରହ୍ମାନନ୍ଦ ମେହେର ସମସ୍ତଙ୍କୁ ପାର୍ବଣର ଅଭିନନ୍ଦନ ଜଣାଇଛନ୍ତି। ଅମେୟାର ସୁନ୍ଦର କାରିଗରି ଅନୁଭବ ଗ୍ରାହକ ପାଇପାରିବେ ବୋଲି ସେ ସୂଚନା ଦେଇଛନ୍ତି। ଶୋ'ରୁମ୍ ପକ୍ଷରୁ ଗ୍ରାହକଙ୍କୁ ମାସିକ ସହଜ କିସ୍ତିରେ ଗହଣା କିଣିବାର ସୁଯୋଗ ମିଳୁଛି। ସେହିଭଳି ୧-୧୦ ହଜାର ମୂଲ୍ୟର ଗିଫ୍ଟ କାର୍ଡ, ପେଟିଏମ୍ ଜରିଆରେ ପ୍ରାୟ ୨୦ହଜାର ଟଙ୍କାର କ୍ୟାଶ୍‌ବ୍ୟାକ୍ ସୁବିଧା ଏବଂ ଡେବିଟ୍ କାର୍ଡରେ ଫ୍ଲାଟ୍ ୧୦% ରିହାତି ମିଳୁଥିବା ମେହେର କହିଛନ୍ତି। କୋଭିଡ୍-୧୯କୁ ଧ୍ୟାନରେ ରଖି ଶୋ'ରୁମ୍ ପକ୍ଷରୁ ବିଭିନ୍ନ ବ୍ୟବସ୍ଥା ଗ୍ରହଣ କରାଯାଇଛି।


**ସୁବର୍ଣ୍ଣପୁର ପୌର ପରିଷଦ, ସୁବର୍ଣ୍ଣପୁର**

ନଂ. ୩୦୨୪ ତା.୦୪।୧୧।୨୦୨୦

**ସର୍ବସାଧାରଣ ବିଜ୍ଞପ୍ତି**

ଏତଦ୍ୱାରା ପୌର ପରିଷଦ ଅଧୀନସ୍ଥ ସମସ୍ତ ଦୋକାନ, ବ୍ୟବସାୟ, ବାଣିଜ୍ୟ ଅନୁଷ୍ଠାନମାନଙ୍କର ବାଣିଜ୍ୟ ପ୍ରମାଣପତ୍ର ନିମନ୍ତେ ପୌର ନିୟମ ମୁତାବକ ବାରିଜ୍ୟକର ପ୍ରମାଣପତ୍ର ଟିକସ ଲାଗୁ କରାଯାଇଅଛି। ଏ ସଂକ୍ରାନ୍ତରେ ପୌର ପରିଷଦ ରିଜୋଲ୍ୟୁସନ ନଂ.୧ ତା୨୦।୧୨।୨୦୧୬ ଅନୁଯାୟୀ ବିଭିନ୍ନ ଟ୍ରେଡ ପାଇଁ ଭିନ୍ନ ଭିନ୍ନ ଦର ଧାର୍ଯ୍ୟ କରାଯାଇଥିଲା। ବର୍ତ୍ତମାନ ଦେଖାଗଲା ଯେ, କେତେକ ଟ୍ରେଡ୍ ଉକ୍ତ ତାଲିକାରୁ ବାଦ୍ ପଡ଼ିଅଛି। ଏଣୁ ନିମ୍ନଲିଖିତ ଟ୍ରେଡଗୁଡ଼ିକ ଉପରେ ବ୍ୟବସାୟ ଟିକସ ଲାଗୁ କରିବାକୁ ସିଦ୍ଧାନ୍ତ ଗ୍ରହଣ କରାଯାଇଛି। ଏହି ବ୍ୟବସାୟ ଟିକସ ମାନ ଦୋକାନ (Small) (୧୫' × ୧୦') ଓ ବଡ଼ ଦୋକାନ (Large) (୧୫' × ୧୦') ସାଇଜ୍‌ରୁ ଉର୍ଦ୍ଧ୍ୱ ପାଇଁ ଲାଗୁ କରାଯାଇଛି।
ନିର୍ଦ୍ଧାରିତ ଟ୍ରେଡ୍‌ର ନାମ ଏବଂ ନିର୍ଦ୍ଧାରିତ ଟ୍ରେଡ୍ ଲାଇସେନ୍ସ ଫିକ୍ସ ହାର ନିମ୍ନରେ ପ୍ରଦାନ କରାଗଲା।

| Sl. No. | Trade | Proposal for Trade Licence Fee |
|---|---|---|
| 1 | Gift Item/Fancy Shop | 500/- |
| 2 | Omfed, Cold Drinks, Brade | 500/- |
| 3 | Mixture, Biscuit (Snakes Item) (S/L) | 500/- (S) / 1000/- (L) |
| 4 | Watch / Spectacle | 500/- |
| 5 | Motor Spare Parts/ Battery/ Tyre/ Mobile (S/L) | 500/- (S) / 1000/- (L) |
| 6 | Gas Spare Parts, Repairing, Grinder Repairing etc. | 500/- |
| 7 | Jewellary Repairing | 500/- |
| 8 | Electrical Shop (S/L) | 500/- (S) / 1000/- (L) |
| 9 | T.V./Fridge/A.C. Cooler Selling (S/L) | 1000/- (S) / 2000/- (L) |
| 10 | Online/ Internet Cafe, Computer Service | 500/- |
| 11 | Fruits Shop | 500/- |
| 12 | Fruits Go-down, Vegetable Wholeseller | 1000/- |
| 13 | Egg Wholeseller/ Retailer | 1000/- (L) / 500/- (S) |
| 14 | Potato, Onion Wholeseller | 1000/- |
| 15 | Atta Chaka | 500/- |
| 16 | Leath Unit / Fabrication | 500/- |
| 17 | Cycle Selling | 500/- |
| 18 | Mobile SIM/ Recharge | 300/- |
| 19 | Computer Hardware Repairing, Servicing | 500/- (S) / 1000/- (L) |
| 20 | Live Stock Food | 500/- |
| 21 | Electrical Repairing | 500/- |
| 22 | Four Wheeler Showroom | 5000/- |

ଏ ସଂକ୍ରାନ୍ତରେ ସମସ୍ତ ସମ୍ପୃକ୍ତ ବ୍ୟକ୍ତି ବିଶେଷ, ଦୋକାନୀ, ବାଣିଜ୍ୟ ବ୍ୟବସାୟ ଅନୁଷ୍ଠାନ ଏବଂ ସର୍ବସାଧାରଣଙ୍କଠାରୁ ଆପତ୍ତି ଓ ପ୍ରସ୍ତାବ ଆହ୍ୱାନ କରାଯାଉଅଛି। ଯେ କୌଣସି ଆପତ୍ତି ବା ପ୍ରସ୍ତାବ ଲିଖିତ ଭାବେ ଉକ୍ତ ବିଜ୍ଞପ୍ତି ପ୍ରକାଶନର ୭ଦିନ ମଧ୍ୟରେ ପରିଷଦ ନିର୍ବାହୀ ଅଧିକାରୀଙ୍କଠାରେ ଦାଖଲ କରିବା ଆବଶ୍ୟକ। ନିର୍ଦ୍ଧାରିତ ସମୟସୀମା ଅତିକ୍ରାନ୍ତ ପରେ ଉକ୍ତ ପ୍ରସ୍ତାବ ତତ୍‌କ୍ଷଣାତ କାର୍ଯ୍ୟକାରୀ କରାଯିବ।

ସ୍ୱା./- ନିର୍ବାହୀ ଅଧିକାରୀ
ପୌର ପରିଷଦ, ସୁବର୍ଣ୍ଣପୁର



**ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ**
**DIRECTORATE OF FISHERIES, ODISHA, CUTTACK**
Ph-0671-2414061, Fax-0674-2410521, E-mail Id- director.odifish@gmail.com
EoI No. 11868/FP& F-XVII-04/20, Dated. 3rd Nov. 2020

**EXPRESSION OF INTEREST (EOI) FOR AVAILING ASSISTANCE UNDER DIFFERENT SCHEME COMPONENTS UNDER PRADHAN MANTRI MATSYA SAMPAD YOJANA (PMMSY)**

**No. M-27:-** The Director of Fisheries, Odisha, Cuttack invites Expression of Interest (EoI) from individuals/ fish farmers/ SHGs/ PFCSs/ aqua entrepreneurs, etc. of State of Odisha for the following Scheme Component under PMMSY:

1. **Construction of Modern Fish Retail Market including Ornamental Fish/Aquarium Markets under the component: Infrastructure and Post Harvest Management.**

The guidelines of the Schemes and application format may be downloaded from the website of the Directorate of Fisheries, Odisha, Cuttack at www.odishafisheries.nic.in. Filled in application form along with self-contained Detailed Project Report and other documents shall be submitted through following e-mail - pmmsyapplications.marine@gmail.com only.

Application(s) with all relevant documents submitted to the Directorate of Fisheries through above e-mail will only be considered. Application(s) without any relevant document shall be outrightly rejected.

The Director of Fisheries, Odisha reserves the right to alter the last date of submission of the EOI and also can reject any all the EOI's without assigning any reason whatsoever.

**Sd./- Director**
OIPR-06015/11/0014/2021

# ସୁରକ୍ଷା ପ୍ରତିଶ୍ରୁତି ଲୋଡ଼ା

କରୋନା ପାଇଁ ଦୀର୍ଘ ୭ମାସ ହେବ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିଛି। ପିଲାଙ୍କ ପାଠପଢ଼ାକୁ ଗୁରୁତ୍ୱ ଦେଇ ନବମରୁ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ପାଇଁ ସ୍କୁଲ ଖୋଲିବା ଲାଗି ସରକାର ଯୋଜନା କରୁଛନ୍ତି। ଆସନ୍ତା ୧୫ ତାରିଖ ପରେ କେବେ ସ୍କୁଲ ଖୋଲିବ ସେ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିଷ୍ପତ୍ତି ନେବ ବୋଲି ସ୍ୱତନ୍ତ୍ର ରିଲିଫ କମିଶନର କହିଛନ୍ତି। ଚଳିତ ମାସ ଶେଷ ସପ୍ତାହ ଆଡ଼କୁ ସ୍କୁଲ ଖୋଲିବ ବୋଲି ମଧ ବିଭାଗୀୟ ମନ୍ତ୍ରୀ ସମୀର ରଞ୍ଜନ ଦାସ କହିସାରିଛନ୍ତି। ସ୍କୁଲ ଖୋଲିଲେ ସ୍ୱତନ୍ତ୍ର ଏସ୍‌ଓପି ଜାରି କରାଯିବ ବୋଲି କୁହାଯାଇଛି। ସେପଟେ ସ୍କୁଲ ଖୋଲିବା ନିଷ୍ପତ୍ତିକୁ ନେଇ ଅଭିଭାବକ ମହଲରେ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଛି। କେତେଜଣ ସ୍କୁଲ ଖୋଲିବା ସପକ୍ଷରେ ମତ ଦେଇଥିବାବେଳେ ଆଉ କେତେଜଣ ବର୍ତ୍ତମାନ ସମୟରେ ସ୍କୁଲ ଖୋଲିବା ଉଚିତ ନୁହେଁ ବୋଲି କହିଛନ୍ତି। ପିଲାଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ପ୍ରାଥମିକତା ଦେବା ସହ ଯଦି କିଛି ଅସୁବିଧା ହୁଏ ତେବେ ସେଥିପ୍ରତି କିଏ ଦାୟୀ ରହିବ ତାହା ମଧ ସରକାର ସ୍ପଷ୍ଟ କରିବା ଆବଶ୍ୟକ ବୋଲି ଅଭିଭାବକ ମହଲରେ ପ୍ରକାଶ ପାଇଛି।



ଖୋଲିବ ସ୍କୁଲ

## ଅଭିଭାବକଙ୍କ ମତରେ...

### କାହିଁକି ଏତେ ତତ୍ପର



ନଭେମ୍ବରରେ ସ୍କୁଲ ଖୋଲିବା ଉଚିତ ସମୟ ନୁହେଁ। ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକ ଏପର୍ଯ୍ୟନ୍ତ ଖୋଲି ନାହିଁ। ଏଭଳି ସ୍ଥିତିରେ ସ୍କୁଲ ଖୋଲିବା ପାଇଁ ସରକାର କାହିଁକି ତତ୍ପର ହେଉଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଯେହେତୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ପାଇଁ ଗୁରୁତ୍ୱ ବହନ କରେ। ତେଣୁ ସେମାନଙ୍କ ପାଇଁ ସ୍କୁଲ ଖୋଲିଲେ ଚଳିବ। ହେଲେ ପିଲାଙ୍କର କିଛି କ୍ଷତି ହେଲେ ସେଥିପାଇଁ କିଏ ଦାୟୀ ରହିବ ସେନେଇ ଆମକୁ ପ୍ରତିଶ୍ରୁତି ମିଳିବା ଦରକାର।

– ଶଙ୍କର ସାମନ୍ତରାୟ, ଭୁବନେଶ୍ୱର

### ଜୀବନ ବଡ଼, ସ୍କୁଲ ନୁହେଁ



ବର୍ତ୍ତମାନ ସ୍କୁଲ ଖୋଲିବା ଉଚିତ ନୁହେଁ। ସ୍କୁଲ ଖୋଲିଲେ ବି ଛୁଆକୁ ଛାଡ଼ିବା ଉଚିତ ମନେ କରୁନି। କାରଣ ପିଲା ପାଇଁ ଜୀବନ ବଡ଼, ସ୍କୁଲ ନୁହେଁ। ସ୍କୁଲରେ ପିଲାମାନେ ଦୀର୍ଘ ମାସ ପରେ ନିଜ ସାଙ୍ଗମାନଙ୍କୁ ଭେଟିବେ। ସେମାନେ କେବେ ବି ସାମାଜିକ ଦୂରତା ବଜାୟ ରଖିପାରିବେ ନାହିଁ। ପିଲାମାନେ ଏତେ ସମୟ ସ୍କୁଲରେ ମୁହଁରେ ମାସ୍କ ପିନ୍ଧି ବସିବା ସମ୍ଭବ ନୁହେଁ। ଯେପର୍ଯ୍ୟନ୍ତ କରୋନାକୁ ରୋକିବା ପାଇଁ ସମାଧାନ ନ ମିଳିଛି, ସେପର୍ଯ୍ୟନ୍ତ ସ୍କୁଲ ଖୋଲିବା ନିଷ୍ପତ୍ତି ନିଆଯିବା ଉଚିତ ନୁହେଁ।

– ଶଶିକାନ୍ତ ନାୟକ, ଭୁବନେଶ୍ୱର

### ନିଷ୍ପତ୍ତିକୁ ଆଉ ଥରେ ଚିନ୍ତା କରାଯାଉ



କରୋନା ପାଇଁ ପିଲାଙ୍କ ପାଠପଢ଼ାରେ ବହୁ ବ୍ୟାଘାତ ହୋଇଛି। ତେଣୁ ପିଲାଙ୍କ ପାଇଁ ପାଠପଢ଼ା ଜରୁରୀ ହୋଇପଡ଼ିଛି। କିନ୍ତୁ ସ୍କୁଲ ଖୋଲିବା ନିଷ୍ପତ୍ତି ଠିକ୍ ଲାଗୁନାହିଁ। ଶୀତ ଦିନରେ କରୋନା ସଂକ୍ରମଣ ଅଧିକ ରହିବ ବୋଲି କୁହାଯାଉଛି। କିନ୍ତୁ ପିଲାଙ୍କୁ ସ୍କୁଲ ଛାଡ଼ିବା ପାଇଁ କାହିଁକି ନିଷ୍ପତ୍ତି ନିଆଯାଉଛି ତାହା ବୁଝାପଡୁନି। ପିଲାଙ୍କ ଜୀବନକୁ ବିପଦରେ ଠେଲି ଆମେ ସ୍କୁଲ ଛାଡ଼ିବୁ ନାହିଁ। ସ୍କୁଲ ଗଲେ ସାଙ୍ଗମାନଙ୍କୁ ଦେଖିଲେ ସେମାନେ ଆଦୌ ସାମାଜିକ ଦୂରତାକୁ ବଜାୟ ରଖିପାରିବେ ନାହିଁ। କିମ୍ବା ମାସ୍କ ପିନ୍ଧି ଦୀର୍ଘ ସମୟ ବସିପାରିବେ ନାହିଁ। ତେଣୁ ସରକାର ବର୍ତ୍ତମାନ ସମୟରେ ସ୍କୁଲ ଖୋଲିବା ନିଷ୍ପତ୍ତିକୁ ଆଉ ଥରେ ଚିନ୍ତା କରନ୍ତୁ।

– ଶାନ୍ତିଲତା ପାତ୍ର, ଭୁବନେଶ୍ୱର

### ସ୍କୁଲ ଖୋଲିଲେ ପାଠପଢ଼ା ପ୍ରତି ଆଗ୍ରହ ବଢ଼ିବ



ଶିକ୍ଷାନୁଷ୍ଠାନଗୁଡିକ ବନ୍ଦ ରହିଥିବାରୁ ପାଠପଢାରେ ଅନେକ ସମସ୍ୟା ସୃଷ୍ଟି ହୋଇଛି। ଘରେ ରହି ପିଲାମାନେ ଠିକ୍ ଭାବେ ପଢି ପାରୁନାହାନ୍ତି। ସ୍କୁଲ ଖୋଲିବା ଦ୍ୱାରା ପାଠପଢା ପ୍ରତି ଆଗ୍ରହ ବଢିବ। ସ୍କୁଲ ଖୋଲିବା ସହିତ ପିଲାଙ୍କ ସ୍ୱାସ୍ଥ୍ୟ ପ୍ରତି ସରକାର ସଚେତନ ରହିବା ଦରକାର। କରୋନା ପାଇଁ ଅନେକ ସ୍କୁଲ କ୍ୱାରାଣ୍ଟାଇନ୍ ସେଣ୍ଟର ହୋଇଥିଲା। ସେଗୁଡିକୁ ପ୍ରଥମେ ସାନିଟାଇଜ କରାଯିବା ଦରକାର।

–ରଜନୀ ସ୍ୱାଇଁ, କଟକ

### ବର୍ତ୍ତମାନ ସ୍କୁଲ ଖୋଲିବା ଅନୁଚିତ



ବର୍ତ୍ତମାନ ସମୟରେ ସରକାର ସ୍କୁଲ ଖୋଲିବା ଅନୁଚିତ। ଶୀତଦିନ ଥିବାରୁ ପିଲାମାନଙ୍କ ମଧ୍ୟରେ ସାଧାରଣତଃ ଥଣ୍ଡା, କାଶ ଏବଂ ଛିଙ୍କ ଆଦି ଲକ୍ଷଣ ଦେଖାଦିଏ, ଯେଉଁଥିପାଇଁ ସଂକ୍ରମଣର ଆଶଙ୍କା ଅଧିକ ରହୁଛି। ତେଣୁ ପିଲାଙ୍କୁ ବିପଦ ମୁହଁକୁ ଛାଡିପାରିବୁ ନାହିଁ। ଅନ୍ୟପକ୍ଷେ କାହା ଶରୀରରେ କରୋନା ଭୂତାଣୁ ନାହିଁ ବୋଲି କହି ହେବନି। ଗୋଟିଏ କ୍ଲାସ୍‌ରେ ଏକାଠି ବସି ପଢିବା ଦ୍ୱାରା ସଂକ୍ରମଣ ହେବା ସମ୍ଭାବନା ଅଧିକ। ବିଶେଷକରି କଟକ ସହରରେ କରୋନାର ଭୟାବହତା ଅଧିକ ରହିଛି। ଏହା ଶେଷ ହେବାପରେ ସ୍କୁଲ ଖୋଲାଯାଉ।

– ପ୍ରଫୁଲ୍ଲ ବେହେରା, କଟକ

### ଗାଇଡ୍‌ଲାଇନ ମାନି ଖୋଲାଯାଉ



ପିଲାଙ୍କ ଭବିଷ୍ୟତ ଦୃଷ୍ଟିରୁ କୋଭିଡ୍ ଗାଇଡ୍ ଲାଇନକୁ କଡାକଡ଼ି ଭାବେ ପାଳନ କରି ବିଦ୍ୟାଳୟ ଖୋଲିବା ଦରକାର। ବର୍ତ୍ତମାନ କେବଳ ନବମ ଓ ଦଶମ ଶ୍ରେଣୀ ପିଲାଙ୍କୁ ସ୍କୁଲକୁ ପଠାଇବା ଲାଗି କୁହାଯାଉଛି। ପିଲାଙ୍କୁ ସାମାଜିକ ଦୂରତା ରକ୍ଷା କରି ବସାଇ ପଢାଗଲେ ଅସୁବିଧା ନାହିଁ। ସ୍କୁଲକୁ ଭଲ ଭାବେ ସାନିଟାଇଜ କରିବା ସହ ପିଲାଙ୍କ ମାସ୍କ ପରିଧାନ ବାଧ୍ୟତାମୂଳକ ହେବା ଦରକାର। ସ୍କୁଲ ପ୍ରବେଶ ପଥରେ ହାତକୁ ଭଲ ଭାବେ ଧୋଇବା ଏବଂ ସାନିଟାଇଜ ପାଇଁ ବ୍ୟବସ୍ଥା କରାଯାଇ ସ୍କୁଲ ଖୋଲିଲେ ପିଲାଙ୍କୁ ଛାଡ଼ିପାରିବୁ।

– ଚରଣ ମହାରଣା, ପୁରୀ

### ଜୀବନକୁ ଅଗ୍ରାଧିକାର ଦେବାକୁ ହେବ



ସରକାର ପିଲାଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ନଜରରେ ରଖି ସ୍କୁଲ ବନ୍ଦ କରିଛନ୍ତି। ଏହା ନିଶ୍ଚିତ ସ୍ୱାଗତଯୋଗ୍ୟ। କାରଣ ଆଗ ଜୀବନକୁ ହିଁ ଅଗ୍ରାଧିକାର ଦେବାକୁ ହେବ। ସ୍କୁଲ ବନ୍ଦ ହେଲେ ବି ସିଲାବସ୍ କମ୍ କରାଯିବା ସହ ଅନ୍‌ଲାଇନ କ୍ଲାସ କରାଯାଉଛି। ସ୍କୁଲକୁ ଗଲେ ପିଲାମାନେ ଭଲ ଭାବେ ପାଠ ବୁଝିପାରିବେ। କିନ୍ତୁ ମନରେ ଭୟ ରହୁଛି। ଅନ୍‌ଲାଇନ କ୍ଲାସ ଚାଲୁଛି ଚାଲୁ, କରୋନା ବିପଦ ସମ୍ପୂର୍ଣ୍ଣ ଟଳିଲେ ପିଲାମାନେ ସ୍କୁଲକୁ ଗଲେ ଭଲ।

–ଗଙ୍ଗାଧର ରାଉତ, ପୁରୀ

### କୋଠରିରେ ୫୦% ପିଲା ବସିବା ଉଚିତ



କୋଭିଡ୍ କଟକଣା ଯୋଗୁ ସ୍କୁଲ, କଲେଜ ଦୀର୍ଘଦିନ ଧରି ବନ୍ଦ ରହିଛି। ନଭେମ୍ବର ୧୫ ପରେ ନବମଠାରୁ ଦ୍ୱାଦଶଶ୍ରେଣୀ ପର୍ଯ୍ୟନ୍ତ ଖୋଲିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ତେଣୁ କରୋନାକୁ ଦୃଷ୍ଟିରେ ରଖି କ୍ଲାସରୁମ୍‌କୁ ନିୟମିତ ବିଶୋଧନ, ମାସ୍କ ପରିଧାନ ଓ ହାତଧୁଆ ଉପରେ ବିଶେଷ ଗୁରୁତ୍ୱ ଦେବା ଉଚିତ। ଥର୍ମାଲ ସ୍କ୍ରିନିଂ କରାଯିବା ସହ ଗୋଟିଏ କୋଠରିରେ ସାମାଜିକ ଦୂରତା ରଖି ୫୦ ପ୍ରତିଶତ ଛାତ୍ରୀଛାତ୍ରଙ୍କୁ ବସାଯିବା ଉଚିତ।

–ଶୋଭନ ଘୋଷ, ଖୋର୍ଦ୍ଧା

### ସ୍କୁଲ ଖୋଲିଲେ ସଂକ୍ରମଣ ଆଶଙ୍କା



କରୋନା ଆକ୍ରାନ୍ତ ରୋଗୀଙ୍କ ଚିକିତ୍ସା ଲାଗି ସରକାର ସ୍କୁଲ, କଲେଜଗୁଡ଼ିକରେ କୋଭିଡ୍ କେୟାର କେନ୍ଦ୍ର କରିଥିଲେ। ଗଣଶିକ୍ଷା ବିଭାଗ ପକ୍ଷରୁ ସ୍କୁଲ ପରିସରକୁ ବିଶୋଧନ ଲାଗି ସମସ୍ତ ଡିଇଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ବର୍ତ୍ତମାନ ସୁଦ୍ଧା ଅଧିକାଂଶ ବିଦ୍ୟାଳୟକୁ ବିଶୋଧନ କରାଯାଇନାହିଁ। ଅନ୍ୟପଟେ ବର୍ତ୍ତମାନ ଶୀତ ପଡ଼ିବା ଆରମ୍ଭ କରିଛି। ଏହି ସମୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢିବା ଆଶଙ୍କା ରହିଥିବା ସରକାର କହୁଛନ୍ତି। ତେଣୁ ଏଭଳି ସ୍ଥିତିରେ ସ୍କୁଲ ଖୋଲିଲେ ଛାତ୍ରୀଛାତ୍ର ସଂକ୍ରମଣ ହେବା ଆଶଙ୍କା ମଧ ରହିଛି। ଏତେ ଦିନ ଅପେକ୍ଷା କଲୁଣି। ତେଣୁ ଆଉ କିଛି ଦିନ ଗଡ଼ିଗଲେ, କିଛି ଅସୁବିଧା ନାହିଁ।

–ସୁଜନ ମିଶ୍ର, ଭାଲିଆବାଡ଼ି, ଖୋର୍ଦ୍ଧା

### ଶୀତଦିନ ପରେ ସ୍କୁଲ ଖୋଲିଲେ ଭଲ



ସ୍କୁଲ ଖୋଲିବା ସ୍ୱାଗତଯୋଗ୍ୟ। କିନ୍ତୁ ଏବେ ସେ ସମୟ ଆସିନାହିଁ। ଶୀତ ଆସୁଛି ଏବଂ ଏହି ସମୟରେ କରୋନାର ପ୍ରଭାବ ଅଧିକ ହେବାର ସମ୍ଭାବନା ରହିଛି। ପିଲାଙ୍କ ଜୀବନକୁ ବିପଦକୁ ଠେଲି ଦେବା ଠିକ୍ ହେବ ନାହିଁ। ଡବ୍ଲ୍ୟୁଏଚ୍‌ଓର ନିର୍ଦ୍ଦେଶକୁ ମଧ ମାନିବା ଉଚିତ୍। ଯେଉଁ ରାଜ୍ୟଗୁଡ଼ିକ ସ୍କୁଲ ଖୋଲି ପାଠ ପଢ଼ା ଆରମ୍ଭ କରିଥିଲେ ସେଠାରେ ବହୁ ପିଲା ସଂକ୍ରମିତ ହେବାର ନଜିର ରହିଛି। ତେଣୁ ଆଉ କିଛିଦିନ ଅପେକ୍ଷା କରି ଶୀତ ଋତୁରେ କରୋନାର ଗତିବିଧିକୁ ଲକ୍ଷ୍ୟ କରାଯାଉ। ତା'ପରେ ସ୍କୁଲ ଖୋଲିବା ନିଷ୍ପତ୍ତି ହେଉ।

– ଜଗନ୍ନାଥ ଦାସ,ବାଲେଶ୍ୱର

### ଜାନୁୟାରୀରୁ ଶିକ୍ଷା ବର୍ଷ ଆରମ୍ଭ ହେଉ



ପ୍ରାୟ ୭ମାସ ଅନଲାଇନ୍‌ରେ ପାଠ ପଢ଼ା ଚାଲିଛି। ଯାହାର ସୁବିଧା ସବୁ ଛାତ୍ରୀଛାତ୍ର ପାଇପାରୁ ନାହାନ୍ତି। ନଭେମ୍ବର ୧୫ ପରେ ସରକାର ବିଦ୍ୟାଳୟ ଖୋଲିବା କଥା ବିଚାର କରୁଛନ୍ତି। ଶୁଣିବାକୁ ମିଳୁଛି ଡିସେମ୍ବରରେ ସଂକ୍ରମଣ ବଢ଼ିବ। ସବୁ ବିଦ୍ୟାଳୟର ପରିବେଶ ଏଥିପାଇଁ ସୁବ୍ୟବସ୍ଥିତ ହୋଇ ନାହିଁ। ପିଲାମାନେ ବିଦ୍ୟାଳୟକୁ ଆସିଲେ ଶୃଙ୍ଖଳିତ ଭାବରେ କୋଭିଡ୍ ନିୟମ ମାନିବେ ଏ ବିଶ୍ୱାସ ନାହିଁ। ମୋ ମତରେ ସବୁ ବିଚାର ଆଲୋଚନା କରି ଶିକ୍ଷାବର୍ଷ ନିୟମ ପରିବର୍ତ୍ତନ କରି ଜାନୁୟାରୀରୁ ଶିକ୍ଷାବର୍ଷ ଆରମ୍ଭ କଲେ ଭଲ ହୁଅନ୍ତା।

– ରବୀନ୍ଦ୍ର ନାୟକ, ବାଲେଶ୍ୱର

### ତରବରିଆ ନିଷ୍ପତ୍ତି ଉଚିତ ନୁହେଁ



ମୋର ପୁଅ ଗଣେଶ ବାରିକ ଗୁଣେଶ୍ୱର ବିଦ୍ୟାପୀଠ, ଲୋକନାଥପୁରରେ ନବମ ଶ୍ରେଣୀରେ ପଢୁଛି। ସରକାରଙ୍କ ସ୍କୁଲ ଖୋଲିବା ନିଷ୍ପତ୍ତି ପିଲାଙ୍କ ସ୍ୱାସ୍ଥ୍ୟବସ୍ଥାକୁ ସମସ୍ୟାରେ ପକାଇବ। ଯେଉଁ ପିଲାଙ୍କ ରୋଗ ପ୍ରତିରୋଧକ ଶକ୍ତି କମ୍ ରହିଛି ସେମାନେ ଶୀଘ୍ର ସଂକ୍ରମିତ ହେବେ। ଏଣୁ ଏହିଭଳି ତରବରିଆ ନିଷ୍ପତ୍ତି ନେବା ଉଚିତ୍ ନୁହେଁ।

– ସନାତନ ବାରିକ,ଭଦ୍ରକ

### ସ୍କୁଲ ଖୋଲିବା ନିଷ୍ପତ୍ତି ଭୁଲ୍



ମୋର ପୁଅ ସନ୍ତୋଷ ବେହେରା ରାମକୃଷ୍ଣପୁର ହାଇସ୍କୁଲରେ ଦଶମ ଶ୍ରେଣୀରେ ପଢୁଛି। ସରକାରଙ୍କ ସ୍କୁଲ ଖୋଲିବା ନିଷ୍ପତ୍ତି ଯଦିଓ ସ୍ୱାଗତ ଯୋଗ୍ୟ କିନ୍ତୁ ପିଲାଙ୍କ ସ୍ୱାସ୍ଥ୍ୟ ଉପରେ ଏହା ନିଶ୍ଚୟ ପ୍ରଭାବ ପକାଇବ। ଏବେ ସ୍କୁଲ ଖୋଲିବା ନିଷ୍ପତ୍ତି ନେବା ଭୁଲ୍। ପିଲାଙ୍କ ସ୍ୱାସ୍ଥ୍ୟାବସ୍ଥା ପ୍ରତି ଗୁରୁତ୍ୱ ଦେଇ କିଛି ମାସ ପରେ ଖୋଲିଲେ ଭଲ ହୁଅନ୍ତା।

– ଅଶୋକ କୁମାର ବେହେରା,ଭଦ୍ରକ

### ଅନ୍‌ଲାଇନ ପଢ଼ାରେ ଅସୁବିଧା ହେଉଛି



ମୋର ଭାଣିଜୀ ପ୍ରଜ୍ଞାସ୍ମିତା ସାହୁ ବାରିପଦା ନିକଟସ୍ଥ ପାଉଁଶିଆ ଉଚ୍ଚ ବିଦ୍ୟାଳୟରେ ୯ମ ଶ୍ରେଣୀରେ ପଢୁଛି। ଅନ୍‌ଲାଇନ ଯୋଗେ ହେଉଥିବା ପାଠପଢ଼ାରେ ଅସୁବିଧା ହେଉଛି। ପାଠ ବୁଝିବା ସମ୍ଭବ ହୋଇପାରୁନି। କୋଭିଡ୍ ନିୟମ ଅନୁଯାୟୀ ସ୍କୁଲ ଖୋଲାଗଲେ ପିଲାମାନଙ୍କ ଭବିଷ୍ୟତ ଉଜ୍ଜଳ ହୋଇପାରିବ।

– ଖଗେଶ୍ୱର ନାୟକ, ବାରିପଦା

### ଶିକ୍ଷାନୁଷ୍ଠାନ ଖୋଲିବା ଦରକାର



ମୋର ଝିଅ ପ୍ରଜ୍ଞା ପରମିତା ବାରିପଦାସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଜେନା ଦଶମ ଶ୍ରେଣୀରେ ପଢୁଛି। ଦୀର୍ଘ ୮ମାସ ହେଲା ଛାତ୍ରୀଛାତ୍ରମାନେ ସ୍କୁଲ ଯାଇ ନାହାନ୍ତି। ୫୦%ପାଠ୍ୟଖସଡ଼ା କମାଇ ସ୍କୁଲ ଖୋଲାଗଲେ ଛାତ୍ରୀଛାତ୍ରମାନେ ଉପକୃତ ହେବେ।

– ମାନସ କୁମାର ଜେନା, ବାରିପଦା

### କଟକଣା ମାନି ସ୍କୁଲ ଖୋଲାଯାଉ



ମୋର ପୁଅ ଆନିଶ ଦାସ କେନ୍ଦୁଝର ସେଣ୍ଟ୍ରାଲ ସ୍କୁଲରେ ଯୁକ୍ତ ୨ ପଢୁଛି। ଅନଲାଇନ୍ ପାଠପଢ଼ା ଠିକ ଭାବରେ ହୋଇ ପାରୁନାହିଁ। ଏଣୁ ପିଲାଙ୍କ ଭବିଷ୍ୟତକୁ ଦେଖି ସ୍କୁଲ ଖୋଲିବା ଭଲ। ଅନଲାଇନ୍‌ରେ ପାଠପଢା, କ୍ଲାସ ରୁମ୍ ପାଠ ପଢାର ବିକଳ୍ପ ନୁହେଁ। କିନ୍ତୁ କରୋନା ମହାମାରୀ ଦୃଷ୍ଟିରୁ ପିଲାମାନଙ୍କ ସ୍ୱାସ୍ଥ୍ୟଗତ ଅବସ୍ଥାକୁ ଦେଖି ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯିବା ଜରୁରୀ।

– ଅଶୋକ ଦାସ, କେନ୍ଦୁଝର

### ପାଠପଢ଼ା ଅପେକ୍ଷା ଜୀବନ ଜରୁରୀ



ମୋର ଝିଅ ରାଇସୁଆଁ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ ପଢୁଛି। ପାଠପଢା ଅପେକ୍ଷା ପିଲାଙ୍କ ଜୀବନ ବେଶୀ ଜରୁରୀ। କରୋନା ପାଇଁ ସ୍କୁଲ ବନ୍ଦ କରିଦେଲେ ହେବ ନାହିଁ। କିପରି ପିଲାଙ୍କ ଭବିଷ୍ୟତ ଗଠନ ହୋଇ ପାରିବ ସେ ଦୃଷ୍ଟିରୁ ପଦକ୍ଷେପ ନେବା ଉଚିତ।

– ଦୁର୍ଗା ବାରିକ, କେନ୍ଦୁଝର

### ସ୍ୱାଗତଯୋଗ୍ୟ ପଦକ୍ଷେପ



କୋଭିଡ୍ ଯୋଗୁ ପିଲାଙ୍କ ପାଠପଢା ପ୍ରଭାବିତ ହୋଇଛି। ତେଣୁ ସରକାର ନବମରୁ ଦ୍ୱାଦଶ ଛାତ୍ରୀଛାତ୍ରଙ୍କ ପାଇଁ କ୍ଲାସ କରିବା ନେଇ ନିଆଯାଇଥିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ତେଣୁ ଇଚ୍ଛା ନ ଥିଲେ ମଧ ଛାଡିବାକୁ ନିଷ୍ପତ୍ତି ନେଇଛି। ଝିଅ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ନବମ ଶ୍ରେଣୀରେ ପଢୁଛି। ବିଦ୍ୟାମନ୍ଦିର ପକ୍ଷରୁ କୋଭିଡ୍ ନିୟମ ପାଳନ ପୂର୍ବକ ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନ କରାଯିବା ନେଇ କୁହାଯାଇଛି।

– ଶାନ୍ତନୁ କୁମାର ବେହେରା, ବ୍ରହ୍ମପୁର

### ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉ



ନବମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ସ୍କୁଲରେ ପାଠପଢା ଆରମ୍ଭ ନେଇ ସରକାରଙ୍କ ନିଷ୍ପତ୍ତି ସ୍ୱାଗତ ଯୋଗ୍ୟ। କାରଣ ବର୍ତ୍ତମାନ ହେଉଥିବା ଅନ୍‌ଲାଇନ୍‌ଦ୍ୱାରା ସମସ୍ତ ଛାତ୍ରୀଛାତ୍ର କ୍ଲାସ୍ କରିବା ସମ୍ଭବ ହେଉ ନାହିଁ। ସ୍କୁଲରେ ଶିକ୍ଷାଦାନ ଆରମ୍ଭ ହେବା ଦ୍ୱାରା ହିଁ ଛାତ୍ରୀଛାତ୍ରଙ୍କ ପାଠପଢାରେ ଅଗ୍ରଗତି ଘଟିବ। ତେବେ କରୋନା ଭଳି ସ୍ଥିତିରେ ସ୍କୁଲକୁ ପିଲାଙ୍କୁ ଛାଡ଼ିବାକୁ ମଧ ଭୟ ଲାଗୁଛି। ସ୍କୁଲରେ ଶିକ୍ଷକମାନେ ଯଦି କୋଭିଡ୍ ସଂକ୍ରମଣକୁ ପ୍ରତିରୋଧ କରିବା ନେଇ ପିଲାଙ୍କ ମଧ୍ୟରେ ସାମାଜିକ ଦୂରତା ରକ୍ଷା, ସାନିଟାଇଜର ତଥା ହ୍ୟାଣ୍ଡୱାଶ ଦ୍ୱାରା ହାତଧୁଆ ଆଦି ସୁରକ୍ଷା ଉପରେ ଗୁରୁତ୍ୱ ଦେବେ ତେବେ କୌଣସି ଅସୁବିଧା ହେବନାହିଁ।

– ଜଗମୋହନ ସାହୁ, ବ୍ରହ୍ମପୁର

## କ'ଣ କହୁଛନ୍ତି ସ୍କୁଲ କର୍ତ୍ତୃପକ୍ଷ...

"କରୋନାର ଦ୍ୱିତୀୟ ପର୍ଯ୍ୟାୟ ସଂକ୍ରମଣ ଡିସେମ୍ବରରେ ଆସିବ ବୋଲି କୁହାଯାଉଛି। ତେଣୁ ଏ ସମୟରେ ସ୍କୁଲ ଖୋଲିବା ଉଚିତ ନୁହେଁ। ତଥାପି ସ୍କୁଲ ଯେତେବେଳେ ଖୋଲିଲେ ବି ଆମେ ସେଥିପାଇଁ ପ୍ରସ୍ତୁତ ଅଛୁ। ସ୍କୁଲ ପରିଚ୍ଛନ୍ନତା ଠାରୁ ଆରମ୍ଭ କରି ପ୍ରତିଦିନ ସାନିଟାଇଜ କରାଯାଉଛି ଓ ଆଗକୁ ମଧ କରାଯିବ। ସ୍କୁଲରେ କ୍ଲାସ୍ ରୁମ୍ ମଧ ଅଧିକ ରହିଛି। ଯଦି ସରକାର ଗାଇଡ୍‌ଲାଇନ କରିବେ ଯେ, ପ୍ରତି ସେକ୍ସନରେ ୨୦ ପିଲା ବସିବେ। ସେଥିପାଇଁ ମଧ ଆମେ ନୂଆ ଟାଇମ୍‌ଟେବୁଲ କରିବା ସହିତ ସବୁ ପ୍ରକାର ପ୍ରସ୍ତୁତ ଅଛୁ। ତଥାପି ସରକାରଙ୍କ ଗାଇଡ୍‌ଲାଇନକୁ ଆମେ ଅପେକ୍ଷା କରିଛୁ। କିନ୍ତୁ ବର୍ତ୍ତମାନ ସମୟରେ ପିଲାଙ୍କୁ ସ୍କୁଲ ଛାଡ଼ିବା ପାଇଁ ଅଭିଭାବକମାନେ ନାରାଜ ଅଛନ୍ତି। ଅନ୍‌ଲାଇନ୍‌ରେ କ୍ଲାସ୍ କରିବା ପାଇଁ କହୁଛନ୍ତି। ତେଣୁ ଆମେ ଏବେ ଅନ୍‌ଲାଇନ୍ ପରୀକ୍ଷା ପାଇଁ ମଧ ପ୍ରସ୍ତୁତ ହୋଇସାରିଲୁଣି। ଆସନ୍ତା ୧୫ରୁ ଅନ୍‌ଲାଇନ୍ ପରୀକ୍ଷା ହେବ। ଅନ୍ୟପଟେ କିଛି ଅଭିଭାବକ ଯଦି ସ୍କୁଲ ଛାଡ଼ିବା ପାଇଁ ରାଜି ହେବେ ଓ ଆଉ କିଛି ଅନ୍‌ଲାଇନ୍‌ରେ ପଢ଼ିବେ, ସେଥିରେ ଶିକ୍ଷକମାନେ ପଢ଼ାଇବା ମଧ ସମସ୍ୟା ହେବ। ସେହି ଶିକ୍ଷକମାନେ ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ କ୍ଲାସ କରିବା ସମ୍ଭବ ନୁହେଁ। ତେଣୁ ଯାହା ବି ନିଷ୍ପତ୍ତି ହେଉଛି ତାହା ସବୁ ଦିଗକୁ ଦୃଷ୍ଟିରେ ରଖି କରାଯାଉ।

– ଲୟୋଲା ସ୍କୁଲ, ଭୁବନେଶ୍ୱର

"ଥର୍ମାଲ ସ୍କାନିଂଠାରୁ ଆରମ୍ଭ କରି ରୁମ୍ ସାନିଟାଇଜର ବ୍ୟବସ୍ଥା କରାଯାଇଛି। ଆମ ସ୍କୁଲରେ ବଡ଼ ବଡ଼ ହଲ୍ ଅଛି। ତେଣୁ ପିଲାଙ୍କୁ ସାମାଜିକ ଦୂରତା ବଜାୟ ରଖି କ୍ଲାସ୍ କରିହେବ। କିନ୍ତୁ ସେମାନଙ୍କୁ ବେଶି ସମୟ ନ ରଖି ୨ରୁ ୩ଘଣ୍ଟା ରଖିଲେ ଯଥେଷ୍ଟ ହେବ। ଅଧିକ ସମୟ ସ୍କୁଲରେ ରହିଲେ ସାଙ୍ଗସାଥୀଙ୍କ ସହ ମିଶିବେ। ତେଣୁ ସଂକ୍ରମଣର ଭୟ ରହୁଛି। ଯେହେତୁ ନବମ ଓ ଦଶମ ପିଲାଙ୍କ କ୍ୟାରିୟର ଉପରେ ପ୍ରଶ୍ନ ଉଠୁଛି, ତେଣୁ ସ୍କୁଲ ଖୋଲିବା ଆବଶ୍ୟକ ପଡୁଛି। ଯଦିଓ ଆମର ଏବେ ବି ଅନ୍‌ଲାଇନ୍ ଶିକ୍ଷା ଦିଆଯାଉଛି, ତଥାପି ଦଶମ ଶ୍ରେଣୀ ପିଲାଙ୍କ ପାଇଁ ଅଫ୍‌ଲାଇନ ଶିକ୍ଷା ନିତାନ୍ତ ଆବଶ୍ୟକ। କାରଣ ଯେତେ ଅନ୍‌ଲାଇନ୍ ଶିକ୍ଷା ଦେଲେ ବି ପିଲାଙ୍କଠାରୁ ପାଠ ଆଦାୟ କରିବା ନିୟମିତ ସମ୍ଭବ ହେଉ ନାହିଁ। ତେଣୁ ସବୁ ପ୍ରକାର ସୁବ୍ୟବସ୍ଥା କରାଯାଇ ସ୍କୁଲ ଖୋଲାଯାଉ।

– ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ୟୁନିଟ୍–୮

### ପର୍ଯ୍ୟାପ୍ତ ହେଉନି ଅନ୍‌ଲାଇନ ପଢ଼ା



ଦୀର୍ଘଦିନ ହେଲା ସ୍କୁଲ ବନ୍ଦ ରହିଥିବାରୁ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। କୋଭିଡ୍ ଭୟ ଭିତରେ ବି ପଢ଼ା ମଧ ଜରୁରୀ। ଅନ୍‌ଲାଇନ୍ ପାଠପଢାରେ ସବୁ ବିଷୟ ସମସ୍ତେ ବୁଝି ପାରୁ ନାହାନ୍ତି। ସ୍କୁଲରେ ପିଲାମାନେ ଶିକ୍ଷକଙ୍କଠାରୁ ପାଠ ବୁଝି ସେମାନଙ୍କ ସନ୍ଦେହ ଦୂର କରିପାରିବେ। ମୋ ପୁଅ ଓ.ଜେ.ଓ ଉଚ୍ଚ ବିଦ୍ୟାଳୟ ୧୦ମ ଶ୍ରେଣୀ ଛାତ୍ର। ସ୍କୁଲ ଖୋଲିଲେ ନିଶ୍ଚିତ ସେ ପଢ଼ିବାକୁ ଯିବ।

– ଜିତେନ୍ଦ୍ର କୁମାର ସାହୁ, ଫୁଲବାଣୀ

### ସ୍କୁଲ ଖୋଲିଲେ ପାଠ ଆଗେଇବ



ସରକାରଙ୍କ ସ୍କୁଲ ଖୋଲିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ। କରୋନା ଭୟ ଥିଲେ ବି ପୁଅକୁ ନିଶ୍ଚିତ ଭାବେ ସ୍କୁଲ ପଠାଇବି। ସେ କାର୍ମେଲ ସ୍କୁଲର ନବମ ଶ୍ରେଣୀରେ ପଢୁଛି। ସ୍କୁଲ ସାନିଟାଇଜ୍ ସହ ପିଲାଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ରକ୍ଷା କରିବା ବ୍ୟବସ୍ଥା କରାଇଲେ ପୁଅକୁ ସ୍କୁଲ ଛାଡିବାରେ କୌଣସି ଅସୁବିଧା ନାହିଁ। ବିଦ୍ୟାଳୟ କର୍ତ୍ତୃପକ୍ଷ ଏସବୁ କରାଇବାକୁ ଅନୁରୋଧ କରୁଛି। ସ୍କୁଲ ବନ୍ଦ ରହିଥିବାରୁ ପାଠପଢ଼ା ପଛେଇ ଯାଇଛି। ସ୍କୁଲ ଖୋଲିଲେ ନିଶ୍ଚିତ ପଢ଼ା ଆଗେଇ ପାରିବ।

– କୁନ୍ଦନ ସିଂ, ଫୁଲବାଣୀ

### ଛାତ୍ରୀଛାତ୍ରଙ୍କ ପାଇଁ ବିପଦ ହୋଇପାରେ



ରାଜ୍ୟରେ ଏଯାଏ କରୋନା ମହାମାରୀ ସେତେଟା ନିୟନ୍ତ୍ରଣ ହୋଇ ପାରିନାହିଁ। ସଂକ୍ରମଣ ସଂଖ୍ୟା ହ୍ରାସ ପାଇଥିଲେ ହେଁ ମୃତ୍ୟୁହାର ବଢିବାରେ ଲାଗିଛି। ଏଭଳିସ୍ଥିତିରେ ସ୍କୁଲ ଖୋଲିଲେ ଛାତ୍ରୀଛାତ୍ରଙ୍କ ପାଇଁ ବିପଦ ହୋଇପାରେ। ତେଣୁ ଆଉ କିଛି ଦିନ ପରେ ସ୍କୁଲ ଖୋଲିଲେ ଛାତ୍ରୀଛାତ୍ରଙ୍କ ଜୀବନ ବିପଦମୁକ୍ତ ହେବ।

– ରସାନନ୍ଦ ମହାନ୍ତି, ବ୍ୟାସନଗର

### ଟିକା ନ ବାହାରିବା ପର୍ଯ୍ୟନ୍ତ ସ୍କୁଲ ବନ୍ଦ ରହୁ



ନବମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ପାଇଁ ସ୍କୁଲ ଖୋଲିବାକୁ ସରକାର ନେଇଥିବା ନିଷ୍ପତ୍ତି ପିଲାମାନଙ୍କ ପାଇଁ ସମ୍ପ୍ରତି ବିପଦାପନ୍ନ ହୋଇପାରେ। ଏବେବି କରୋନା ସଂକ୍ରମଣ ହୁହୁ ହୋଇ ବଢ଼ିଚାଲିଛି। ୧୫ ବର୍ଷରୁ କମ ପିଲାମାନେ ମଧ କରୋନା ସଂକ୍ରମିତ ହେଉଥିବା ଦେଖିବାକୁ ମିଳିଛି। ତେଣୁ କରୋନା ଟିକା ନ ବାହାରିବା ପର୍ଯ୍ୟନ୍ତ ସ୍କୁଲ ବନ୍ଦ ରଖିବାର ଆବଶ୍ୟକତା ରହିଛି।

– ରାକେଶ କୁମାର ରାଉତ, ଯାଜପୁର ରୋଡ୍

### ଧ୍ୟାନ ନ ଦେଲେ ପରିଣତି ଜଟିଳ ହେବ



ଶିକ୍ଷାନୁଷ୍ଠାନଗୁଡ଼ିକ ଦୀର୍ଘଦିନ ହେବ ବନ୍ଦରହିବା ଯୋଗୁ ଶିକ୍ଷାଦାନରେ ବାଧା ସୃଷ୍ଟି କରିଛି। ବିଶେଷକରି ୯ମ ଓ ୧୦ମ ଶ୍ରେଣୀ ପିଲାଙ୍କ ପାଠପଢ଼ା ଅଧିକ କ୍ଷତିଗ୍ରସ୍ତ ହୋଇଛି। ଏଭଳିସ୍ଥିତିରେ ବିଦ୍ୟାଳୟ ଖୋଲିବା ଉପରେ ରାଜ୍ୟ ସରକାର ନେଉଥିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ। କିନ୍ତୁ ପିଲାମାନଙ୍କ ସୁରକ୍ଷାରେ ଯେପରି ଆଞ୍ଚ ନ ଆସେ ସେଥିପ୍ରତି ଧ୍ୟାନ ଦେବା ଦରକାର। ନଚେତ ପରିଣତି ଜଟିଳ ହେବ।

–ରଞ୍ଜିତ୍ ମହାନ୍ତି, ଜଗତ୍‌ସିଂହପୁର

### ସ୍କୁଲ ନ ଖୋଲିବା ଉଚିତ



ଶୀତଦିନରେ କରୋନା ସଂକ୍ରମଣ ବଢ଼ିବ ବୋଲି କୁହାଯାଉଛି। ତେଣୁ ଏସମୟରେ ସଚେତନ ରହିବା ପାଇଁ ସରକାର ବାରମ୍ବାର କହୁଛନ୍ତି। କିନ୍ତୁ ପିଲାଙ୍କୁ ସ୍କୁଲ ଛାଡ଼ିବା ପାଇଁ କିପରି କୁହାଯାଉଛି ତାହା ବୁଝି ହେଉନାହିଁ। ପିଲାଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନ ଦେଇ କେବଳ ତାଙ୍କ ପାଠପଢ଼ାକୁ ଗୁରୁତ୍ୱ ଦେଇ ସ୍କୁଲ ଖୋଲିବା ନିଷ୍ପତ୍ତି ଆଦୌ ଗ୍ରହଣୀୟ ନୁହେଁ। ଛୋଟ ପିଲାମାନେ କେବେ ବି ସ୍କୁଲରେ କରୋନା ନିୟମକୁ ମାନି ଚଳି ପାରିବେ ନାହିଁ। ସ୍କୁଲ ଖୋଲିଲେ ବି ଆମେ ପିଲାକୁ ଛାଡ଼ିବା ପାଇଁ ଉଚିତ ମନେକରୁନୁ। ତେଣୁ ସରକାର ଏବେ ସ୍କୁଲ ନ ଖୋଲିବା ଉଚିତ।

– ଦେବରାଜ ପ୍ରଧାନ, ତାଳଚେର

## କ ବି ତା

### କୁଆଡ଼େ ଗଲେ ସେମାନେ

**ଡ. ହରିଶ୍ଚନ୍ଦ୍ର ବେହେରା**

କୁଆଡ଼େ ଗଲେ ସେମାନେ
ଯେଉଁମାନେ ଚାୟଗରମ ଝାଲ ମୁଢ଼ି
ବାଦାମପକୁଡ଼ି ଦହି ରାବଡ଼ି ବିକୁଥିଲେ
ଦେବାଦେବୀଙ୍କ ଭଜନ ଗାଇ
ଆମ ଅନ୍ତରାତ୍ମାକୁ ଶାନ୍ତ କରୁଥିଲେ
ବେଶ୍ କିଛି ସମୟ !

କୁଆଡ଼େ ଗଲା ସେଇ ଅନ୍ଧ ବଂଶୀ ବାଦକ
ମନ ତଳର ଆବେଗକୁ ଢାଳି ଦେଉଥିଲା
ମୂର୍ଚ୍ଛନାରେ --!

ତଳେ ନେପଟି ପଡ଼ି ଖଣ୍ଡିଆ ଛାଂଚୁଣିରେ
ଆମେ ପକାଉଥିବା ଅସନାତକ
ସଫାକରୁଥିବା
ଅନାଥ ବାରବୁଲା
କୁତୁରୁକାଳି ଦେଇ ଅନୁକମ୍ପା ଓଟାରୁଥିବା
ହତଭାଗ୍ୟ କିନ୍ନର ଦଳ
କୁଆଡ଼େ ଗଲେ !!

ଏବେ ନିଜ ଭିତରେ ଭିନ୍ନ ପୃଥିବୀଟିଏ
ଗଢ଼ି ଦେଇଥିବେ ସେମାନେ
ନାନାବାୟା ଗୀତ ଗାଇ ଶୁଆଇ ଦେଇଥିବେ
ଅମଣିଆ ଭୋକକୁ
ଆଖି କୋଣରେ ଢଳ ଢଳ ଲୁହ
ସାଇତିବାର କଳା ଶିଖିନେଇଥିବେ
ଦିନ କେଇଟା ଭିତରେ।

କୁଆଡ଼େ ଗଲେ ନୀଡ଼ ଫେରା
ପକ୍ଷୀମାନେ
ଯେଉଁମାନଙ୍କ କାକଳିରେ ପୂରିଉଠୁଥିଲା
ନିରିମାଖୀ ପ୍ଲାଟ୍‌ଫର୍ମ /ଗଛବୃଛ
ଅନାବନା ଅନ୍ଧାର !

କୁଆଡ଼େ ଗଲା ପ୍ରାଣର ଏତେ ସବୁ
ଆବେଗ
ବର୍ଣ୍ଣମୟ ସଂଜସକାଳେ
ସେମାନଙ୍କ ଉଲ୍ଲାସମୟ ପ୍ରାର୍ଥନା
ମା'ପରି କୋଳେଇନିଏ ପ୍ଲାଟ୍‌ଫର୍ମ
ଶୋଇ ପକାଏ ଦେହମଜୁରା
ଛଡ଼େଇବାକୁ।

ସବୁଠି ଆଜି ଖାଁ ଖାଁ ସ୍ତବ୍ଧତା
କେଉଁ ମାୟାବୀର ଇନ୍ଦ୍ରଜାଲରେ
ପୃଥିବୀ ଆଜି ଅଶାନ୍ତ ଅସ୍ଥିର।

ବାରମ୍ବାର ମୃତ୍ୟୁକୁ ଝୁଣ୍ଟିବା ତ
ଆମ ଭାଗ୍ୟ
ଏଇ ଭାଗ୍ୟକୁ ନେଇ ଲୁଚକାଳି
ଖେଳୁଛି କରୋନା
ମଧୁମୟ ସମ୍ପର୍କ ଉପରେ ଢାଳିଦେଉଛି
ଯାବତୀୟ ଘୃଣା।

ଆମେ ତ ଛାତି ଖୋଲା ରଖିଛୁ ଚିରକାଳ
ଆ' କାଠୁରିଆ /ଯେତେ କାଟୁଛୁ କାଟ
ଦିନ କେଇଟାରେ ସେଇଠୁ ପୁଣି
କଅଁଳି ଉଠିବ ନୂଆପତ୍ର ଆଉ ଡାଳ !!

ମୋ- ୯୪୩୭୮୧୩୭୦୮

### ରାସ୍ତା

**କୃଷ୍ଣ କୁମାର ମହାନ୍ତି**

ଚୁଲୀକୁ ଆଉଜି ଚୁପ୍‌ଚାପ୍
ଶୋଇପଡ଼ିଛନ୍ତି
ରୁଣୁଝୁଣୁ ଚୁଡ଼ି ଶବ୍ଦମାନେ ।
ସ୍ୱପ୍ନଟିଏ ଯେଉଁ ଆଶା ନେଇ
ଭୂମିଷ୍ଠ ହୋଇଥିଲା କାଲି
ସିନ୍ଦୂରିତ ସମୟର ଖଳାରେ,
କୁଢ଼କୁଢ଼ ଶବଙ୍କ ମେଳରେ ଏବେ ସେ
ଦୂରନ୍ତ ପଥର ଯାତ୍ରୀ !
କେହି ଜଣେ ଛିଟିକି ପଡ଼ିଥିବା ଲୁହ
ବୁନ୍ଦେକୁ ସାଉଁଳେଇ ଦେଉଛି
ଦୁର୍ଭାଗ୍ୟର ନାନାବାୟା ଗାଇ ।

ପବନର ବ୍ୟାପ୍ତିରେ,
ଅନ୍ଧାରର ଆଲିଙ୍ଗନକୁ ଭସେଇ
ଦେବାବେଳେ ପାଣିର ପବିତ୍ରତାରୁ ମୁହଁ
ଦେଖଉଛି ଅତୀତ।
କିଏ ଜଣେ କହିଚାଲିଛି ଅନବରତ
ଆଗକୁ ଡେଣା ନ ଥିବା ଅପେକ୍ଷାଟେ
ଅନେଇ ବସିଛି
ହାତ ଧରି ଟାଣି ନେବାକୁ ମୋତେ !
ସତରେ ମୋର କ'ଣ ହାତ ଅଛି ଯେ
କେହି ଜଣେ ଇଚ୍ଛା କଲେ ଧରିବ ?

ମୁଁ ଜାଣିଛି ମୋର ଲକ୍ଷ୍ମଣଗାର,
ଯେଉଁଠି ଜଗି ବସିଛନ୍ତି ମୋର ପ୍ରିୟ
ପରିଜନ ।
ମୁଁ ଭୋଗିଛି ବୃତ୍ତ ଭିତରର ଭାଗ୍ୟ
ବାହାରେ ଉଜ୍ଜ୍ୱଳତାର କେତେ କେତେ
ବିପଣୀ ହାତଠାରି ଡାକିବା ବେଳେ ବି
ମୁଁ କ'ଣ ଭୁଲିଛି କେବେ ସୁଖର
ସୀମା !

ଗତକାଲିର କପାଳରେ ସୂର୍ଯ୍ୟ ଉଇଁ
ଆସୁଥିବା ବେଳେ ଏମିତି କ'ଣ
ହେବାର ଥିଲା ଭୋର୍‌ର ଭାଗ୍ୟ !
କେତେ କେତେ ଆକାଂକ୍ଷାର
ମୁରୁଜରେ ସଜଡ଼ା ମୋ' ଆକାଶ ପରି
ନିବିଡ଼ ପଣତ, ମୁଁ କ'ଣ ଜାଣିଥିଲି
ମୋକ୍ଷର ମୁହାଣରେ ଲୋଟିବ ଏମିତି !
ଧୂଆଁରେ ତିଆରି ରାସ୍ତା,
ଶୂନ୍ୟତାର କୋଳାହଳ
ଓ ପାଉଁଶ ପରି ଦିଶୁଥିବା ହସ
ସବୁ ତ ଆଜି ମୋର ବର୍ତ୍ତମାନ !

ଯାଏଁ, ଝୁଣ୍ଟିପଡ଼ି ଜଖମ ହେବା ଆଗରୁ
ଏ ପାଦଯୋଡ଼ିକ ଯେପରି ଥକି ନ
ଯାଏ, ମୋତେ ଖୋଜିନେବାକୁ ହେବ
ନୂଆ ଏକ ରାସ୍ତା ।

ମୋ: ୭୦୦୮୮୪୫୯୨୦

# ଗଣ ମନ, ଗଣ ଚେତନାର କବି

**ଡ. ସରୋଜିନୀ ପାଣି**

ଗଣକବି ବୈଷ୍ଣବ ପାଣି ଓଡ଼ିଆ ସାହିତ୍ୟ ଜଗତର ଜଣେ ମୁକୁଟବିହୀନ ସମ୍ରାଟ। ଗୀତିନାଟ୍ୟରେ ସେ ଆଣିଛନ୍ତି ଅଭିନବ ସଂସ୍କାର। କବିଙ୍କ ଜନ୍ମ ୧୮୮୨ ମସିହା କୁମାର ପୂର୍ଣ୍ଣିମା ଗୁରୁବାର ରାତିରେ ଶତ ଜ୍ୟୋତ୍ସ୍ନାର ଶୁଭ୍ରତା, ଶୀତଳତା ବିଚ୍ଛୁରଣ କରି ମାହାଙ୍ଗା ଥାନା ସନ୍ନିକଟ କୋଠପଦା, ବିରୂପାନଦୀ ତୀରସ୍ଥ ଏକ ପଲ୍ଲୀ ଗ୍ରାମରେ; ପିତା ସୁଦର୍ଶନ ପାଣି ଓ ମାତା ଚାନ୍ଦଦେବୀଙ୍କ ଗର୍ଭରୁ। ସେ ଥିଲେ ପିତାମାତାଙ୍କର ତୃତୀୟ ସନ୍ତାନ।

ବୈଷ୍ଣବ ପାଣିଙ୍କ ସୃଜନୀ ସାଧନାର ଅୟମାରମ୍ଭ ହୋଇଛି ପାଲା ପରିବେଷଣରୁ, ଶେଷରେ ନୃତ୍ୟ–ସଙ୍ଗୀତର ଭକ୍ତିଭରା ନିବେଦନରୁ ଫୁଟି ଉଠିଛି ତାଙ୍କର କବିତ୍ୱ। ଅଧିକାଂଶ ରଚନା ତାଙ୍କର ପୌରାଣିକ ବିଷୟବସ୍ତୁ ହେଲେ ମଧ୍ୟ ତତ୍‌କାଳୀନ ସାମାଜିକ ଅବସ୍ଥା, ପାରିପାର୍ଶ୍ୱିକ ସ୍ଥିତିକୁ ଦୃଷ୍ଟିରେ ରଖି ସେ ରଚିଛନ୍ତି ଯୁଗାନ୍ତକାରୀ ସାହିତ୍ୟ ସମ୍ଭାର।

ପିଲାଦିନେ ପରିବାରର ଦାରିଦ୍ର୍ୟ ତଥା କର୍ମ ପ୍ରତି ସଚେତନ। ସମ୍ମାନ ପାଇଁ କେତେବେଳେ ସେ ଗୋରକ୍ଷକ। କେତେବେଳେ ପୁଣି ପାଚକ ପୁଣି କେତେବେଳେ ଘରୋଇ ଶିକ୍ଷକ ଏବଂ ପାଲାଗାୟକ– ଏହିଭଳି ଭାବେ ସେ ଅନେକ ଘାତପ୍ରତିଘାତର ସାମ୍ନାକରି ଶେଷରେ ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚିବାରେ ସଫଳ ହୋଇ ପାରିଥିଲେ।

ଅଭାବ, ଅନଟନ ଓ ବ୍ୟାଧି କବଳରେ କବଳିତ ହୋଇ ମଧ୍ୟ ସେ କେବେ ନିଜ ସ୍ୱାଭିମାନ ହରାଇ ନାହାନ୍ତି। ଜୀବନବ୍ୟାପୀ ଅନ୍ୟାୟ–ଅବିଚାର–ଶୋଷଣ–ପୀଡ଼ନ ବିରୋଧରେ ଶୁଣାଇଛନ୍ତି ତାଙ୍କର ମାର୍ମିକ ବାଣୀ। ଲୋକ ଚରିତ୍ରର ନୀରବ ପର୍ଯ୍ୟବେକ୍ଷକ ସେ। ସଂସ୍କୃତି ଓ ପରମ୍ପରାର ଜୀବନ୍ତ ଭାଷ୍ୟକାର। ଭକ୍ତି, ପ୍ରୀତି, ନୀତି, ଜାତୀୟତା ଓ ମାନବିକତାର ସେ ଶୁଣାଇଛନ୍ତି ମୁଗ୍ଧ ଗାୟତ୍ରୀ। ସମୟର ସେ ସଫଳ ଚିତ୍ରକର। ଏହି ସାରସ୍ୱତ ପ୍ରତିଭା କେବଳ ଗୀତାଭିନୟ ମଧ୍ୟରେ ଆବଦ୍ଧ ହୋଇ ରହିଯାଇ ନାହିଁ। ସମ୍ପ୍ରସାରିତ ହୋଇଛି ସାହିତ୍ୟର ଅନ୍ୟାନ୍ୟ ଦିଗକୁ। ସୃଷ୍ଟି କରିଛି ଉପନ୍ୟାସ, ଆତ୍ମକାହାଣୀ, କାବ୍ୟ, ସଙ୍ଗୀତ ଓ ଅନ୍ୟାନ୍ୟ ବହୁବିଧ ରଚନା। ସେ ପୁରାଣରୁ ବହୁ ଉପାଦାନ ସଂଗ୍ରହ କରି ଆଣିଛନ୍ତି; ଆଣିଛନ୍ତି ମଧ୍ୟ ଇତିହାସ ଓ କିମ୍ବଦନ୍ତୀରୁ। ସମକାଳୀନ ସମାଜ ଜୀବନରୁ, ପ୍ରାଚୀନ ଓ ସମକାଳୀନ କାବ୍ୟ, ଗଳ୍ପ ଓ ଉପନ୍ୟାସରୁ। ଶବ୍ଦ ଓ ସଙ୍ଗୀତ ମିଶିଯାଇ ହୋଇଯାଇଛି ଅପୂର୍ବ ଚିତ୍ତଉଲ୍ଲାସକାରୀ ସାରସ୍ୱତ ସମ୍ପଦ। ଶାନ୍ତି ଓ କ୍ରାନ୍ତି ହୋଇଛି ତାଙ୍କର ସାରସ୍ୱତ ବାର୍ତ୍ତା। ୧୯୦୩ ମସିହାରେ କବିଙ୍କର ପ୍ରଥମ ଗୀତାଭିନୟ 'ମେଘନାଦ ବଧ' ତାଙ୍କ ପ୍ରତିଭାର ପ୍ରଥମ ସୂର୍ଯ୍ୟୋଦୟ। ଏହା ପରଠୁଁ ୧୯୪୦ ମସିହା ପର୍ଯ୍ୟନ୍ତ ତାଙ୍କ ନାଟ୍ୟ ପ୍ରତିଭା ହୋଇଥିଲା ବିକଶିତ, ହୃଦୟସ୍ପର୍ଶୀ। ଏଥିରେ ନୂତନଧାରା ଥିଲା, ଥିଲା ସଙ୍ଗୀତ ଓ ସଂଳାପର ମଧୁର ସମନ୍ୱୟ। ଗଣକବିଙ୍କ ସାହିତ୍ୟ ସୃଜନର

**ଅବଲୋକନ**


ବୈଷ୍ଣବ ପାଣି

ଆତ୍ମ ଜାଗୃତି ଥିଲା। ମାତୃଭାଷା ପ୍ରତି ଅହେତୁକ ମମତ୍ୱବୋଧ ଓ ମାତୃଭାଷାରେ ସାହିତ୍ୟ ସୃଷ୍ଟିର ଉଦ୍ଦୀପନା, ସମାଜ ସଂସ୍କାର ଓ ନୈତିକତା, ଆଦର୍ଶ, ଧର୍ମଭାବ, ତ୍ୟାଗ, ସହିଷ୍ଣୁତା, ଜାତୀୟତା, ମାତୃଭାଷା ପ୍ରୀତି, ଗୁରୁଜନ ଭକ୍ତି, ଦାମ୍ପତ୍ୟଜୀବନ, କର୍ତ୍ତବ୍ୟବୋଧ, ସ୍ୱାବଲମ୍ବନଶୀଳତା, ଦୀନଦଳିତର ସେବା, ପରମ୍ପରା ପ୍ରତି ଶ୍ରଦ୍ଧା ଇତ୍ୟାଦି ବିଷୟରେ ସେ ଦେଇଛନ୍ତି ଶିକ୍ଷାତ୍ମକ ଉପଦେଶ।

ଗଣକବି ମାନବିକତାର ମୁଗ୍ଧ ଉପାସକ। ବାରମ୍ବାର ସମାଜର ନିମ୍ନବର୍ଗ ଓ ନିମ୍ନଜାତିଙ୍କ ପ୍ରତି ଦେଖାଇଛନ୍ତି ଅନ୍ତରର ଶ୍ରଦ୍ଧା ଓ ସହାନୁଭୂତି। ମଣିଷକୁ ଦେବତା କରି ସ୍ୱର୍ଗକୁ ପଠାଇବା ତାଙ୍କର ଲକ୍ଷ୍ୟ ନୁହେଁ, ମଣିଷ ଭିତରେ ଦେବତ୍ୱର ଅବତରଣ ତାଙ୍କର ଲକ୍ଷ୍ୟ। ତେଣୁ ମନ ଓ ହୃଦୟର ନିର୍ମଳତା, ପ୍ରସାରିତ ଦୃଷ୍ଟିଭଙ୍ଗୀ ସ୍ୱାଲମ୍ବନଶୀଳତା, ଈଶ୍ୱରାନୁରକ୍ତି ଓ ମାନବିକ ସମ୍ବେଦନା ହୋଇଛି ତାଙ୍କର ଆଦର୍ଶ। 'ଲକ୍ଷ୍ମୀପୂଜା' ଗୀତାଭିନୟରେ ସେ ପରମ୍ପରାକୁ ଗ୍ରହଣ କରିଥିଲେ ହେଁ ଜାତିଭେଦକୁ ମାନି ନାହାନ୍ତି। ମନୁଷ୍ୟ ଯେଉଁ ଜାତିରେ ଜନ୍ମ ହେଉନା କାହିଁକି, ମନୁଷ୍ୟତା ବଡ଼କଥା। କବି ବିଭିନ୍ନ ଗୀତାଭିନୟ, ପୌରାଣିକ ଓ ଐତିହାସିକ ବିଷୟ ବର୍ଣ୍ଣନା କଲାବେଳେ ପ୍ରସଙ୍ଗକ୍ରମେ ନିମ୍ନଜାତିର ଗୌଣ ଚରିତ୍ରମାନଙ୍କୁ ନେଇଛନ୍ତି। ରକ୍ଷଣଶୀଳତା ଏବଂ ନାରୀଶିକ୍ଷା ପ୍ରତି ତାଙ୍କର ଯଥେଷ୍ଟ ଉଦ୍ୟମ ରହିଥିଲା। ସେ ଜାଣିଥିଲେ, ନାରୀ ହିଁ ଏ ଦେଶର ଭବିଷ୍ୟତ ବଂଶଧରମାନଙ୍କୁ ସୁଶିକ୍ଷା ଦେଇ ପାରିବ। ଯୁବ–ସମାଜକୁ ନେଇ ମଧ୍ୟ ପାଣି ସ୍ୱପ୍ନ ଦେଖିଛନ୍ତି। କାରଣ ସେ ବୁଝିଥିଲେ, ଯୌବନର କ୍ରିୟାଶୀଳତା ଉପରେ ହିଁ ଦେଶର ଉନ୍ନତି ନିର୍ଭର କରେ। ତେଣୁ ସେ ଯୁବକମାନଙ୍କୁ ଆତ୍ମନିର୍ଭରଶୀଳତା ମନ୍ତ୍ରରେ ଦୀକ୍ଷିତ କରିବା ନିମନ୍ତେ ଚେଷ୍ଟା କରିଛନ୍ତି। ପରମ୍ପରାବାଦୀ ପାଣି ସମ୍ମାନ ଜଣାଇଥିଲେ ଏ ଦେଶରେ ସାମାଜିକ ସୁସ୍ଥତା ନିମନ୍ତେ ବହୁକାଳରୁ ପ୍ରଚଳିତ ଥିବା ନୀତିନିୟମଗୁଡ଼ିକୁ। ପରଚର୍ଚ୍ଚା, କଳହ, ଆତ୍ମବଡ଼ିମା ପ୍ରଭୃତିରୁ ଦୂରରେ ରହି ନୀରବରେ ନିଜର କର୍ମ କରିବା ନିମନ୍ତେ 'ଉତ୍କଳ–ଗୃହଲକ୍ଷ୍ମୀ' ପୁସ୍ତକରେ ସେ ନାରୀ ସମାଜକୁ ଆହ୍ୱାନ ଜଣାଇଛନ୍ତି।

ମଣିଷ ଦୀନଦରିଦ୍ର ହୋଇପାରେ, ଜୀବନ ସଂଗ୍ରାମରେ ଶତତ କ୍ଷତବିକ୍ଷତ ହୋଇପାରେ, ନିମ୍ନ ଜାତିରେ ଜନ୍ମ ନେଇପାରେ, ମାତ୍ର ତା' ଭିତରେ ମନୁଷ୍ୟତ୍ୱ ପ୍ରକାଶ ପାଇଲେ ସେ ହୁଏ ମହାନ୍। ବୈଷ୍ଣବ ପାଣି ଗଣଚେତନାର ଜାଗ୍ରତପ୍ରହରୀ। ତାଙ୍କ ଲେଖାରେ ପଲ୍ଲୀଜନତାର ହସକାନ୍ଦ ଓ ଲୁହଲହୁର ଫୁଆରା ଛୁଟିଛି। ସଚେତନ ବିପ୍ଳବୀଭାବେ ପ୍ରସଙ୍ଗକ୍ରମେ ସେ ନାନା ଉପଦେଶ ଦେଇଛନ୍ତି। ଲୌକିକ ଭାଷାରେ, ପ୍ରାକୃତିକ ପରିବେଶ ମଧ୍ୟରେ ସେ ଗାଁର ଚିତ୍ର ଓ ଚରିତ୍ର ଫୁଟାଇ ଗଣକବି ନାମର ସାର୍ଥକତା ପ୍ରତିପାଦନ କରିଛନ୍ତି।

କବିଙ୍କ ଜୀବନର ଦାରୁଣ ଦୁଃଖମୟ ସମୟର କରୁଣ ଅନ୍ତଃସ୍ୱର ତାଙ୍କ ରଚନାରେ ପ୍ରତିଭାତ ହୁଏ। ଯାତ୍ରା ଜଗତର ଏଇ ବିଦ୍ଧାଣୀ, ୧୯୫୬ ମସିହା ବୈଶାଖ ଅମାବାସ୍ୟାରେ ଇହଲୀଳା ସମ୍ବରଣ କରିଥିଲେ। ସେ ଗୀତିନାଟ୍ୟ ମାଧ୍ୟମରେ ସମାଜର ଦୋଷଦୁର୍ବଳତାକୁ ପ୍ରକାଶ କରିବାରେ ସାମାନ୍ୟ ଦ୍ୱିଧା କରିନାହାନ୍ତି। ନିଜ ଆତ୍ମଜୀବନୀରେ ମଧ୍ୟ ନିଜର ଦୋଷ, ଦୁର୍ବଳତାକୁ ସ୍ୱୀକାର କରିଛନ୍ତି।

ଆଜି ତାଙ୍କ ମୃତ୍ୟୁର ଅନେକ ଦିନ ପରେ ବି ତାଙ୍କ ଲେଖନୀର ମାର୍ମିକ ମୁଗ୍ଧ ଉଚ୍ଚାରଣ ଗୁଞ୍ଜରି ଉଠେ:

"ଯାହା କରିଗଲେ ତୋତେ ଭାବିବ ଦୁନିଆ
ତାହା ଯାଉଥା କରି
ମରିଯିବୁ ଯେବେ କାନ୍ଦିବେ ସରବେ
ନୟନୁ ବୁହାଇ ବାରି ॥"

ମୋ–୯୮୬୧୪୫୪୪୭୦

## ପୁସ୍ତକ ପରିଚୟ

### ଦୁଆର ଏପଟୁ

**କବି:** ରମାକାନ୍ତ ରଥ
**ପ୍ରକାଶକ:** ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ–୨
**ପ୍ରଥମ ପ୍ରକାଶ:** ୨୦୨୦, **ମୂଲ୍ୟ:** ଟ ୧୫୦/–

ମୋଟ ୩୭ଟି କବିତା ସ୍ଥାନିତ ଆଲୋଚ୍ୟ କବିତା ଗ୍ରନ୍ଥରେ। ଯାହାର ପ୍ରଥମ କବିତା 'ଦୁଆର ଏପଟୁ', ଯାହା ଦେଇ ଗ୍ରନ୍ଥର ନାମକରଣ। ଶ୍ରୀରାଧା ଓ ଶ୍ରୀପଳାତକର ଚେତନାଗତ ସୋପାନଟି ଠାରୁ 'ଦୁଆର ଏପଟୁ'ର ଚେତନାସ୍ତର ଅପୃଥକ ରହିଥିଲେ ବି ରମାକାନ୍ତଙ୍କୁ ଆମର ଏଇ ଜାଗତିକ ସଂସାରର ଛୋଟ ଛୋଟ ସୁଖଦୁଃଖ ମଧ୍ୟରେ ଆତଯାତ ହେବା ଦେଖି ସନ୍ତୋଷରେ ପେଟ ପୂରିଯାଏ। ଭିତରୁ ଦୁଆର କିଳା ଯାଇଛି ଓ ଶକ୍ତ ଧକ୍କାରେ ତାହା ଖୋଲିଯାଉଛି। ଏ କ'ଣ ମୃତ୍ୟୁ ଭିନ୍ନ ଅନ୍ୟ କିଛି ହୋଇପାରେ ? କିନ୍ତୁ କବିତାର ମଞ୍ଜି ସତ୍ୟଟି ରହିଛି 'ମରଣ ଅସତ୍ୟ ହୋଇଯାଏ ଯେଉଁ ସତ୍ୟରେ ସେ ସତ୍ୟ ହୋଇ ତମେ/ମୋ ପାଖକୁ କେବେ ଆସିଲନି' – ଏଇ ଉପଲବ୍ଧିରେ। ଜୀବନର ଯେଉଁ 'ହାଇଁପାଇଁ' ଆମ ସମୟର ଓଡ଼ିଆ କବିତାରେ ତା'ର ସାର୍ଥକ ରୂପକାର ଯେ ରମାକାନ୍ତ, ତାହା ବହିଟିର ପ୍ରାୟ କବିତାରୁ ପ୍ରମାଣିତ ହୁଏ। 'ମୋ ମୁହଁପଟ ଖରାରେ ଝଲସୁ ଥଲା, ମୁଁ/ପିଠି ପଟେ ଜହ୍ନରାତି ହୋଇଯାଇଥିଲି (ପର ଆପଣା), 'କେତେ ନା କେତେ ଶବ୍ଦର ବଢ଼ିପାଣିରେ ତା' ଓଠ ଟଳମଳ ହେଉଥିଲା' (ପକ୍ଷୀ), 'ଯୁଆଡ଼େ ଚାହିଁଲେ ଦିଶେ ବଖରା ବଖରା/ ଭାଗ୍ୟ ଜଳିଯାଏ ଲିଭୁ ନଥିବା ନିଆଁରେ' ଓ 'ଆଜି କ'ଣ ଧର୍ମଘଟ? ମନେ ପଡୁ ନଥିବା କାହାଣୀ/ପରି ଶୁନ୍‌ଶାନ୍ ଏ ସହର' (ତମେ, ମୁଁ) ଭଳି ଧାଡ଼ିଗୁଡ଼ିକୁ ଭେଟିବା ପାଇଁ ରମାକାନ୍ତଙ୍କ କବିତାର ଆଲୁଅ–ଅନ୍ଧାର ଝିଲିମିଲି ପାଟ ଭିତରେ ଅଣନିଃଶ୍ୱାସୀ ହେଇ ପାଠକ ଧାଉଁଥାଏ। ବହିରେ ଥିବା 'କାଞ୍ଚନ', 'ରଖିଗଲି', 'କହିପାରିଲି କି', 'ଢୁଠ', 'ସନ୍ନ୍ୟାସୀ', 'ବୁଲା ବିକାଳି', 'ଦଉଡ଼ିରୁ ଝୁଲୁଥିବା ସ୍ତ୍ରୀ ଲୋକ' ଓ 'ପାଠ ସରିଲେ' ଭଳି କବିତାରେ ସମକାଳୀନ ସମୟ ତା'ର ସବୁତକ ବିସ୍ମୟ ନେଇ ହାଜିର୍ ଥାଏ।




### ଅନ୍ୟ ଦୃଷ୍ଟିରେ ବିଦ୍ୟୁତ୍‌ପ୍ରଭା




**ସଂପାଦନା:** ସଚ୍ଚିଦାନନ୍ଦ ମହାନ୍ତି
**ପ୍ରକାଶକ:** ପଶ୍ଚିମା ପବ୍ଲିକେଶନ୍‌ସ, ନୟାପଲ୍ଲୀ, ଭୁବନେଶ୍ୱର–୧୨
**ପ୍ରଥମ ପ୍ରକାଶ:** ୨୦୨୦,
**ମୂଲ୍ୟ:** ଟ. ୨୬୦/–

କବି ବିଦ୍ୟୁତ୍‌ପ୍ରଭାଙ୍କ ଜୀବନୀ ଓ କୃତିକୁ ନେଇ ତାଂକ ପୁତ୍ର ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତିଙ୍କ ଶୃଙ୍ଖଳିତ ସଂପାଦନାରେ ପ୍ରକାଶ ପାଇଛି "ଅନ୍ୟ ଦୃଷ୍ଟିରେ ବିଦ୍ୟୁତ୍‌ପ୍ରଭା" ଶୀର୍ଷକ ୨୮୦ ପୃଷ୍ଠାର ଏକ ମନୋଜ୍ଞ ଗ୍ରନ୍ଥ। ପ୍ରଖ୍ୟାତ ଲେଖକ ମନୋଜ ଦାସ ଲେଖିଛନ୍ତି ଏହାର ମୁଖବନ୍ଧ ଓ ଅଗ୍ରକଥନ ଲେଖିଛନ୍ତି ସଚ୍ଚିଦାନନ୍ଦ। ବିଦ୍ୟୁତ୍‌ପ୍ରଭାଙ୍କ ଲିଖିତ "ନାରୀର ସମସ୍ୟା" ଶୀର୍ଷକ ଲେଖାକୁ ମିଶାଇ ଏ ତିନୋଟି ରଚନା ସାଂଗକୁ ଅନ୍ୟ ତିନୋଟି ଭାଗରେ ବିଦ୍ୟୁତ୍‌ପ୍ରଭାଙ୍କ ସ୍ମୃତିଚାରଣ ଓ ତାଂକ ଲେଖାର ଅନୁଶୀଳନ ସ୍ଥାନ ପାଇଛି। ସନାତନ ମହାନ୍ତି, ପଞ୍ଚାନନ ମହାନ୍ତି, ସଚ୍ଚିଦାନନ୍ଦ ଓ ମିନତି ମହାନ୍ତି ପ୍ରମୁଖ ଲେଖିଛନ୍ତି ପାରିବାରିକ ଅନୁଭୂତି କବିଙ୍କୁ ନେଇ। ଶଶୀଭୂଷଣ ରାୟ, ଚିତ୍ତରଞ୍ଜନ ଦାସ, ମାୟାଧର ମାନସିଂହ, ରାଧାମୋହନ ଗଡ଼ନାୟକ, କୁଞ୍ଜବିହାରୀ ଦାଶ, ନିତ୍ୟାନନ୍ଦ ଶତପଥୀ ଓ ଯଦୁନାଥ ଦାଶ ମହାପାତ୍ର ଆଦି ୧୪ ଜଣ ବିଶିଷ୍ଟ ଲେଖକ ବିଦ୍ୟୁତ୍‌ପ୍ରଭାଙ୍କ ସାହିତ୍ୟ କୃତିର ଆକଳନ କରିଛନ୍ତି ଗୋଟିଏ ଭାଗରେ ଓ ଅନ୍ୟ ଭାଗରେ ବିଦ୍ୟୁତ୍‌ପ୍ରଭାଙ୍କ ବ୍ୟକ୍ତିଗତ ତଥା ସାଧିକା ଜୀବନର ସ୍ମୃତି ମନେ ପକାଇଛନ୍ତି ବିଶ୍ୱମ୍ଭର ସାମନ୍ତ, ରାଧା ଦେବୀ ଓ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ। ବହିଟି ବିଦ୍ୟୁତ୍‌ପ୍ରଭାଙ୍କ ସଂପର୍କରେ ଯେ ଏକ ପ୍ରାମାଣିକ ଗ୍ରଂଥ, ଏଥିରେ ସନ୍ଦେହ ନାହିଁ। ମାନସିଂହ ଲେଖିଛନ୍ତି – ରୋଷେଇଘର ଚୁଲୀର ଧୂଆଁ ଓ ନବ କିଶଳୟ ସୌରଭବାହୀ ପ୍ରଥମ ଦକ୍ଷିଣାକୁ ଏକାଧାରରେ ଭୋଗ କରିବାର ଅକଳ୍ପନୀୟ ସୌଭାଗ୍ୟ ଯାହାର, ତା'ରି ନାଆଁ ବିଦ୍ୟୁତ୍‌ପ୍ରଭା। ଏହି ବିଦ୍ୟୁତ୍‌ପ୍ରଭାଙ୍କୁ ପାଠକେ ନାନା ଭାବେ ଏ ବହିଟିରୁ ପାଇ ଧନ୍ୟ ହେବେ ବୋଲି ଆଶା।

## କାଳକାଳକୁ



**"ଶିକ୍ଷା ହେଉଛି ଆମ ନିଜ ଅଜ୍ଞତାର ଏକ ପ୍ରଗତିଶୀଳ ଆବିଷ୍କାର"**
**– ଉଇଲ୍ ଡୁରାଣ୍ଟ୍**

ଉଇଲ୍ ଡୁରାଣ୍ଟଙ୍କର ଜନ୍ମ ୫ ନଭେମ୍ବର ୧୮୮୫ରେ ଆମେରିକାର ନର୍ଥ ଆଡାମ୍‌ସରେ ଓ ପରଲୋକ ୭ ନଭେମ୍ବର ୧୯୮୧ରେ ଲସ୍ ଆଞ୍ଜେଲ୍‌ସରେ। ପୂରା ନାମ ଉଇଲିୟମ୍ ଜେମ୍‌ସ ଡୁରାଣ୍ଟ୍। ଏକାଧାରରେ ସେ ଲେଖକ, ଐତିହାସିକ ଓ ଦାର୍ଶନିକ। "The Story of Civilistation" ବହିର ଲେଖକ ଭାବେ ସେ ବିଶ୍ୱବିଦିତ। ୧୧ ଖଣ୍ଡରେ ପ୍ରକାଶିତ ଏହି ବହିଟିକୁ ସେ ଓ ତାଙ୍କ ସ୍ତ୍ରୀ ଏରିଏଲ୍ ଡୁରାଣ୍ଟ୍ ମିଳିତ ଭାବେ ଲେଖିଥିଲେ। ୧୯୩୫ରୁ ୧୯୭୫ ମଧ୍ୟରେ ଏହା ପ୍ରକାଶ ପାଇଥିଲା। ଡୁରାଣ୍ଟ୍ କହିଥିଲେ– "ଜ୍ଞାନ ହେଉଛି କାମନାର ଚକ୍ଷୁ ଓ ପ୍ରୟୋଜନରେ ଆତ୍ମାର ଚାଳକ ମଧ୍ୟ।"

# ଡାକେ ମତେ ଦିଶୁନଥିବା ରାସ୍ତାଟିଏ...

## ସୃଜନ-ସ୍ମୃତି


ହିରଣ୍ମୟୀ ମିଶ୍ର

**ହିରଣ୍ମୟୀ ମିଶ୍ରଙ୍କ ଜନ୍ମ ୨ ଜୁନ୍ ୧୯୬୮ରେ, ଖୋର୍ଦ୍ଧା ଜିଲା ବାଣପୁରର ଅଚ୍ୟୁତରାଜପୁର ଗାଁରେ। ବୃତ୍ତି- ରାଜନୀତି ବିଜ୍ଞାନରେ ଅଧାପନା। ପ୍ରକାଶିତ ପ୍ରମୁଖ ଗଳ୍ପଗ୍ରନ୍ଥ: 'ପ୍ରଥମା', 'କିନ୍ନରୀର କାବ୍ୟ', 'ବାସ୍ନାୟିତ ରାତି', 'ଗୋଟିଏ ବର୍ଷାରାତିର କାହାଣୀ' ଓ 'ନୀଳରଂଗର ନିଶା'। ଉପନ୍ୟାସ: 'ଅନ୍ୟତମା ପ୍ରିୟତମା', 'ଗୋଟିଏ ସପନର ଅପେକ୍ଷାରେ' ଓ 'ମେଘ ପକ୍ଷୀର ଗୀତ'। ଓଡ଼ିଆ କଥା ସାହିତ୍ୟକୁ ଉଲ୍ଲେଖନୀୟ ଅବଦାନ ପାଇଁ ମିଳିଛି 'ଭାରତୀୟ ଭାଷା ପରିଷଦ ପୁରସ୍କାର', 'କାଦମ୍ବିନୀ ଶ୍ରେଷ୍ଠ ଗାଳ୍ପିକା ପୁରସ୍କାର', 'ରବି ପଟ୍ଟନାୟକ ସ୍ମୃତି ପୁରସ୍କାର' ଓ 'କଥା ନବ ପ୍ରତିଭା ପୁରସ୍କାର'।**

କୁହାଯାଏ, ଶବ୍ଦ ବ୍ରହ୍ମ। ବ୍ରହ୍ମ କ'ଣ ମୁଁ ଜାଣେନା, କିନ୍ତୁ ଏତିକି ଜାଣିଛି ଆଜି ପର୍ଯ୍ୟନ୍ତ ଜୀବନ ବଞ୍ଚିବା ଭିତରେ ଯେ ଶବ୍ଦ ହିଁ କେବଳ ମୋ ସୃଜନ ଶକ୍ତିର ଆଧାର। ମୋ ପାଇଁ, ମୋ ପୃଥିବୀରେ ମୋ ଶବଦ୍‌ର, ସୃଜନର ସଂସାର ହିଁ ବେଶୀ ସତ, ବାକି ସବୁ ତୁଚ୍ଛା କୋଳାହଳ। ଜୀବନର ସେ ସବୁଦିନିଆ କୋଳାହଳ ଭିତରେ ବଞ୍ଚିବାକୁ ହୁଏ, ସୃଜନ–ମୁହୂର୍ତ୍ତର ଅପେକ୍ଷାରେ। ଖୁବ୍ ପିଲାବେଳୁ, ଗୋଟେ ଶୃଙ୍ଖଳିତ ପିଲାଦିନର ସମୟରୁ ହିଁ ଶବ୍ଦ ଆଉ ସୃଜନର ସଂସାର ମତେ ଆକର୍ଷିତ କରିଆସିଛି।

ମୋ ଗାଁରେ ପ୍ରକୃତିର ଅପରୂପ ବିଭବ। ଘରର ଝର୍କା ଖୋଲିଦେଲେ ଦିଶେ ଘଣ୍ଟଶିଳା, ଗାଁ ପାଖଦେଇ ବହିଯାଇଛି ଶାଳିଆ, ଟିକିଏ ଆଗକୁ ଆସିଲେ ଭାଲେରୀ, ସୋଲରୀ ପାହାଡ଼ ଆଉ ଚିଲିକାର ଆଦିଗନ୍ତ ସୁନୀଳ ତରଳ ଜଳ ରେଖା। ଏମାନେ ହାତଠାରି ଡାକନ୍ତି, ସୃଜନର ସମ୍ଭାବନାମୟ ଜଗତ ଭିତରକୁ, ଚିରକାଳ। ଆଜି ବି ଅନ୍ୟମନସ୍କ କରନ୍ତି, ଯାବତୀୟ ଜଞ୍ଜାଳଗ୍ରସ୍ତ ମନକୁ। ଏମାନେ ସୃଜନର ଚିରସ୍ଥାୟୀ ପ୍ରେରଣା, ଏଯାବତ୍। ଅନେକଙ୍କ ପରି ମୋର ବି ସୃଜନ ଜୀବନ କବିତାରୁ ଆରମ୍ଭ। କବିତାକୁ ଭଲପାଏ ଖୁବ୍। କିନ୍ତୁ ମତେ ଲାଗିଲା, ମୋ ଜୀବନ କ୍ରମଶଃ ଅସହଜ ହେଇ ଯାଇଛି। ଆଉ ଶହ ଶହ ମଣିଷଙ୍କ ପରି ମତେ କାଇଁକି ଦିଶେ ନାଇଁ ସହଜ ରାସ୍ତାଟି ? କାହିଁକି ଥରକୁ ଥର ଦିଶୁନଥିବା ରାସ୍ତାଟିଏ ହିଁ ଡାକୁଥାଏ ମତେ? କାଇଁକି ମୁଁ ଡେଇଁପଡ଼େ ଅଗ୍ନିର ଆବର୍ତ୍ତ ଭିତରକୁ ?

ମୁଁ ଏମିତି କରେ ନା କେହି ଜଣେ କରାଉଥାଏ ମୋ ଦ୍ୱାରା ? ଏ କାଇଁକି ସବୁର ଉତ୍ତର ମିଳେନା ମତେ କବିତାରେ। ମୋ କବିତା ସବୁ ସରିଯାଏ, କିନ୍ତୁ ଜୀବନର ଗପ ଯେ ସରେନା! ମୋ ଜୀବନ ରାସ୍ତାଟି ଏତେ ଅସମତଳ ହୋଇଚାଲେ ଯେ ଏଠି ସହସ୍ରେ ଗପ ଦିଶେ। ଏସବୁ ଜୀବନ ଗପକୁ ମୁଁ ଆଖିବୁଜି ବଂଚିପାରେନା। କେବେ କେବେ ମନେହୁଏ ଯେ ମୋ ଜୀବନ ଯେମିତି ଗପଭର୍ତ୍ତି ପେଡ଼ିଟିଏ ତାକୁ ମତେ ଲେଖିବାକୁ ହେବ, କାଗଜକଲମରେ। ନ ହେଲେ ଏ ସବୁ ଏମିତି ରହିଯିବେ, କେହି କେବେ ଜାଣିପାରିବେନି ଯେ କେମିତି ସାଧାରଣ ଝିଅଟିଏ ଦିନେ ସୃଜନର ଯତ୍ ସାମାନ୍ୟ ସାମର୍ଥ୍ୟକୁ ନେଇ ବଂଚିଥିଲା ଅସାଧାରଣ ଜୀବନଟିଏ।

ହଁ, ଅସାଧାରଣ କହିଲି, ଏଇଥିପାଇଁ ଏଇ ଦମ୍ଭରେ ଯେ ଗୋଟେ ଲମ୍ବା ସମୟର ପ୍ରେମହୀନ, ଘୃଣାଭର୍ତ୍ତି ଜୀବନ ମୁଁ ପାର କରିଆସିଛି। ଏଇ ସୃଜନର ହାତଧରି। କାହା ସହ ବାଣ୍ଟି ପାରିଥାନ୍ତି କି ସତରେ କେତେ ଧୂଳି, ଧୂଆଁ, କେତେ କଷ୍ଟ, କେତେ ଅନିଭୋଗ ଏ ଜୀବନରେ! ସେଇଥିପାଇଁ ତ ଗପ ଲେଖେ, ଟିକିଏ ଟିକିଏ କରି ବାଣ୍ଟି ଦେଇଯାଏ, ଭାଗ କରିଯାଏ ଆଉ କାହାର ଜୀବନରେ, ଆଉ କୋଉ ଚରିତ୍ର ମାଧ୍ୟମରେ ଏସବୁ କହି ନ ହେଉଥିବା ଦୁଃସ୍ୱପ୍ନ ପରି ପଛ ଦିନ। ପୁଣି ନିଜକୁ ପ୍ରସ୍ତୁତ କରୁଥାଏ ଆସି ନ ଥିବା ସମୟ ସବୁ ପାଇଁ। ପ୍ରତି ସୃଷ୍ଟି ଯେମିତି ନିଜକୁ ନିଃସ୍ୱ କରିବାର ସୁଯୋଗ ଦିଏ। ସରିସରି ଯାଉଥାଏ ମୁଁ ଶେଷଯାଏଁ। ପୁଣି ସରିବାର ଏ ପ୍ରକ୍ରିୟାର ଶେଷ ବିନ୍ଦୁରୁ ସେଇ ଯୋଉ ବହୁଚର୍ଚ୍ଚିତ ପକ୍ଷୀ ଫିନିକ୍‌ସ ପରି ଜନ୍ମନିଏ ମୁଁ, ଶୁଦ୍ଧ ସୁନା ଆଉଟା ପ୍ରଥମ ବିନ୍ଦୁରେ, ପୁଣି ଆଖି ବିଛେଇ ଦିଏ ସେଇ ରାସ୍ତାରେ।

ନିଜକୁ ବାଣ୍ଟିଦେବାର, ନିଜକୁ ନିଜଠୁ ଅଲଗା କରି ଦେଖିପାରିବାର, ନିଜକୁ ଯଥା ସମ୍ଭବ ସଂକ୍ଷିପ୍ତତାରୁ ମୁକ୍ତ କରି ପ୍ରକ୍ଷେପିତ କରିପାରିବାର ଯାତ୍ରା ହିଁ ମୋର ସୃଜନର ସ୍ମୃତିମୟ ରାସ୍ତା। ଏ ରାସ୍ତାରେ ତିରିଶବର୍ଷ ପୂରା କରିବା ପରେ ବି ଲାଗେ ଯେ ସବୁ ବାକି ଅଛି, କିଛି ଲେଖିହେଇନି ଏଯାବତ୍। ଏବେ ବି ବେଳ ଅବେଳରେ ମୋ ଭିତରୁ ଡେଇଁପଡେ ସ୍ୱପ୍ନଭର୍ତ୍ତି ଆଖିନେଇ କିଶୋରୀ ଝିଅଟିଏ। ସେ ମୋତେ କେବେକେବେ ଦୁଷ୍ଟାମିରେ ପଚାରେ କେତେବାଟ ଗଲ ଏ ରାସ୍ତାରେ ? ମୁଁ ଉତ୍ତର ଦିଏନା, ଦେଇପାରେନା, ବରଂ ତା ହାତଧରି ବାହାରିପଡ଼େ ନୂଆକରି ଜୀବନ ବଂଚିବାକୁ, ନୂଆ କରି ଭଲ ପାଇବାକୁ।

ମୋ: ୭୮୯୪୭୪୪୦୦୧

## ମିନିଗଳ୍ପ

### ଉପାୟ

**ଅଲେଖ ଚନ୍ଦ୍ର ମିଶ୍ର**

ପତିଙ୍କର ଘରକୁ ଆସିବା ସମୟ ହୋଇଯାଇଥିବାରୁ ଖୁବ୍ ଶୀଘ୍ର ରୋଷେଇ ସାରୁସାରୁ ସାମାନ୍ୟ ଅନ୍ୟମନସ୍କ ହୋଇ ଚିନି ଭାବି ତରକାରିରେ ପୋଷେ ଲୁଣ ଅଜାଡ଼ି ଦେଲେ ଶୀଳା। ହେଲେ ସଙ୍ଗେସଙ୍ଗେ ଜାଣିପାରି ମୁଣ୍ଡରେ ହାତ ଦେଇ ବସିପଡ଼ିଲେ। ଟିକେ ଆଣି ଚାଖିଲେ। ଛି... କି ଲୁଣିଆ! ଏବେ ଉପାୟ କ'ଣ ? ସାନି ତରକାରି ତିଆରି କରିବାକୁ ସମୟ ନାହିଁ। ... ହଠାତ୍ କଲିଂବେଲ୍‌ର ଆବାଜ୍ ଶୁଣି ଦରଜା ଖୋଲିଲେ ଶୀଳା। ଭିତରକୁ ପଶି ଆସୁଆସୁ ବରାଦ କଲେ ଖଦ୍ୟୋତ– 'ଟିକେ ଶୀଘ୍ର ବଢ଼ାବଢ଼ି କରିଲ ଶୀଳା, ଆଜି ଭାରି ଭୋକ।' ସଙ୍ଗେ ସଙ୍ଗେ ସବୁ ବଢ଼ାବଢ଼ି କରି ଥୋଇ ଦେଇ ଭୟରେ ଥରୁଥିଲେ ସେ। ଇଏ ଯେମିତିଆ ଲୋକ, ପାଟିରେ



ମାରୁମାରୁ ଥୁ ଥୁ କରି ଉଠିଯିବେ। ଭୋକରେ ଛଟପଟ ହେବେ ପଛକେ ଆଉ ଖାଇବେନି। କ'ଣ ଏବେ କରିବେ ? ହେ ଭଗବାନ, ଉପାୟ କହିଦିଅ।

ଭୟରେ ହଠାତ୍ ତାଙ୍କ ପାଟିରୁ ବାହାରି ପଡ଼ିଲା, "ଆଜି ଏ ତିଅଣ କେମିତି ଲାଗୁଛି ଦେଖିଲ! ପଡ଼ିଶାଘର ମ୍ୟାଡାମ୍ ଆଣି ଦେଇଗଲେ ତ!"

"କିଏ, ସାମଲ ମ୍ୟାଡାମ୍?" "ହଁ, କାହିଁକି ଭଲ ହେଇନି କି?"

"ଆରେ ନା, ନା, ଭଲଠାରୁ ବି ଭଲ। ସବୁଠାରୁ ସ୍ପେଶାଲ। କି ଟେଷ୍ଟ୍! ଯାହା ଦେଖୁଛି ତାଙ୍କୁ ରାନ୍ଧିବାର କାଇଦା ବେଶ୍ ଜଣା। ତାଙ୍କୁ ମାନିବାକୁ ପଡ଼ିବ! ଆଃ..." ଆନନ୍ଦରେ ସବୁତକ ଚାଟିଚୁଟି ସଫା କରିଦେଲେ ଖଦ୍ୟୋତ। ତାଙ୍କର ପରିତୃପ୍ତିକୁ ଦେଖି ଦୀର୍ଘଶ୍ୱାସ ଛାଡୁଥିଲେ ଶୀଳା, "ଧନ୍ୟରେ ପୁରୁଷ ଜାତି!!"

ମୋ– ୯୪୩୮୬୭୩୮୯୮

ଧରିତ୍ରୀ
DHARITRI
ଗୁରୁବାର, ୫ ନଭେମ୍ବର, ୨୦୨୦



ମଧ୍ୟପ୍ରଦେଶର ପାନ୍ନା ଜିଲାରେ ୨ ଜଣ ଶ୍ରମିକଙ୍କ ଭାଗ୍ୟ ଖୋଲିଯାଇଛି। ମାଟି ଗଦାରୁ ସେମାନଙ୍କୁ ହୀରା ମିଳିଛି। ଜରୁଆପୁରର ଦିଲ୍ଲୀପ ମିଶ୍ରଙ୍କୁ ୭.୪୪ କ୍ୟାରେଟ୍ ଓଜନର ହୀରା ମିଳିଛି। ସେହିପରି କୃଷ୍ଣ କଲ୍ୟାଣପୁରର ଲଖନ ଯାଦବଙ୍କୁ ୧୪.୯୮ କ୍ୟାରେଟ୍ ଓଜନର ହୀରା ମିଳିଛି। ଏନେଇ ହୀରା ନିରୀକ୍ଷକ ଅନୁପମ ସିଂ ମଙ୍ଗଳବାର ସୂଚନା ଦେଇଛନ୍ତି।



# ସମୁଦ୍ର ଭିତରେ ବିଶାଳ ନଦୀ

**ଧରାବକ୍ଷରେ ପ୍ରବହମାନ ଜଳସ୍ରୋତକୁ ନଦୀ ବା ଝରଣା କୁହାଯାଏ। କେବଳ ପୃଥିବୀ ପୃଷ୍ଠରେ ଏଭଳି ଧାରା ପ୍ରବାହିତ ବୋଲି ଧାରଣା ରହିଛି। ହେଲେ ଏହା ସମ୍ପୂର୍ଣ୍ଣ ଭୁଲ୍। ମହାସାଗରର ଅତଳ ଗର୍ଭରେ ମଧ୍ୟ ବିଶାଳକାୟ ନଦୀ ପ୍ରବାହିତ ହେଉଛି। ପୂର୍ବରୁ ଏହାକୁ ମନଗଢ଼ା କାହାଣୀ ବୋଲି ବିଚାର କରାଯାଉଥିଲା। ହେଲେ ପ୍ରକୃତିର ରହସ୍ୟ ମଧ୍ୟରୁ ଏହା ଗୋଟିଏ ବୋଲି ବୈଜ୍ଞାନିକମାନେ ସ୍ପଷ୍ଟ କରିଛନ୍ତି।**



ପୃଥିବୀ ପୃଷ୍ଠ ଭଳି ସମୁଦ୍ର ଅଭ୍ୟନ୍ତରରେ ମଧ୍ୟ ନଦୀ ପ୍ରବାହିତ। ହେଲେ ପ୍ରକୃତିର ଏହି ରହସ୍ୟ ଉପରୁ ପରଦା ହଟି ନ ଥିଲା। ତେବେ ସମୁଦ୍ରବିଜ୍ଞାନୀମାନେ ସମୁଦ୍ର ଅଭ୍ୟନ୍ତରରେ ପ୍ରବାହିତ ଏଭଳି ଅନେକ ନଦୀ ଖୋଜିବାରେ ସଫଳ ହୋଇଛନ୍ତି। ଅତି ବିଶାଳକାୟ ଏହି ନଦୀଗୁଡ଼ିକ ସାମୟିକ ଭାବେ ନିଜର ସ୍ରୋତ ଏବଂ ଦିଗ ପରିବର୍ତ୍ତନ କରିଥାନ୍ତି ବୋଲି ସେମାନେ କହିଛନ୍ତି।

ସର୍ବପ୍ରଥମେ ମେକ୍ସିକୋର ସମୁଦ୍ର ତଳେ ଏପରି ଏକ ନଦୀକୁ ଠାବ କରାଯାଇଥିଲା। ଏହାର ନାମ ରଖାଯାଇଥିଲା 'ସିନୋତେ ଏଞ୍ଜୋଲିନା'। ଏହା ସମୁଦ୍ରର ହାରାହାରି ୧୧୫ ଫୁଟ ତଳେ ପ୍ରବାହିତ। ଏହାର ପାଣି ସ୍ୱଚ୍ଛ। ସମୁଦ୍ର ପାଣି ସହିତ ମିଶି ରହିଥିବାରୁ ଏହାର ପାଣି ଲବଣାକ୍ତ। ସେହିପରି କୃଷ୍ଣ ସାଗରରେ ଖୋଜାଯାଇଥିବା ନଦୀ ପୃଥିବୀର ଷଷ୍ଠ ବଡ଼ ନଦୀ। ଏହା ସମୁଦ୍ର ଆଭ୍ୟନ୍ତରରେ ୧୦୦ ଫୁଟ ତଳେ ପ୍ରବାହିତ। ଏହାର ବେଗ ଘଣ୍ଟାପ୍ରତି ୪ ମାଇଲ୍। ଥରକରେ ଏହା ୨୨୦୦୦ କ୍ୟୁବିକ୍ ମିଟର ସ୍ରୋତ ନେଇ ଆଗକୁ ମାଡ୍ଡୁଛି। କେତେକ ସ୍ଥାନରେ ଏହାର ଚଉଡ଼ା ୦.୬ ମାଇଲ୍ ବୋଲି ଜଣାପଡ଼ିଛି। କେବଳ ଏତିକି ନୁହେଁ, ସମୁଦ୍ର ଆଭ୍ୟନ୍ତରରେ ହ୍ରଦ ଏବଂ ପ୍ରପାତ ମଧ୍ୟ ରହିଥିବା ବୈଜ୍ଞାନିକମାନେ ଦାବି କରିଛନ୍ତି।

ତେବେ ସମୁଦ୍ରରେ ନଦୀର ଉତ୍ପତ୍ତି, ସ୍ରୋତ ପୃଥକ୍ ରହିବା ଏବଂ ଧାରା କିପରି ଜଣାପଡ଼େ ବୋଲି ପ୍ରଶ୍ନ ଉଠିବା ସ୍ୱାଭାବିକ। ଏହାର ପ୍ରମୁଖ କାରଣ ସମୁଦ୍ର ପାଣିର ଘନତ୍ୱ, ଯାହା ପୃଥକ୍ ସ୍ଥାନରେ ଭିନ୍ନ। ଲବଣାଂଶ ମାତ୍ରା ମଧ୍ୟ ଅନୁରୂପ। ଯେତେବେଳେ ସମାନ ଘନତ୍ୱ ଯୁକ୍ତ ଜଳସ୍ରୋତ ପରସ୍ପର ମଧ୍ୟରେ ମିଶିଯାଆନ୍ତି ସେତେବେଳେ ସମୁଦ୍ର ଭିତରେ ନୂଆ ଧାରା ସୃଷ୍ଟି ହୋଇଥାଏ। ଏହି ଛୋଟ ଛୋଟ ଧାରା ମିଶି ବଡ଼ ସ୍ରୋତରେ ରୂପାନ୍ତରିତ ହୋଇଥାନ୍ତି। ସମୁଦ୍ର ସହିତ ମିଶି ରହିଥିଲେ ମଧ୍ୟ ଏହା ସହଜରେ ଜଣାପଡ଼ିଥାଏ। ଏହାର କମ୍ପନ ମଧ୍ୟ ଅନୁଭବ କରିହୁଏ। ଦ୍ୱିତୀୟତଃ ସମୁଦ୍ର ପୃଷ୍ଠରେ ସୂର୍ଯ୍ୟ କିରଣ ମଧ୍ୟ ସମାନ ଭାବେ ପଡ଼ି ନ ଥାଏ। ତେଣୁ କେଉଁଠାରେ ପାଣି ଅଧିକ ଗରମ ତ ଆଉ କେଉଁଠି ଥଣ୍ଡା ହୋଇଥାଏ। ଥଣ୍ଡା ଏବଂ ଗରମ ମଧ୍ୟରେ ତାରତମ୍ୟ ବଢ଼ିଲେ ସମୁଦ୍ରରେ ଚାପ ସୃଷ୍ଟି ହୋଇ ଧାରାରେ ରୂପାନ୍ତରିତ ହୋଇଥାଏ। ସମୁଦ୍ର ପୃଷ୍ଠରେ ପ୍ରବାହିତ ପବନ ସ୍ରୋତକୁ ପ୍ରଭାବିତ କରେ। ତୃତୀୟତଃ ପୃଥିବୀ ନିଜ କକ୍ଷ ଚାରିପଟେ ଘୂରିବା ଦ୍ୱାରା ମଧ୍ୟ ସମୁଦ୍ରରେ ନଦୀ ସ୍ରୋତ ସୃଷ୍ଟି ହୋଇଥାଏ। ସାଧାରଣତଃ ଉତ୍ତର ଗୋଲାର୍ଦ୍ଧରେ ସାମୁଦ୍ରିକ ଧାରା ଘଣ୍ଟାର ଅନୁକୂଳ ଦିଗରେ (କ୍ଲକ୍ ୱାଇଜ୍) ଏବଂ ଦକ୍ଷିଣ ଦିଗରେ ଘଣ୍ଟାର ପ୍ରତିକୂଳ ଦିଗରେ (ଆଣ୍ଟି କ୍ଲକ୍ ୱାଇଜ) ସୃଷ୍ଟି ହୋଇଥାଏ।

ଗଲ୍ଫ ସ୍ରୋତକୁ ସମୁଦ୍ର ଆଭ୍ୟନ୍ତରରେ ପ୍ରବାହିତ ସବୁଠାରୁ ବଡ଼ ନଦୀର ମାନ୍ୟତା ମିଳିଛି। ପୃଥିବୀର ସମସ୍ତ ନଦୀର ଧାରା ମିଶିଲେ ମଧ୍ୟ ଏହା ତୁଳନାରେ ଛୋଟ ହେବ। ଏହି ସ୍ରୋତର ରଙ୍ଗ ନୀଳ। ସାଟେଲାଇଟ ଚିତ୍ରରୁ ଏହା ସ୍ପଷ୍ଟ ଜଣାପଡୁଛି। ଏହି ନଦୀ ପୂର୍ବ ଆମେରିକା ତଟବର୍ତ୍ତୀ ଅଞ୍ଚଳରୁ ସୃଷ୍ଟି ହୋଇ ୟୁରୋପର ଉତ୍ତର ଦିଗ ଆଡ଼କୁ ଗତି କରିଛି। ଏହାର ପାଣି ଅପେକ୍ଷାକୃତ ଉଷ୍ମ। ଏହି ନଦୀର ସ୍ରୋତ ପାଇଁ ନରୱେ ନିକଟବର୍ତ୍ତୀ ବନ୍ଦରଗୁଡ଼ିକରେ ବରଫ ଜମି ନ ଥାଏ। ବ୍ରାଜିଲ, ଜାପାନ, ଉତ୍ତର ଭୂମଧ୍ୟସାଗର, ଉତ୍ତର ପ୍ରଶାନ୍ତ ମହାସାଗରରେ ମଧ୍ୟ ସାମୁଦ୍ରିକ ନଦୀ ପ୍ରବାହିତ। ଏହି ନଦୀ ସାମୁଦ୍ରିକ ଜୀବଙ୍କ ଖାଦ୍ୟ ଭଣ୍ଡାର। ଏହାର ସ୍ରୋତରେ ବହିଆସୁଥିବା ପୋଷକ ତତ୍ତ୍ୱ ସାମୁଦ୍ରିକ ଜୀବଙ୍କୁ ଆହାର ଯୋଗାଇଥାଏ।

# ଡିସେମ୍ବରରେ ବାହାହେବେ ଆଦିତ୍ୟ



**ମୁମ୍ବାଇ:** କଣ୍ଠଶିଳ୍ପୀ ଉଦିତ୍ ନାରାୟଣଙ୍କ ପୁଅ ତଥା କଣ୍ଠଶିଳ୍ପୀ ଆଦିତ୍ୟ ନାରାୟଣ ଖୁବ୍‌ଶୀଘ୍ର ବିବାହ ବନ୍ଧନରେ ବାନ୍ଧି ହେବାକୁ ଯାଉଛନ୍ତି। ଡିସେମ୍ବରରେ ଅଭିନେତ୍ରୀ ଶ୍ୱେତା ଅଗ୍ରୱାଲଙ୍କୁ ସେ ନିଜର ଜୀବନ ସାଥୀ ଭାବେ ବାଛିଛନ୍ତି। ଏନେଇ ଇନ୍‌ଷ୍ଟାଗ୍ରାମରେ ଆଦିତ୍ୟ ଘୋଷଣା କରିଛନ୍ତି। ଇନ୍‌ଷ୍ଟଗ୍ରାମରେ ଆଦିତ୍ୟ ଶ୍ୱେତାଙ୍କ ସହ ଏକ ଫଟୋ ଶେୟାର କରି କ୍ୟାପ୍‌ଶନରେ ଏକ ପ୍ରେମଭରା ବାର୍ତ୍ତା ଲେଖିଛନ୍ତି। ୧୧ବର୍ଷ ପୂର୍ବରୁ ଶ୍ୱେତାଙ୍କୁ ପାଇ ନିଜକୁ ଭାଗ୍ୟଶାଳୀ ମନେ କରିଛନ୍ତି ଆଦିତ୍ୟ। ଶେଷରେ ଦୁଇଜଣ ବିବାହ କରିବାକୁ ଯାଉଛୁ ବୋଲି ସେ ଉଲ୍ଲେଖ କରିଛନ୍ତି। ଆହୁରି ମଧ୍ୟ ସେ ଲେଖିଛନ୍ତି, ଆଗକୁ ବିବାହ ଥିବାରୁ ପ୍ରସ୍ତୁତି ପାଇଁ ବ୍ୟସ୍ତ ରହିବି। ତେଣୁ କିଛି ସମୟ ଲାଗି ସୋସିଆଲ ମିଡିଆରୁ ବିରତି ନେଇଛି ବୋଲି ଆଦିତ୍ୟ କହିଛନ୍ତି। ସୂଚନା ମୁତାବକ ୨୦୧୦ରେ ହରର୍ ଫିଲ୍ମ 'ଶାପିତ'ର ସେଟ୍‌ରେ ପ୍ରଥମ ଥର ଆଦିତ୍ୟ ଓ ଶ୍ୱେତାଙ୍କ ସାକ୍ଷାତ୍ ହୋଇଥିଲା। ଏହା ପରେ ଦୁହେଁ ଦୁହିଁଙ୍କୁ ଡେଟ୍ କରିଥିଲେ।



# ଦମ୍ପତିଙ୍କ କରୱାଚୌଥ ପୂଜା




**ଲକ୍ଷ୍ନୌ:** ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଥିବା ପ୍ରେମ, ତ୍ୟାଗ ଓ ସମର୍ପଣର ପ୍ରତୀକ ହେଉଛି କରୱାଚୌଥ ପୂଜା। ଦେଶରେ ବୁଧବାର କରୱାଚୌଥ ପର୍ବ ପାଳନ କରାଯାଉଛି। ଏହି ଦିନ ବିବାହିତା ମହିଳାମାନେ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ନିର୍ଜଳା ବ୍ରତ ରଖିଥାନ୍ତି ଏବଂ ରାତିରେ ଜହ୍ନକୁ ଦେଖି ନିଜର ବ୍ରତ ଭାଙ୍ଗିଥାନ୍ତି। ସବୁ ପର୍ବ ଭଳି ଏହି ପର୍ବରେ ବି କରୋନାର ପ୍ରଭାବ ପଡ଼ିଥିବା ଦେଖିବାକୁ ମିଳିଛି। ଚଳିତ ଥର କେହି ଏକାଠି କରୱାଚୌଥ ପାଳନ ନ କରୁ ନ ଥିବା ବେଳେ ସମସ୍ତେ ନିଜ ନିଜ ଘରେ ପୂଜା କରୁଛନ୍ତି। ଅନ୍ୟପଟେ ଏହି ପର୍ବ ପାଇଁ ମଙ୍ଗଳବାର ଉତ୍ତରପ୍ରଦେଶ ଲକ୍ଷ୍ନୌରେ ଥିବା ବିଭିନ୍ନ ବଜାର ଗୁଡ଼ିକରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଜଣେ ଦମ୍ପତି କରୱାଚୌଥ ପୂଜା ପାଇଁ କିଣିଥିବା ଢ଼ାଳ(କରୱା)ର ଦାମ୍ ୧୬ ଲକ୍ଷ ଟଙ୍କା। ଉକ୍ତ ଦମ୍ପତି ଜଣକ ସରାଫା ବଜାରରୁ ଏତେ ଟଙ୍କା ଦେଇ ଏକ ସୁନା ଢ଼ାଳ ବା କରୱା କିଣିଛନ୍ତି। ଏହାର ଓଜନ ୩୦୦ରୁ ଊର୍ଦ୍ଧ୍ୱ ଗ୍ରାମ୍‌ର ରହିଥିବା ବେଳେ ଏଥିପାଇଁ ଉକ୍ତ ଦମ୍ପତି ୧୦ ଦିନ ପୂର୍ବରୁ ଅର୍ଡର ଦେଇ ତିଆରି କରାଇଥିଲେ। ସେହିପରି ଅନ୍ୟଜଣେ ଦମ୍ପତି ୨କିଲୋ ଓଜନର ରୁପାର ଢ଼ାଳ ବା କରୱାକୁ ୨ଲକ୍ଷ ଟଙ୍କା ଦେଇ କିଣିଛନ୍ତି ବୋଲି ଦୋକାନ ମାଲିକ କହିଛନ୍ତି।

# ଚାଇନାରେ ହେଲା ଟଙ୍କା ବର୍ଷା

**ବେଜିଂ:** ଡ୍ରଗ୍ସ ନେବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ତେବେ ଚାଇନାରେ ଜଣେ ଡ୍ରଗ୍ସ ସେବନକାରୀଙ୍କ ଯୋଗୁ ଲୋକେ ମାଲା ମାଲ୍ ହୋଇଛନ୍ତି। ସମ୍ପୃକ୍ତ ଯୁବକ ଜଣକ ଡ୍ରଗ୍ସ ନିଶାରେ ବାସ କରୁଥିବା ୩୦ ମହଲା କୋଠାର ବାଲକୋନୀରୁ ଟଙ୍କା ଉଡ଼ାଇଥିଲେ। ହଠାତ୍ ଆକାଶରୁ ଟଙ୍କା ବର୍ଷା ହେଉଥିବା ଦେଖି ଲୋକ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ସେମାନଙ୍କ ମଧ୍ୟରେ ଟଙ୍କା ଗୋଟାଇବା ପାଇଁ ଟଣା ଓଟରା ଆରମ୍ଭ ହୋଇଥିଲା। ଏନେଇ ଟ୍ରାଫିକ୍ ସମସ୍ୟା ଉପୁଜିଥିଲା। ଭିଡ଼ ହଟାଇବା ପାଇଁ ଟ୍ରାଫିକ୍ ପୋଲିସ ନୟାନ୍ତ ହୋଇଯାଇଥିଲେ। ଏହି ଘଟଣା ପଶ୍ଚିମ ଚାଇନାର ସପିଙ୍ଗ୍‌ବା ସହରରେ ଘଟିଛି। ସମ୍ପୃକ୍ତ ନିଶାଗ୍ରସ୍ତ ଯୁବକଙ୍କୁ ପୋଲିସ ଗିରଫ କରିଛି। ଏବେ ଏହି ଘଟଣା ସୋସିଆଲ୍ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି।



# ସଚେତନତାର ନିଆରା ଷ୍ଟାଇଲ୍

**ନୂଆଦିଲ୍ଲୀ:** କଥାରେ ଅଛି କଠିନ ପରିଶ୍ରମ ବଳରେ ସବୁ କ୍ଷେତ୍ରରେ ସଫଳତା ମିଳିଥାଏ। ଏମିତିକି ଛୋଟ ଏବଂ ଦୁର୍ବଳ ବି ଅନେକ ସମୟରେ ସବଳ ଉପରେ ବିଜୟପ୍ରାପ୍ତ କରିଥାଏ। ଠିକ୍ ଏହି କଥାକୁ ବୁଝାଇବା ପାଇଁ ଠେକୁଆ ଓ କଇଁଛ ଗପ ବି ପ୍ରାୟ ସମସ୍ତେ ଶୁଣିଥିବେ। ଏବେ ଏହି ଉଦାହରଣକୁ ନେଇ ଲୋକଙ୍କୁ ସଚେତନ କରିବା ଆରମ୍ଭ କରିଛି ପୁଣେ ପୋଲିସ। କଇଁଛର ଏକ ଫଟୋ ସୋସିଆଲ୍ ମିଡିଆରେ ଶେୟାର କରି ପୋଲିସ କ୍ୟାପସନ୍‌ରେ କହିଛି ଯେ, ଧୀରେ ଏବଂ ନିରାପଦ ଯାତ୍ରା ହିଁ ଦୀର୍ଘପଥ ଅତିକ୍ରମ କରିବାରେ ସଫଳତା ପ୍ରଦାନ କରିଥାଏ। ତେଣୁ ସମସ୍ତେ ସଡ଼କ ସୁରକ୍ଷା ଏବଂ ନିଜର ନିରାପଦ ଯାତ୍ରା ନିମନ୍ତେ କଇଁଛ ଭଳି ହେବା ଉଚିତ।




ନିରାପଦ ଯାତ୍ରା କରିବା ପାଇଁ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଏଭଳି ଏକ ମାଧ୍ୟମକୁ ଆପଣାଇ ଏବେ ଚର୍ଚ୍ଚାକୁ ଆସିଛି ପୁଣେ ପୋଲିସ। ପୁଣେ ପୋଲିସର କହିବା ଅନୁସାରେ କଇଁଛ ଯେଉଁଭଳି ଧୀରେ ଧୀରେ ଚାଲି ବି ଲକ୍ଷ୍ୟପଥରେ ପହଞ୍ଚିପାରେ ସେହିଭଳି ସମସ୍ତେ ରାସ୍ତାରେ ନିରାପଦ ଯାତ୍ରା କରିବା ଉଚିତ। ଏହା ସହିତ ପୋଲିସ ମଧ୍ୟ କଇଁଛର ଏକ ଫଟୋ ଶେୟାର କରି ସେଥିରେ ସଡ଼କ ସୁରକ୍ଷାର ହାସ୍ ଟ୍ୟାଗ ଦେଇ କହିଛି କି,ଏକ ଛୋଟ ଜୀବ ବି ନିଜ ସୁରକ୍ଷା ନିମନ୍ତେ ହେଲ୍‌ମେଟ୍ ପିନ୍ଧିବାର ଗୁରୁତ୍ୱକୁ ବୁଝିପାରିଛି। ତେଣୁ କଇଁଛଠାରୁ ହିଁ ସମସ୍ତେ ଏହି ଶିକ୍ଷା ଗ୍ରହଣ କରିବା ଉଚିତ। ଲୋକଙ୍କୁ ଧୀରେ ଗାଡ଼ି ଚଳାଇବା, ହେଲ୍‌ମେଟ୍ ପିନ୍ଧିବା ଆଦି ନେଇ ସଚେତନ କରାଇବା ଉଦ୍ଦେଶ୍ୟରେ ପୋଲିସର ଏଭଳି ନିଆରା ଷ୍ଟାଇଲ୍ ସମସ୍ତଙ୍କୁ ବେଶ୍ ଆକୃଷ୍ଟ କରିପାରିଛି। ସେଥିପାଇଁ ଏବେ ପୋଲିସର ଏହି ମେସେଜ୍ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଲୋକେ ଏହି ମେସେଜ୍‌କୁ ଲାଇକ୍ କରିବା ସହିତ ସୁନ୍ଦର କମେଣ୍ଟ ବି ଦେଉଛନ୍ତି।

# ୯ ବର୍ଷରେ ବିଶ୍ୱ ରେକର୍ଡ

**ହାଇଦ୍ରାବାଦ:** ହାଇଦ୍ରାବାଦର ବାଳକ ଏସ୍.ପି. ଶଙ୍କର। ମାତ୍ର ୯ ବର୍ଷ ବୟସରେ ସେ ବିଭିନ୍ନ ଶୈଳୀରେ ରୁବିକ୍ସ କ୍ୟୁବ୍ ସମାଧାନ କରି ଆନ୍ତର୍ଜାତୀୟ ସ୍ତରର ପୁରସ୍କାର ହାସଲ କରିପାରିଛନ୍ତି।

ହାଇଦ୍ରାବାଦର ମାତ୍ର ୯ ବର୍ଷ ବୟସର ବାଳକ ହେଉଛନ୍ତି ଏସ୍.ପି. ଶଙ୍କର। ରୁବିକ୍ସ କ୍ୟୁବ୍‌କୁ ଭିନ୍ନ ଶୈଳୀରେ ସମାଧାନ କରି ଏବେ ସେ ଜାତୀୟ ସ୍ତରର ପୁରସ୍କାର ସହିତ ଅନ୍ତର୍ଜାତୀୟ ପୁରସ୍କାର ବି ହାସଲ କରିପାରିଛନ୍ତି। ଶଙ୍କରଙ୍କ ମା' ଦିବ୍ୟାମଙ୍ଗଳ ଶଙ୍କରଙ୍କ କହିବା ଅନୁସାରେ ଛୋଟବେଳରୁ ହିଁ ତାଙ୍କ ପୁଅର ରୁବିକ୍ସ କ୍ୟୁବ୍ ପ୍ରତି ଏଭଳି ଏକ ଆକର୍ଷଣ ରହିଛି। ମାତ୍ର ୬ ବର୍ଷ ବୟସରୁ ସେ ରୁବିକ୍ସ କ୍ୟୁବ୍ ଖେଳ ଆରମ୍ଭ କରି ସଫଳତା ହାସଲ କରିଛନ୍ତି। ଶଙ୍କର ସବୁବେଳେ ରୁବିକ୍ସ କ୍ୟୁବ୍ ହାତରେ ଧରି ଖେଳୁଥାନ୍ତି। ଆଉ ଏହି ଖେଳ ପ୍ରତି ଛୋଟବେଳରୁ ତାଙ୍କର ଆକର୍ଷଣ ହିଁ ତାଙ୍କୁ ଖୁବ୍‌ଶୀଘ୍ର ଏହି ସଫଳତା ଦେଇପାରିଛି। ଏବେ ସେ ମାତ୍ର ୯ ବର୍ଷ ବୟସରେ ମଗାମିକ୍ସ (୧୨ ଫେସ୍ ଥିବା ଏକ ପ୍ରକାରର ରୁବିକ୍ କ୍ୟୁବ୍) ବି ସମାଧାନ କରିପାରୁଛନ୍ତି। ତେବେ ଶଙ୍କରଙ୍କର ରୁବିକ୍ସ କ୍ୟୁବ ସମାଧାନ ଅଭ୍ୟାସ ଏତେ ଅଧିକ ହୋଇଯାଇଛି ଯେ, ଏବେ ସେ ପାଣି ଭିତରେ ଥାଇ ବି ଏହି ସମାଧାନ କରିପାରୁଛନ୍ତି। କେବଳ ସେତିକି ନୁହେଁ ଶଙ୍କର ସ୍କେଟିଂ ବି ଅଭ୍ୟାସ କରୁଛନ୍ତି ଆଉ ଏହି ସ୍କେଟିଂ ସମୟରେ ବି ସେ ରୁବିକ୍ସ କ୍ୟୁବ ସମାଧାନ କରି ରେକର୍ଡ କରିପାରିଛନ୍ତି।




# ଖାଆନ୍ତୁ କଦଳୀଗଛର ମୂଳ

**ନୂଆଦିଲ୍ଲୀ:** କଦଳୀ ଖାଇବାକୁ ପ୍ରାୟ ସମସ୍ତେ ଭଲପାଆନ୍ତି। ଏହା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ବୋଲି ପ୍ରାୟ ସମସ୍ତେ ଜାଣନ୍ତି। କିନ୍ତୁ କେହି ହୁଏତ ଜାଣି ନ ଥିବେ କି କଦଳୀ ଭଳି ସେହି ଗଛର ମୂଳ ମଧ୍ୟ ଖାଇହେବ। କଦଳୀ ଗଛର ମୂଳରେ ଭିଟାମିନ୍-ଏ, ବି ଓ ସି, ସେରୋଟୋନିନ୍, ଟୋନିନ୍, ହେପାମାଇନ୍ ଆଦି ପ୍ରଚୁର ମାତ୍ରାରେ ରହିଛି। ତେଣୁ ବିଶେଷଜ୍ଞଙ୍କ କହିବା ଅନୁସାରେ କଦଳୀ ଭଳି ସେହି ଗଛର ମୂଳ ଖାଇବା ଫଳରେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହେବା ସହିତ ବିଭିନ୍ନ ପ୍ରକାର ରୋଗର ଉପଶମ ହୋଇଥାଏ। କଦଳୀ ଗଛର ମୂଳ ଖାଇବା ଫଳରେ ବିଭିନ୍ନ ରୋଗ ଭଲ ହୋଇଥାଏ। ନିୟମିତ ଏହାକୁ ଖାଇବା ଫଳରେ ଉଚ୍ଚ ରକ୍ତଚାପ ନିୟନ୍ତ୍ରିତ ହୋଇଥାଏ। ତେବେ ଏହାକୁ ଉପଯୁକ୍ତ ବିଧିରେ ହିଁ ଖାଇବାକୁ ହେବ। ରକ୍ତଚାପ ରୋଗୀମାନେ ୧୦୦ ଗ୍ରାମ୍ କଦଳୀ ଗଛର ମୂଳକୁ ପାଣିରେ ସିଝାଇ କାଢ଼ା ଭଳି ଦିନକୁ ଦୁଇ କିମ୍ବା ତିନି ଥର ପିଇବା ଉଚିତ। କଦଳୀ ଗଛରେ ମୂଳରେ ଆଣ୍ଟିପାୟରେଟିକ୍ ତତ୍ତ୍ୱ ବି ରହିଛି। ତେଣୁ ଏହି କାଢ଼ା ପିଇବା ଫଳରେ କୁଣ୍ଡାଇହେବା କିମ୍ବା ତ୍ୱଚା ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ଦୂର ହୋଇଥାଏ। କଦଳୀ ମୂଳରେ ହେପାମାଇନ୍ ଭରପୂର ମାତ୍ରାରେ ରହିଥିବାରୁ ଏହା ଗ୍ୟାସଟ୍ରିକ୍ ସମସ୍ୟା ବି ଦୂର କରିଥାଏ। ଏଥିରେ ଭିଟାମିନ୍ ଏ' ପ୍ରଚୁର ମାତ୍ରାରେ ଥିବାରୁ ଦୃଷ୍ଟିଶକ୍ତିକୁ ଠିକ୍ ରଖିବାରେ ବି ସାହାଯ୍ୟ କରେ।



# ଭୂକମ୍ପରେ ଦୋହଲିବ ଦିଲ୍ଲୀ

**ନୂଆଦିଲ୍ଲୀ:** ରାଜଧାନୀ ଦିଲ୍ଲୀ ଭୂକମ୍ପ ଜୋନ୍‌ରେ ରହିଛି। ଏଠାରେ ଗତ ୨ ବର୍ଷ ମଧ୍ୟରେ ୬୪ ଥର ଭୂକମ୍ପ ହୋଇଛି। ସେଥିମଧ୍ୟରୁ ୫୬ଥର ହୋଇଥିବା ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୪ରୁ ୪.୯ ମଧ୍ୟରେ ରହିଛି। ୮ଥର ୫ରୁ ଅଧିକ ତୀବ୍ରତା ଯୁକ୍ତ ଭୂକମ୍ପ ଘଟିଛି। ଏହାକୁ ନେଇ ଭୂବିଜ୍ଞାନୀଙ୍କ ଚିନ୍ତା ବଢ଼ିବାରେ ଲାଗିଛି। ଏନେଇ ୱାଡ଼ିଆ ଇନଷ୍ଟିଚ୍ୟୁଟ୍ ଅଫ୍ ହିମାଳୟନ ଜିଓଲୋଜିର ଗବେଷକ ଅଧ୍ୟୟନ ଆରମ୍ଭ କରିଛନ୍ତି। ଲଗାତାର

## ଭୂବିଜ୍ଞାନୀଙ୍କ ଚିନ୍ତା ବଢୁଛି

କାହିଁକି ଦିଲ୍ଲୀ ଏବଂ ଏହାର ଆଖପାଖ ଅଞ୍ଚଳରେ ଭୂକମ୍ପ ହେଉଛି ତାହାର କାରଣ ଖୋଜା ଚାଲିଛି। ଗବେଷକମାନେ ମ୍ୟାଗ୍ନେଟୋଟେଲୋରିକ୍ ଏବଂ ରିକ୍ଟର ସ୍କେଲ ଆଦି ଉପକରଣ ଦ୍ୱାରା ଅନୁଧ୍ୟାନ କରୁଥିବା ୱାଡ଼ିଆ ଇନଷ୍ଟିଚ୍ୟୁଟ୍ ଅଫ୍ ହିମାଳୟନ ଜିଓଲୋଜିର ନିର୍ଦ୍ଦେଶକ ଡ. କଳାଚନ୍ଦ ସାଇ ସୂଚନା ଦେଇଛନ୍ତି। ଏହି ଅଞ୍ଚଳରେ ୭ରୁ ୧୦ ତୀବ୍ରତାଯୁକ୍ତ ଭୂକମ୍ପ ହେବାର ଆଶଙ୍କା କମ୍ ରହିଛି। କିନ୍ତୁ ଯଦି ଭବିଷ୍ୟତରେ ଏଠାରେ ୬ ତୀବ୍ରତା ଯୁକ୍ତ ଭୂକମ୍ପ ଘଟେ ତେବେ ବହୁ କ୍ଷୟକ୍ଷତି ହେବା ସହ ଦିଲ୍ଲୀ ଦୋହଲିଯିବ ବୋଲି ସେ କହିଛନ୍ତି। ଭୂକମ୍ପ କେବେ ହେବ ତାହା ଆକଳନ କରିବା କଷ୍ଟକର। ତେଣୁ ଏନେଇ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ସମେତ ସାଧାରଣ ଲୋକମଧ୍ୟ ସଚେତନ ହେବାର ଆବଶ୍ୟକତା ରହିଛି। ଭୂକମ୍ପ ନିରୋଧୀ କୋଠା ନିର୍ମାଣ କରାଯିବାର ଆବଶ୍ୟକତା ରହିଥିବା ସେ କହିଛନ୍ତି। ଏହାଦ୍ୱାରା କ୍ଷୟକ୍ଷତି ଆଶଙ୍କା କମ୍ ରହିବ। ରାଜଧାନୀ ଦିଲ୍ଲୀର ଆଖାପାଖ ଅଞ୍ଚଳରେ ଭୂଗର୍ଭରେ ଶକ୍ତିସ୍ତରରେ ପରିବର୍ତ୍ତନ ଯୋଗୁ ଚାପରେ ଅଦଳବଦଳ ହେଉଛି। ଏହାଯୋଗୁ ଲଗାତାର ଭୂକମ୍ପ ହେଉଥିବା ଅନୁମାନ କରାଯାଉଛି ବୋଲି ସେ କହିଛନ୍ତି।






# ଦୀପାବଳିକୁ ଅପେକ୍ଷା

ଦିନ ଯେତିକି ପାଖେଇ ଆସୁଛି ତାପସୀ ପାନ୍ନୁଙ୍କ ଉତ୍କଣ୍ଠା ସେତିକି ବଢ଼ି ବଢ଼ି ଚାଲିଛି। ଦୀପାବଳି ଦିନକୁ ସେ ଶୁଭ ଦିନ ଭାବରେ ନେଇଛନ୍ତି ଆଉ ସେହି ଦିନ ସେ ତାଙ୍କର ନୂତନ ଗୃହ ପ୍ରବେଶ କରିବେ। ନିକଟରେ ସେ ବମ୍ବେର ଅନ୍ଧେରୀରେ ଏକ ନୂଆ ଆପାର୍ଟମେଣ୍ଟ କିଣିଛନ୍ତି। ଏହାକୁ କିଣିବା ପରେ ସେ ଏହାର ଇଣ୍ଟେରିୟର ଡେକୋରେସନରେ କିଛି ପରିବର୍ତ୍ତନ କରିଥିଲେ। ଆଉ ଏବେ ନୂଆ ଘରକୁ କେବଳ ପ୍ରବେଶ ବାକି। ଏ ସମ୍ପର୍କରେ ତାପସୀ କହନ୍ତି, 'ଦୀପାବଳି ଏକ ଶୁଭ ଦିନ। ତେଣୁ ସେହି ଦିନ ହିଁ ମୁଁ ନୂଆ ଘରକୁ ଯିବି। ମୋଟ ଉପରେ କହିବାକୁ ଗଲେ ଏହା ହେଉଛି ମୋ ଡ୍ରିମ୍ ହୋମ୍। ଏହି ଆପାର୍ଟମେଣ୍ଟ ବିଷୟରେ ଜାଣିବା ପରେ ମୁଁ ତାହାକୁ କିଣିବାକୁ ଡେରି କରି ନ ଥିଲି।'


ତାପସୀ

## ସେହି ତିନି ବର୍ଷ

ବଲିଉଡ୍‌ର ଅନ୍ୟତମ ଆଗଧାଡ଼ିର ଅଭିନେତା ଟାଇଗର ଶ୍ରଫ। ନିଜର ଅଭିନୟ, ଆକ୍ସନ ଏବଂ ଡ୍ୟାନ୍ସ ବଳରେ ସେ ଯୁବପିଢ଼ି ଦର୍ଶକଙ୍କ ହୃଦୟରେ ଅଧିକାର କରିଛନ୍ତି ସ୍ୱତନ୍ତ୍ର ସ୍ଥାନ। ନିଜର ପ୍ରଥମ ଫିଲ୍ମ 'ହେରୋପନ୍ତି'ର ଶୁଟିଂ ଆରମ୍ଭ ହେବା ପୂର୍ବରୁ ତାଙ୍କୁ ବେଶ୍ ପରିଶ୍ରମ କରିବାକୁ ପଡ଼ିଥିଲା। ଅବଶ୍ୟ ନିଜ ଫିଜିକାଲ ଫିଟ୍‌ନେସ ପ୍ରତି ସେ ପୂର୍ବରୁ ଗୁରୁତ୍ୱ ଦେଇଆସୁଥିଲେ। ହେଲେ ଏହି ଫିଲ୍ମ ସାଇନ୍ କରିବା ପରେ ନିଜକୁ ଆହୁରି ଫିଟ୍ ରଖିବା ପାଇଁ ଦୀର୍ଘ ତିନି ବର୍ଷ ଦିନରାତି ଏକାଠି କରିଦେଇଥିଲେ। ମାର୍ଶାଲ ଆର୍ଟ ବ୍ୟତୀତ ଜିମନାଷ୍ଟିକ୍ ଟ୍ରେନିଂ ନେଇଥିଲେ। ଏହାପୂର୍ବରୁ ଆଉ ଏକ ଘଟଣା ଘଟିଥିଲା। ବଡ଼ ପରଦାରେ ଏଣ୍ଟ୍ରି କରିବା ପୂର୍ବରୁ ତାଙ୍କୁ 'ଫୌଜି' ନାମକ ଏକ ଧାରାବାହିକରେ ଅଭିନୟ କରିବାକୁ ଅଫର ମିଳିଥିଲା। କିନ୍ତୁ ସେ ବଲିଉଡ୍‌ରୁ ହିଁ ନିଜ କ୍ୟାରିୟର ଆରମ୍ଭ କରିବାକୁ ଚାହୁଁଥିଲେ, ତେଣୁ ସେହି ଅଫରକୁ ସେ ପ୍ରତ୍ୟାଖାନ କରିଥିଲେ। ଟାଇଗର ଜଣେ ଶାକାହାରୀ। ତାଙ୍କର ପ୍ରକୃତ ନାମ ହେଲା ଜୟ ହରମନ୍ତ ଶ୍ରଫ।


ଟାଇଗର

ରିଲିଜ ଅପେକ୍ଷାରେ

## ପି ସେ ପ୍ଲେଜର


ସିନ୍ଧୁରା

କେବଳ ଓଡ଼ିଆ ନୁହେଁ, ହିନ୍ଦୀ ଏବଂ ବଙ୍ଗଳା ଭାଷାରେ ନିର୍ମିତ ହୋଇଛି ତ୍ରିଭାଷୀ ଚଳଚ୍ଚିତ୍ର 'ପି ସେ ପ୍ଲେଜର'। ଏକ ହଷ୍ଟେଲ୍‌ରେ ରହୁଥିବା ଦୁଇ ଜଣ ଯୁବତୀଙ୍କ ସମଲିଙ୍ଗୀ ସମ୍ପର୍କକୁ ନେଇ ଏହାର କାହାଣୀ ଗତିଶୀଳ। ଏ.ଆର୍. ପ୍ରାଇମ ବ୍ୟାନରରେ ପ୍ରସ୍ତୁତ ଏହି ଫିଲ୍ମର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ତେଲୁଗୁ ଅଭିନେତ୍ରୀ ସିନ୍ଧୁରା ସାହୁ ଏବଂ ଓଡ଼ିଆ ଅଭିନେତ୍ରୀ ଅମ୍ରିତା ମିଶ୍ର। ଏ ସମ୍ପର୍କରେ ଏହାର ନିର୍ଦ୍ଦେଶକ ଅବିନାଶ ରାଉତ କହନ୍ତି, 'ଫିଲ୍ମର କାହାଣୀ ଏବଂ ଉପସ୍ଥାପନା ଉପରେ ଗୁରୁତ୍ୱ ଦିଆଯାଇଛି। ବିଶେଷଭାବରେ ତିନୋଟି ଭାଷାରେ ନିର୍ମିତ ଏହି ଫିଲ୍ମକୁ ଦର୍ଶକ ପସନ୍ଦ କରିବେ ବୋଲି ମୋର ଆଶା ରହିଛି।' ଏହି ସିନେମା ଓଟିଟି ଫର୍ମାଟରେ ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

## ଆରମ୍ଭରୁ ଚର୍ଚ୍ଚାରେ

ଖୁବ୍ ଶୀଘ୍ର ଆଉ ଜଣେ ନବାଗତାଙ୍କୁ ବଡ଼ ପରଦାରେ ଦେଖିବାକୁ ମିଳିବ। ସେ ଅଭିନୟ କରିବାକୁ ଯାଉଥିବା ପ୍ରଥମ ସିନେମାର ଶୁଟିଂ ଇତିମଧ୍ୟରେ ରାୟଗଡ଼ାରେ ଆରମ୍ଭ ହୋଇଯାଇଛି। ହେଲେ ଓଲିଉଡ୍‌ରେ ଏବେ ତାଙ୍କୁ ନେଇ ଚର୍ଚ୍ଚା। ଏପରି କି ସେ ନିଜର ଅଭିନୟ ବଳରେ ନାୟିକା ଦୌଡ଼ରେ ସାମିଲ ହେବାକୁ ବେଶି ସମୟ ଲାଗିବ ନାହିଁ ବୋଲି ଆଲୋଚନା ହେଉଛି। ହଁ, ସେ ହେଲେ ନବାଗତା ସ୍ମିତପ୍ରଜ୍ଞା। ଓଲିଉଡ୍‌ର ଆଗଧାଡ଼ିର ପ୍ରଯୋଜକ ରମେଶ ବାରିକ ତାଙ୍କୁ ବ୍ରେକ୍ ଦେଇଛନ୍ତି। ଚିତ୍ରଟିର ଟାଇଟଲ ରହିଛି 'ସବୁ ଏ ଲଭ୍ ପାଇଁ'। ଆର.ଆର. ଇଭେଣ୍ଟ ବ୍ୟାନରରେ ଫିଲ୍ମଟିର ନିର୍ଦ୍ଦେଶନା ଦେଉଛନ୍ତି ଓଲିଉଡ୍‌ର ଗିମିକ ମାଷ୍ଟର ଭାବରେ ପରିଚିତ ସଞ୍ଜୟ ନାୟକ। ସ୍ମିତପ୍ରଜ୍ଞା ପେସାରେ ଜଣେ ଡାକ୍ତର। ପ୍ରଥମ ଥର ପାଇଁ ଅଭିନୟ ଦୁନିଆରେ ପାଦ ରଖୁଛନ୍ତି। 'ଏକ ଭିନ୍ନ ଧରଣର


ସ୍ମିତପ୍ରଜ୍ଞା

ଲଭ୍ ଷ୍ଟୋରିକୁ ନେଇ ଏହି ସିନେମା ପ୍ରସ୍ତୁତ ହେବ। ଏହି ଫିଲ୍ମର ନାୟକ ସାଜୁଛନ୍ତି 'ମୁଁ ପ୍ରେମୀ ମୁଁ ପାଗଳ'ରୁ ଓଡ଼ିଆ ସିନେମା କ୍ୟାରିୟର ଆରମ୍ଭ କରିଥିବା ହରିହର ଦାଶ। ଅନ୍ୟପକ୍ଷରେ ସିଦ୍ଧାନ୍ତ ମହାପାତ୍ର ମଧ୍ୟ ଏଥିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିବେ। ଚଳଚ୍ଚିତ୍ରର କାହାଣୀ, ଚିତ୍ରନାଟ୍ୟ, ସଂଳାପ ମଧ୍ୟ ରଚନା କରିଛନ୍ତି ନିର୍ଦ୍ଦେଶକ ସଞ୍ଜୟ। ଗୀତଗୁଡିକର ସ୍ୱର ଦେଇଛନ୍ତି ବୈଦ୍ୟନାଥ ଦାଶ।

## ଅରୁନ୍ଧତୀ

ଥରେ ମନେ ପକାନ୍ତୁ ନା ଶରତ ପୂଜାରୀ–ମିନତୀ ମିଶ୍ରଙ୍କ ଅଭିନୀତ ତଥା ଜାତୀୟ ଚଳଚ୍ଚିତ୍ର ପୁରସ୍କାର ହାସଲ କରିଥିବା ଓଡ଼ିଆ ଚଳଚ୍ଚିତ୍ର 'ଅରୁନ୍ଧତୀ'କୁ। ଧୀରେନ୍ ପଟ୍ଟନାୟକଙ୍କ ପ୍ରଯୋଜନାରେ ଫିଲ୍ମଟିର ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଥିଲେ ପ୍ରଫୁଲ୍ଲ ସେନଗୁପ୍ତ। ଗୁରୁକୃଷ୍ଣ ଗୋସ୍ୱାମୀଙ୍କ କାହାଣୀକୁ ଆଧାର କରି ସଂଳାପ ରଚନା କରିଥିଲେ ନାଟ୍ୟକାର ଆନନ୍ଦ ଶଙ୍କର ଦାଶ। ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଶାନ୍ତନୁ ମହାପାତ୍ର ଏହାର ସ୍ୱର ସଂଯୋଜନା କରିଥିଲେ। ଏବେ ପୁଣି ଥରେ ଏହି ଟାଇଟଲରେ ଆଉ ଏକ ନୂଆ ଓଡ଼ିଆ ସିନେମା ନିର୍ମିତ ହେବାକୁ ଯାଉଛି। 'ଅରୁନ୍ଧତୀ' ଟାଇଟଲବିଶିଷ୍ଟ ଏହି ଫିଲ୍ମର ପ୍ରଯୋଜନା କରୁଛନ୍ତି ଅଜିତାଭ ମଲ୍ଲିକ ଏବଂ ନିର୍ଦ୍ଦେଶନା ଦେବେ ରମେଶ ରାଉତ। ଅଭିଜିତ ମଜୁମଦାର ସଙ୍ଗୀତ ଭାର ତୁଲାଇବେ। ଏହାର ନାୟକ ଭୂମିକାରେ ରାଜବୀର ଅଭିନୟ କରିବେ ଏବଂ ତାଙ୍କର ନାୟିକା ସାଜିବେ ଏଲିନା ସାମନ୍ତରାୟ। ଚିତ୍ରଟିର ସଂଳାପ ରଚନା କରିଛନ୍ତି ଆଗଧାଡ଼ିର ସଂଳାପକାର ଡ. ରଜନୀ ରଞ୍ଜନ। ଫିଲ୍ମଟିର ଶୁଟିଂ ଚଳିତ ମାସ ଦ୍ୱିତୀୟ ସପ୍ତାହରୁ ଆରମ୍ଭ ହେବାର ଯୋଜନା ରହିଛି।


ଏଲିନା-ରାଜ୍‌ବୀର

ନୂଆ ସିନେମା

## କହିବିନି ତୋତେ ଆଇ ଲଭ୍ ୟୁ

ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ଆଧାର କରି ନିର୍ମିତ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'କହିବିନି ତୋତେ ଆଇ ଲଭ୍ ୟୁ'। ତିତିଲି ପ୍ରଡକ୍ସନସ ବ୍ୟାନର ଏଲ.ଟି. ପ୍ରଡକ୍ସନ ସହଭାଗିତାରେ ଚିତ୍ରଟିର ପ୍ରଯୋଜନା କରୁଛନ୍ତି ପ୍ରୀତିଶ ମହାନ୍ତି। ଏହାର ଚିତ୍ରନାଟ୍ୟ ରଚନା ସହ ନିର୍ଦ୍ଦେଶନା ଭାର ସମ୍ଭାଳୁଛନ୍ତି ଓଡ଼ିଆ ଆଲବମ୍ ଜଗତର ନାମୀ କୋରିଓଗ୍ରାଫର ଯୋଡ଼ି ଲୁବୁନ୍–ଟୁବୁନ୍। ସଂଳାପ ରଚନା କରିଛନ୍ତି ବାପୁ ଗୋସ୍ୱାମୀ। ଡ. ନିର୍ମଳ ନାୟକ ଏବଂ ବାପୁ ଗୋସ୍ୱାମୀଙ୍କ ରଚିତ ଗୀତଗୁଡ଼ିକର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ବୈଦ୍ୟନାଥ ଦାଶ। କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଅର୍ପିତା ଚୌଧୁରୀ ଏବଂ ଦୀପ୍ତିରେଖା ପାଢ଼ୀ। ଏହି ଫିଲ୍ମର କ୍ରିଏଟିଭ ହେଡ ଭାର ସମ୍ଭାଳୁଛନ୍ତି ପ୍ରଣୟ ଜେଠୀ। ଖାସ୍ କଥା ହେଲା, ଉକ୍ତ ଚଳଚ୍ଚିତ୍ରରୁ ପ୍ରଥମ ଥର ଲୁବୁନ୍ ବଡ଼ ପରଦାରେ ନାୟକ ସାଜିବାକୁ ଯାଉଛନ୍ତି। ତାଙ୍କ ସହ ସ୍କ୍ରିନ୍ ଶେୟାର କରିବେ ମୁମ୍ବାଇରେ ରହୁଥିବା ସୋନା। ଏହା ମଧ୍ୟ ହେଉଛି ସୋନାଙ୍କର ଡେବ୍ୟୁ ଓଡ଼ିଆ ଫିଲ୍ମ। ଲୁବୁନ୍–ସୋନା ନୂଆ ଯୋଡ଼ି ବ୍ୟତୀତ ଅର୍ପିତା କର, ସନ୍ଦୀପ ମିଶ୍ର, ରିଶ୍‌ନା, ସରୋଜ ଦାସ, ପ୍ରଭାତୀ ସାହୁ, ପୁଷ୍ପା ପଣ୍ଡା, ଅଶୋକ ଦାସ, ମିଲି ମହାନ୍ତି, ଟନିଆ, ଡିସ୍କୋ ରେଡ୍ଡି, କାଳିଆ, ଗୁଲ୍ଲୁଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ।


ଲୁବୁନ୍- ସୋନା

## ନିଆରା ନିର୍ଦ୍ଦେଶକ ରାଜୁ ମିଶ୍ର

ଦିଲୀପ ହାଲି

ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଏକ ନୂଆ ଯୁଗର ଶୁଭାରମ୍ଭ କରି ଯଦି କିଏ ଦୀର୍ଘ ବର୍ଷ ଧରି ରାଜ୍ କରିଥାଏ, ତେବେ ସେ ହେଉଛନ୍ତି ନିଆରା ନିର୍ଦ୍ଦେଶକ ରାଜୁ ମିଶ୍ର। ସିନେମାଟୋଗ୍ରାଫିରେ ନିଜର କ୍ୟାରିୟର ଆରମ୍ଭ କରିଥିଲେ। 'ସତମିଛ' ଚଳଚ୍ଚିତ୍ର ପାଇଁ ତାଙ୍କୁ ଶ୍ରେଷ୍ଠ ଚିତ୍ରୋତ୍ତୋଳନକାରୀ ଏବଂ କାହାଣୀକାର ଭାବରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ମିଳିଥିଲା। ଓଡ଼ିଆ ଚଳଚ୍ଚିତ୍ରରେ ପ୍ରଥମେ ଫୁଜି କଲର ବ୍ୟବହାର କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲେ। ସେତେବେଳେ ଏହି ଦକ୍ଷତା ପାଇଁ ଫୁଜି ଫିଲ୍ମସ ତରଫରୁ ସେ ବେଲଜିୟମ ଯାଇ ଏ ସମ୍ପର୍କରେ ଅଧିକ ଜ୍ଞାନ ଅର୍ଜନ କରିଥିଲେ। ୨୦୧୨ରେ ସେ ରାଜ୍ୟ ଚଳଚ୍ଚିତ୍ର କ୍ଷେତ୍ରରେ ସର୍ବୋଚ୍ଚ ସମ୍ମାନ 'ଜୟଦେବ ପୁରସ୍କାର'ରେ ସମ୍ମାନିତ ହୋଇଥିଲେ। କେବଳ ସେତିକି ନୁହେଁ, ସେ ହାସଲ କରିଥିବା ପୁରସ୍କାରଗୁଡିକ ମଧ୍ୟରେ ଥିଲା ସିନେ କ୍ରିଟିକ ପୁରସ୍କାର (୧୯୯୮) ଏବଂ ଅକ୍ଷୟ ସଙ୍ଗୀତ ପୁରସ୍କାର (୨୦୧୭)। ଆଜି ତାଙ୍କ ବିୟୋଗରେ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଏକ ଅପୂରଣୀୟ କ୍ଷତି ହୋଇଛି। ଓଡ଼ିଆ ଚଳଚ୍ଚିତ୍ର ଜଗତର ବିଗତ ଦିନର ଲୋକପ୍ରିୟ ଅଭିନେତା ଶ୍ରୀରାମ ପଣ୍ଡାଙ୍କୁ ନେଇ ସେ କରିଥିବା ଏକ ସିଗାରେଟ୍ କମ୍ପାନୀର ବିଜ୍ଞାପନ ସେ ସମୟରେ ବେଶ୍ ଚର୍ଚ୍ଚିତ ହୋଇଥିଲା। କଳା ଜୀବନ ଭିତରେ ସେ ଅନେକ ପରିଶ୍ରମ କରିଛନ୍ତି ତାହା ସେତେବେଳେ ତାଙ୍କ ସହିତ କାମ କରୁଥିବା କଳାକାରଟିଏ ହିଁ ଜାଣିଛି। ସେହି ପରିଶ୍ରମ ପାଇଁ ସେ ଅନେକ ପୁରସ୍କାର, ପ୍ରଶଂସା ପାଇଛନ୍ତି। ତାଙ୍କର ବିଭିନ୍ନ ଚଳଚ୍ଚିତ୍ର ଭିନ୍ନ ଭିନ୍ନ ବର୍ଗରେ ଅନେକ ଥର ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ହାସଲ କରିଛି। ସିନେମାଟୋଗ୍ରାଫର ଭାବରେ କ୍ୟାରିୟର ଆରମ୍ଭ କରି ସେ ଜଣେ ନାମୀ ନିର୍ଦ୍ଦେଶକ ସୋପାନକୁ ଯାଇପାରିଥିଲେ। ସେ ଏକାଧାରରେ ଥିଲେ ଜଣେ ଚିତ୍ରଗ୍ରହଣକାରୀ, ସ୍କ୍ରିନ୍ ପ୍ଲେ ଲେଖକ, କାହାଣୀକାର, ସଙ୍ଗୀତ



ନିର୍ଦ୍ଦେଶକ, ଗାୟକ ଏବଂ ନିର୍ଦ୍ଦେଶକ। ସେ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଅନେକ ଅଭିନେତା, ଅଭିନେତ୍ରୀଙ୍କୁ ସୁଯୋଗ ଦେଇ ସେମାନଙ୍କୁ ପ୍ରତିଷ୍ଠିତ କରାଇପାରିଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ସିଦ୍ଧାନ୍ତ ମହାପାତ୍ର,ଅପରାଜିତା ମହାନ୍ତି, ରଚନା ବାନାର୍ଜୀ, ଅଶ୍ରୁମୋଚନ ମହାନ୍ତି, ହରିହର ମହାପାତ୍ର, ସୁନୀଲ କୁମାର, ଚୌଧୁରୀ ବିକାଶ ଦାସ, ହର ପଟ୍ଟନାୟକଙ୍କ ପରି ଅନେକ। ତାଙ୍କ ନିର୍ଦ୍ଦେଶିତ 'ଉଲ୍‌କା' ଚଳଚ୍ଚିତ୍ରରେ ମହାଶ୍ୱେତା ରାୟଙ୍କ ଅଭିନୟ କେତେ ନିଖୁଣ ଥିଲା ତାହା କହିବା ବାହୁଲ୍ୟ।

ସେ ଜଣେ ଚିତ୍ରଗ୍ରହଣକାରୀ ହୋଇଥିବାରୁ ଚରିତ୍ରମାନଙ୍କୁ କିପରି ପରଦାରେ ଉପସ୍ଥାପିତ କରାଯାଇପାରିବ ସେ କଳା କେବଳ ରାଜୁ ମିଶ୍ର ଜାଣିଥିଲେ। ୧୯୭୭ରେ ସେ ପୁଣେସ୍ଥିତ ଏଫଟିଆଇରୁ ସିନେମାଟୋଗ୍ରାଫର ଭାବେ ଜଣେ ଶ୍ରେଷ୍ଠ ଛାତ୍ର ଭାବରେ ଉତ୍ତୀର୍ଣ୍ଣ ହୋଇଥିଲେ। ତା'ପରେ ସେ ଓଡ଼ିଶାକୁ ନିଜର କର୍ମଭୂମି ଭାବରେ ବାଛି ନେଇଥିଲେ। ୧୯୭୭ରୁ ୨୦୧୧ ପର୍ଯ୍ୟନ୍ତ ସେ ନିରବଚ୍ଛିନ୍ନ ଭାବରେ ନିଜ କଳାର ଚାତୁରୀ ଦେଖାଇ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଏକ ମାଇଲଖୁଣ୍ଟ ପ୍ରତିଷ୍ଠା କରିଥିଲେ। ସେ କେବଳ ବ୍ୟବସାୟିକ ଓଡ଼ିଆ ଚଳଚ୍ଚିତ୍ର ନୁହେଁ, ଅନେକ କଳାତ୍ମକ ସିନେମାର ନିର୍ଦ୍ଦେଶନା ଦେଇଥିଲେ। ଏଗୁଡ଼ିକ ଉଭୟ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ବେଶ୍ ପ୍ରଶଂସିତ ହୋଇଥିଲା।

ରାଜୁ ମିଶ୍ରଙ୍କ ମା' ସୁମତୀ ଦେବୀ ଥିଲେ ଜଣେ ଭଲ ଗାୟିକା। ନିରାକାରପୁର କଲେଜରେ ସେ ଜଣେ ଛାତ୍ର ନେତା ଭାବରେ ବେଶ୍ ପରିଚିତ ଥିଲେ। ପାଠପଢ଼ା ପରେ ସେ କିଛି ଦିନ ମେଡିସିନ୍ ରିପ୍ରେଜେଣ୍ଟେଟିଭ ଭାବରେ କାମ କରିଥିଲେ। ଜଣେ ଭଲ ଚିତ୍ରଗ୍ରହଣକାରୀ ଭାବରେ ସାଉଁଟିଥିଲେ ଅନେକ ସଫଳତା। ସେ ସମସ୍ତଙ୍କ ହୃଦୟରେ ସବୁଦିନ ପାଇଁ ରହିଥିବେ। ତାଙ୍କର ଆତ୍ମା ଶାନ୍ତିରେ ରହୁ ଏତିକି ପ୍ରାର୍ଥନା।

–ବଡଗଡ, ଭୁବନେଶ୍ୱର
ମୋ : ୯୮୬୧୦୦୯୨୫୨

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ଗୁରୁବାର, ନଭେମ୍ବର ୫/୨୦୨୦ Berhampur, Thursday, November 5/ 2020

# ସମ୍ପୂର୍ଣ୍ଣ ସୁସ୍ଥ ଅଛି: ରୋହିତ

ଶାରଜା,୪।୧୧(ପି.ଟି.)

ଏବେ ସୁସ୍ଥ ଅଛି ଓ ହାମଷ୍ଟ୍ରିଙ୍ଗ୍ ଇଞ୍ଜୁରି ମଧ୍ୟ ସମ୍ପୂର୍ଣ୍ଣ ରୂପେ ଭଲ ଅଛି ବୋଲି ଭାରତୀୟ ତାରକା ଓପନର ରୋହିତ ଶର୍ମା କହିଛନ୍ତି। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଇଞ୍ଜୁରି କାରଣରୁ ସେ ୨ ସପ୍ତାହ ଖେଳି ନ ଥିଲେ। ତେବେ ସେ ପ୍ରତ୍ୟାବର୍ତ୍ତନ କରି ପୁଣି ଥରେ ନେତୃତ୍ୱ ନେବା ସହ ମୁମ୍ବାଇ ଇଣ୍ଡିଆନ୍ସର ମଙ୍ଗ ଧରିଛନ୍ତି। ଦୁଇ ସପ୍ତାହ ଆଇପିଏଲ୍ ନ ଖେଳିବା ତାଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ତାଙ୍କୁ ଅଷ୍ଟ୍ରେଲିଆ ଗସ୍ତ ପାଇଁ ଭାରତୀୟ ଦଳରେ ସାମିଲ କରାଯାଇ ନ ଥିଲା। ଗତ ମ୍ୟାଚ୍‌ରେ ସେ ସନରାଇଜର୍ସ ହାଇଦ୍ରାବଦ୍ ବିପକ୍ଷରେ ମାତ୍ର ୭ଟି ବଲ୍ ଖେଳିଥିଲେ। ମୁମ୍ବାଇ ଏହି ମ୍ୟାଚ୍‌ରେ ୧୦ ଉଇକେଟରେ ପରାସ୍ତ ହୋଇଥିଲା।

ପ୍ରତ୍ୟାବର୍ତ୍ତନ କରିଥିବାରୁ ବେଶ୍ ଖୁସି ଅଛି। ଆଗକୁ କେତୋଟି ମ୍ୟାଚ୍ ଖେଳିବି ବୋଲି ଲକ୍ଷ୍ୟ ରଖିଛି। ହାମଷ୍ଟ୍ରିଙ୍ଗ୍ ଇଞ୍ଜୁରି ପୂରା ଭଲ ଅଛି ଓ ପୂରା ସୁସ୍ଥ ଅଛି ବୋଲି ରୋହିତ ମ୍ୟାଚ୍ ପରେ କହିଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଅଧ୍ୟକ୍ଷ ତାଙ୍କୁ ଇଞ୍ଜୁରିରୁ ପ୍ରତ୍ୟାବର୍ତ୍ତନ ନ କରିବାକୁ ସେତେଟା ବ୍ୟଗ୍ର ନ ହେବ ପାଇଁ ପରାମର୍ଶ ଦେଇଥିଲେ। ସେତେବେଳକୁ ସେ ୪ଟି ଆଇପିଏଲ୍ ମ୍ୟାଚ୍ ଖେଳି ନ ଥିଲେ। ଏହି ଇଞ୍ଜୁରି କାରଣରୁ ଭାରତୀୟ ଚୟନକର୍ତ୍ତାମାନେ ରୋହିତଙ୍କୁ ଅଷ୍ଟ୍ରେଲିଆ ଗସ୍ତ ପାଇଁ ଦଳରେ ସାମିଲ କରି ନ ଥିଲେ। ଏବେ ସେ ପ୍ରତ୍ୟାବର୍ତ୍ତନ କରି ନିଜ ଫିଟ୍‌ନେସର ପ୍ରମାଣ ଦେଇଛନ୍ତି। ରୋହିତ ବାମ ଗୋଡରେ ହାମଷ୍ଟ୍ରିଙ୍ଗ ଇଞ୍ଜୁରିର ଶିକାର ହୋଇଥିଲେ ବୋଲି ମୁମ୍ବାଇ ଇଣ୍ଡିଆନ୍ସ ଟିମ ମ୍ୟାନେଜମେଣ୍ଟ କହିଛି। ଅକ୍ଟୋବର ୧୮ ତାରିଖରେ ସେ କିଙ୍ଗ୍ସ ଇଲେଭେନ ପଞ୍ଜାବ ବିପକ୍ଷ ମ୍ୟାଚ୍‌ରେ ଆହତ ହୋଇଥିଲେ। ଅନ୍ତିମ ଲିଗ୍ ମ୍ୟାଚ୍‌ରେ ହାଇଦ୍ରାବାଦଠାରୁ ମୁମ୍ବାଇ ଲଜ୍ଜାଜନକ ଭାବେ ପରାସ୍ତ ହୋଇଥିଲା। ତେବେ ଏହି ପରାଜୟକୁ ଭୁଲି ଆମେ ଗୁରୁବାର ଖେଳାଯିବାକୁ ଥିବା ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ କ୍ୱାଲିଫାୟର-୧ ମୁକାବିଲା ଉପରେ ଫୋକସ କରୁଛୁ ବୋଲି ରୋହିତ କହିଛନ୍ତି। ଏହି ମ୍ୟାଚ୍‌ରେ ମୁମ୍ବାଇ ଦୁଇ ତାରକା ବୋଲର ଯଶପ୍ରୀତ ବୁମ୍‌ରା ଓ ଟ୍ରେଣ୍ଟ ବୋଲ୍ଟଙ୍କୁ ବିଶ୍ରାମ ଦେଇଥିଲା। ଗତ ଦୁଇଟି ମ୍ୟାଚ୍ ଖେଳି ନ ଥିବା ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଫିଟ୍‌ନେସ୍ ଠିକ ଅଛି। ତାଙ୍କୁ ବିଶ୍ରାମ ଦେଇ ଅନ୍ୟମାନଙ୍କୁ ସୁଯୋଗ ଦେବା ଅମର ଲକ୍ଷ୍ୟ ରହିଥିଲା। ପ୍ଲେ- ଅଫ୍ ଖେଳିବାକୁ ସେ ପ୍ରସ୍ତୁତ ହୋଇଥିବେ ବୋଲି ସେ ଆଶାପ୍ରକାଶ କରିଛନ୍ତି। ଦିଲ୍ଲୀ ଏକ କ୍ୱାଲିଟି ଦଳ ହୋଇଥିବାରୁ ଆମ ସମ୍ମୁଖରେ ବଡ଼ ଚ୍ୟାଲେଞ୍ଜ ରହିଛି। ତେବେ ଆମେ ପ୍ଲେ-ଅଫ୍‌ରେ ଭଲ ପ୍ରଦର୍ଶନ କରିବାକୁ ପ୍ରୟାସ କରିବୁ ବୋଲି ରୋହିତ କହିଛନ୍ତି।



ମହିଳା ଟି୨୦ ଚ୍ୟାଲେଞ୍ଜ୍‌ରେ ସୁପରନୋଭାସ୍ ଦଳର ଅଧିନାୟିକା ହରମନପ୍ରୀତ୍ କୌରଙ୍କ ଉଇକେଟ ନେବାପରେ ଖୁସି ମନାଉଛନ୍ତି ଭେଲୋସିଟି ଦଳର ଜାହାନରା ଆଲାମ।

# ଭେଲୋସିଟି ୫ ଉଇକେଟରେ ବିଜୟୀ

ଶାରଜା, ୪।୧୧

ମହିଳା ଟି୨୦ ଚ୍ୟାଲେଞ୍ଜ୍‌ର ଲୋ ସ୍କୋରିଂ ବିଶିଷ୍ଟ ପ୍ରଥମ ମ୍ୟାଚରେ ଭେଲୋସିଟି ୫ ଉଇକେଟରେ ସୁପରନୋଭାସକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ସୁପରନୋଭାସ୍ ୨୦ ଓଭରରେ ୮ ଉଇକେଟ ହରାଇ ୧୨୬ ରନ କରିଥିବାବେଳେ ଭେଲୋସିଟି ୧୯.୫ ଓଭରରେ ୫ ଉଇକେଟ ହରାଇ ୧୨୯ ରନ ସଂଗ୍ରହ କରି ନେଇଥିଲା।

ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ଭେଲୋସିଟି ଦଳର ଅଧିନାୟିକା ମିଥାଲି ରାଜ। ସୁପରନୋଭାସ ଭଲ ଆରମ୍ଭ କରିଥିଲେ ହେଁ ବଡ଼ ପାର୍ଟନରଶିପ୍ ଅଭାବରୁ ସମ୍ମାନଜନକ ସ୍କୋର କରିପାରି ନ ଥିଲା। ଓପନିଂ ଯୋଡ଼ିରେ ୩୨ ବଲ୍‌ରୁ ୩୦ ରନ ହେବାପରେ ପ୍ରିୟା ପୁନିଆ ୧୧ ରନ କରି ଆଉଟ ହୋଇଥିଲେ। ଅନ୍ୟତମ ଓପନର ଶ୍ରୀଲଙ୍କାର ଚାମରି ଆଟାପାଟ୍ଟୁ ସର୍ବାଧିକ ୪୪(୩୯ ବଲ, ୨ ଚୌକା, ୨ ଛକା) ରନ କରିଥିବାବେଳେ ଅଧିନାୟକ ହରମନପ୍ରୀତ କୌର ଦ୍ୱିତୀୟ ସର୍ବାଧିକ ୩୧(୨୭ ବଲ, ୧ ଚୌକା, ୨ ଛକା) ରନର ଯୋଗଦାନ ଦେଇଥିଲେ। ଚାମରି ଓ ହରମନପ୍ରୀତଙ୍କ ୩ୟ ଉଇକେଟ ଯୋଡ଼ିରେ ସର୍ବାଧିକ ୪୭ ରନର ଭାଗୀଦାରି ହୋଇଥିଲା। ଅନ୍ୟ ବ୍ୟାଟ୍ସୱମ୍ୟାନମାନେ ବିଫଳ ହେବାରୁ ସୁପରନୋଭାସ ୨୦ ଓଭରରେ ୮ ଉଇକେଟ ହରାଇ ୧୨୬ ରନ କରିବାକୁ ସକ୍ଷମ ହୋଇଥିଲା। ଜେମିକା ରୋଡ୍ରିଗ୍ସେଜ ମାତ୍ର ୭, ଶଶିକଳା ଶିରିବର୍ଦ୍ଧନେ ୧୮ ରନ କରିଥିବାବେଳେ ପୂଜା ବସ୍ତ୍ରକାର ଖାତା ଖୋଲିପାରି ନ ଥିଲେ। ଉଭୟ ଚାମରି ଓ ହରମନପ୍ରୀତଙ୍କ ଉଇକେଟ ନେଇ ସୁପରନୋଭାସକୁ ବ୍ୟାକ୍‌ଫୁଟକୁ ଠେଲି ଦେଇଥିଲେ ଭେଲୋସିଟି ବୋଲର ଜାହାନରା ଆଲାମ। ଅନ୍ୟ ବୋଲରଙ୍କ ମଧ୍ୟରେ ଏକତା ବିଷ୍ଟ ୨୨ ରନ ଦେଇ ସର୍ବାଧିକ ୩ଟି ଉଇକେଟ ପାଇଥିବାବେଳେ ନ୍ୟୁଜିଲାଣ୍ଡ ଅଫ୍‌ସ୍ପିନର ଲେଗ୍ କାସ୍ପେରେକ୍‌ଙ୍କୁ ୨ଟି ଉଇକେଟ ମିଳିଥିଲା।

## ମହିଳା ଟି୨୦ ଚ୍ୟାଲେଞ୍ଜ

୧୨୭ ରନ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଭେଲୋସିଟି ମାତ୍ର ୧୭ ରନ ମଧ୍ୟରେ ଦୁଇ ଓପନର ଡାନିଏଲ ୱାଟ(୦) ଓ ଶେଫାଳି ବର୍ମା(୧୭)ଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଥିଲା। ଦକ୍ଷିଣ ଆଫ୍ରିକାର ଆୟାବୋଙ୍ଗା ଖାକା ଚମତ୍କାର ବୋଲିଂ କରି ଏହି ୨ଟି ଉଇକେଟ ନେଇଥିଲେ। ଅଧିନାୟିକା ମିଥାଲି ମାତ୍ର ୭ ରନ କରି ପ୍ୟାଭିଲିୟନ ଫେରିବାରୁ ଦଳର ବିଜୟ ଆଶା ମଉଳି ଯାଇଥିଲା। ବେଦ କ୍ରିଷ୍ଣମୂର୍ତ୍ତୀ ଭଲ ଖେଳିଥିଲେ ହେଁ ୨୮ ବଲ୍‌ରୁ ୨୯(୪ ଚୌକା) ରନ କରି ଆଉଟ ହୋଇଥିଲେ। ସୁଷମା ବର୍ମା ଓ ସୁନେ ଲୁସ୍ ୫ମ ଉଇକେଟରେ ୫୧ ରନ ଯୋଡ଼ି ଦଳକୁ ବିଜୟ ଦ୍ୱାରରେ ପହଞ୍ଚାଇ ଦେଇଥିଲେ। ୮ ବଲ୍‌ରୁ ୧୧ ରନ ଆବଶ୍ୟକ ହେଉଥିବାବେଳେ ସୁଷମା ବଡ଼ ଶଟ୍ ଖେଳିବାକୁ ଯାଇ ଆଉଟ ହୋଇ ଯାଇଥିଲେ। ସେ ୩୩ ବଲ୍‌ରୁ ୩୪(୨ ଛକା) ରନ କରିଥିଲେ। ଶେଷ ଓଭରରୁ ବିଜୟ ପାଇଁ ୯ ରନ ଆବଶ୍ୟକ ହେଉଥିଲା। ଲୁସ୍ ଓ ଶିଖା ପାଣ୍ଡେ ଗୋଟିଏ ବଲ୍ ବାକିଥାଇ ବିଜୟ ପାଇଁ ଆବଶ୍ୟକ ରନ ସଂଗ୍ରହ କରି ନେଇଥିଲେ। ଲୁସ୍ ୨୧ ବଲ୍‌ରୁ ୩୭(୪ ଚୌକା, ୧ ଛକା) ଓ ଶିଖା ୨ ରନକରି ଅପରାଜିତ ରହିଥିଲେ। ସୁପରନୋଭାସ ବୋଲରଙ୍କ ମଧ୍ୟରେ ଖାକା ୨ଟି ଏବଂ ରାଧା ଯାଦବ, ପୁନମ ଯାଦବ ଓ ଶଶିକଳା ଶିରିବର୍ଦ୍ଧନେ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

## ସଂକ୍ଷିପ୍ତ ସ୍କୋର

ସୁପରନୋଭାସ ୨୦ ଓଭରରେ ୧୨୬/୮ (ଚାମରି-୪୪, ହରମନପ୍ରୀତ-୩୧, ଏକତା-୩/୨୨, ଜାହାନରା-୨/୨୭, କାସ୍ପେରେକ୍-୨/୨୩)। ଭେଲୋସିଟି ୧୯.୫ ଓଭରରେ ୧୨୯/୫ (ଲୁସ୍-୩୭*, ସୁଷମା-୩୪, କ୍ରିଷ୍ଣମୂର୍ତ୍ତୀ-୨୯, ଖାକା-୨/୨୭, ରାଧା-୧/୨୫, ପୁନମ-୧/୨୭, ଶଶିକଳା-୧/୩୦)।




# କୋହଲି, ରୋହିତ ଶୀର୍ଷରେ ଅପରିବର୍ତ୍ତିତ

ଦୁବାଇ, ୪।୧୧(ପି.ଟି.)

ସଦ୍ୟ ପ୍ରକାଶିତ ଆଇସିସି ଦିନିକିଆ କ୍ରିକେଟ ର୍‍ୟାଙ୍କିଙ୍ଗ୍‌ର ବ୍ୟାଟ୍ସମ୍ୟାନ ବିଭାଗରେ ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି ଓ ତାଙ୍କ ଡେପୁଟି ରୋହିତ ଶର୍ମା ଶୀର୍ଷ ଦୁଇସ୍ଥାନ ଅଧିକାର କରିଛନ୍ତି। ବୋଲିଂ ବିଭାଗରେ ଯଶପ୍ରୀତ୍ ବୁମ୍‌ରା ମଧ୍ୟ ଦ୍ୱିତୀୟ ସ୍ଥାନରେ ଅପରିବର୍ତ୍ତିତ ରହିଛନ୍ତି। କୋଭିଡ-୧୯ ମହାମାରୀ ଯୋଗୁ କ୍ରିକେଟ କାର୍ଯ୍ୟକଳାପ ବନ୍ଦ ପାଇଁ କୋହଲି ଓ ରୋହିତ ଦୀର୍ଘଦିନଧରି

## ଆଇସିସି ଦିନିକିଆ ର୍‍ୟାଙ୍କିଙ୍ଗ୍




ରୋହିତ ଶର୍ମା ଓ ବିରାଟ କୋହଲି।

କୌଣସି ଦିନିକିଆ ମ୍ୟାଚ ଖେଳି ନାହାନ୍ତି। ଏହା ସତ୍ତ୍ୱେ କୋହଲି ୮୭୧ ଓ ରୋହିତ ୮୫୫ ପଏଣ୍ଟ ସହିତ ପ୍ରଥମ ଦୁଇସ୍ଥାନରେ ରହିଛନ୍ତି। ନିକଟରେ ଅନୁଷ୍ଠିତ ଜିମ୍ବାୱେ ବିପକ୍ଷ ସିରିଜରେ ୧୨୫ ରନର ଇନିଂସ ଖେଳିଥିବା ପାକିସ୍ତାନ ଅଧିନାୟକ ବାବର ଆଜମ ୮ଟି ସ୍ଥାନ ଉପରକୁ ଉଠି ତୃତୀୟରେ ପହଞ୍ଚିଛନ୍ତି। ସେ ୮୩୭ ପଏଣ୍ଟ ପାଇଛନ୍ତି। ନ୍ୟୁଜିଲାଣ୍ଡର ରସ୍ ଟେଲର, ଦକ୍ଷିଣ ଆଫ୍ରିକାର ଫାଫ୍ ଡୁ'ପ୍ଲେସି, ନ୍ୟୁଜିଲାଣ୍ଡର କେନ୍ ୱିଲିୟମସନ, ଅଷ୍ଟ୍ରେଲିଆର ଆରୋନ ଫିଞ୍ଚ, ଡେଭିଡ ୱାର୍ନର, ଦକ୍ଷିଣ ଆଫ୍ରିକାର କ୍ୱିଣ୍ଟନ ଡି'କକ୍ ଓ ଇଂଲଣ୍ଡର ଜନି ବେୟାରଷ୍ଟୋ ଟପ୍-୧୦ରେ ରହିଛନ୍ତି। ବୋଲର ତାଲିକାରେ ନ୍ୟୁଜିଲାଣ୍ଡର ଟ୍ରେଣ୍ଟ ବୋଲ୍ଟ ୭୨୨ ପଏଣ୍ଟ ସହିତ ଶୀର୍ଷରେ ରହିଥିବାବେଳେ ବୁମ୍‌ରା ୭୧୯ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଆଫଗାନିସ୍ତାନର ମୁଜିବ ଉର୍ ରହମାନ, ଇଂଲଣ୍ଡର କ୍ରିସ ୱୋକ୍ସ, ଦକ୍ଷିଣ ଆଫ୍ରିକାର କାଗିଶୋ ରାବାଡ଼ା, ଅଷ୍ଟ୍ରେଲିଆର ପ୍ୟାଟ୍ କମିନ୍ସ, ଜୋଶ୍ ହାଜେଲଉଡ୍, ପାକିସ୍ତାନର ମହମ୍ମଦ ଅମିର, ନ୍ୟୁଜିଲାଣ୍ଡର ମ୍ୟାଟ୍ ହେନରି ଓ ଇଂଲଣ୍ଡର ଜୋଫ୍ରା ଆର୍ଚର ଟପ୍-୧୦ରେ ପଛକୁପଛ ରହିଛନ୍ତି। ଅଲରାଉଣ୍ଡର ତାଲିକାରେ ବାଂଲାଦେଶର ଶାକିବ-ଅଲ୍-ହାସନ ୩୭୩ ପଏଣ୍ଟ ସହିତ ପ୍ରଥମ ସ୍ଥାନରେ ରହିଛନ୍ତି। ଏହି ତାଲିକାରେ ଭାରତର ରବୀନ୍ଦ୍ର ଜାଡେଜା ୨୪୬ ପଏଣ୍ଟ ପାଇ ୯ମ ସ୍ଥାନ ଅଧିକାର କରିଛନ୍ତି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ